# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୮/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 28/2023 Page 16 ₹ 7.00

୪୯ଶ ଭାଗ ୩୩୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 332 ମୂଲ୍ୟ ₹୭/-





# ହମାସ୍‌ର ସୁଡ଼ଙ୍ଗ ଧ୍ୱଂସକରିବା ସହଜ ନୁହେଁ

## ସ୍ଥଳଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଛି ଇସ୍ରାଏଲ୍


ଗାଜାଷ୍ଟ୍ରିପ୍‌ର ଏକ ଉପାନ୍ତ ଅଞ୍ଚଳରେ ଇସ୍ରାଏଲ୍ ସେନାର ବୋମାମାଡ଼।

**ଜେରୁଜେଲମ୍, ୨୭।୧୦**

ହମାସ୍ ଶାସିତ ଗାଜା ଷ୍ଟ୍ରିପ୍‌ରେ ବଡ଼ ଧରଣର ସ୍ଥଳଯୁଦ୍ଧ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଥିବା ଇସ୍ରାଏଲୀ ସେନା ଦୁଇଦିନ ହେଲା ସଂକ୍ଷିପ୍ତ ଗ୍ରାଉଣ୍ଡ ରେଡ୍ ଚଳାଇଛି। ତେବେ ଗାଜାରେ ଥିବା ହମାସ୍‌ର ଗୁପ୍ତ ଟନେଲଗୁଡ଼ିକୁ ଧ୍ୱଂସ କରିବା କଷ୍ଟକର ହେବ ବୋଲି ଇସ୍ରାଏଲ୍ ପୂର୍ବାନୁମାନ କରିଛି। ହମାସ୍ ଆତଙ୍କବାଦୀମାନଙ୍କୁ ଉକ୍ତ ଗୁପ୍ତ ସୁଡ଼ଙ୍ଗ ସୁରକ୍ଷା ଯୋଗାଇଦେଉଛି। ସ୍ଥଳଯୁଦ୍ଧରେ ସେମାନଙ୍କୁ ଟନେଲ ଭିତରେ ମୁକାବିଲା କରିବା ଇସ୍ରାଏଲୀ ସୈନ୍ୟଙ୍କ ପାଇଁ ସହଜ ହେବନାହିଁ। ସେଥିପାଇଁ ସମ୍ପୂର୍ଣ୍ଣ ସ୍ଥଳଯୁଦ୍ଧ ଆରମ୍ଭ କରିବାକୁ ଜେରୁଜେଲମ୍ ବିଳମ୍ବ କରୁଛି। ୩ ସପ୍ତାହ ହେଲା ଚାଲିଥିବା ଯୁଦ୍ଧରେ ୭,୩୦୦ରୁ ଅଧିକ ପାଲେଷ୍ଟିନୀୟ ନିହତ ହେବା ସହ ହଜାର ହଜାର ଲୋକ ଆହତ ହେଲେଣି। ମୃତକଙ୍କ ମଧ୍ୟରେ ୨,୯୦୦ରୁ ଅଧିକ ଶିଶୁ ଏବଂ ୧,୫୦୦ରୁ ଊର୍ଦ୍ଧ୍ୱ ମହିଳା ରହିଥିବା ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବହୁସଂଖ୍ୟାରେ ପାଲେଷ୍ଟିନୀୟ ଘରଦ୍ୱାର ଛାଡ଼ି ପଳାଇଗଲେଣି। ଇସ୍ରାଏଲ୍ ଅଧିକୃତ ୱେଷ୍ଟ ବ୍ୟାଙ୍କରେ ୧୧୦ ପାଲେଷ୍ଟିନୀୟ ପ୍ରାଣ ହରାଇଲେଣି। ସେହିପରି ହମାସ୍ ଆକ୍ରମଣରେ ଇସ୍ରାଏଲ୍‌ର ୧,୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ ହମାସ୍ ଇସ୍ରାଏଲ୍‌ରୁ ବିଦେଶୀ ସମେତ ୨୨୯ ଜଣଙ୍କୁ ନେଇଯାଇ ଗାଜାରେ ପଣବନ୍ଦୀ ରଖିଛି। ସେମାନଙ୍କ ମଧ୍ୟରୁ ୪ ବିଦେଶୀଙ୍କୁ ଇତିମଧ୍ୟରେ ମୁକ୍ତ କରିଦିଆଯାଇଛି।

ଇସ୍ରାଏଲୀ ସେନା ଯୁଦ୍ଧବିମାନ ଏବଂ ଡ୍ରୋନ୍ ସହାୟତାରେ ଶୁକ୍ରବାର ଗାଜା ଷ୍ଟ୍ରିପ୍ ଉପକଣ୍ଠରେ ଦ୍ୱିତୀୟ ଗ୍ରାଉଣ୍ଡ ରେଡ୍ କରିଥିଲା। ତେବେ ଏଥିରେ କେତେ ମୃତାହତ ହୋଇଛନ୍ତି ତାହା ଜଣାପଡ଼ି ନାହିଁ। ଇତିମଧ୍ୟରେ ଆମେରିକା ଯୁଦ୍ଧବିମାନ ପୂର୍ବ ସିରିଆରେ ଥିବା ସାମରିକ ଘାଟି ଉପରେ ଆକ୍ରମଣ କରିଛି। ଉକ୍ତ ସାମରିକ ଘାଟିକୁ ଇରାନ ସମର୍ଥିତ ମିଲିସିଆ ଗ୍ରୁପ୍ ବ୍ୟବହାର କରୁଥିଲେ।

## ହମାସ୍‌କୁ ପାଣ୍ଠି ଯୋଗାଣ ଉପରେ କଟକଣା ଲଗାଇଲା ଆମେରିକା

**ଲଣ୍ଡନ, ୨୭।୧୦**

ଗାଜାର ହମାସ୍ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ କରିବା ଲାଗି ଆମେରିକା ଏହାର ଉଦ୍ୟମକୁ ଶୁକ୍ରବାର ଜୋର୍‌ଦାର କରିଛି। ଏହି ଗ୍ରୁପ୍ ସହ ସମ୍ପୃକ୍ତ ବ୍ୟକ୍ତିବିଶେଷ ଓ ସଂଗଠନ ଉପରେ ଯୁକ୍ତରାଷ୍ଟ୍ର ଦ୍ୱିତୀୟ କଟକଣା ଲଗାଯାଇଛି। ଇସ୍ରାଏଲ୍ ଉପରେ ହମାସ୍‌ର ଆକ୍ରମଣ ଯୋଗୁ ୧,୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ହମାସ୍‌କୁ ଆର୍ଥିକ, ଲଜିଷ୍ଟିକାଲ ଓ ସାମରିକ ସହାୟତା ଯୋଗାଇବାରେ ଇରାନର ଭୂମିକା ରହିଥିବା ଆମେରିକା କହିଛି। ଇରାନରେ ଥିବା ହମାସ୍ ପ୍ରତିନିଧି ଏବଂ ଇରାନର ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ ସଦସ୍ୟଙ୍କ ଉପରେ ମଧ୍ୟ କଟକଣା ଲାଗୁ ହୋଇଛି। ଲଣ୍ଡନ ଗସ୍ତରେ ଥିବା ଆମେରିକା ଉପ ଅର୍ଥ ସଚିବ ୱାଲି ଆଡେୟେମୋ ଏହି ଘୋଷଣା କରିଛନ୍ତି।

## ସିରିଆରେ ଥିବା ୨ ସାମରିକ ଘାଟି ଉପରେ ଆମେରିକାର ଆକ୍ରମଣ



**ୱାଶିଂଟନ, ୨୭।୧୦**

ଇରାନର ଇସ୍‌ଲାମିକ ରେଭଲ୍ୟୁଶନାରି ଗାର୍ଡ କର୍ପସ (ଆଇଆର୍‌ଜିସି) ବ୍ୟବହାର କରୁଥିବା ପୂର୍ବ ସିରିଆର ଦୁଇଟି ଘାଟି ଉପରେ ଆମେରିକା ସେନା ଆକ୍ରମଣ କରିଛି। ଆମେରିକା ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ୍ ଏହି ସୂଚନା ଦେଇଛନ୍ତି। ଗତ ୧୭ ତାରିଖରୁ ଇରାକ ଏବଂ ସିରିଆରେ ଥିବା ଆମେରିକୀୟଙ୍କ ଉପରେ ଇରାନ ସମର୍ଥିତ ମିଲିସିଆ ଗ୍ରୁପ୍ ଆକ୍ରମଣ କରୁଥିବାରୁ ଏହାର ଜବାବରେ ଯୁକ୍ତରାଷ୍ଟ୍ର ପକ୍ଷରୁ କାର୍ଯ୍ୟାନୁଷ୍ଠାନ

### ଘାଟିକୁ ଇରାନ ମିଲିସିଆ ବ୍ୟବହାର କରୁଥିଲେ

ଗ୍ରହଣ କରାଯାଇଛି। ମିଲିସିଆ ଗ୍ରୁପ୍‌ର ଆକ୍ରମଣ ବେଳେ ଜଣେ ଆମେରିକୀୟ ଠିକାଦାରଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବାବେଳେ ୨୧ ସାମରିକ ଯବାନ ସାମାନ୍ୟ ଆହତ ହୋଇଥିଲେ। ଆମେରିକା ସେନା ବିରୋଧରେ ଆକ୍ରମଣ ମହଙ୍ଗା ପଡ଼ିବ ବୋଲି ଗୁରୁବାର ରାଷ୍ଟ୍ରପତି ଜୋ ବାଇଡେନ୍ ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନିଙ୍କୁ ଚେତାବନୀ ଦେଇଥିଲେ।

## ଚାଇନାର ପୂର୍ବତନ ପ୍ରଧାନମନ୍ତ୍ରୀ କେକିଆଙ୍ଗ୍‌ଙ୍କ ପରଲୋକ


ଲି କେକିଆଙ୍ଗ୍

**ବେଜିଂ, ୨୭।୧୦**

ଚାଇନାର ପୂର୍ବତନ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ୍‌ଙ୍କର ଶୁକ୍ରବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କୁ ୬୮ ବର୍ଷ ହୋଇଥିଲା। ଏହି ଆର୍ଥିକ ସଂସ୍କାର ସପକ୍ଷବାଦୀ ପ୍ରଶାସକ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ଅଧୀନରେ ୧୦ ବର୍ଷ ପ୍ରଧାନମନ୍ତ୍ରୀ ରହିଥିଲେ। ଗୁରୁବାର ତାଙ୍କୁ ହୃଦ୍‌ଘାତ ହେବା ପରେ ଶୁକ୍ରବାର ଭୋର ସମୟରେ ସାଂଘାଇରେ ପରଲୋକ ହୋଇଯାଇଛି। ଯୁବାବସ୍ଥାରେ ଉଦାରବାଦୀ ଥିବା କେକିଆଙ୍ଗ ଦୀର୍ଘବର୍ଷ ଧରି କମ୍ୟୁନିଷ୍ଟ ପାର୍ଟିରେ ରହି କାର୍ଯ୍ୟ କରିଆସିଥିଲେ। ତେବେ ହାନାନ ପ୍ରଦେଶରେ ସେ ଦଳର ମୁଖ୍ୟ ଥିବାବେଳେ ରକ୍ତଦାନ କାର୍ଯ୍ୟକ୍ରମରୁ ଏଚ୍‌ଆଇଭି/ଏଡ୍ସ ମହାମାରୀ ବ୍ୟାପିବା ଯୋଗୁ ତାଙ୍କୁ ଭାବମୂର୍ତ୍ତି ମଳିନ ପଡ଼ିଥିଲା। ସେହିପରି ଜାତୀୟ ସ୍ତରରେ କ୍ଷମତାରେ ଥିବାବେଳେ ତାଙ୍କ ସମୟରେ କେତେକ ସ୍ୱାସ୍ଥ୍ୟସେବା ଦୁର୍ନୀତି ଘଟିଥିଲା। ଚାଇନାର ଗମ୍ଭୀର ଆର୍ଥିକ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ପ୍ରଶଂସିତ ହୋଇଥିଲେ। ଏକଦା ଜିନ୍‌ପିଙ୍ଗ ତାଙ୍କୁ ନିଜର ପ୍ରତିଦ୍ୱନ୍ଦ୍ୱୀ ଭାବୁଥିଲେ। କୋଭିଡ୍ ଜନିତ ମାନ୍ଦାବସ୍ଥା ଏବଂ ହାଉସିଂ ମାର୍କେଟରେ ସଙ୍କଟ ଯୋଗୁ ଲି ପ୍ରଧାନମନ୍ତ୍ରୀ ପଦ ଛାଡ଼ିବା ବେଳକୁ ଚାଇନାର ଆର୍ଥିକ ଅଭିବୃଦ୍ଧି ସର୍ବନିମ୍ନ ସ୍ତରକୁ ଚାଲିଆସିଥିଲା। ଚଳିତବର୍ଷ ଆରମ୍ଭରେ ଜିନ୍‌ପିଙ୍ଗ ସାଂଘାଇର ପୂର୍ବତନ କମ୍ୟୁନିଷ୍ଟ ମୁଖ୍ୟ ଲି କିଆଙ୍ଗ୍‌ଙ୍କୁ ଦେଶର ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଥିଲେ।

## ସଂକ୍ଷେପରେ

### ଇଣ୍ଡିଆ ମୋବାଇଲ୍ କଂଗ୍ରେସର ୭ମ ସଂସ୍କରଣ ଉଦ୍‌ଘାଟିତ

**ନୂଆଦିଲ୍ଲୀ, ୨୭।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଇଣ୍ଡିଆ ମୋବାଇଲ୍ କଂଗ୍ରେସ, ୨୦୨୩ର ସପ୍ତମ ସଂସ୍କରଣକୁ ଉଦ୍‌ଘାଟନ କରିଛନ୍ତି। ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପମ୍‌ରେ ଉକ୍ତ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରମୁଖ ଟେଲିକମ୍ କମ୍ପାନୀର ପ୍ରତିନିଧିମାନଙ୍କ ସହ କଥା ହୋଇଥିଲେ। ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିଃର ଅଧ୍ୟକ୍ଷ ଆକାଶ ଅମ୍ବାନୀ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ କମ୍ପାନୀ ଟେଲିଯୋଗାଯୋଗ କ୍ଷେତ୍ରରେ କରୁଥିବା କାର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଜିଓ ମଣ୍ଡପରେ ଜିଓ ଭାରତ ଡିଭାଇସ୍ ଭାବେ ସ୍ପେସ୍ ଫାଇବର ପ୍ରଦର୍ଶିତ ହୋଇଥିଲା। ଭାରତୀ ଏଣ୍ଟରପ୍ରାଇସେସ୍‌ର ଅଧ୍ୟକ୍ଷ ସୁନୀଲ ଭାରତୀ ମିତ୍ତଲ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରୁଥିବା ଦେଖାଯାଇଥିଲା। ସେ କମ୍ପାନୀର ୫ଜି ପ୍ଲସ୍, ଏଆଇ ସମର୍ଥିତ ଟେକ୍‌ନୋଲୋଜି ଓ ଅନ୍ୟାନ୍ୟ ଡିଜିଟାଲ ଭିତ୍ତିଭୂମି ଆଦି ଭବିଷ୍ୟତ ଇନୋଭେଶନ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

### ଏଆଇ ଉପଦେଷ୍ଟା କମିଟିରେ ଭାରତୀୟ ପ୍ରଯୁକ୍ତି ବିଶେଷଜ୍ଞ

**ଜାତିସଂଘ, ୨୭।୧୦:** ଭାରତର କେତେଜଣ ଖ୍ୟାତନାମା ପ୍ରଯୁକ୍ତି ବିଶେଷଜ୍ଞ ଜାତିସଂଘର ନୂଆ ବୈଶ୍ୱିକ ଉପଦେଷ୍ଟା କମିଟିରେ ନିଯୁକ୍ତ ହେବାକୁ ଯାଉଛନ୍ତି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ ଗଠିତ ଉଚ୍ଚସ୍ତରୀୟ ଆଡଭାଇଜରି ବଡ଼ିରେ ବିଭିନ୍ନ ସରକାରୀ, ଘରୋଇ ସଂସ୍ଥା, ଗବେଷଣା ସଂସ୍ଥା, ସିଭିଲ୍ ସୋସାଇଟିର ବିଶେଷଜ୍ଞମାନଙ୍କୁ ନିଆଯାଇଛି। ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲରେ ଏଆଇର ଉପଯୋଗକୁ ନେଇ ରହିଥିବା ବିଭିନ୍ନ ଚ୍ୟାଲେଞ୍ଜ ଓ ସମସ୍ୟା ଉପରେ ବୈଶ୍ୱିକ ସ୍ତରରେ ବୈଜ୍ଞାନିକ ସହମତି ଆଣିବା ଲାଗି ଉକ୍ତ କମିଟି ଗଠନ କରାଯାଇଛି। ଏଆଇ ଗଭର୍ନାନ୍ସ ଉପରେ ଏହା ଅନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଉକ୍ତ କମିଟି ଲାଗି ଚୟନ କରିଥିବା ଭାରତୀୟଙ୍କ ମଧ୍ୟରେ ରହିଛନ୍ତି ତାଙ୍କ ବୈଷୟିକ ପ୍ରତିନିଧି ଅମନଦୀପ୍ ସିଂ ଗିଲ୍, ଆଇସ୍ପିରିଟ୍ ଫାଉଣ୍ଡେଶନ୍‌ର ସହପ୍ରତିଷ୍ଠାତା ଶରଦ ଶର୍ମା ଏବଂ ହଗିଙ୍ଗ୍ ଫେସ୍, ଇଣ୍ଡିଆର ପ୍ରମୁଖ ଗବେଷକ ନାଜନିନ୍ ରଜନୀ।

## ସୀମାରେ ଜୋର୍‌ଦାର ସେଲ୍ ଓ ଗୁଳିମାଡ଼

**ଆର୍ନିଆ, ୨୭।୧୦ (ପି.ଟି.)**

୨୦୨୧ ପରେ ପାକିସ୍ତାନୀ ରେଞ୍ଜରମାନେ ପ୍ରଥମ ଥର ପାଇଁ ଅସ୍ତ୍ରବିରତି ଉଲ୍ଲଂଘନ କରି ସୀମାନ୍ତ ଅଞ୍ଚଳରେ ଜୋର୍‌ଦାର ଗୁଳିଗୋଳା ଓ ସେଲ୍ ମାଡ଼ କରିଛନ୍ତି। ଜମ୍ମୁ-କଶ୍ମୀରର ଆର୍ନିଆ ସେକ୍ଟରରେ ଗୁରୁବାର ରାତି ୮ଟାରୁ ଏହି ଗୁଳିବିନିମୟ ଆରମ୍ଭ ହୋଇ ୭ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା। ଭୟରେ ସୀମାନ୍ତ ଅଞ୍ଚଳର ଲୋକମାନେ ଘରଦ୍ୱାର ଛାଡ଼ି ପଳାଇଯାଇଛନ୍ତି।

### ପାକ୍ ସେନାର ଅସ୍ତ୍ରବିରତି ଉଲ୍ଲଂଘନ
### ଘର ଛାଡ଼ି ପଳାଇଲେ ଲୋକେ

ଅନ୍ତର୍ଜାତୀୟ ସୀମା ଅନ୍ତର୍ଗତ କେତେକ ଗ୍ରାମରେ ବିବାହ ଉତ୍ସବ ଚାଲିଥିବାବେଳେ ପାକ୍ ରେଞ୍ଜରଙ୍କ ଗୁଳିଗୋଳା ମାଡ଼ ଯୋଗୁ ତାହା ବାଧାପ୍ରାପ୍ତ ହୋଇଥିଲା। ଆର୍.ଏସ୍. ପୁରା ସେକ୍ଟରରେ ପାକିସ୍ତାନ ପଟୁ ସେଲ୍ ମାଡ଼ ଯୋଗୁ ବିବାହ ଭୋଜି ଛାଡ଼ି ଲୋକମାନେ ପଳାଇଯାଇଥିଲେ। ଭୋର ୩ଟା ପର୍ଯ୍ୟନ୍ତ ପାକିସ୍ତାନୀ ସେନା ସେଲ୍ ମାଡ଼ ଜାରି ରଖିଥିବାବେଳେ ଏହାର ଠିକଣା ଜବାବ ଦିଆଯାଇଥିଲା ବୋଲି ଭାରତର ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) କହିଛି। ପାକିସ୍ତାନୀ ଗୁଳିରେ ଜଣେ ବିଏସ୍‌ଏଫ୍ ଯବାନ ଓ ଜଣେ ମହିଳା ଆହତ ହୋଇଛନ୍ତି। ସେହିପରି ସେଲ୍ ମାଡ଼ରେ ସୀମାନ୍ତ ଗ୍ରାମର ବହୁ ଘର କ୍ଷତିଗ୍ରସ୍ତ ହୋଇଛି। ଶ୍ରମିକମାନେ ଗାଁ ଛାଡ଼ି ପଳାଇଯାଇଛନ୍ତି।

## ମୁଖ୍‌ତାର ଅନ୍‌ସାରୀଙ୍କୁ ୧୦ ବର୍ଷ ଜେଲ

**ନୂଆଦିଲ୍ଲୀ, ୨୭।୧୦:** ଉତ୍ତରପ୍ରଦେଶ ଗ୍ୟାଙ୍ଗଷ୍ଟରରୁ ରାଜନେତା ହୋଇଥିବା ମୁଖ୍‌ତାର ଅନ୍‌ସାରୀଙ୍କୁ ଏକ ହତ୍ୟା ମାମଲାରେ ସ୍ଥାନୀୟ ଅଦାଲତ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ପୂର୍ବତନ ବିଧାୟକ ଅନ୍‌ସାରୀଙ୍କୁ ଉକ୍ତ ଅଦାଲତ ଗୁରୁବାର ଦୋଷୀସାବ୍ୟସ୍ତ କରିଥିଲେ। ୨୦୦୯ରେ ଅନ୍‌ସାରୀ ପୋଲିସ ଅଫିସର କପିଳଦେବ ସିଂଙ୍କୁ



ହତ୍ୟା କରିଥିଲେ। ସେହିବର୍ଷ ସେ ଅନ୍ୟ ଜଣେ ପୋଲିସ ଅଧିକାରୀ ମୀର୍ ହାସନଙ୍କୁ ହତ୍ୟା କରିବା ଲାଗି ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ହତ୍ୟା ମାମଲାରେ ବାରାଣସୀର ଏକ ଅଦାଲତ ଗତ ଜୁନ୍‌ରେ ଅନ୍‌ସାରୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅକ୍ଟୋବର ୧୫ରେ ଅନ୍‌ସାରୀଙ୍କର ଏକ ବିଲ୍ଡିଂ ଏବଂ ୧୫ଟି ସ୍ଥାନରେ ଥିବା ସମ୍ପତ୍ତି ବାଜ୍ୟାପ୍ତ କରିବା ସହ ୭୩.୪୩ ଲକ୍ଷ ଟଙ୍କାର ବ୍ୟାଙ୍କ ଜମାକୁ ଜବତ କରିଥିଲେ। ୧୯୯୧ ଅଗଷ୍ଟରେ ପୂର୍ବତନ କଂଗ୍ରେସ ବିଧାୟକ ଅଜୟ ରାୟଙ୍କ ଭାଇ ଅୱଧେଶ ରାୟ ହତ୍ୟାକାଣ୍ଡରେ ମଧ୍ୟ ଅନ୍‌ସାରୀ ସମ୍ପୃକ୍ତ।

## ରାଶନ ଦୁର୍ନୀତି: ପଶ୍ଚିମବଙ୍ଗ ମନ୍ତ୍ରୀଙ୍କୁ ଗିରଫ କଲା ଇଡି

**କୋଲକାତା, ୨୭।୧୦**

ପଶ୍ଚିମବଙ୍ଗର ବହୁ କୋଟି ଟଙ୍କା ରାଶନ ବଣ୍ଟନ ଦୁର୍ନୀତି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ମନିଲଣ୍ଡରିଂ ତଦନ୍ତର ସମ୍ମୁଖୀନ ହୋଇଥିବା ପଶ୍ଚିମବଙ୍ଗ ମନ୍ତ୍ରୀ ଜ୍ୟୋତିପ୍ରିୟୋ ମଲ୍ଲିକଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳ (ଇଡି) ଶୁକ୍ରବାର ଗିରଫ କରିଛି। ତାଙ୍କୁ ଦୀର୍ଘ ୧୮ ଘଣ୍ଟା ଜେରା କରାଯିବା ପରେ ମନିଲଣ୍ଡରିଂ ପ୍ରତିକାର ଆଇନ ବଳରେ ଗିରଫ କରାଯାଇଛି। ମଧୁମେହ ଓ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥିବା ମନ୍ତ୍ରୀ ମଲ୍ଲିକଙ୍କୁ ଗିରଫ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ


ଜ୍ୟୋତିପ୍ରିୟୋ ମଲ୍ଲିକ

ଜୋକାସ୍ଥିତ ଇଏସ୍‌ଆଇ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କୁ ବାଙ୍କଶାଲ କୋର୍ଟକୁ ନିଆଯାଇଛି। ଅଧିକ ଜେରା ପାଇଁ ଇଡି ତାଙ୍କୁ ରିମାଣ୍ଡରେ ନେବା ଲାଗି ଯୋଜନା କରୁଛି। ମଲ୍ଲିକ ତଦନ୍ତରେ ସହଯୋଗ କରୁ ନ ଥିବା ଏବଂ ଜେରା ବେଳେ ପରସ୍ପର ବିରୋଧୀ ମତ ରଖିଥିବାରୁ ରାଶନ ବଣ୍ଟନ ଅନିୟମିତତା ସମ୍ପର୍କରେ ତାଙ୍କ ପାଖରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଥିବା ଇଡି ଅଧିକାରୀମାନେ ବିଶ୍ୱାସ କରୁଛନ୍ତି। ପୂର୍ବରୁ ଇଡି ମଲ୍ଲିକଙ୍କ ଘନିଷ୍ଠ ସହଯୋଗୀ ବାକିବୁର ରହମାନଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ମୁହାଁମୁହିଁ ଜେରା କରାଯାଇପାରେ। ଅନ୍ୟପକ୍ଷରେ ତାଙ୍କୁ ଷଡ଼ଯନ୍ତ୍ରରେ ଫସାଇ ଦିଆଯାଇଥିବା ମଲ୍ଲିକ ଅଭିଯୋଗ କରିବା ସହ ଭାଜପା ଏବଂ ଏହାର ନେତା ଶୁଭେନ୍ଦୁ ଅଧିକାରୀଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି।

## ଭାରତରେ ଆଇଫୋନ୍ ନିର୍ମାଣ କରିବ ଟାଟା

**ନୂଆଦିଲ୍ଲୀ, ୨୭।୧୦ (ପି.ଟି.)**

ଟାଟା ଗ୍ରୁପ୍ ଭାରତରେ ଆପଲ୍ ଆଇଫୋନ୍ ନିର୍ମାଣ ଆରମ୍ଭ କରିବାକୁ ଯାଉଛି। ଭାରତ ସମେତ ବିଶ୍ୱ ବଜାର ପାଇଁ ଆଗାମୀ ୨.୫ ବର୍ଷରେ ଏହି ଆଇଫୋନ୍ ନିର୍ମାଣ କରାଯିବ ବୋଲି ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ମନ୍ତ୍ରୀ ରବି ଚନ୍ଦ୍ରଶେଖର ଶୁକ୍ରବାର ଘୋଷଣା କରିଛନ୍ତି। ତାଇୱାନ୍‌ର ୱିଷ୍ଟ୍ରନ୍ ଗ୍ରୁପ୍ ବେଙ୍ଗାଲୁରୁରେ ଥିବା ଏହାର ପ୍ଲାଣ୍ଟକୁ ଟାଟାକୁ ବିକ୍ରି କରିବାକୁ ରାଜି ହୋଇଛି। ୱିଷ୍ଟ୍ରନ୍ ଇନ୍‌ଫୋକମ୍



ମ୍ୟାନୁଫାକ୍ଚରିଂ (ଇଣ୍ଡିଆ) ପ୍ରା.ଲିଃର ଏହି ପ୍ଲାଣ୍ଟକୁ ଟାଟା ଇଲେକ୍ଟ୍ରୋନିକ୍ସ ୧୨୫ ନିୟୁତ ଡଲାରରେ କିଣିବ। ୱିଷ୍ଟ୍ରନ୍ ବୋର୍ଡ ଉକ୍ତ ବିକ୍ରି ପ୍ରସ୍ତାବକୁ ଅନୁମୋଦନ କରିଥିବା ଶୁକ୍ରବାର ଏକ ବିବୃତିରେ କହିଛି। ଉକ୍ତ ୟୁନିଟ୍ ବେଙ୍ଗାଲୁରୁରେ ଆଇଫୋନ୍ ଆସେମ୍ବ୍ଲି ପ୍ଲାଣ୍ଟ ଚଳାଇଥିଲା। ଏହାକୁ କିଣିବା ପାଇଁ ବର୍ଷ ହେଲା ବୁଝାମଣା ଚାଲିଥିଲା। ଆଇଫୋନ୍ ୧୪ ମଡେଲ୍ ଆସେମ୍ବ୍ଲି କାର୍ଯ୍ୟରେ ଉକ୍ତ କାରଖାନାରେ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ଅଛନ୍ତି। ଉଭୟ ପକ୍ଷର ରାଜିନାମା ଓ ସ୍ୱାକ୍ଷର ପରେ ଉକ୍ତ ଡିଲ୍‌କୁ ଆବଶ୍ୟକ ଅନୁମୋଦନ ପାଇଁ ପଠାଯିବ।

ଆପଲ୍ ଆଇଫୋନ୍‌ଗୁଡ଼ିକର ଆସେମ୍ବ୍ଲି ମୁଖ୍ୟତଃ ତାଇୱାନ କମ୍ପାନୀ ପେଗାଟ୍ରନ୍ କର୍ପ ଏବଂ ଫକ୍ସକନ୍ ଟେକ୍‌ନୋଲୋଜି ଗ୍ରୁପ୍ କରିଥାଏ। ଟାଟା ଇଲେକ୍ଟ୍ରୋନିକ୍ସ ହେଉଛି ଟାଟା ସନ୍ସର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ଏକ ସହଯୋଗୀ ସଂସ୍ଥା। ଟାଟା ଗ୍ରୁପ୍ ଏବେ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଓ ଇ-କମର୍ସରେ ପ୍ରବେଶ କରିବାକୁ ଚାହୁଁଛି। ତାମିଲନାଡୁର କ୍ରିଷ୍ଣାଗିରିରେ ଟାଟା ଇଲେକ୍ଟ୍ରୋନିକ୍ସର ଏକ କାରଖାନା ରହିଛି। ଟାଟା ଆଇଫୋନ୍ ନିର୍ମାଣ କରିବା ପରେ ଭାରତ ସ୍ମାର୍ଟ ଫୋନ୍ ଉତ୍ପାଦନ ଓ ରପ୍ତାନିର ଏକ ବିଶ୍ୱସନୀୟ ଓ ବୃହତ୍ ହବ୍ ହେବାକୁ ଯାଉଥିବା ମନ୍ତ୍ରୀ ଚନ୍ଦ୍ରଶେଖର ଏକ୍ସରେ ପୋଷ୍ଟ କରିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୮/୨୦୨୩
Bhubaneswar, Saturday, October 28/2023



**ରୀତିକା ବିଶ୍ୱ ଚାମ୍ପିୟନ**

ଭାରତର ପ୍ରଥମ ମହିଳା କୁସ୍ତିଯୋଦ୍ଧା ଭାବେ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ହୋଇଛନ୍ତି ରୀତିକା ହୁଡ଼ା।

୧୨

୦୯

**ଓଟିଟିରେ ତାରାଙ୍କ ଏଣ୍ଟ୍ରି**

ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆ ତାଙ୍କ ଆଗାମୀ ଥ୍ରିଲର ଫିଲ୍ମ 'ଅପୂର୍ବା' ଜରିଆରେ ଓଟିଟି ଡେବ୍ୟୁ କରିବାକୁ ଯାଉଛନ୍ତି।



# ପ୍ରମୋଦ ଭଗତଙ୍କୁ ସ୍ୱର୍ଣ୍ଣ ପଦକ

**ଏସିଆନ ପାରା ଗେମ୍ସ**



ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)

ଚାଇନାର ହାଙ୍ଗଝୋରେ ଚାଲିଥିବା ଏସିଆନ ପାରା ଗେମ୍ସର ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଦେଶ ଏବଂ ରାଜ୍ୟକୁ ଗର୍ବିତ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ପୂର୍ବରୁ ମିକ୍ସଡ ଡବଲ୍ସ ଓ ପୁରୁଷ ଡବଲ୍ସରେ ବ୍ରୋଞ୍ଜ ପଦକ ପାଇଥିବା ପ୍ରମୋଦ ଶୁକ୍ରବାର ପୁରୁଷ ସିଙ୍ଗଲ୍ସରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଫାଇନାଲରେ ସେ ଅନ୍ୟତମ ଭାରତୀୟ ଖେଳାଳି ନିତେଶ କୁମାରଙ୍କୁ ୨୨-୨୦, ୧୮-୨୧, ୨୧-୧୯ରେ ପରାସ୍ତ କରିଛନ୍ତି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରମୋଦ ବରାବର ଲଢ଼େଇରେ ପ୍ରଥମ ସେଟ୍‌କୁ ଜିତିବାକୁ ସକ୍ଷମ ହୋଇଥିଲେ ହେଁ ପରବର୍ତ୍ତୀ ସେଟ୍‌ରେ ବିଜୟ ହାସଲ କରି ନିତେଶ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌ରେ ମଧ୍ୟ ଏକଦା ନିତେଶ ଅଗ୍ରଣୀ ରହିଥିଲେ। ମାତ୍ର ଚାପର ବଶବର୍ତ୍ତୀ ନ ହୋଇ ଏବଂ ନିଜ ଅଭିଜ୍ଞତାର ଉପଯୋଗ କରି ପ୍ରମୋଦ ସଫଳ ପ୍ରତ୍ୟାବର୍ତ୍ତନ କରି ଶେଷ ସେଟ୍‌ରେ ବିଜୟ ହାସଲ କରିଥିଲେ। ଚଳିତ ପ୍ରତିଯୋଗିତାରେ ପ୍ରମୋଦ ମିକ୍ସଡ ଡବଲ୍ସରେ ମନୀଷା ରାମଦାସ ଏବଂ ପୁରୁଷ ଡବଲ୍ସରେ ସୁକାନ୍ତ କଦମଙ୍କୁ ସାଥିକରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଫଳରେ ସେ ଏସିଆନ ପାରା ଗେମ୍ସରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ବ୍ରୋଞ୍ଜ ପଦକ ଜିତିବା ସହ ଅଭିଯାନ ଶେଷ କରିଛନ୍ତି। ପ୍ରତିଯୋଗିତାରେ ପ୍ରମୋଦ ପ୍ରଥମଥର ପାଇଁ ୩ଟି ପଦକ ହାସଲ କରିଛନ୍ତି। ୨୦୧୦ରେ ସିଙ୍ଗଲ୍ସ ଓ ଡବଲ୍ସରେ ଭାଗ ନେଇଥିଲେ ମଧ୍ୟ କୌଣସି ସଫଳତା ତାଙ୍କୁ ମିଳି ନ ଥିଲା। ୨୦୧୪ରେ ସିଙ୍ଗଲ୍ସ ଓ ଡବଲ୍ସରେ ଭାଗ ନେଇଥିଲେ ମଧ୍ୟ କେବଳ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୧୮ରେ ସିଙ୍ଗଲ୍ସ ଓ ଡବଲ୍ସରେ ଭାଗ ନେଇଥିଲେ। ଏଥିରେ ସେ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଏବଂ ଡବଲ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ। ☞ପୃଷ୍ଠା-୭

## ୨ କୋଟି ଟଙ୍କା ଘୋଷଣାକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୧୦ (ଅନିଲ ଦାସ)

ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୨ କୋଟି ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି। ଏସିଆନ ଗେମ୍ସର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭଗତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରତିଦ୍ୱନ୍ଦ୍ୱୀ ନୀତୀଶ କୁମାରଙ୍କୁ କଡ଼ା ଟକ୍କର ଦେଇ ସେ ଏହି ପଦକ ହାସଲ କରିଛନ୍ତି। ଏଥିସହିତ ସେ ପୁରୁଷ ଡବଲ୍ସରେ ଏବଂ ମିକ୍ସଡ ଡବଲ୍ସରେ ୨ଟି ବ୍ରୋଞ୍ଜ ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ**

**ସିବିଆଇରେ ଅଧିକ ନିଯୁକ୍ତି**

# ପିଆଜ ହେଲାଣି ୬୫

**ପରିବା ଦର ଆକାଶଛୁଆଁ ଥିଲାବେଳେ ପିଆଜ ଦର କେଉଁଠି ୬୫ ଟଙ୍କାରେ ବିକ୍ରି ହେଲାଣି। ମାସକ ଭିତରେ ଏହା ଦୁଇଗୁଣା ବଢ଼ିଗଲାଣି। ଲଗାତର ପିଆଜ ଦର ବୃଦ୍ଧି ଯୋଗୁ ସପ୍ତାହକ ମଧ୍ୟରେ ଏହା କିଲୋ ପିଛା ୧୦ରୁ ୧୫ ଟଙ୍କା ବଢ଼ିଗଲାଣି। ଏହାକୁ ନେଇ ଖାଉଟି ଚିନ୍ତାରେ।**

**ମାସକରେ ବଢ଼ିଲାଣି ୨ ଗୁଣା**



ଭୁବନେଶ୍ୱର, ୨୭।୧୦ (ଅନିଲ ଦାସ)

ମାସକ ତଳେ ପିଆଜ କିଲୋ ୨୫ଟଙ୍କା ଥିବାବେଳେ ଏବେ ତାହା ଦୁଇଗୁଣା ହୋଇ ୫୦ଟଙ୍କାରେ ପହଞ୍ଚିଛି। କେତେକ ସ୍ଥାନରେ ବ୍ୟବସାୟୀ ପିଆଜ କିଲୋ ପିଛା ୬୦ରୁ ୬୫ ଟଙ୍କାରେ ବିକ୍ରି କରୁଛନ୍ତି। ମହାରାଷ୍ଟ୍ରର ନାସିକ୍‌ରେ ପିଆଜ ମହଙ୍ଗା ହୋଇଥିବାରୁ ଏହାର ପ୍ରଭାବ ଓଡ଼ିଶା ଉପରେ ପଡୁଥିବା କୁହାଯାଇଛି।

କାର୍ତ୍ତିକ ମାସ ଆରମ୍ଭ ହେବାକୁ ଯାଉଥିବା ବେଳେ ପରିବା ଦର ଉପରମୁହାଁ ରହିଛି। ଏପରି ସ୍ଥଳେ ପିଆଜ ଦର ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇ ଦେଇଛି। ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାରଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଏଥିସହିତ ହୋଟେଲ ଓ ରେଷ୍ଟୁରାଣ୍ଟରେ ମଧ୍ୟ ପିଆଜ ଦର ବୃଦ୍ଧିର ଚାପ ପଡ଼ିଛି। ଗରିବ ଲୋକଙ୍କ ନିତିଦିନିଆ ଖାଦ୍ୟ ପିଆଜ ହୋଇଥିବାବେଳେ ଦରବୃଦ୍ଧି ସେମାନଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ଭଳି ହୋଇଛି। ସରକାରୀସ୍ତରରେ ମଧ୍ୟ ପିଆଜ ଦର ନିୟନ୍ତ୍ରଣ ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବଜାରରେ ଖୁଚୁରା ବ୍ୟବସାୟୀମାନେ ମନଇଚ୍ଛା ଦର ବଢ଼ାଇ ଚାଲିଛନ୍ତି। ଦିନ ମଜୁରିଆ ଚୈତନ୍ୟ ନାହାକ କହିଛନ୍ତି ଯେ ପଖାଳ ସାଙ୍ଗରେ ପିଆଜ ଟିକେ ହେଲେ କାମ ଚଳିଯାଉଛି। କର୍ମସ୍ଥଳରେ ମଧ୍ୟ ଖାଇବା ବେଳେ ପିଆଜ ଦରକାର ହେଉଛି। ଦର ବଢ଼ିବା ଯୋଗୁ ପିଆଜ କିଣି ଖାଇବା ଆମ ପାଇଁ ☞ପୃଷ୍ଠା-୭

# ସମଲିଙ୍ଗୀ ସମ୍ପର୍କକୁ ଅପରାଧୀକରଣ କରିବାକୁ ଉଦ୍ୟମ

**ସରକାରଙ୍କୁ ସୁପାରିସ କରିପାରେ ସଂସଦୀୟ କମିଟି**

ନୂଆଦିଲ୍ଲୀ, ୨୭।୧୦

ସୁପ୍ରିମକୋର୍ଟ ୨୦୧୮ରେ ତାଙ୍କର ଐତିହାସିକ ରାୟ ବଳରେ ସମଲିଙ୍ଗୀ ଯୌନ ସମ୍ପର୍କ ଏବଂ ଅନୈତିକ ସମ୍ପର୍କକୁ ଅପରାଧମୁକ୍ତ କରିଥିଲେ। ବ୍ରିଟିଶ ଅମଳର ଭାରତୀୟ ଦଣ୍ଡ ସଂହିତା (ଆଇପିସି) ବଦଳରେ ସରକାର ଆଣିଥିବା ୩ଟି ବିଲ୍‌ର ଅନୁଧ୍ୟାନ କରୁଥିବା ସ୍ୱରାଷ୍ଟ୍ର ବ୍ୟାପାର ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ସମଲିଙ୍ଗୀ ସମ୍ପର୍କ ଓ ବ୍ୟଭିଚାରକୁ ପୁନର୍ବାର ଅପରାଧୀକରଣ କରିବା ଲାଗି ସରକାରଙ୍କୁ ସୁପାରିସ୍ କରିପାରନ୍ତି। ଉକ୍ତ କମିଟି ସହ ଜଡ଼ିତ ଏକ ସୂତ୍ରରୁ ଏହା ଜଣାପଡ଼ିଛି। ଭାରତୀୟ ଦଣ୍ଡ ସଂହିତା, ଦଣ୍ଡ ପ୍ରକ୍ରିୟା ସଂହିତା ଏବଂ ଭାରତୀୟ ତଥ୍ୟ ପ୍ରମାଣ ଆଇନ ପରିବର୍ତ୍ତେ ନୂଆ ଆଇନ ଆଣିବା ପାଇଁ କେନ୍ଦ୍ର ସରକାର ପାର୍ଲାମେଣ୍ଟର ଗତ ମୌସୁମୀ ଅଧିବେଶନ ସମୟରେ ୩ଟି ବିଲ୍ ଆଣିଥିଲେ। ତାହା ହେଲା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ। ଭାଜପା ଏମ୍‌ପି ବ୍ରିଜ୍ ଲାଲ୍‌ଙ୍କ ଅଧ୍ୟକ୍ଷତାରେ ସ୍ୱରାଷ୍ଟ୍ର ବ୍ୟାପାର ସଂସଦୀୟ ସ୍ଥାୟୀ କମିଟି ଉକ୍ତ ବିଲ୍‌ଗୁଡ଼ିକର ତର୍ଜମା କରୁଛି। କମିଟିର ବୈଠକ ଶୁକ୍ରବାର ବସିଥିଲେ ହେଁ ବିଲ୍ ଉପରେ ଚିଠା ସୁପାରିସ୍ ଗୃହୀତ ହୋଇନାହିଁ। ବିରୋଧୀ ସଦସ୍ୟମାନେ ଆଉ ୩ ମାସ ସମୟ ବଢ଼ାଇବାକୁ ଦାବି କରିବାରୁ ପରବର୍ତ୍ତୀ ବୈଠକ ନଭେମ୍ବର ୬ରେ ବସିବାକୁ ସ୍ଥିର ହୋଇଛି।






**ଆଜିର ମନ୍ତବ୍ୟ**

"ନରେନ୍ଦ୍ର ମୋଦି ଭାରତର ପ୍ରଧାନମନ୍ତ୍ରୀ। ସେ ଉଭୟ ହିନ୍ଦୁ ଓ ମୁସଲମାନଙ୍କର। ତେଣୁ ଆସନ୍ତା ଜାନୁୟାରୀ ୨୨ରେ ଅଯୋଧାର ରାମ ଜନ୍ମଭୂମି ପରିସରରେ ନୂତନ ରାମ ମନ୍ଦିର ଉଦ୍‌ଘାଟନ କରିବାକୁ ଆସିବା ଅବସରରେ ପ୍ରଧାନମନ୍ତ୍ରୀ ଧନିପୁର ଗ୍ରାମରେ ପ୍ରସ୍ତାବିତ ମସ୍‌ଜିଦର ଶିଳାନ୍ୟାସ କରନ୍ତୁ।
– ମୁଫ୍‌ତି ହିସ୍‌ବୁଲ୍ଲା ବାଦଶାହ ଖାନ୍, ଜାମିଆତ୍ ଉଲେମା–ଇ–ହିନ୍ଦ୍ ଅଯୋଧା ଶାଖାର ଅଧ୍ୟକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢୋଲରେ ଚୁଟିଆ ପଶିଚି
ଚକା ଆଖି ସବୁ ଦେଖୁଛି।**

ଗୋପନରେ ଶତ୍ରୁତା ଆଚରଣ। ତେବେ ଯେତେ ଗୋପନରେ ଯାହା ନାଶ କରୁଥିଲେ ମଧ ତା'ପ୍ରତି ବିଶ୍ୱନିୟନ୍ତାଙ୍କ ଆଖି ସବୁବେଳେ ସତର୍କ ଦୃଷ୍ଟି ରଖିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଢିଙ୍କିରେ କୁଟଇ ଗୋଲମରିଚ ମୁଁ
ପାଆରେ ମାପଇ ଘିଅ
ମୋତେ କହୁଥାଉ ମୂଳିଆ ଝିଅଟା
ତୁ କୋଉ ଜମିଦାର ପୁଅ?**

ଜଣେ ଅନ୍ୟ ଜଣଙ୍କ ଆଗରେ ମିଛ ବଡ଼ଲୋକିଆ ପଣ ଦେଖାଇ ବାହାଦୁରି ନେବାରେ ଲାଭ କିଛି ମିଳି ନ ଥାଏ। ଏପରିସ୍ଥଳେ ଉଭୟ ପୁଅ ଝିଅଙ୍କ ମଧରେ ନିଜ ନିଜ ମର୍ଯ୍ୟାଦାକୁ ନେଇ ଆକ୍ଷେପ ଓ ପ୍ରତିଆକ୍ଷେପ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି଼ଃ

# ୩ ଦାଦନ ଶ୍ରମିକଙ୍କ ସହ ୪ ଶିଶୁ ଉଦ୍ଧାର: ସର୍ଦ୍ଦାର ଗିରଫ

**ବେଲପଡ଼ା,୨୭।୧୦(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ପୋଲିସ ୩ ଦାଦନ ଓ ୪ ଶିଶୁ ଶ୍ରମିକଙ୍କୁ ଶୁକ୍ରବାର ଉଦ୍ଧାର କରିଛି। ଏହା ସହ ଜଣେ ଦାଦନ ସର୍ଦ୍ଦାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସର୍ଦ୍ଦାର ଜଣକ ହେଲେ ବେଲପଡା ଥାନା କଦଲୀ ଗାଁର ଜପି କୁମ୍ଭାର। ପୋଲିସ କୌଣସି ସୂତ୍ରରୁ ଖବରପାଇ ସକାଳେ ବେଲପଡା ରାମ ମନ୍ଦିର ଛକ ନିକଟରେ ଏକ ବୋଲେରୋ ଗାଡିକୁ ଅଟକାଇଥିଲେ। ଏହି ଗାଡ଼ିରେ ଶ୍ରମିକମାନେ ଯାଉଥିଲେ। ସର୍ଦ୍ଦାର ଜଣକ ବେଆଇନ ଭାବରେ ହାଇଦ୍ରାବାଦର ରଙ୍ଗାରେଡ୍ଡୀ ଅଞ୍ଚଳକୁ ଶ୍ରମିକମାନଙ୍କୁ ଚାଲାଣ କରୁଥିଲେ। ଚାଲାଣ ସମ୍ପର୍କିତ କୌଣସି କାଗଜପତ୍ର ନ ଥିବା ପୋଲିସ ଜାଣିବା ପରେ ସର୍ଦ୍ଦାରଙ୍କୁ ଗିରଫ କରିଥିଲା।

# ପ୍ରେମିକଙ୍କ ଘର ଆଗରେ ପ୍ରେମିକାଙ୍କ ଧାରଣା

## ବୁଝାମଣା କରି ପ୍ରେମିକାଙ୍କୁ ଘରେ ଛାଡ଼ିଲା ପୋଲିସ

**ଦେଓଗାଁ,୨୭।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଧୀନସ୍ଥ କଲଙ୍ଗାପଡା ବାଙ୍କିଆମୁଣ୍ଡା ଗ୍ରାମରେ ପ୍ରେମିକ ଘର ଆଗରେ ଦୁଇ ଦିନ ଧରି ଧାରଣାରେ ପ୍ରେମିକା ବସିଥିବା ଜଣାପଡ଼ିଛି। ପ୍ରଥମ ଦେଖାରେ ପ୍ରେମ ଓ ଉଭୟ ବାହା ହେବା ବାହାନାରେ ଘରୁ ପଳାଇଗଲେ। ଦୀର୍ଘ ତିନି ମାସ ଧରି ଏକାଠି ରହିବା ପରେ ଉଭୟଙ୍କ ମଧରେ ମତାନ୍ତର ହୋଇ ପ୍ରେମିକାକୁ ଛାଡି ପ୍ରେମିକ ଫେରାର ହୋଇଗଲେ। ପ୍ରେମିକା ପ୍ରେମିକଙ୍କୁ ବହୁ ଖୋଜାଖୋଜି କରି ନ ପାଇବାରୁ ଦେଓଗାଁ ଥାନାକୁ ଆସି ଏତଲା ଦେଇଥିଲେ। ଏହାକୁ ନେଇ ଦେଓଗାଁ ଥାନାରେ ଏକ ମାମଲା ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି। ପ୍ରେମିକା ଜଣକ ଥାନାରୁ ଏସ୍‌ପି ଅଫିସ ପର୍ଯ୍ୟନ୍ତ ନ୍ୟାୟ ପାଇଁ ଗୁହାରି କରିଥିଲେ। କୌଣସି ସୁଫଳ ନ ପାଇବାରୁ ଶେଷରେ ପ୍ରେମିକଙ୍କ ଘର ଆଗରେ ଗତ ଦୁଇ ଦିନ ଧରି ଧାରଣା ଦେଇଥିଲେ। ପରେ କୌଣସି ସୂତ୍ରରୁ ଖବର ପାଇ ଦାୟିତ୍ୱରେ ଥିବା ଏସ୍‌ଡିପିଓ ଯଶୋବନ୍ତ ପ୍ରଧାନୀ ଓ ଦେଓଗାଁ ଥାନାଧିକାରୀ ତାରାବତୀ ପଧାନ, ବନ୍ଧପଡା ଫାଣ୍ଡି ଅଧିକାରୀ ସୁଦର୍ଶନ ଦୋରା ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବତୀଙ୍କୁ ବୁଝାଶୁଝା କରି ତାଙ୍କ ଘରକୁ ନେଇ ଛାଡିଥିଲେ। ଅଭିଯୁକ୍ତଙ୍କୁ ଅତିଶୀଘ୍ର ଗିରଫ କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଗାଁ ଦାଣ୍ଡରେ ଯୁବକଙ୍କୁ ହତ୍ୟା

## କାତି, ପଥର ଜବତ: ୪ ଅଟକ

**ଶେରଗଡ଼, ୨୭।୧୦(ସୂର୍ଯ୍ୟନାରାୟଣ ଦାଶ)**

ଗଞ୍ଜାମ ଜିଲା ଶେରଗଡ଼ ଥାନା ଅନ୍ତର୍ଗତ ଲାଞ୍ଜିଆପଲି ଗ୍ରାମରେ ଶୁକ୍ରବାର ସକାଳେ ଜଣେ ଯୁବକଙ୍କୁ ଗୋଡ଼େଇ ଗୋଡ଼େଇ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଛନ୍ତି ମଙ୍ଗଳା ଭୂୟାଁ (୨୩)। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ପୋଲିସ ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ହତ୍ୟାରେ ବ୍ୟବହୃତ କାତି ଓ ପଥର ଜବତ କରାଯାଇଛି।

ଶୁକ୍ରବାର ସକାଳେ ମଙ୍ଗଳା ନିଜ ବାଇକ୍ (ଓଡି୩୨ଏଚ୧୨୦୨)ରେ ଘରୁ ଗାଁ ଭିତରକୁ ଯାଉଥିବା ବେଳେ ୪ଜଣ ଯୁବକ ସଂଘବଦ୍ଧ ଭାବେ ତାଙ୍କୁ ଅଟକାଇ ଅତର୍କିତ ଆକ୍ରମଣ କରିଥିଲେ। ପ୍ରଥମେ ଏକ କାତିରେ ତାଙ୍କ ବେକକୁ ଚୋଟ ପକାଇଥିଲେ। ପ୍ରାଣ ବିକଳରେ ସେ ଗାଁ ଦାଣ୍ଡରେ ଦୌଡୁଥିବା ବେଳେ ତାଙ୍କୁ ଗୋଡ଼େଇ ଗୋଡ଼େଇ ଯୁବକମାନେ ଆକ୍ରମଣ କରିଥିଲେ। ସେ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଥିଲେ। ଖବର ପାଇ ଶେରଗଡ଼ ଥାନା ଅଧିକାରୀ ବରେନ୍ଦ୍ର ସିଆଳ ଓ ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ପଡ଼ିଥିବା ରକ୍ତ ନମୁନା, ହତ୍ୟାର ବ୍ୟବହୃତ କାତି ଓ ପଥର ଜବତ କରିଛନ୍ତି। ମଙ୍ଗଳାଙ୍କ ବାପା କାଳୁ ଭୂଆଁ ଏ ନେଇ ଏତଲା ଦେଇଛନ୍ତି। ଗ୍ରାମର ବାୟା ଭୂୟାଁ, ପପୁନ ଭୂୟାଁ, ଜୟସେନ ଗୌଡ, ଚନ୍ଦନ ଗୌଡ ସଂଘବଦ୍ଧ ଭାବେ ତାଙ୍କ ପୁଅକୁ ହତ୍ୟା କରିଛନ୍ତି ବୋଲି ଏତଲାରେ ଦର୍ଶାଇଛନ୍ତି। ପୋଲିସ କେସ୍ ନଂ ୫୪୫/୨୩ରେ ମାମଲା ରୁଜୁ କରିବା ସହିତ ଉପରୋକ୍ତ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ତେବେ ଦଶହରା ଦିନ ମଙ୍ଗଳା ଓ ଉକ୍ତ ୪ ଜଣ ଯୁବକଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ସେହି ଘଟଣାକୁ ନେଇ ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଶେରଗଡ ଥାନା ଅଧିକାରୀ କହିଛନ୍ତି।

# ଶିକ୍ଷକଙ୍କ ବଦଳି ପାଇଁ ୨୯ରୁ ଆବେଦନ

**ଭୁବନେଶ୍ୱର, ୨୭।୧୦(ଅସମାପିକା ସାହୁ)**

ଶିକ୍ଷକଙ୍କ ବଦଳି ପାଇଁ ରାଜ୍ୟ ସରକାର ନୂତନ ଗାଇଡ୍‌ଲାଇନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୯ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ନଭେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ଇଚ୍ଛୁକ ଶିକ୍ଷକମାନେ ବଦଳି ପାଇଁ ଆବେଦନ କରିପାରିବେ। ଏଥିନିମନ୍ତେ ଟିଚର ଟ୍ରାନ୍ସଫର ପୋର୍ଟାଲ ଖୋଲିବା ପାଇଁ ଶୁକ୍ରବାର ମାଧମିକ ଶିକ୍ଷକ ନିର୍ଦ୍ଦେଶାଳୟ ପକ୍ଷରୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ଏହି ପୋର୍ଟାଲରେ ଶିକ୍ଷକମାନେ ଜିଲା ଭିତରେ ଓ ବାହାରେ ବଦଳି ପାଇଁ ଆବେଦନ କରିବେ। ସୂଚନାଯୋଗ୍ୟ, ୨୦୧୯ ଶିକ୍ଷକ ବଦଳି ନିୟମକୁ ରଜ୍ୟ ସରକାର ପରିବର୍ତ୍ତନ କରିଥିଲେ। ଏନେଇ ଗତ ଅଗଷ୍ଟ ୧୯ତାରିଖରେ ନିର୍ଦ୍ଦେଶାବଳୀ ଜାରି କରିଥିଲେ।

## ପସନ୍ଦର ବିବାହକୁ ବାଧା ଦେଇପାରିବେନି ପରିବାର: ଦିଲ୍ଲୀ ହାଇକୋର୍ଟ




# ଉତ୍ପାଦ ବଢ଼ିଛି, ରାଜସ୍ୱ କମୁଛି

**ଯୋଡ଼ା,୨୭।୧୦(ମାନସ ମହାନ୍ତି)**



- ଆଇବିଏମ୍ ଖଣି ନୀତି ଯୋଗୁ କ୍ଷତି ସହୁଛି ରାଜ୍ୟ
- ଏମ୍‌ସିଡିଆର ରୁଲ୍‌ରେ ସଂଶୋଧନ ଲୋଡ଼ା

ଓଡ଼ିଶାର ପ୍ରମୁଖ ଉତ୍ସ ଖଣିରୁ ରାଜସ୍ୱର ସିଂହ ଭାଗ ଆଦାୟ ହୋଇଥାଏ। ମାତ୍ର କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍) ଖଣିଜ ମୂଲ୍ୟର ଯେଉଁ ମୂଲ୍ୟାଙ୍କନ କରୁଛି ତା' ଦ୍ୱାରା ରାଜ୍ୟ ସରକାର ବ୍ୟାପକ କ୍ଷତି ସହୁଛନ୍ତି। ଖଣି ଖନନ(ଉତ୍ପାଦ) ବୃଦ୍ଧି ପାଉଥିଲେ ସୁଦ୍ଧା ତଦନୁଯାୟୀ ରାଜ୍ୟକୁ ରାଜସ୍ୱ ମିଳୁ ନ ଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି।

ପ୍ରକାଶ ଯେ, ୨୦୨୧–୨୨ରେ ଓଡ଼ିଶା ପ୍ରାୟ ୫୦ହଜାର କୋଟି ଟଙ୍କା ଖଣି ରାଜସ୍ୱ ପାଇଥିବା ବେଳେ ୨୦୨୨–୨୩ ଆର୍ଥିକ ବର୍ଷରେ ପ୍ରାୟ ୩୭ ହଜାର କୋଟି ଟଙ୍କା ପାଇଥିଲା। ଯେବେକି କେବଳ ଯୋଡ଼ା ଖଣି ମଣ୍ଡଳରୁ ୨୦ଲକ୍ଷ ମେଟ୍ରିକ ଟନ୍‌ଖଣିଜ ୨୦୨୨–୨୩ରେ ଡେସ୍‌ପାଚ ବା ଅଧିକ ପରିବହନ ହୋଇଥିଲା। ଖଣିଜ ପରିବହନ ଅଧିକ ହେବା ସତ୍ତ୍ୱେ ରାଜସ୍ୱ କମ୍ ହୋଇଥିଲା। ଓଡ଼ିଶାର ସମସ୍ତ ଖଣିରୁ ଉତ୍ପାଦିତ ଖଣିଜର ପରିମାଣ ଓ ମୂଲ୍ୟକୁ ଆଧାର କରି ଖଣି ରାଜସ୍ୱ ନିର୍ଦ୍ଧାରଣ ହୋଇଥାଏ। ଏହା ମିନେରାଲ କନ୍‌ଜରଭେଶନ ଆଣ୍ଡ୍ ଡେଭଲପମେଣ୍ଟ ରୁଲ୍‌ସ(ଏମ୍‌ସିଡିଆର୍) ରୁଲ୍ ୨୦୧୭ ଅନୁଯାୟୀ ଆଇବିଏମ ନିର୍ଦ୍ଧାରଣ କରୁଛି। ବିଭିନ୍ନ ଖଣିର ଖଣିଜର ମୂଲ୍ୟ ସମାନ ନ ଥିବାରୁ ଏହାର ଆଭରେଜ ବା ହାରାହାରି ଆନୁପାତିକ ନିର୍ଦ୍ଧାରିତ ମୂଲ୍ୟ ଆଇବିଏମ ନିର୍ଦ୍ଧାରଣ କରିଥାଏ, ଯାହା ରାଜସ୍ୱ ହ୍ରାସର ମୂଳ କାରଣ ବୋଲି ବିଭାଗୀୟ ସୂତ୍ରରୁ ଜାଣିବାକୁ ମିଳିଛି।

ଯୋଡ଼ା ଖଣି ମଣ୍ଡଳରେ ଥିବା ୯୪ଖଣିରୁ ୩୧ଟି ଖଣି ଚାଲୁଥିବାବେଳେ ୫୭ଟି ଖଣି ବନ୍ଦ ଅଛି ଓ ୬ଟି ଖଣିକୁ ଟେମ୍ପରାରି ଡେସ୍‌ପାଚ ଅର୍ଡର ମିଳିଛି। ଯୋଡ଼ା ଖଣି ମଣ୍ଡଳରୁ ୨୦୨୧– ୨୨ରେ ୭୧ ମିଲିୟନ ମେଟ୍ରିକ୍ ଟନ୍ ଖଣିଜ ବିକ୍ରିରୁ ପ୍ରାୟ ୨୫ହଜାର କୋଟି ଟଙ୍କା ରାଜସ୍ୱ ମିଳିଥିଲା। ହେଲେ ୨୦୨୨–୨୩ ଆର୍ଥିକ ବର୍ଷରେ ୭୨ମିଲିୟନ ମେଟ୍ରିକ ଟନ୍ ଖଣିଜ ବିକ୍ରି ହୋଇ ପୂର୍ବ ରାଜସ୍ୱ ଆଦାୟଠାରୁ ପ୍ରାୟ ୯ହଜାର କୋଟି ଟଙ୍କା କମ୍ ମିଳିଛି। ଖଣିରୁ ଉତ୍ତୋଳିତ ବଡ଼ ଖଣ୍ଡ ଲୁହାପଥର ବା ଲମ୍ପସ୍ ଓର୍‌ର ମୂଲ୍ୟ ଆଇବିଏମ ନିର୍ଦ୍ଧାରଣ କରି ନ ଥିବାରୁ ବିଭିନ୍ନ ଖଣି କମ୍ପାନୀ ବଡ଼ ଲୁହାପଥର ବା ଲମ୍ପ୍‌ସକୁ ଆକାରରେ ପରିବର୍ତ୍ତନ କରି ବା ସାଇଜ୍ କ୍ୟାଲିବୋରେରେଡ୍ ଓର୍‌ରେ ରୂପାନ୍ତରିତ କରି ପ୍ରାୟ ଟନ୍ ପିଛା ୭ ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଫଳରେ ରଜସ୍ୱ ଆଦାୟ ପୂର୍ବାପେକ୍ଷା କମ୍ ରହିଛି।

ଏହା ଏପ୍ରିଲ ୨୦୨୨ରୁ ଚାଲିଥିବାବେଳେ ୨୦୨୨ପୂର୍ବରୁ ଲୁହାପଥର ଲମ୍ପସ୍‌ର ମୂଲ୍ୟ ପ୍ରାୟ ୯,୧୦୦ ଟଙ୍କା ଟନ୍ ପିଛାଥିଲା। ମୂଲ୍ୟରେ ପରିବର୍ତ୍ତନ ହେତୁ ରାଜସ୍ୱ ହ୍ରାସ ପାଇଛି। ରାଜସ୍ୱ ହ୍ରାସ ପାଇବାରୁ ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ(ଡିଏମ୍‌ଏଫ୍), ନ୍ୟାଶନାଲ ମିନେରାଲ ଏକ୍ସପ୍ଲୋ ରେଶନ ଟ୍ରଷ୍ଟ (ଏନ୍‌ଏମ୍‌ଇଟି) ହ୍ରାସ ପାଉଛି। ଏତଦ୍ ବ୍ୟତୀତ ଅକ୍ସନ ମାଧମରେ ଖଣି ହାତେଇ ଥିବା ଲିଜ୍‌ଧାରୀମାନେ ସରକାରଙ୍କୁ ଦେଉଥିବା ପ୍ରିମିୟମ ଅର୍ଥ ମଧ ପ୍ରଭାବିତ ହେଉଛି। ଏଥିଯୋଗୁ ଖଣି ପ୍ରଭାବିତ ଅଞ୍ଚଳ ପାଇଁ ଆଦାୟ ହେଉଥିବା ଡିଏମ୍‌ଏଫ୍ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ୨୦୨୧–୨୨ରେ ୧,୮୦୫ କୋଟି ଆଦାୟ ହୋଇଥିବାବେଳେ ୨୦୨୨– ୨୩ ରେ ପୂର୍ବ ଆର୍ଥିକ ବର୍ଷ ଅନୁପାତରେ ଏହା ହ୍ରାସ ପାଇ ୧,୩୦୦କୋଟି ଟଙ୍କା ଆଦାୟ ହୋଇଥିଲା। ସେହିପରି ୨୦୨୩–୨୪ ଆର୍ଥିକ ବର୍ଷରେ ଏଯାବତ୍ ମାତ୍ର ୬୮୦ କୋଟି ଟଙ୍କା ଆଦାୟ ହୋଇଥିବା ବିଭାଗୀୟ ସୂଚନା ମିଳିଛି।

ଏ ନେଇ ଖଣିବିଶେଷଜ୍ଞ ଜ୍ୟୋତିରଞ୍ଜନ ରାଉତ କହିଛନ୍ତି, ୨୦୨୦ ପରେ ନୂତନ ଖଣି ନୀତି ପ୍ରଣୟନ କରି ଖଣିର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ୨୦୨୦ରେ ନୂତନ ନୀତି ଲାଗୁ ହୋଇଥିଲେ ମଧ ଏମ୍‌ସିଡିଆର ରୁଲ୍ ୨୦୧୭ରେ ଅପରିବର୍ତ୍ତିତ ରହିଥିଲା, ଯାହାକି ବର୍ତ୍ତମାନ ପରିପ୍ରେକ୍ଷୀରେ ରାଜସ୍ୱ ଆଦାୟରେ ପ୍ରତିବନ୍ଧକ ସାଜିଛି। ଓଡ଼ିଶା ଖଣି ନିଗମର ଲୁହାପଥର ବିକ୍ରି ମୂଲ୍ୟକୁ ଆନୁପାତିକ ମୂଲ୍ୟ ନିର୍ଦ୍ଧାରଣ ହିସାବ ଓ ଖଣି ଗୁଡ଼ିକରୁ ଉତ୍ତୋଳିତ ଖଣିଜର ବିକ୍ରି ନିଲାମ ମାଧମରେ ହେଲେ ରାଜସ୍ୱ ବୃଦ୍ଧି ପାଇବ। ରାଜ୍ୟ ସରକାରଙ୍କ ଖଣି ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ଆଇବିଏମ୍ ମଧରେ ସମନ୍ୱୟ ରକ୍ଷା କରି ଏମ୍‌ସିଡିଆର ରୁଲ୍ ୨୦୧୭ରେ ସଂଶୋଧନ କରାଯାଇ ରାଜ୍ୟର ସମୂହ ସ୍ୱାର୍ଥକୁ ଦୃଷ୍ଟି ଦେବା ଉଚିତ୍ ବୋଲି ରାଉତ କହିଛନ୍ତି।

# ଠେଙ୍ଗାରେ ପିଟି ପୁଅକୁ ହତ୍ୟା

**ଗୋପବନ୍ଧୁନଗର(ଶାନ୍ତନୁ କୁମାର ମଣ୍ଡୁଆଳ)/ ଖୁଣ୍ଟା(ଦେବରଞ୍ଜନ ବେହେରା), ୨୭।୧୦**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଡେଙ୍ଗାମସ୍ଥିତ ସିଦାମଡି ଗ୍ରାମରେ ପାରିବାରିକ କଳହରୁ ଏକ ହତ୍ୟାକାଣ୍ଡ ଘଟିଛି। ବାପାଙ୍କ ଠେଙ୍ଗା ମାଡରେ ପୁଅର ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ପୁଅ ହେଲେ ମେଘରାଏ ଟୁଡୁ (୨୫)।

ଗୁରୁବାର ସନ୍ଧ୍ୟାରେ କୌଣସି କାରଣରୁ ବାପା ସଲାହି ଟୁଡୁ ଓ ପୁଅ ମେଘରାଏଙ୍କ ମଧରେ ଝଗଡା ହୋଇଥିଲା। ଉଭୟ ବାପ ଓ ପୁଅ ମାରପିଟ୍ ଲାଗିଥିବା ବେଳେ ବାପା ସଲାହି ଉତ୍ତ୍ୟକ୍ତ ହୋଇ ଏକ ଠେଙ୍ଗାରେ ପୁଅକୁ ନିର୍ମମ ଭାବେ ମାଡ ମାରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ପରିବାର ଲୋକଙ୍କ କହିବା ଅନୁଯାୟୀ, ମେଘରାଏ ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ସମସ୍ତଙ୍କ ସହ ଝଗଡା କରିବା ସହ ଘରୁ ବାହାରି ଯାଇ ଅନ୍ୟତ୍ର ରହିବାକୁ ଧମକ ଦେଇ ଆସୁଥିଲେ। ଏଥିପାଇଁ ପ୍ରତି ଦିନ ବାପ ପୁଅଙ୍କ ମଧରେ ଝଗଡା ହେଉଥିଲା। ଗତ ସନ୍ଧ୍ୟାରେ ପୁଅର ନିର୍ଯାତନା ଅତ୍ୟଧିକ ହେବାରୁ ତାହାକୁ ସହ୍ୟ କରି ନ ପାରି ପୁଅକୁ ପିଟି ମାରି ଦେଇଥିବା ପୋଲିସ ନିକଟରେ ସଲାହି ସ୍ୱୀକାର କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମ ଲୋକେ ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ନବକିଶୋର ମୁର୍ମୁ ପୋଲିସକୁ ଖବର ଦେବା ପରେ ଆଇଆଇସି ସୁଜାତା ଖମାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସଲାହିଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛନ୍ତି। ରକ୍ତାକ୍ତ ଅବସ୍ଥାରେ ଘର ଚଟାଣରେ ପଡି ରହିଥିବା ମେଘରାଏଙ୍କ ମୃତଦେହକୁ ଜବତ କରିବା ସହ ପୋଲିସ ଏକ ମାମଲା(ନଂ. ୨୯୬/୨୩) ରୁଜୁ କରିଛି।

# ହାତୀ ଆକ୍ରମଣରେ ଚାଷୀ, ବୃଦ୍ଧଙ୍କ ମୃତ୍ୟୁ



ଏସିଏଫ୍ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

**ଭଞ୍ଜନଗର,୨୭।୧୦(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ମୁଜାଗଡ଼ ରେଞ୍ଜ ଗୁଣ୍ଡିରିବାଡ଼ିରେ ଗୁରୁବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟୁନା ଗୌଡ଼ (୫୫)। ହାତୀପଲ ଆକ୍ରମଣରୁ ଆଉ ୨ଜଣ ଚାଷୀ ଗୋପାଳ ନାୟକ ଓ ଧୋବା ନାୟକ ବର୍ତ୍ତି ଯାଇଥିଲେ ମଧ ତଳେପଡ଼ି ସାମାନ୍ୟ ଆହତ ହୋଇଛନ୍ତି। ପୋଲିସ ଶୁକ୍ରବାର ଟୁନାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଥିଲା। ଡିଏଫଓ ସୁଦର୍ଶନ ବେହେରା, ଏସିଏଫ୍ ବିକ୍ରମ ଦେବ ପଟ୍ଟନାୟକ, ରେଞ୍ଜର କୁମର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ୧୭ ଟିକିଆ ହାତୀପଲ ଗୁଣ୍ଡିରିବାଡ଼ି ଗାଁମୁହାଁ ହୋଇଥିଲେ। ଗ୍ରାମବାସୀ ହାତୀ ଘଉଡ଼ାଇବା ପାଇଁ ବାହାରିଥିଲେ। ହାତୀ ଚଳପ୍ରଚଳ ଉପରେ ନଜର ରଖୁଥିବା ବନ କର୍ମଚାରୀ ସେମାନଙ୍କୁ ବାରଣ କରିଥିଲେ ମଧ ଚାଷୀମାନେ ନିଜ ଫସଲ ବଞ୍ଚାଇବା ପାଇଁ ହାତୀ ଘଉଡାଇବାକୁ ଜମିକୁ ଯାଇଥିଲେ। ମଧରାତିରେ ହାତୀପଲ ଗୋଡ଼ାଇବାରୁ ଚାଷୀମାନେ ଦୁଇଭାଗ ହୋଇ ଦୌଡ଼ିଥିଲେ। ଗୋପାଳ ଓ ଧୋବା ଏକ ଖାଲୁଆ ଜାଗାରେ ଲୁଚି ନିଜ ଜୀବନ ବଞ୍ଚାଇଥିବା ବେଳେ ଟୁନାଙ୍କୁ ହାତୀପଲ ଦଳିଦେଇ ଜଙ୍ଗଲକୁ ଚାଲିଯାଇଥିଲେ। ଗ୍ରାମବାସୀ ଶୁକ୍ରବାର ଭୋରରେ ବନ କର୍ମଚାରୀଙ୍କ ସହ ମିଶି ଘଟଣାସ୍ଥଳକୁ ଯାଇ ଟୁନାଙ୍କ ମୃତଦେହ ଠାବ କରିଥିଲେ। ମୃତକଙ୍କ ପରିବାରକୁ ୬ଲକ୍ଷ ଟଙ୍କା ସହାୟତା ରାଶି ଦିଆଯିବ। ପ୍ରାରମ୍ଭିକ ସହାୟତା ଭାବେ ୬୦ ହଜାର ଟଙ୍କା ଦେବା ବ୍ୟବସ୍ଥା ହୋଇଥିବା ଡିଏଫଓ ବେହେରା କହିଛନ୍ତି। ସୂଚନାଯୋଗ୍ୟ, ଘୁମୁସର ଉତ୍ତର ବନଖଣ୍ଡ ଏବଂ ଦକ୍ଷିଣ ବନଖଣ୍ଡରେ ଶୁକ୍ରବାର ସୁଦ୍ଧା ୭୭ଟି ହାତୀ ଥିବା ଜଣାପଡ଼ିଛି। ସନ୍ଧ୍ୟା ହେଲେ ସେମାନେ ଜଙ୍ଗଲ ନିକଟବର୍ତ୍ତୀ ଗାଁମୁହାଁ ହୋଇ ବ୍ୟାପକ ଫସଲ କ୍ଷତି କରୁଛନ୍ତି।

**ପାଟଣାଗଡ଼, ୨୭।୧୦(ପ୍ରହ୍ଲାଦ ପାଢ଼ୀ)**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ପୁଡାପଦର ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ବଳରାମ ହୋତା (୬୦)। ଭରତବାହାଲରୁ ପୁଡାପଦର ରାସ୍ତା ପାର୍ଶ୍ୱ ଏକ କପା କିଆରିରେ ବଳରାମଙ୍କୁ ହାତୀ ଗୋଡ଼ରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ବଳରାମଙ୍କ ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ଅଭିଯୋଗ ପାଇ ଲରମ୍ଭା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ପାଟଣାଗଡ଼ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି କୌଣସି ଅସୁବିଧା ନ ଥିଲେ ମଧ ପରିବାରର କିଛି ବ୍ୟତିକ୍ରମକୁ ନେଇ ଚିନ୍ତା ପ୍ରକଟ କରିବେ। ପରସ୍ପର ପଡୁ ନ ଥିବା ଭାଇଙ୍କ କଥା ମନକୁ ଆନ୍ଦୋଳିତ କରିପାରେ। ପରକୁ ଦେଇଥିବା ଅର୍ଥକୁ କେନ୍ଦ୍ରକରି ସମସ୍ୟା ଦେଖାଦେଇପାରେ। ଅପରାହ୍ନେ ବନ୍ଧୁଙ୍କ ଆଗମନରେ କିଛି ସମୟ ଅତିବାହିତ କରି ଖୁସି ରହିବେ।

**ବୃଷ** – ବିଭିନ୍ନ ପ୍ରକାରର ଘରୋଇ ସମସ୍ୟା ମଧରେ ଅଣନିଃଶ୍ୱାସୀ ହୋଇ ବ୍ୟତିବ୍ୟସ୍ତ ହୋଇପାରନ୍ତି। ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କାମ କରି କିଛିଟା ସଫଳତା ମଧ ପାଇବେ। ମଧୁର କଥା ଦ୍ୱାରା ଅନ୍ୟକୁ ଆପ୍ୟାୟିତ କରି କାମ ହାସଲ କରିବେ।

**ମିଥୁନ** – ଅସୁବିଧାବଶତଃ କେତେକ କାମ ଅଟକିରହିଥିବା କାରଣରୁ ସେହିକଥା ଭାବି ଭାବି ଅନ୍ୟମନସ୍କ ରହିପାରନ୍ତି। ପରିବାରରେ ମତାନ୍ତରରୁ ବିତର୍କ ସୃଷ୍ଟି ଜନିତ ଅଶାନ୍ତ ରହିପାରନ୍ତି। ଅର୍ଥାଭାବ ହେତୁ କେତେକ କାମ ପୂର୍ଣ୍ଣାଙ୍ଗ ହେବା କଷ୍ଟକର ହୋଇପଡିବ। ଆତ୍ମୀୟମାନଙ୍କ ବେଖାତିର ମନୋଭାବ ହେତୁ କ୍ଷୁବ୍ଧ ହୋଇପାରନ୍ତି।

**କର୍କଟ** – ଆଜିର ଯାତ୍ରା, ଆଲୋଚନା, ବନ୍ଧୁ ସମ୍ପର୍କ ଦିଗରୁ ଦିନଟି ଭଲ ରହିବ। କର୍ମକ୍ଷେତ୍ରରେ ଅସୁବିଧା ଭୋଗିବେ ଏବଂ କାରଣ ନ ଥାଇ ମଧ ଦୋଷୀ ସାବ୍ୟସ୍ତ ହେବେ। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। କଳା, ସାହିତ୍ୟରେ ଉନ୍ନତି କରିବେ ଏବଂ ବାଣିଜ୍ୟ, ବ୍ୟବସାୟରେ ଲାଭବାନ ହେବେ।

**ସିଂହ** – ଆଜି ଅଫିସରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ସୁଯୋଗ ପାଇଲେ ମଧ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ଅନେକାଂଶରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ।

**କନ୍ୟା** – ଅନ୍ୟମାନଙ୍କଠାରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ଆପଣଙ୍କ ଅନୁରୋଧ ରକ୍ଷାକରି ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ। ବନ୍ଧୁଙ୍କ ସହ ଆଲୋଚନା ପରେ କର୍ମକ୍ଷେତ୍ରରେ ରହିଥିବା ଟେନସନ୍ ଦୂର ହେବ।

**ତୁଳା** – ଆଜି ପରିବାରରେ ଅଶାନ୍ତି, ପରିବହନରେ ଝଗଡ଼ା, ବ୍ୟବସାୟରେ କ୍ଷତି, ଯାନବାହନରୁ ଆଘାତର ଆଶଙ୍କା ଦେଖାଦେଇପାରେ। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ବିଶୃଙ୍ଖଳିତ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ଅଫିସରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା** – ବହୁତ ଚେଷ୍ଟା କଲେ ମଧ ଅଭିଳାଷ ପୂରଣ ନ ହୋଇପାରିବାରୁ ମନ ଭଲ ରହିବ ନାହିଁ। ଈର୍ଷାଳୁ ବ୍ୟକ୍ତିଙ୍କ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଆଜି ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣି ପାରନ୍ତି। ବନ୍ଧୁମାନଙ୍କଠାରୁ ମିଥ୍ୟା ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ** – ବିବାଦୀୟ ଘଟଣା ପରିପ୍ରେକ୍ଷୀରେ ଘର ଅପେକ୍ଷା ବାହାର ଲୋକମାନେ ଆପଣଙ୍କ ପକ୍ଷ ସମର୍ଥନ କରିବେ। ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଅଫିସରେ କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**ମକର** – ସମ୍ପର୍କୀୟ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁମାନଙ୍କର ଅସହଯୋଗଜନିତ କେତେକ କାମ ବିଶୃଙ୍ଖଳିତ ହୋଇପାରେ। ବ୍ୟବସାୟରେ ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରସ୍ପର ମତପାର୍ଥକ୍ୟ କାରଣରୁ ପାରିବାରିକ ଶାନ୍ତି ପାଇବେ ନାହିଁ।

**କୁମ୍ଭ** – ଆଜି ଯାହା ଚିନ୍ତା କରୁଛନ୍ତି ତାହା ସହଜରେ କରିବାରେ କୌଣସି ଅସୁବିଧା ହେବନାହିଁ। ଅନ୍ୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି। ମାନସିକ ଯନ୍ତ୍ରଣା କେତେକାଂଶରେ ବନ୍ଧୁଙ୍କ ଆଶ୍ୱାସନାରୁ ଉପଶମ ହେବ।

**ମୀନ** – ଆଜି କର୍ମ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ପିଲାଙ୍କ ପଢ଼ାକୁ ନେଇ ଚିନ୍ତା ବଢ଼ିଯାଇପାରେ।

ଆଜି କୁମାର ପୂର୍ଣ୍ଣିମା, ଗଜଲକ୍ଷ୍ମୀ ପୂଜା, ଜହ୍ନିଓଷା ସମାପ୍ତ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ, ଅକ୍ଟୋବର ୨୮, ଶନିବାର, ଗଣକବି ବୈଷ୍ଣବପାଣି ଜୟନ୍ତୀ, ଅଦ୍ୟ ରାହୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ର ଗ୍ରହଣ, (ପୁରୀକୁ ଗ୍ରହଣ ସ୍ପର୍ଶ ରାତ୍ରି ଘ.୦୧।୦୪।୪୮ ସେକେଣ୍ଡ, ସର୍ବମୋକ୍ଷ–ଘ. ୦୨।୨୩।୩୦ ସେକେଣ୍ଡ, ଦିବା ଘ. ୦୪।୦୪।୪୮ ସେକେଣ୍ଡରୁ ପାକତ୍ୟାଗ, ଚନ୍ଦ୍ରୋଦୟ ପରେ ଚନ୍ଦ୍ରପୂଜା ଏବଂ ଗ୍ରହଣ ସର୍ବମୋକ୍ଷ ପରେ ଗଜଲକ୍ଷ୍ମୀ ପୂଜା କରଣୀୟ), ରାଶିନକ୍ଷତ୍ର–ଅଶ୍ୱିନୀ/ମେଷ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୭.୨୦ମି. ଗତେ ଘ.୦୮ .୩୯ମି. ମଧ୍ୟେ, ଘ ୧୧.୫୩ମି. ଗତେ ଘ.୧୨.୫୫ମି. ମଧ୍ୟେ ଶୁଭଶୁଭ ବେଳା। ଦିବା ଘ.୦୮ .୩୯ମି.ଗତେ ଘ..୧୦.୦୫ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୮/୨୦୨୩ | Bhubaneswar, Saturday, October 28/2023 | ପୃଷ୍ଠା-୧

# ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକଙ୍କ ପରଲୋକ

## ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ

କଟକ,୨୭।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକଙ୍କ ଶୁକ୍ରବାର ଦେହାନ୍ତ ହୋଇଛି। କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କୁ ୭୬ ବର୍ଷ ହୋଇଥିଲା। ଦୀର୍ଘଦିନ ଧରି ସେ ଗଳା କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ଥିଲେ। ବହୁ ଓଡ଼ିଆ ଚଳଚ୍ଚିତ୍ରରେ ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ସହ ଅନେକ ଚଳଚ୍ଚିତ୍ରରେ ସେ ନିଜ ଅଭିନୟର ଯାଦୁ ଦେଖାଇଛନ୍ତି। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟପାଳ ଶୋକ ପ୍ରକାଶ କରିଛନ୍ତି।



ଓଡ଼ିଆ ଆଧୁନିକ ସଙ୍ଗୀତ ଜଗତରେ ଅନ୍ୟତମ ସ୍ରଷ୍ଟା ଭାବେ ସ୍ୱରୂପ ବେଶ୍ ପରିଚିତ। ୧୯୪୭ ଫେବୃୟାରୀ ୮ ତାରିଖରେ ପିତା ବାସୁଦେବ ଓ ମାତା ସେବତୀଙ୍କଠାରୁ ଜନ୍ମ ହୋଇଥିବା ସ୍ୱରୂପ ଏକାଧାରାରେ ଜଣେ ସଙ୍ଗୀତକାର, ଗୀତିକାର, ପ୍ରଚ୍ଛଦପଟ୍ଟ ଗାୟକ ଓ ଅଭିନେତା ଥିଲେ। ସ୍ୱରୂପଙ୍କ ସ୍ତ୍ରୀ ନୀହାରିକା ଜଣେ ଅଭିନେତ୍ରୀ। ଦୁଇ ଝିଅ ନିବ୍ରେଦିତି ଡାକ୍ତର ଓ ନିଦ୍ରା ଜଣେ ଲେଖିକା। ୧୯୬୨ ମସିହାରେ ରିଲିଜ୍ ହୋଇଥିବା 'ଜୟଦେବ' ଚଳଚ୍ଚିତ୍ରରେ ସ୍ୱରୂପ ଶିଶୁ କଳାକାର ଭାବେ ଅଭିନୟ କରିଥିଲେ। ବଡ଼ ହେବା ପରେ ସ୍ୱରୂପ ସତୀ ଅନସୂୟା, ସୁନା ସଂସାର, କଳାମାଣିକ, କଣ୍ଢେଇ ଆଖିରେ ଲୁହ, ଯଶୋଦା ଆଦି ଓଡ଼ିଆ ଚଳଚ୍ଚିତ୍ରରେ ଅଭିନେତା ଭାବେ ନଜର ଆସିଥିଲେ। ୪୦ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ର ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଶ୍ରେଷ୍ଠ ସଙ୍ଗୀତକାର ଭାବରେ ସେ ଦୁଇଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ସେ ୩୦ଟି ଫିଲ୍ମ ପାଇଁ ଗୀତ ଲେଖିଥିଲେ। ୧୯୮୪ ମସିହାର ଓଡ଼ିଆ ଚଳଚ୍ଚିତ୍ର 'ହୀରାନୀଳା'ରେ ସେ ପ୍ରଥମେ ସଙ୍ଗୀତ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ସଙ୍ଗୀତ ନିର୍ଦ୍ଦେଶିତ କେତେକ ଉଲ୍ଲେଖନୀୟ ଛବି ମଧ୍ୟରେ ଲାଲ୍‌ପାନ ବିବି, ବଗଲା ବଗୁଲୀ, ଲକ୍ଷେ ଶିବ ପୂଜି ପାଇଛି ପୁଅ, ଯଶୋଦା,

☞ପୃଷ୍ଠା-୭



ଆନ୍ଧ୍ର ପ୍ରଦେଶ ସରକାରଙ୍କ ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟସେବା ଶିବିରରେ ନାମ ପଞ୍ଜୀକରଣ ଲାଗି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଧୂଳିପଦର ଗ୍ରାମରେ ଲୋକଙ୍କ ଭିଡ଼।

# ପଟ୍ଟାଙ୍ଗିରେ 'ଜଗନ୍ ସୁରକ୍ଷା ଆରୋଗ୍ୟ'

ପଟ୍ଟାଙ୍ଗି,୨୭।୧୦(ଶରତ ଧଳ)

ଓଡ଼ିଶା ସୀମାନ୍ତ ଗ୍ରାମଗୁଡିକ ଉପରୁ ଆନ୍ଧ୍ରପ୍ରଦେଶ ନଜର ହଟାଉନାହିଁ। ଏନେଇ ବାରମ୍ବାର ଆନ୍ଧ୍ରକୁ ତାଗିଦ କରାଗଲେ ମଧ୍ୟ କିଛି ଫରକ ପଡୁନାହିଁ। ବିଭିନ୍ନ ସମୟରେ ଓଡ଼ିଶାର ସୀମାନ୍ତ ଗ୍ରାମଗୁଡିକରେ ବାରମ୍ବାର ଅନୁପ୍ରବେଶ କରି ଆନ୍ଧ୍ର ନିଜର ସ୍ଥିତି ଜାହିର କରୁଛି। ବିଭିନ୍ନ ସ୍ଥାନରେ ମେଗା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରୁଥିବା ଦେଖିବାକୁ ମିଳୁଛି। ଶୁକ୍ରବାର ଏପରି କିଛି ଦୃଶ୍ୟ ପୁଣି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ଧୂଳିପଦର ଗ୍ରାମରେ। ଆନ୍ଧ୍ରର ପାର୍ବତୀପୁରମ୍ ମାନ୍ୟମ୍ ଜିଲା ପ୍ରଶାସନ ନିର୍ଦ୍ଦେଶରେ ସାଲୁର ବ୍ଲକ ପ୍ରଶାସନ ଓଡ଼ିଶାର କୋଟିଆ ପଞ୍ଚାୟତର ଧୂଳିପଦର ଗ୍ରାମରେ 'ଜଗନ୍ ସୁରକ୍ଷା ଆରୋଗ୍ୟ' ନାମରେ ମେଗା ସ୍ୱାସ୍ଥ୍ୟସେବା ଶିବିର କରିଛି। ଏଥିରେ ୫ଶହରୁ ଊର୍ଦ୍ଧ୍ୱ ଲୋକ ନାମ ପଞ୍ଜୀକରଣ କରି ସ୍ୱାସ୍ଥ୍ୟସେବା ପାଇଛନ୍ତି। ସାଲୁର ବ୍ଲକ ପ୍ରଶାସନ ତଥା ବିଡିଓ ଜି.ପାର୍ବତୀଙ୍କ ନେତୃତ୍ୱରେ ହୋଇଥିବା ଏହି ସ୍ୱାସ୍ଥ୍ୟସେବା ଶିବିରରେ ମୁଖ୍ୟ ଅତିଥି ରୂପେ ଏସ୍‌ଟି କମିଶନ ଅଧ୍ୟକ୍ଷ ଡି.ଶଙ୍କର ରାଓ ଯୋଗଦେଇ ସୀମାନ୍ତ ଗ୍ରାମବାସୀ ଯେପରି ଉଚିତ ସ୍ୱାସ୍ଥ୍ୟସେବା ପାଇପାରିବେ ସେ ନେଇ ଗୁରୁତ୍ୱାରୋପ କରିଥିଲେ।

ଅନ୍ୟପକ୍ଷରେ ସୀମାନ୍ତ ଗ୍ରାମରେ ଲୋକେ କିପରି ଆନ୍ଧ୍ର ସ୍ୱାସ୍ଥ୍ୟସେବାକୁ ଗ୍ରହଣ କରୁଛନ୍ତି ସେନେଇ ସମ୍ପ୍ରତି ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡି.ଶ୍ରୀନିବାସ ରାଓ, ଉପସାଂସଦ ରେଡ୍ଡୀ ସୁରେଶ କୁମାର,

☞ପୃଷ୍ଠା-୭




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୮ ଅକ୍ଟୋବର, ୨୦୨୩



ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ– ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ– ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। **–ଶ୍ରୀଅରବିନ୍ଦ**

# ସିବିଆଇରେ ଅଧିକ ନିଯୁକ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସରକାର ଶେଷରେ ଭାରତର ପ୍ରମୁଖ ଗୋଇନ୍ଦା ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକରେ ଦୀର୍ଘଦିନର ସମସ୍ୟାକୁ ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି। ବର୍ତ୍ତମାନ ସର୍ବନିମ୍ନ ୫ ବର୍ଷ ସେବା କରିଥିବା ଅଧିକାରୀମାନେ ଏବେ ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ ୱିଙ୍ଗ( ଆର୍ଆଣ୍ଡଏଡବ୍ଲ୍ୟୁ), ଇଣ୍ଟେଲିଜେନ୍ସ ବ୍ୟୁରୋ(ଆଇବି), ନ୍ୟାଶନାଲ ଇଣ୍ଟେଲିଜେନ୍ସ ଏଜେନ୍ସି(ଏନ୍ଆଇଏ)ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ରେ ପ୍ରବେଶ ପାଇଁ ଯୋଗ୍ୟ ହେବେ। ସିବିଆଇକୁ ବାଦ୍ ଦେଲେ ପୂର୍ବରୁ ଅନ୍ୟସବୁ ସଂସ୍ଥାରେ ଏହି ମାନଦଣ୍ଡ ଲାଗୁ କରାଯାଇଥିଲା। ଏହି ନୀତି ସିବିଆଇରେ ପ୍ରବେଶ ଲାଗି ଏସ୍ପି ର୍ୟାଙ୍କ ଅଧିକାରୀମାନଙ୍କ ପାଇଁ ପଥ ଉନ୍ମୁକ୍ତ କରିଛି। ସିବିଆଇରେ ଲଗାତର ଅଧିକାରୀଙ୍କ ଅଭାବ ତାହାର କାର୍ଯ୍ୟଦକ୍ଷତାରେ ବହୁ ବାଧା ସୃଷ୍ଟିକରିଛି। ଚଳିତ ମାସ ସୁଦ୍ଧା ୭୩ଟି ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୪୨ଟି ଏସ୍ପି ସ୍ତରୀୟ ପଦବୀ ଖାଲିଥିଲା। ସମସ୍ତ ୧୭ଟି ସଂସ୍ଥା ମଧ୍ୟରେ ଏହା ହେଉଛି ସର୍ବୋଚ୍ଚ ପଦବୀ ହାର। ଏହାପରେ ଆଇବିରେ ସମାନ ପଦବୀରେ ୩୨ଟି ଖାଲି ରହିଛି। ଏସ୍ପି ସ୍ତରର ଅଧିକାରୀମାନେ ମାମଲା ତଦାରଖ କରନ୍ତି ଏବଂ ସିଧାସଳଖ ଜଡ଼ିତ ହେଉଥିବାରୁ ଅନୁସନ୍ଧାନରେ ସେମାନଙ୍କର ସର୍ବାଧିକ ଗୁରୁତ୍ୱ ରହିଛି। ହେଲେ ସିବିଆଇ ହାଇ ପ୍ରୋଫାଇଲ ମାମଲା ପରିଚାଳନା କରୁଥିବାରୁ ଏସ୍ପି ସ୍ତରରେ ଖାଲିଥିବା ପଦବୀଗୁଡ଼ିକ ଏଜେନ୍ସିର ଦୁର୍ନୀତି ନିବାରଣ କାର୍ଯ୍ୟରେ ବାଧା ସୃଷ୍ଟି କରିଆସୁଛି। ଆଇବି ସେହିପରି ଆଇଜି, ଏଡିଜି ଏବଂ ଡିଜି ର୍ୟାଙ୍କ୍କୁ ସାମିଲ କରି ଏହାର କ୍ୟାଡରକୁ ସମ୍ପ୍ରସାରିତ କରିଛି। ପୂର୍ବରୁ ଏହା ଏସ୍ପି ଓ ଡିଆଇଜି ର୍ୟାଙ୍କ୍ରେ ସୀମିତ ଥିଲା। ଏହି ନବୀକରଣ ନୀତି ମଧ୍ୟ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ନିଯୁକ୍ତି ଚୟନର ପରିବର୍ତ୍ତନକୁ ପ୍ରତିଫଳିତ କରେ। ପ୍ରତ୍ୟେକ ରାଜ୍ୟ ଏକ କେନ୍ଦ୍ରୀୟ ଡେପୁଟେଶନ କୋଟା ନିର୍ଦ୍ଦିଷ୍ଟ କରେ, ଯାହା କେନ୍ଦ୍ର ସରକାରଙ୍କ ଦାୟିତ୍ୱ ପାଇଁ ତାଲିମପ୍ରାପ୍ତ ଏବଂ ଅଭିଜ୍ଞ ଅଧିକାରୀମାନଙ୍କୁ ଯୋଗାଇବା ସକାଶେ ଅତିରିକ୍ତ ନିଯୁକ୍ତି ଆବଶ୍ୟକ କରେ।

### ଅଧିକାରୀ ହେବେ ରଥ ପ୍ରଭାରୀ

ଆସନ୍ତା ମାସରୁ ଆୟକର, କଷ୍ଟମ୍ସ, କେନ୍ଦ୍ରୀୟ ଏକ୍ସାଇଜ, ଅଡିଟ ଏବଂ ଆକାଉଣ୍ଟ, ଜଙ୍ଗଲ, ଡାକ, ଟେଲିକମ ଏବଂ ଅନ୍ୟାନ୍ୟ କ୍ଷେତ୍ର ସହିତ ଏକ ଡଜନ ସହଯୋଗୀ କେନ୍ଦ୍ର ସରକାରୀ ସେବାର ଅଧିକାରୀମାନେ 'ରଥ ପ୍ରଭାରୀ' ବା ସ୍ୱତନ୍ତ୍ର ଅଧିକାରୀ ଭାବରେ ଏକ ନିଆରା ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ଆସନ୍ତାବର୍ଷ ଜାନୁୟାରୀ ପର୍ଯ୍ୟନ୍ତ ଦେଶବ୍ୟାପୀ ଯାତ୍ରା ଚାଲିବ। ଗତ ନଅ ବର୍ଷ ମଧ୍ୟରେ ମୋଦି ସରକାରଙ୍କ କୃତିତ୍ୱ ପ୍ରଦର୍ଶନ କରିବା ଉଦ୍ଦେଶ୍ୟ ନେଇ ସ୍ୱତନ୍ତ୍ର ସଜ୍ଜିତ ରଥରେ ଏହି ଯାତ୍ରା ପ୍ରାୟ ୨.୬୯ ଲକ୍ଷ ଗ୍ରାମପଞ୍ଚାୟତ ଭ୍ରମଣ କରିବ। ୨୦୧୪ରୁ ମୋଦି ସରକାର ତାଙ୍କର ଜନକଲ୍ୟାଣ କାର୍ଯ୍ୟକ୍ରମ ବିଷୟରେ ଜନସାଧାରଣଙ୍କୁ ଜଣାଇବା ଲାଗି ଅମଲାତନ୍ତ୍ରୀମାନଙ୍କୁ ସ୍ଥିର କରିଛନ୍ତି। ଏହା ହେଉଛି ପ୍ରଥମ ଉଦାହରଣ, ଯେଉଁଥିରେ ଆଲାଏଡ ସର୍ଭିସରୁ ବହୁ ସଂଖ୍ୟକ ଅଧିକାରୀଙ୍କୁ ସରକାରଙ୍କ ସଫଳତାକୁ ସାମ୍ନାକୁ ଆଣିବା ଲାଗି ସଂଗଠିତ କରାଯାଇଛି। ବିକାଶ ସଙ୍କଳ୍ପ ଯାତ୍ରା ନାମକ ଏହି ଅଭିଯାନରେ ବିଭିନ୍ନ ଆଲାଏଡ୍ ସର୍ଭିସରୁ ମୋଟ ୧୭୦ ବାବୁ ଅଂଶଗ୍ରହଣ କରିବେ ବୋଲି ସୂତ୍ରରୁ ପ୍ରକାଶ। ବିରୋଧୀ ଦଳଗୁଡ଼ିକ ଏହି ନିଷ୍ପତ୍ତିକୁ ସନ୍ଦେହରେ ଗ୍ରହଣ କରୁଛନ୍ତି ଏବଂ ରାଜନୈତିକ ପ୍ରଚାର ପାଇଁ ସରକାରୀ କର୍ମଚାରୀଙ୍କୁ ନିୟୋଜିତ କରାଯିବା ଉପରେ ପ୍ରଶ୍ନ କରିଛନ୍ତି। ସମାଲୋଚକମାନେ ମତ ଦିଅନ୍ତି ଯେ, ବ୍ୟୁରୋକ୍ରାଟ୍ମାନଙ୍କୁ ରଥ ପ୍ରଭାରୀ ଭାବରେ ନିୟୋଜିତ କରିବା ଭୋଟରଙ୍କୁ ଅତ୍ୟଧିକ ପ୍ରଭାବିତ କରିବ। ଇଣ୍ଡିଆ ମେଣ୍ଟର ନେତାମାନେ ଏହି ଆଦେଶ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। କେତେଜଣ ପୂର୍ବତନ ବାବୁଙ୍କ ସମେତ ବିଶେଷଜ୍ଞମାନେ ସ୍ୱଚ୍ଛତା, ନୈତିକ ଶାସନ ଏବଂ ଲୋକଙ୍କ ଧାରଣାକୁ ନେଇ ଏହି ନିଷ୍ପତ୍ତିର ଗମ୍ଭୀର ନିହିତାର୍ଥକୁ ଦର୍ଶାଇ କହିଛନ୍ତି, ଏହି ପ୍ରସଙ୍ଗ ଉପରେ ସମୀକ୍ଷା ଚାଲିବ ଏବଂ ଏହା ବିତର୍କର ବିଷୟ ହୋଇ ରହିବ।

### ଜି୨୦ ଘୋଷଣାର କାର୍ଯ୍ୟାନ୍ୱୟନ

ଜି୨୦ର ବହୁଆଡ଼ମ୍ବର ତଥା ଆକର୍ଷଣୀୟ କାର୍ଯ୍ୟକ୍ରମ ସ୍ମୃତିପଟରୁ କ୍ଷୀଣ ହୋଇ ଆସୁଥିବାବେଳେ ଆହୁରି ଅନେକ କାର୍ଯ୍ୟ କରିବାକୁ ବାକି ଅଛି। ନିକଟରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡ. ପି.କେ. ମିଶ୍ର ଏକ ଉଚ୍ଚସ୍ତରୀୟ ବୈଠକ କରି ଦିଲ୍ଲୀରେ ଜି୨୦ ନେତାଙ୍କ ଘୋଷଣାନାମାକୁ ବାସ୍ତବ କାର୍ଯ୍ୟରେ ପରିଣତ କରିବା ଲଗି ସମୀକ୍ଷା କରିଛନ୍ତି। ବୈଠକରେ ନୀତି ଆୟୋଗର ଉପାଧ୍ୟକ୍ଷ, ଜି୨୦ର ପଥ ପ୍ରଦର୍ଶକ, ଜି୨୦ ମୁଖ୍ୟ ସଂଯୋଜକ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଓ ଅର୍ଥନୈତିକ ବ୍ୟାପାର ବିଭାଗ (ଡିଇଏ) ର ବରିଷ୍ଠ ଅଧିକାରୀମାନେ ଥିଲେ। ସୂଚନାନୁସାରେ ଦୃଢ଼, ସ୍ଥାୟୀ, ସନ୍ତୁଳିତ ତଥା ସମ୍ମିଳିତ ଅଭିବୃଦ୍ଧିଠାରୁ ଆରମ୍ଭ କରି ଆତଙ୍କବାଦ ତଥା ମନି ଲଣ୍ଡରିଂ ବିରୋଧୀ ବିଷୟ ଉପରେ ସାତୋଟି ୱେବିନାର୍ ବା ଅନ୍ଲାଇନ ସେମିନାର ଆୟୋଜନ କରିବାକୁ ପ୍ରସ୍ତାବ ଦିଆଯାଇଛି। ୱେବିନାର୍ଗୁଡ଼ିକ ସମ୍ପୃକ୍ତ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ହେବ। ଏହାର ଲକ୍ଷ୍ୟ ହେଉଛି ନୂଆଦିଲ୍ଲୀ ନେତାଙ୍କ ଘୋଷଣାର ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ କ୍ଷେତ୍ର ବିଶେଷଜ୍ଞଙ୍କ ଠାରୁ ଅନ୍ତର୍ନିହିତ ସୂଚନା ଆଣିବା ଏବଂ କାର୍ଯ୍ୟକାରୀ ପ୍ରକ୍ରିୟା ଜାରି ରହିଛି ବୋଲି ନିଶ୍ଚିତ କରିବାକୁ ଏକ ଉଚ୍ଚ ସ୍ତରୀୟ ସମୀକ୍ଷା ପଦ୍ଧତି ସ୍ଥାପନ କରିବା। ଆଗାମୀ ଜି୨୦ ଭର୍ଚୁଆଲ ଶିଖର ସମ୍ମିଳନୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରସ୍ତାବିତ ଏକ ପଦକ୍ଷେପ ବା ଯୋଜନା ବୋଲି ଡ. ମିଶ୍ର କହିଥିଲେ। ତେବେ ଏବକାର ସରକାର ଆଗାମୀ ନିର୍ବାଚନ ଉପରେ ଅଧିକ ଗୁରୁତ୍ୱ ଦେଉଥିବାରୁ ଶାସନ ପ୍ରସଙ୍ଗରେ କେତେ ସମୟ ଉତ୍ସର୍ଗ କରିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

Email: dilipcherian@gmail.com

# କିଶୋରୀ ଦଳର ବଳ



ବିଚିତ୍ର ବିଶ୍ୱାଳ

ସ୍ୱୟଂ ସହାୟକ ଦଳ ଜରିଆରେ ନିୟମିତ ଭାବେ ବୈଠକ ବସି, ସଞ୍ଚୟ କରି, ବ୍ୟାଙ୍କରୁ ଋଣ ନେଇ ଛୋଟ ବ୍ୟବସାୟ ବା ଉଦ୍ୟୋଗ ଧନ୍ଦା କରି ମହିଳାମାନେ ନିଜର ଆର୍ଥିକ ପରିସ୍ଥିତିକୁ ସୁଧାରିବାରେ ଯଥେଷ୍ଟ ଅଗ୍ରଗତି କରିପାରିଛନ୍ତି। ସ୍ୱୟଂ ସହାୟକ ଦଳର ପରିଣାମ କେବଳ ମହିଳାମାନଙ୍କର ଆର୍ଥିକ ପ୍ରଗତିରେ ସୀମିତ ରହିନାହିଁ। ସାମାଜିକ ଓ ରାଜନୈତିକ ବିକାଶ କ୍ଷେତ୍ରରେ ମଧ୍ୟ କେତେକାଂଶରେ ପରିବର୍ତ୍ତନ ଆସିଛି। ମହିଳା ସ୍ୱୟଂ ସହାୟକ ଦଳକୁ ପ୍ରୋତ୍ସାହନ ଦେବାରେ ଓଡ଼ିଶା ଯଥେଷ୍ଟ ଆଗରେ ଅଛି। ମହିଳାମାନଙ୍କ ପରି ଆଉ ଗୋଟେ ପ୍ରଚୁର ସମ୍ଭାବନା ଥିବା ଗୋଷ୍ଠୀ ହେଉଛନ୍ତି କିଶୋରୀ ବାଳିକା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ଗାଁ ଗହଳିର ଲକ୍ଷ ଲକ୍ଷ କିଶୋରୀ ବାଳିକାଙ୍କ ମଧ୍ୟରେ ଥିବା ସାମର୍ଥ୍ୟକୁ ଏପର୍ଯ୍ୟନ୍ତ ଠିକ୍ ଭାବେ ଉପଯୋଗ କରାଯାଇପାରି ନାହିଁ। ସରକାରଙ୍କ ତରଫରୁ କେବଳ କିଶୋରୀଙ୍କର ସ୍ୱାସ୍ଥ୍ୟ ଓ ପୁଷ୍ଟିର ଉନ୍ନତି କରିବା ପାଇଁ କିଛି କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ସେଥିରେ କିଶୋରୀମାନଙ୍କର ସଂପୂର୍ଣ୍ଣ କ୍ଷମତା କାର୍ଯ୍ୟରେ ଲାଗିପାରୁନାହିଁ। କେବଳ କିଛି ସ୍ୱେଚ୍ଛାସେବୀ ସଙ୍ଗଠନ କିଶୋରୀମାନଙ୍କର ସାମର୍ଥ୍ୟକୁ କାର୍ଯ୍ୟରେ ଲଗେଇବା ପରି କାମରେ ଜଡ଼ିତ ଅଛନ୍ତି। ଯେଉଁଥିରୁ ଅନେକ ସକାରାତ୍ମକ ଫଳ ମିଳୁଥିବା ବେଳେ ଭବିଷ୍ୟତ ପାଇଁ ଏକ ବଡ଼ ସମ୍ଭାବନାର ଆଶା ଜାଗ୍ରତ ହେଉଛି। ଓଡ଼ିଶାର କେତୋଟି ଜିଲାରେ କିଶୋରୀ ବାଳିକାମାନଙ୍କର ଦଳଗତ ପ୍ରୟାସ ସେମାନଙ୍କର ସ୍ୱାସ୍ଥ୍ୟ ଓ ପୁଷ୍ଟି ସୁରକ୍ଷାକୁ ନିଶ୍ଚିତ କରୁଥିବା ସହିତ ଲିଙ୍ଗଗତ ବିଭେଦତାକୁ ମଧ୍ୟ କମ୍ କରିବାରେ ସହାୟକ ହେଉଛି।

ପରିବାରର ଆର୍ଥିକ ସ୍ୱଚ୍ଛଳତା ନ ଥିବାରୁ ଗଜପତି ଜିଲା ନୂଆଗଡ଼ ବ୍ଲକ୍ର ଆଲିସିଂହ ଗ୍ରାମର ପ୍ରିୟଙ୍କାର ପାଠପଢ଼ାକୁ ତା'ର ପରିବାର ଅଧାରୁ ବନ୍ଦ କରିଦେଇଥିଲେ। ପ୍ରିୟଙ୍କାର ପଢ଼ିବାକୁ ଇଚ୍ଛା ଥାଇ ମଧ୍ୟ ପରିସ୍ଥିତି ସାମ୍ନାରେ ହାର୍ ମାନି ତା'ର ପାଠ ପଢ଼ିବାର ସ୍ୱପ୍ନ ଅଧା ରହିଗଲା। କିନ୍ତୁ ଏହି ଭଙ୍ଗା ସ୍ୱପ୍ନକୁ ନେଇ ପ୍ରିୟଙ୍କା ଅଧିକ ଦିନ ଚୁପ୍ ରହିଲା ନାହିଁ। ଯେତେବେଳେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରେରଣାରେ ଗାଁର କିଶୋରୀମାନେ ନିଜ ଭିତରେ ଗୋଟେ ଦଳ ଗଠନ କରି ନିୟମିତ ବୈଠକ କଲେ, ପ୍ରିୟଙ୍କା ସେହି ଦଳର ସଦସ୍ୟ ହେଲା ଓ ନିଜ ଇଚ୍ଛା କଥା ଦଳରେ ପ୍ରକାଶ କରିବାକୁ ସାହସ ଜୁଟେଇ ପାରିଲା। ଦଳର ସାଥୀମାନଙ୍କ ସହାୟତାରେ ପ୍ରିୟଙ୍କା ନିଜ ଅମାନିଆ ପରିବାର ଲୋକଙ୍କୁ ବୁଝେଇବାରେ ସମର୍ଥ ହେଲା ଓ ପୁଣି ଥରେ ପାଠପଢ଼ା ଆରମ୍ଭ କଲା। ଯେଉଁ ପ୍ରିୟଙ୍କା ଅଧାରୁ ପାଠ ଛାଡ଼ିଥିବା ଯୋଗୁ ହୁଏତ କମ୍ ବୟସରେ ବାହା ହୋଇ ନିଜ ଜୀବନକୁ ବିପନ୍ନ କରିଥା'ନ୍ତା, ସେ ଆଜି ୟୁନିଫର୍ମ ପିନ୍ଧି ହାତରେ ବହି ଖାତା ଧରି ସ୍କୁଲ୍ ଯାଉଛି। ସେହିପରି ଆର.ଉଦୟଗିରି ବ୍ଲକ୍ ଶବରପଲ୍ଲୀ ପଞ୍ଚାୟତର ରାମପୁର ଗାଁର କିଶୋରୀ ବାଳିକାମାନେ ସଂପ୍ରତି ଏକ ନୂଆ ଇତିହାସ ତିଆରି କରିଛନ୍ତି। ସେମାନଙ୍କ ମଧ୍ୟରେ ଦୀର୍ଘ ଦିନରୁ ଥିବା ସ୍ୱପ୍ନ ଏବେ ସଫଳ ହୋଇଛି। ରାମପୁର ଗ୍ରାମର କିଶୋରୀ ଦଳର ସଭ୍ୟମାନେ ପ୍ରଥମ ଥର ପାଇଁ ନିଜ ଭିତରେ ଏକ କ୍ରିକେଟ ପ୍ରତିଯୋଗିତା କରିବାରେ ସଫଳ ହୋଇପାରିଛନ୍ତି। ଗାଁ ଗହଳିରେ ପୁରୁଷମାନଙ୍କର ଖେଳ ଭାବେ ପରିଗଣିତ ହେଉଥିବା କ୍ରିକେଟ୍ ଖେଳି ସେମାନେ ତାଙ୍କ ସମାଜରେ ଥିବା ଲିଙ୍ଗଗତ ବିଭେଦତାକୁ କମ୍ କରିବା ଦିଗରେ ଏକ ସଫଳ ପଦକ୍ଷେପ ନେଇଛନ୍ତି। ଝିଅମାନଙ୍କ ମଧ୍ୟରେ ଥିବା ଅଫୁରନ୍ତ ଉତ୍ସାହ, ସାହସ ଓ କିଶୋରୀ ଦଳର ବଳ ଯୋଗୁ ଏପରି ଏକ ଐତିହାସିକ ପଦକ୍ଷେପ ସମ୍ଭବ ହୋଇପାରିଲା। କେବଳ ଏତିକି ନୁହେଁ, ଅବାରସିଂହ ପଞ୍ଚାୟତର ପଦ୍ମପୁର ଗ୍ରାମର କିଶୋରୀମାନେ



ପୁଅମାନଙ୍କ ସହିତ ମିଶି କବାଡ଼ି ମଧ୍ୟ ଖେଳିବାର ଦେଖାଯାଉଛି। ତୃଣମୂଳସ୍ତରରେ ଲିଙ୍ଗଗତ ବିଭେଦତାକୁ ଦୂର କରିବାରେ ଏହିପରି ଛୋଟ ଛୋଟ ପଦକ୍ଷେପର ବହୁତ ଭୂମିକା ଅଛି। ରାୟଗଡ଼ ବ୍ଲକ୍ର ପୋଡ଼ାର, ଲୋବା, ଡମ୍ବଲ ଓ ଲକ୍ଷ୍ମୀପୁର ପଞ୍ଚାୟତର କିଶୋରୀମାନେ ଦଳବଦ୍ଧ ହୋଇ ସ୍ଥାନୀୟ ବନପାଳଙ୍କଠାରୁ ଚାରା ସଂଗ୍ରହ କରି ଗତ ସ୍ୱାଧୀନତା ଦିବସରେ ନିଜ ଗାଁର ଖାଲି ସ୍ଥାନମାନଙ୍କରେ ବୃକ୍ଷରୋପଣ କରିଛନ୍ତି। ଏହି ବ୍ଲକ୍ର ଏକ ଆଦିବାସୀବହୁଳ ଗ୍ରାମ ଗୋଟାସାହିର ଶିବାନୀ କାର୍ଜୀ, ଚିଲିକା କାର୍ଜୀ ଓ ଗାୟତ୍ରୀ କାର୍ଜୀ ଷଷ୍ଠ ଶ୍ରେଣୀରେ ସ୍କୁଲ୍ର ଡ୍ରପଆଉଟ୍ ହୋଇ ଘରେ ରହିଯାଇଥିଲେ। କିଶୋରୀ ଦଳ ଯୋଗୁ ସଂପ୍ରତି ସେମାନେ ପୁନର୍ବାର ସ୍କୁଲ୍କୁ ଫେରିଛନ୍ତି। ମୋହନା ବ୍ଲକ୍ର ମେରାପଲ୍ଲୀ ପଞ୍ଚାୟତର ପନ୍ଦର ବର୍ଷୀୟା ଅନିତା ମଲ୍ଲିକ କୁହନ୍ତି, କିଶୋରୀ ଦଳ ପାଇଁ ମୋ' ଭିତରେ ସାହସ ଓ ନେତୃତ୍ୱ ନେବାର ଦକ୍ଷତା ବଢ଼ିପାରିଛି। ପୂର୍ବରୁ ଆମ ଘରେ ମୋ' ପାଇଁ ବହୁତ ପ୍ରକାର ପ୍ରତିବନ୍ଧକ ଥିଲା। କିନ୍ତୁ ମୁଁ ସାହସ କରି ମୋ ପରିବାର ଲୋକମାନଙ୍କ ସହିତ କଥାବାର୍ତ୍ତା କରି ଏବେ ସେହି ସବୁ ପ୍ରତିବନ୍ଧକକୁ କମ୍ କରିବାରେ ସଫଳ ହୋଇପାରିଛି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ର ଆଙ୍କୁଲପଦର ଗ୍ରାମର କିଶୋରୀ ବାଳିକାମାନେ ଦଳ ବନ୍ଧ ହୋଇ ନିଜ ସ୍ୱାସ୍ଥ୍ୟ ଓ ପୁଷ୍ଟିର ସୁରକ୍ଷା ପାଇଁ ନିୟମିତ ଭାବେ ଅଙ୍ଗନୱାଡ଼ି ଓ ଆଶା ଦିଦିଙ୍କ ସହିତ ଆଲୋଚନା କରି ସରକାରୀ ସୁବିଧା ଯଥା ଲୌହ ବଟିକା, ଖୁସି ସାନିଟାରୀ ନାପ୍କିନ୍ ଆଦି ଠିକ୍ ଭାବେ ପାଇବାରେ ସକ୍ଷମ ହୋଇପାରିଛନ୍ତି। ବିଷମକଟକର ବରଡ଼ାଗୁଡ଼ା ଗ୍ରାମର ଷୋହଳ ବର୍ଷୀୟା ଗୀତା, ମୋହନାର ସତର ବର୍ଷୀୟା ମମତା ସଂଘର୍ଷ କରି ଓ କିଶୋରୀ ଦଳର ସହାୟତାରେ ନିଜର କମ୍ ବୟସରେ ବାହାଘରକୁ ବନ୍ଦ କରିପାରିଛନ୍ତି। କାଶିପୁର ରେଙ୍ଗା ପଞ୍ଚାୟତର ଡୁମେଲ୍ ଓ ଚମ୍ପାଯୋଡ଼ି ଗ୍ରାମର କିଶୋରୀ ଦଳ କମ୍ ବୟସରେ ବିବାହ ବନ୍ଦ କରିବା ପାଇଁ ଏକ ରାଲି କରି ସରପଞ୍ଚଙ୍କୁ ଜଣାଇଥିଲେ ଓ ସମଗ୍ର ପଞ୍ଚାୟତରେ କମ୍ ବୟସରେ ବିବାହ ବନ୍ଦ ପାଇଁ ସରପଞ୍ଚଙ୍କଠାରୁ ପ୍ରତିଶ୍ରୁତି ଆଦାୟ କରିଛନ୍ତି। ମୁନିଗୁଡ଼ା ବ୍ଲକ୍ର କିଶୋରୀମାନେ ପୁଷ୍ଟି ବଗିଚା କରି ନିଜର ଖାଦ୍ୟ ବିବିଧତା ବଢ଼ାଇବା ସହିତ ପରିବାରର ଖାଦ୍ୟ ବିବିଧତା ବଢ଼ାଇବାରେ ସକ୍ଷମ ହୋଇପାରିଛନ୍ତି। କିଶୋରୀମାନଙ୍କର ସଫଳତାର କାହାଣୀ କେବଳ ଏତିକି ଘଟଣାରେ ସୀମିତ ନାହିଁ। ଏହି ତାଲିକା ବହୁତ ଲମ୍ବା। ସାରା ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ କିଶୋରୀମାନେ ଦଳବଦ୍ଧ ହୋଇ ନିଜର ସ୍ୱାସ୍ଥ୍ୟ ଓ ପୁଷ୍ଟି ସୁରକ୍ଷା ପାଇଁ ପଦକ୍ଷେପ ନେବା ସହିତ କମ୍ ବୟସରେ ବିବାହ ବନ୍ଦ କରୁଛନ୍ତି, ଅଧାରୁ ପାଠ ଛାଡ଼ିଥିବା କିଶୋରୀମାନଙ୍କୁ ପୁନଶ୍ଚ ସ୍କୁଲ୍ ପ୍ରେରଣ କରୁଛନ୍ତି ଓ ଲିଙ୍ଗଗତ ବିଭେଦତା କମ୍ କରିବା ପାଇଁ ଚମତ୍କାର ପଦକ୍ଷେପମାନ ନେଉଛନ୍ତି।

ଅପପୁଷ୍ଟି ଚକ୍ରକୁ ଭାଙ୍ଗିବା ପାଇଁ କିଶୋରୀ ବୟସ ଏକ ଗୁରୁତ୍ୱପୂର୍ଣ୍ଣ ଅବସ୍ଥା। କିଶୋରୀ ଅବସ୍ଥାରେ ଠିକ୍ ଭାବେ ପଦକ୍ଷେପ ନିଆଗଲେ ଅପପୁଷ୍ଟିକୁ ପରାସ୍ତ କରିବା ସହଜ ହେବ। ସମାଜରେ ଲିଙ୍ଗଗତ ବିଭେଦତାକୁ କମ୍ କରିବାକୁ ହେଲେ ଆମକୁ କିଶୋରୀ ଅବସ୍ଥାରେ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ହେବ। ଏବେ ସମୟ ଆସିଛି, କିଶୋରୀମାନଙ୍କ ମଧ୍ୟରେ ଥିବା ପ୍ରଚଣ୍ଡ ସାମର୍ଥ୍ୟକୁ ସେମାନଙ୍କର ତଥା ସମାଜର ବିକାଶ ପାଇଁ କାମରେ ଲଗେଇବାକୁ ହେବ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

# ଗୀତାଭିନୟ ଯୁଗର ସ୍ରଷ୍ଟା



ବିମଳ ପ୍ରସନ୍ନ ଦାସ

ମଧ୍ୟଯୁଗୀୟ ସାହିତ୍ୟରେ ସଙ୍ଗୀତ ଏତେ ନିବିଡ଼ ଓ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଯେ ଗୋଟିଏ ଜଳର ଗଭୀରତା ହେଲେ ଅନ୍ୟଟି ତା'ର ନୀଳିମା। ସେ ଯୁଗର କବିମାନଙ୍କର କାବ୍ୟକୃତି ଏହାର ଯଥାର୍ଥତା ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ଏହାର ପ୍ରାଧାନ୍ୟକୁ ବଜ୍ରନିର୍ଘୋଷ ସ୍ୱରରେ ସ୍ୱୀକାର କରିଛି। ସଙ୍ଗୀତ ଏକ ନୈସର୍ଗିକ କଳା। ଏହା ଜୀବନର ସବୁ ସ୍ତରରେ ପରିବ୍ୟାପ୍ତ ଓ ଏହାର ସାର୍ବଜନୀନ ଆବେଦନ ଯୁଗେ ଯୁଗେ ରହି ଯାଇଛି। ସେଥିପାଇଁ ସଙ୍ଗୀତ ସାହିତ୍ୟ ଓ ରସ ଅନଭିଜ୍ଞଙ୍କ ସଂଖ୍ୟା ଏ ସଂସାରରେ ନିଶ୍ଚିତ ସ୍ୱଳ୍ପ। ଯେକୌଣସି ସାହିତ୍ୟରେ ପଦ୍ୟଠାରୁ ଗଦ୍ୟର ସୃଷ୍ଟି ଅର୍ବାଚୀନ। ଗଦ୍ୟ ଭାଷାର ମାଧ୍ୟମରେ ଆତ୍ମପ୍ରକାଶ କଲାବେଳେ, ସଙ୍ଗୀତ ଓ ପଦ୍ୟ ହୃଦୟର ଆବେଗମୟତାର ଆତ୍ମପ୍ରକାଶ। ହୃଦୟର ଗଭୀରତମ ପ୍ରଦେଶରୁ ଏହାର ସୃଷ୍ଟି ଓ ସେହିଠାରେ ଏହାର ବିଲୟ। ସାହିତ୍ୟ ବହୁ ପୂର୍ବରୁ ସଙ୍ଗୀତର ସୃଷ୍ଟି। ଓଁକାର ସୃଷ୍ଟିର ଆଦ୍ୟ ସଙ୍ଗୀତ, ନୀରବ, ନିସ୍ପନ୍ଦ ସୃଷ୍ଟି ଏହି ପ୍ରଥମ ଶବ୍ଦରେ ଶବ୍ଦାୟିତ ହୋଇଛି।

ଏହି ପରିପ୍ରେକ୍ଷୀରେ ଗଣକବି ବୈଷ୍ଣବ ପାଣିଙ୍କ କୃତି ଓ କୀର୍ତ୍ତି ବିଚାର୍ଯ୍ୟ, ବିଶେଷତଃ ତାଙ୍କ ରଚିତ ଗୀତିନାଟ୍ୟ, ଯାତ୍ରା, ନୃତ୍ୟ ସଙ୍ଗୀତର ଅନବଦ୍ୟ ସୃଷ୍ଟି ସମ୍ଭାର, ତାଙ୍କ ପ୍ରତିଭାର ଅଲିଭା ସ୍ୱାକ୍ଷର। ଓଡ଼ିଆ ଯାତ୍ରା– ସାହିତ୍ୟର କ୍ରମବିକାଶ ଦିଗରେ ଯେଉଁମାନେ ବତିଖୁଣ୍ଟ ପରି ଆମ ଜନଜୀବନକୁ ଆଲୋକିତ କରିଛନ୍ତି, ସେମାନଙ୍କ ମଧ୍ୟରେ ଗଣକବି ବୈଷ୍ଣବ ପାଣି ଅଗ୍ରଗଣ୍ୟ। କାରଣ ଗୋପାଳ ଦାଶ, ଜଗନ୍ନାଥ ପାଣି, ବାଳକୃଷ୍ଣ ମହାନ୍ତି, ରାମଚନ୍ଦ୍ର ସ୍ୱାଇଁ ଓ କୃଷ୍ଣପ୍ରସାଦ ବସୁ – ଏମାନଙ୍କ ତୁଳନାରେ ପାଣିକବିଙ୍କ ଗୀତିନାଟ୍ୟ ଓ ଯାତ୍ରା – ସାହିତ୍ୟ ଜନମାନସକୁ ଗଭୀର ଭାବେ ସ୍ପର୍ଶ କରିପାରିଛି। ପୌରାଣିକ କଥାବସ୍ତୁକୁ ଗ୍ରାମୀଣ ଭାଷାରେ ପରିବେଷଣ, ନିଜସ୍ୱ ଅନ୍ତର୍ଦୃଷ୍ଟି, ସମାଜ ଓ ଜୀବନ ପ୍ରତି ଶାଣିତ ଦୃଷ୍ଟିଭଙ୍ଗୀ, ଶ୍ରୁତିମଧୁର ଶବ୍ଦ ସମ୍ଭାର ଏବଂ ସର୍ବୋପରି ଆଶୁ କବିତ୍ୱର କାଉଁରି ସ୍ପର୍ଶ, ତାଙ୍କର ବୈଶିଷ୍ଟ୍ୟ ଓ ସଫଳ ସ୍ୱାକ୍ଷର। ଏସବୁ ବିରଳ ବିଭବର ସମାହାର ତାଙ୍କୁ ଜନ ମାନସରେ ମୁକୁଟବିହୀନ ସମ୍ରାଟ ଭାବରେ ଅଭିଷିକ୍ତ କରିଛି।

ଯାତ୍ରା ଆମ ନାଟ୍ୟ ସାହିତ୍ୟର ସୁପ୍ରାଚୀନ କଳା 'କାବ୍ୟେଷୁ ନାଟକମ୍ ରମ୍ୟଂ'। ପାଣି ସାହିତ୍ୟ ଏହି ଉକ୍ତିର ସାର୍ଥକ ପ୍ରତିଛବି। ପ୍ରାଚୀନ ଓଡ଼ିଶୀ ଯାତ୍ରାକୁ ଆଧୁନିକ କରିବାରେ ଆନ୍ଦୋଳନକାରୀ ହେଉଛନ୍ତି ବୈଷ୍ଣବ ପାଣି। ପାଶ୍ଚାତ୍ୟ ପ୍ରଭାବରେ ସେତେବେଳେ ଓଡ଼ିଆ ନାଟ୍ୟକଳା ବିଲୁପ୍ତପ୍ରାୟ, ସେତିକିବେଳେ ନିଜ ପ୍ରତିଭାର ଯାଦୁକରି ସ୍ପର୍ଶରେ ପୂର୍ଣ୍ଣ–ପ୍ରଚଳିତ ଭାବ, ଭାଷା ଓ ଶୈଳୀକୁ ମାର୍ଜିତ କରି ଯାତ୍ରା ସାହିତ୍ୟକୁ ପାଣି ନୂତନ ରୂପ ଓ ରଙ୍ଗ ଦେବାକୁ ସମର୍ଥ ହୋଇଥିଲେ। ସେଥିପାଇଁ ସେ ପ୍ରାଚୀନ ଓ ଆଧୁନିକ ନାଟ୍ୟ ଶୈଳୀର ସେତୁ ଭାବରେ ଅଭିନନ୍ଦିତ। ଗୁଣାତ୍ମକ ଦୃଷ୍ଟିରୁ ତାଙ୍କର ଗୀତିନାଟ୍ୟଗୁଡ଼ିକ ଅନବଦ୍ୟ ସୃଷ୍ଟି। ତାଙ୍କର ଅମର ଲେଖନୀରୁ ଜନ୍ମ ନେଇଛି 'ମେଘନାଦ ବଧ', 'ରଙ୍ଗସଭା', 'ନଳ ଦମୟନ୍ତୀ', 'ଧ୍ରୁବ ଚରିତ',



'ଦାନବୀର ହରିଶ୍ଚନ୍ଦ୍ର', 'ଦୁର୍ଯ୍ୟୋଧନ ଘୋଷଯାତ୍ରା', 'ଦକ୍ଷଯଜ୍ଞ', 'ଅଭିମନ୍ୟୁ ବଧ', 'ରାବଣ ବଧ', 'କୀଚକ ବଧ', 'ବ୍ରଜଲୀଳା', 'ସାକ୍ଷୀଗୋପାଳ', 'ଶୁକଦେବ ଜନ୍ମ', 'କପଟ ପାଶା', 'ଭକ୍ତ ସୁଦାମା', 'ବସନ୍ତ ରାସ', 'କଳା ପାହାଡ଼' ଇତ୍ୟାଦି। ଏହିସବୁ ସାରସ୍ୱତ ସୃଷ୍ଟି ଯାତ୍ରା ସାହିତ୍ୟକୁ ପ୍ରତିଷ୍ଠିତ କରିବା ସଙ୍ଗେ ସଙ୍ଗେ ନୂତନ ମୂଲ୍ୟବୋଧ ସୃଷ୍ଟି କଲା। ମୁକ୍ତ ରଙ୍ଗମଞ୍ଚରେ ସାମାନ୍ୟ ବାଦ୍ୟ ଯନ୍ତ୍ରକୁ ସମ୍ବଳ କରି ବିଶାଳ ଜନ–ଅରଣ୍ୟକୁ ଆକୃଷ୍ଟ କରିବାରେ ପାଣିଙ୍କର ଯାଦୁକରି ଶକ୍ତି ଥିଲା। ଦର୍ଶକ ମନର ରସ କଦମ୍ବରେ ଶିହରଣ ସୃଷ୍ଟି କରିପାରିଲା ଭଳି ସଂଳାପ ଓ ସଙ୍ଗୀତ ତାଙ୍କ ନୈସର୍ଗିକ କବି ପ୍ରତିଭାର ଉଜ୍ଜ୍ୱଳ ସ୍ୱାକ୍ଷର। ତାଙ୍କ ରଚିତ ଗୀତିନାଟ୍ୟଗୁଡ଼ିକ ଯେତିକି ରସପୂର୍ଣ୍ଣ, ସଙ୍ଗୀତମୟ ସଂସ୍କାର ଧର୍ମୀ, ସେତିକି ସାହିତ୍ୟ ସଙ୍ଗୀତ ଓ ସଂସ୍କୃତିର ମଞ୍ଜୁଳ ସମାହାର।

ବାଲ୍ୟ ଓ କୈଶୋର ଜୀବନ ଅକଥନୀୟ ଦାରିଦ୍ର୍ୟର ଦଂଶନରେ କ୍ଷତବିକ୍ଷତ। ସେଥିପାଇଁ ଷଷ୍ଠ ଶ୍ରେଣୀ ପରେ ତାଙ୍କ ଅଧ୍ୟୟନର ଉଦ୍‌ଯାପନ। କୋଠପଦା ମହନ୍ତ ମହାରାଜଙ୍କ ମଠରେ ମାତ୍ର ଏଗାର ଟଙ୍କା ମାସିକ ବେତନରେ ଫୁଲ ତୋଳାଳି, ଗାଇ ଜଗୁଆଳି ଏପରି କି ମାସିକ ମାତ୍ର ଅଢ଼େଇଟଙ୍କା ବେତନରେ ପୂଜାରୀ କାମ ତାଙ୍କୁ କରିବାକୁ ହୋଇଛି। ଜୀବନର ମଧ୍ୟାହ୍ନରେ 'ହର' ନାମ୍ନୀ ଏକ ବିବାହିତା ରଜକୀର ପ୍ରେମରେ ଆବଦ୍ଧ ହୋଇ ଜୀବନସାଥୀ ଭାବରେ ଗ୍ରହଣ କରିବାରୁ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରୁ ବିତାଡ଼ିତ ହେବାକୁ ପଡ଼ିଛି। ଯେଉଁ ଦାରୁଦେବତାଙ୍କ କୃପା ତାଙ୍କ ଜୀବନାଦର୍ଶ, ଶେଷରେ ଜୀବନର ଅନ୍ତିମ ପର୍ଯ୍ୟାୟରେ ବ୍ୟାଧିଗ୍ରସ୍ତ ହୋଇ ତାଙ୍କ ଅନୁତପ୍ତ ତଥା ଅଭିମାନୀ ହୃଦୟ 'ନୀଳାଚଳ ବିହାରୀ'ଙ୍କ ଉଦ୍ଦେଶ୍ୟରେ ଅଜସ୍ର ଭକ୍ତି ସଙ୍ଗୀତ ଦରଦୀ ଅର୍ଘ୍ୟ ସ୍ୱରୂପ ଅର୍ପଣ କରି ଯାଇଛନ୍ତି। ଶିଶୁପାଳ, କଂସ ଆଦି ତାଙ୍କୁ ବିରୋଧ କରି ମୋକ୍ଷ ଲାଭ କଲେ। ଅଥଚ କବି ତାଙ୍କୁ ଅତ୍ୟନ୍ତ ଆପଣାର ମନେକରି ଯେତେ ଭକ୍ତି କଲେ ମଧ୍ୟ ତାଙ୍କ ଆକୁଳ ନିବେଦନ ସେ ଘେନା କରି ନାହାନ୍ତି। ତେଣୁ ସେ ତାଙ୍କୁ ଥଟ୍ଟା କରି ଗାଇଛନ୍ତି :– ''ମିଛେ ନୀଳାଚଳ ନାଥ ବସିଅଛୁ ନୀଳାଚଳେ/ ପଣ୍ଡାର ରନ୍ଧା ଭାତ ଡାଲି ଗିଳିଣ ବଡ଼ ଦେଉଳେ''। କେବଳ ଏତିକିରେ ତାଙ୍କ ଯନ୍ତ୍ରଣା ଜର୍ଜରିତ ପ୍ରାଣ ସନ୍ତୁଷ୍ଟ ହୋଇନାହିଁ। ଅଭିମାନୀ, ବେଦନା ବିଧୁର କବି ପ୍ରାଣ ତାଙ୍କୁ ଆହୁରି ଭର୍ତ୍ସନା କରିଛି। ବିଦାୟୀ ଶରରେ ଅପୂର୍ବ ଶୋଭା ସମ୍ଭାର ଓ ସବୁଜିମାରେ ଜନ୍ମ ହୋଇ ପୂର୍ଣ୍ଣମୀ ଚନ୍ଦ୍ର ପରି ଓଡ଼ିଆ ସାହିତ୍ୟାକାଶକୁ ଜ୍ୟୋତ୍ସ୍ନାୟିତ କରି ୧୯୫୫ ବଇଶାଖୀ ଅମାବାସ୍ୟା ତିଥିରେ ସେ ଇହଲୀଳା ସମ୍ବରଣ କଲେ। ସତେ ଯେପରି ତାଙ୍କ ଆବିର୍ଭାବ ଓ ତିରୋଭାବ ଓଡ଼ିଶାର ସାରସ୍ୱତ ଗଗନରେ ଆଲୋକ ଓ ଅନ୍ଧକାରର ପ୍ରତୀକ। ସେହି କାଳଜୟୀ ପ୍ରତିଭାଙ୍କର ପବିତ୍ର ଜୟନ୍ତୀ ସପ୍ତାହ ପାଳନ ଅବସରରେ କବିବରଙ୍କ ଉକ୍ତିକୁ ଉଦ୍ଧାର କରି ତାଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ନିବେଦନ କରୁଛି।

**ମୋ:୯୪୩୮୧୮୬୨୨୬**

## ଏଇ ଭାରତରେ

ହଜିଯାଇଥିବା ପିଲାମାନଙ୍କୁ ଖୋଜିଆଣି ସେମାନଙ୍କ ପରିବାରକୁ ଦେଉଛନ୍ତି ଆଇଏଏସ୍ ଅଧିକାରୀ ହିମାଂଶୁ ନାଗପାଲ। ବାରାଣସୀରେ ହଜିଯାଇଥିବା ୭୩୦ ପିଲାଙ୍କୁ ଖୋଜିପାଇବାରେ ସେ ସକ୍ଷମ ହୋଇଛନ୍ତି। ହିମାଂଶୁଙ୍କ ଜନ୍ମ ହରିୟାଣାର ହିସାର ଜିଲାରେ। ୨୦୧୯ ବ୍ୟାଚ୍ ଆଇଏଏସ୍ ଅଧିକାରୀ ହିମାଂଶୁଙ୍କୁ ଗତବର୍ଷ ବାରାଣସୀରେ ଚିଫ୍ ଡେଭଲପମେଣ୍ଟ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା। ସେ ବିଭିନ୍ନ ସ୍ଥାନକୁ ଯିବା ସମୟରେ ପିଲାମାନେ ଭିକ ମାଗୁଥିବା ଦେଖିବାକୁ ପାଇଥିଲେ। ପିଲାମାନଙ୍କ ସହ କଥା ହେବା ପରେ ସେମାନେ ଏକ ଫ୍ଲାଏ ଓଭର ତଳେ ରହୁଥିବା ଜାଣିବାକୁ ପାଇଥିଲେ। ସେମାନଙ୍କ ବୟସ ୫ରୁ ୧୮ ବର୍ଷ ମଧ୍ୟରେ। ମା'ବାପଙ୍କ ସହ ବାରାଣସୀ ଆସି ହଜିଯିବା ପରେ ସେମାନେ ଏହି ବୃତ୍ତିରେ ବଞ୍ଚୁଥିବା କହିଥିଲେ। ଏହା ଜାଣିବା ପରେ ହିମାଂଶୁ ପିଲାମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ହାସଲ କରି ସେମାନଙ୍କ ପରିବାର ନିକଟରେ ପହଞ୍ଚାଇ ଦେଉଛନ୍ତି। ଏହି କାର୍ଯ୍ୟ ଲାଗି ସେ ୧୨ଟି ଟିମ୍ ଗଠନ କରିଛନ୍ତି, ଯେଉଁଥିରେ ରହିଛନ୍ତି ୬୦ ଜଣ ଅଧିକାରୀ। ଯେଉଁ ପିଲାମାନଙ୍କ ଠିକଣା ମିଳୁନାହିଁ ସେମାନଙ୍କୁ ସ୍ଥାନୀୟ ପ୍ରାଥମିକ ସ୍କୁଲରେ ନାମ ଲେଖାଇ ପଢ଼ିବାର ସୁଯୋଗ ଦେଉଛନ୍ତି ଓ ସେମାନଙ୍କ ଖର୍ଚ୍ଚ ମଧ୍ୟ ବହନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୮ ଅକ୍ଟୋବର ୧୯୯୮**

- ବ୍ରହ୍ମପୁତ୍ର ନଦୀ ପାର ବେଳେ ଶୁକ୍ଳେଶ୍ୱର ଘାଟ ନିକଟରେ ୨ ନୌକା ଧକ୍କା ଲାଗି ବୁଡ଼ିଯିବାରୁ ଅନ୍ୟୂନ ୬୦ ଜଣଙ୍କ ମୃତ୍ୟୁ।
- ଶ୍ରୀଲଙ୍କାର ଉତ୍ତର ଓ ପୂର୍ବାଞ୍ଚଳ ଇଲାକାରେ ସରକାରୀ ସୈନ୍ୟ ଓ ବିଦ୍ରୋହୀ ଏଲ୍ଟିଟିଇ ଗେରିଲାଙ୍କ ମଧ୍ୟରେ ସଂଘର୍ଷ ଘଟି ଜଣେ ପୋଲିସ କର୍ମଚାରୀ ଏବଂ ୧୯ ଜଣ ବିଦ୍ରୋହୀ ଉଗ୍ରବାଦୀ ନିହତ।
- ଜର୍ମାନର ନୂତନ ଚାନସେଲର ରୂପେ ଗେରହର୍ଷ ସେରୋଜଙ୍କ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ।

## ଚିରନ୍ତନୀ

ମୁକତି ବନ୍ଧନ ଦୁଃଖ ସୁଖ ଯେତେ ହାୟ
ଆସେ ଯାଏ ନିତି ସେ ଯେ ଦିବା ରାତ୍ରି ପ୍ରାୟ
ସମୟର ସ୍ରୋତ ସମ
ଜୀବନର ଶିଖା ମମ
ସବୁରି ଉପରେ ଜାଳି ତଡିବ ଅନ୍ୟାୟ
ଆରମ୍ଭିବି ଜୀବନର ନବୀନ ଅଧ୍ୟାୟ।
–(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | 7 | 5 | | |
| | 2 | | | 6 | 4 | | | |
| 1 | | | 5 | | | | | |
| | 4 | | | 8 | | | 6 | 7 |
| | | | | 9 | | 1 | | |
| | | 9 | | | | | 5 | 3 |
| | | | | | | 2 | 4 | 5 |
| 4 | | | | | | 7 | | |
| 8 | 7 | | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 5 | 3 | 4 | 6 | 9 | 8 | 2 |
| 8 | 4 | 6 | 1 | 9 | 2 | 3 | 7 | 5 |
| 2 | 9 | 3 | 8 | 7 | 5 | 4 | 6 | 1 |
| 9 | 6 | 2 | 4 | 5 | 8 | 1 | 3 | 7 |
| 7 | 5 | 8 | 6 | 3 | 1 | 2 | 4 | 9 |
| 4 | 3 | 1 | 9 | 2 | 7 | 8 | 5 | 6 |
| 6 | 2 | 9 | 5 | 8 | 3 | 7 | 1 | 4 |
| 3 | 1 | 7 | 2 | 6 | 4 | 5 | 9 | 8 |
| 5 | 8 | 4 | 7 | 1 | 9 | 6 | 2 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସେବାୟତ ସଚେତନ ହୁଅନ୍ତୁ

ମହାଶୟ,

ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରତ୍ନସିଂହାସନ ସମ୍ମୁଖରେ ଜଣେ ସେବାୟତ ଓ ଅନ୍ୟଜଣେ ଅଣସେବାୟତଙ୍କ ମଧ୍ୟରେ ପୂଜାନୀତିକୁ ନେଇ ଗଣ୍ଡଗୋଳ ଏବଂ ମାରପିଟ ହୋଇ ଗର୍ଭଗୃହରେ ରକ୍ତଛିଟା ପଡ଼ିବା ଏକ ଦୁର୍ଭାଗ୍ୟଜନକ ଘଟଣା। ଯେଉଁଥିପାଇଁ ମହାପ୍ରଭୁଙ୍କ ମହାସ୍ନାନ ସମ୍ପନ୍ନ ସହ ବଡ଼ ଦେଉଳର ଶୁଦ୍ଧୀକରଣ ଜନିତ ସମସ୍ତ ନୀତିକାନ୍ତି ପୂଜାର୍ଚ୍ଚନାରେ ବିଳମ୍ବ ଘଟୁଛି। ଫଳରେ ଦୂରଦୂରାନ୍ତରୁ ଆସିଥିବା ଭକ୍ତ ଦର୍ଶନାର୍ଥୀମାନେ ଘଣ୍ଟା ଘଣ୍ଟା ଧରି ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରି ବେଳେ ମଧ୍ୟ ଭକ୍ତମାନଙ୍କୁ ଅଶାଳୀନ ବ୍ୟବହାର ସହ ମାରପିଟ କରିବାର ଅଭିଯୋଗ ଆସୁଥିବା ସତ୍ତ୍ୱେ ସରକାରଙ୍କ କୌଣସି ପ୍ରତିକ୍ରିୟା ଦେଖାଯାଉନାହିଁ। ଏ ପ୍ରକାର ବିଶୃଙ୍ଖଳିତ ଆଚରଣ ସେବାୟତମାନଙ୍କ ମଧ୍ୟରେ ରହିବା ଅନୁଚିତ। ବଡ଼ଦେଉଳର ପରମ୍ପରା ଆଧ୍ୟାତ୍ମିକ ମାନ୍ୟତା ଓ ପବିତ୍ରତାକୁ ଗୁରୁତ୍ୱ ଦେବା ସହିତ ମହାପ୍ରଭୁଙ୍କ ସେବା ପ୍ରଦାନରେ ଭକ୍ତି ଭାବାବେଗର ଉତ୍ସର୍ଗୀକୃତ ମନୋଭାବ ଏବଂ କର୍ତ୍ତବ୍ୟ ପରାୟଣତା ରଖିବାରେ ସେମାନେ ସଚେତନ ରହିବା ନିତାନ୍ତ ଆବଶ୍ୟକ।

**–ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଡିଗ୍ରୀ କଲେଜ ପାଇଁ ହେବ ଏକକ ୱେବ୍ ପୋର୍ଟାଲ**

ଭୁବନେଶ୍ୱର,୨୭।୧୦(ଅସମାପିକା ସାହୁ): ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ରାଜ୍ୟର ସମସ୍ତ ଡିଗ୍ରୀ କଲେଜ ପାଇଁ ଏକକ ବା ସମନ୍ୱିତ ୱେବ୍ ପୋର୍ଟାଲ ବିକଶିତ ହେବ। ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମସ୍ତ ଡିଗ୍ରୀ କଲେଜ ପାଇଁ ସମନ୍ୱିତ ୱେବ୍ ପୋର୍ଟାଲ ପ୍ରସ୍ତାବ ଉପରେ ସମ୍ମତି ପ୍ରକାଶ ପାଇଛି। ଏଥିସହ ଏକ ଏକାଡେମିକ୍ କୋଶ୍ଚିନ ବ୍ୟାଙ୍କ ପ୍ରସ୍ତୁତ କରିବାକୁ ମଧ୍ୟ ଯୋଜନା ପ୍ରସ୍ତୁତ ହୋଇଛି। ପ୍ରସ୍ତାବିତ ଏକକ ୱେବ୍ ପୋର୍ଟାଲ ଏବଂ ଏକାଡେମିକ କୋଶ୍ଚିନ ବ୍ୟାଙ୍କର ସୁବିଧା ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନା ପ୍ରସ୍ତୁତ କରିବା ପାଇଁ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ନ୍ୟାଶନାଲ ଇନ୍‌ଫରମେଟିକ୍ସ ସେଣ୍ଟରର ଜେନେରାଲ ମ୍ୟାନେଜରଙ୍କୁ ପତ୍ର ଲେଖାଯାଇଛି। ପ୍ରୋଜେକ୍ଟ ସ୍କୋପ୍, ଉଦ୍ଦେଶ୍ୟ, ଟାଇମ୍ ଲାଇନ୍ ଏବଂ ବଜେଟ୍ ଆଦି ସମ୍ପର୍କରେ ଏକ ବିସ୍ତୃତ ସଂଶୋଧିତ ପ୍ରସ୍ତାବ ବିଭାଗକୁ ପଠାଇବାକୁ କୁହାଯାଇଛି।

# ପାଇକ ମାଟିରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି



ଖୋର୍ଦ୍ଧାଠାରେ ଆୟୋଜିତ କଂଗ୍ରେସର ପରିବର୍ତ୍ତନ ସମାବେଶରେ ଉପସ୍ଥିତ ନେତୃବୃନ୍ଦ।

## ଖୋର୍ଦ୍ଧାରେ କଂଗ୍ରେସର ପରିବର୍ତ୍ତନ ସମାବେଶ

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ),୨୭।୧୦

ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ହାବେଳି ପଡ଼ିଆରେ ପରିବର୍ତ୍ତନ ସମାବେଶ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ ଓଡ଼ିଶା ପ୍ରଭାରୀ ତଥା ଏମ୍‌ପି ଚେଲ୍ଲା କୁମାର ଯୋଗ ଦେଇ ଉପସ୍ଥିତ କର୍ମୀଙ୍କୁ ଖୋର୍ଦ୍ଧାର ଅତୀତ, ବର୍ତ୍ତମାନ ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବିକାଶମୂଳକ ଯୋଜନାର ପ୍ରଶଂସା କରିଥିଲେ। ପାଇକ ମାଟିରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ନିଶା କାରବାର ବଢ଼ିବାରେ ଲାଗିଛି। ୨୩ ବର୍ଷ ଶାସନରେ ନବୀନ ସରକାରରେ ଦୁର୍ନୀତି, ଭ୍ରଷ୍ଟାଚାର ବଢ଼ିଛି। ସରକାରୀ ଜମି ଜବରଦଖଲ ପଛରେ ଶାସକ ଦଳ ଗୁଣ୍ଡାଙ୍କ ସମ୍ପୃକ୍ତି ରହୁଛି। ଦୁର୍ନୀତିଖୋର ଅଧିକାରୀଙ୍କ ପ୍ରୋତ୍ସାହନରେ ଜିଲାରେ ଲଘୁ ଖଣିଜ ସମ୍ପଦ ରୀତିମତ ଲୁଟ୍ ଚାଲିଛି। ଓଡ଼ିଶାକୁ କିଏ ଶାସନ କରୁଛି ତାହା ଜଣାପଡୁ ନାହିଁ। କେନ୍ଦ୍ର ସରକାର ବର୍ଷକୁ ୨କୋଟି ଏବଂ ନବୀନ ବର୍ଷକୁ ୨ଲକ୍ଷ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ରାଜ୍ୟରେ ବେକାରି ସମସ୍ୟା ବଢ଼ି ଚାଲିଛି। ଓଡ଼ିଆ ପୁଅ ଚାକିରି ଖଣ୍ଡେ ନ ପାଇ ବାହାର ରାଜ୍ୟରେ ଦାଦନ ଖଟୁଛି। ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି। ଏପଟେ ସ୍କୁଲ ରୂପାନ୍ତର ଚାଲିଛି। ମେଡିକାଲରେ ଆବଶ୍ୟକ ଡାକ୍ତର ପଦବୀ ଖାଲି ପଡ଼ିଛି। ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟସେବା ଦୟନୀୟ ସ୍ଥିତି ଦେଇ ଗତି କରୁଛି। ଶୀତଳ ଭଣ୍ଡାର ନାହିଁ। ଉତ୍ପାଦିତ ଶସ୍ୟ ସଂରକ୍ଷଣ ଅଭାବରୁ ଚାଷୀ ହଇରାଣ ହେଉଛନ୍ତି। କାଳିଆ ଯୋଜନାରେ ୧୨ହଜାର ଟଙ୍କା ପ୍ରତିଶ୍ରୁତି ଦେଇ ୪ହଜାର ଟଙ୍କା ଦେଲେ। ୨୦୨୪ରେ ରାହୁଲ ଦେଶରେ ପ୍ରଧାନମନ୍ତ୍ରୀ ହେଲେ ଦେଇଥିବା ସମସ୍ତ ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯିବ ବୋଲି ଚେଲ୍ଲା କୁମାର କହିଥିଲେ। ପିସିସି ସଭାପତି ଶରତ ପଟ୍ଟନାୟକ କହିଲେ ଯେ, ଖୋର୍ଦ୍ଧା ବୀର ମାଟି। ପାଇକ ସଂଗ୍ରାମଠାରୁ ଆଜି ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଛି। କେନ୍ଦ୍ର ଓ ରାଜ୍ୟ ମିଥ୍ୟା ପ୍ରତିଶ୍ରୁତି ପ୍ରଲୋଭନ ଦେଖାଇ ସରକାରକୁ ଆସିବା ପରେ ଲୋକଙ୍କୁ ଉପେକ୍ଷା କରୁଛନ୍ତି। ରାଜ୍ୟରେ ମହିଳା ସୁରକ୍ଷିତ ନୁହେଁ, ଶିଶୁ ନିର୍ଯାତନା, ନିଖୋଜ ଘଟଣା, ଚାଷୀ ଆତ୍ମହତ୍ୟା ବଢ଼ି ଚାଲିଛି। ୩୫ପ୍ରତିଶତ ଚାଷ ଜମିକୁ ଜଳସେଚନ ଦେଇପାରୁନାହାନ୍ତି। ଓଡ଼ିଶା କଳକାରଖାନ ବନ୍ଦ। ରାଜ୍ୟରେ ଅଫିସର ରାଜ ଚାଲିଛି। ପ୍ରଶାସନ ଅଧିକାରୀ ମାନେ ଶାସକ ଦଳର ହାତବାରିସି ସାଜିଛନ୍ତି। ସୁଧାରି ଯାଆନ୍ତୁ, ନଚେତ୍ କଂଗ୍ରେସ ସରକାର ଆସିଲେ, କାହାରିକୁ ଛଡ଼ାଯିବ ନାହିଁ। ପରିବର୍ତ୍ତନ ସମାବେଶରେ କଂଗ୍ରେସ କର୍ମୀଙ୍କୁ ନୂତନ ସୂର୍ଯ୍ୟୋଦୟ ଆହ୍ୱାନ ଦେଇ ୨୦୨୪ରେ ୯ ଆସନରୁ ୯୦ ଆସନରେ କଂଗ୍ରେସ ବିଜୟ ଲାଭ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ପୂର୍ବତନ ମୁଖ୍ୟ ପ୍ରଶାସକ ତଥା ରାଜ୍ୟ କ୍ୟାମ୍ପେନ ମୁଖ୍ୟ ବିଜୟ ପଟ୍ଟନାୟକ କହିଲେ ଯେ, ଲୋକେ ଚାହୁଁଛନ୍ତି ପରିବର୍ତ୍ତନ। ୨୩ ବର୍ଷର ନିରବଚ୍ଛିନ୍ନ ଶାସନରେ ନବୀନ ବାବୁ ଓଡ଼ିଶାବାସୀଙ୍କୁ କ'ଣ ଦେଇଛନ୍ତି ପ୍ରଶ୍ନ ପଚାରିବାର ସମୟ ଆସିଛି। ତାମିଲନାଡୁରେ ୩୫ହଜାର ଶିଳ୍ପାନୁଷ୍ଠାନ ଥିବାବେଳେ ଓଡ଼ିଶାରେ ମାତ୍ର ୩ହଜାର ଅଛି। କଂଗ୍ରେସ ଅମଳରେ ଗଢି ଉଠିଥିବା ଶିଳ୍ପାନୁଷ୍ଠାନ ବନ୍ଦ ହୋଇପଡ଼ିଛି। ଫଳରେ ଓଡ଼ିଆ ପୁଅଙ୍କୁ ଚାକିରି ନାହିଁ। ୩୦ଲକ୍ଷ ଓଡ଼ିଆ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି ବୋଲି ବିଜୟ କହିଥିଲେ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଲେ ଯେ, ୨୩ବର୍ଷ ହେଲା ଓଡ଼ିଶା ମାଟି ନିର୍ଯାତିତ, ଜର୍ଜରିତ ହୋଇ ରହିଛି। ରାଜ୍ୟରେ ଅଣଓଡ଼ିଆଙ୍କ ଶାସନ ଚାଲିଛି। ଖଣି, ପାଣି, ଜମି ସବୁ ହରିଲୁଟ ଚାଲିଛି। ଆଗାମୀ ଦିନରେ ଜନତା ଏହାର ଉଚିତ ଜବାବ ଦେବେ ବୋଲି ଜେନା କହିଥିଲେ। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓଡ଼ିଆ ଜାତି ସ୍ୱାଭିମାନୀ ବୋଲି କହିଥିଲେ। ଏ ମାଟି ବୀରତ୍ୱର ମାଟି। ଟଙ୍କା ବଳରେ ବିକ୍ରି ନ ହୋଇ ବୁଦ୍ଧିବିବେକ ଅନୁସାରେ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଯୋଗ ଦେଇ ରାହୁଲଙ୍କ ଭାରତ ଯୋଡ଼ ଜନ ଆନ୍ଦୋଳନରେ ପରିଣତ ହୋଇଛି ବୋଲି କହିଥିଲେ। ଶ୍ରୀକ୍ଷେତ୍ର ମାଟିରେ ମହାପ୍ରଭୁଙ୍କ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଏବଂ ରତ୍ନଭଣ୍ଡାର ଗଣତି ପାଇଁ କଂଗ୍ରେସ ଦୃଢ଼ ଦାବି କରିଛି। ଆଗକୁ ଲଢ଼େଇ ଜୋରଦାର ହେବ ବୋଲି ପ୍ରସାଦ କହିଥିଲେ। ଜଟଣୀ ବିଧାୟକ ତଥା ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ଜୟପୁର ବିଧାୟକ ତାରା ବାହିନୀପତି, ରାଜ୍ୟ ଯୁବକଂଗ୍ରେସ ସଭାପତି ନାସିର ଅହମ୍ମଦ, ମହିଳା ନେତ୍ରୀ ବନ୍ଦିତା ପରିଡା, ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ, ଅମିତ ମହାନ୍ତି, ଯୁବନେତା ସିଦ୍ଧାର୍ଥ ରାଉତରାୟ, ସ୍ୱାଗତିକା ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପ୍ରାରମ୍ଭରେ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପରେ ସେଠାରୁ ଏକ ବିଶାଳ ଶୋଭାଯାତ୍ରାରେ ୫ଟି ନିର୍ବାଚନମଣ୍ଡଳୀର ୧୦ହଜାରରୁ ଊର୍ଦ୍ଧ୍ୱ କର୍ମୀ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ।

# ଆରମ୍ଭ ହେଲା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା

## ରାଜ୍ୟରେ ବଢ଼ିଛି ମହିଳା ଭୋଟର ସଂଖ୍ୟା

ଭୁବନେଶ୍ୱର,୨୭।୧୦(ଅସମାପିକା ସାହୁ)

୨୦୨୪ ସାଧାରଣ ନିର୍ବାଚନ ଲାଗି ଭୋଟର ତାଲିକା ସଂଶୋଧନ ପାଇଁ ଶୁକ୍ରବାରଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଖବରଦାତା ସମ୍ମିଳନୀ ଜରିଆରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ଆଜିଠୁ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏନେଇ ୨୦୨୩ ଡିସେମ୍ବର ୯ ପର୍ଯ୍ୟନ୍ତ ଭୋଟରମାନେ ଆବେଦନ କରିପାରିବେ। ୨୦୨୪ ଜାନୁୟାରୀ ପହିଲା ସୁଦ୍ଧା ଯେଉଁମାନଙ୍କ ବୟସ ୧୮ ବର୍ଷ ଛୁଇଁଥିବ ସେମାନଙ୍କ ନାମ ଭୋଟର ତାଲିକାରେ ରହିପାରିବ। ଏ ସମ୍ବନ୍ଧରେ ସବୁ ଜିଲାପାଳ, ଉପଜିଲାପାଳ, ବ୍ଲକ, ତହସିଲ ଏବଂ ବୁଥ୍‌ସ୍ତରୀୟ କାର୍ଯ୍ୟାଳୟକୁ ବିଜ୍ଞପ୍ତି ଜାରି କରାଯାଇଛି। ୨୦୨୩ ଜାନୁୟାରୀ ୫ରେ ପ୍ରକାଶ ପାଇଥିବା ଭୋଟର ତାଲିକା ଅନୁଯାୟୀ ରାଜ୍ୟରେ ମୋଟ୍ ୩୭,୬୦୬ ବୁଥ୍ ସଂଖ୍ୟା ରହିଥିଲା। ଜିଲାପାଳମାନଙ୍କ ପ୍ରସ୍ତାବ ଅନୁଯାୟୀ ବୁଥ୍ ସଂଖ୍ୟା ବଢ଼ି ୩୭,୮୦୯ରେ ପହଞ୍ଚିଛି। ସେହିଭଳି ମହିଳା ଭୋଟରଙ୍କ ହାର ସର୍ବାଧିକ ବଢ଼ିଛି। ରାଜ୍ୟରେ ପୁରୁଷ ଓ ମହିଳା ଭୋଟରଙ୍କ ହାର ବଢ଼ି ହଜାରେ ପୁରୁଷରେ ମହିଳା ଭୋଟରଙ୍କ ସଂଖ୍ୟା ୯୬୧ରୁ ବଢ଼ି ୯୬୩ରେ ପହଞ୍ଚିଛି।

# ପଦ୍ମକେଶରୀପୁରରେ ପୁଣି ଗୋଷ୍ଠୀ ସଂଘର୍ଷ



## ଉଭୟ ପକ୍ଷରୁ ୮ରୁ ଊର୍ଦ୍ଧ୍ୱ ଆହତ

▪ ପୁରୁଷ ଶୂନ୍ୟ ୨ ସାହି ▪ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ

ଭୁବନେଶ୍ୱର,୨୭।୧୦(ସତ୍ୟଜିତ୍ ରାଉତ)

ରାଜଧାନୀ ଉପକଣ୍ଠ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗ ଗ୍ରାମପଞ୍ଚାୟତ ପଦ୍ମକେଶରୀପୁରରେ ପୁଣି ଗୋଷ୍ଠୀ ସଂଘର୍ଷ ଘଟିଛି। ପଞ୍ଚାୟତ ନିର୍ବାଚନ ସମୟରୁ ଗାଁରେ ଲାଗି ରହିଥିବା ଗଣ୍ଡଗୋଳ ପୁଣି ଉଗ୍ରରୂପ ନେଇଛି। ଗୁରୁବାର ବିଳମ୍ବିତ ରାତି ପ୍ରାୟ ୧ଟା ୩୦ରେ ମଝି ସାହି ଓ ୩ ନମ୍ବର ସାହି (ତଳ ସାହି) ବାସିନ୍ଦା ମୁହାଁମୁହିଁ ହେବା ସହ ପରସ୍ପରକୁ ଢେଲା ପଥର ଓ କାଚ ବୋତଲ ମାଡ଼ କରିଛନ୍ତି। ଏହି ଘଟଣାରେ ଉଭୟ ଗୋଷ୍ଠୀର ୮ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏହାକୁ ନେଇ ଗାଁରେ ଉତ୍ତେଜନା ଲାଗି ରହିଥିବାବେଳେ କମିଶନରେଟ୍ ପୋଲିସ ପକ୍ଷରୁ ଶୁକ୍ରବାର ସକାଳଠାରୁ ଦୁଇ ସାହିରେ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଗିରଫ ଭୟରେ ଦୁଇ ସାହି ପୁରୁଷଶୂନ୍ୟ ହୋଇପଡିଛି।

ପଞ୍ଚାୟତ ନିର୍ବାଚନରୁ ଦୁଇ ସାହି ବାସିନ୍ଦା ବାରମ୍ବାର ଏଭଳି ମୁହାଁମୁହିଁ ହେଉଛନ୍ତି। ଗତ ସେପ୍ଟେମ୍ବର ୧ରେ ଦୁଇସାହି ବାସିନ୍ଦାଙ୍କ ମଧ୍ୟରେ ବଡ଼ ଧରଣର ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଢେଲା ପଥର, କାଚ ବୋତଲ, ମାରଣାସ୍ତ୍ରରେ ପରସ୍ପରକୁ ଆକ୍ରମଣ କରିବାରୁ ଉଭୟ ପକ୍ଷରୁ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଉକ୍ତ ଘଟଣାରେ ପୋଲିସ ୨ଟି ମାମଲା ରୁଜୁ କରି ଉଭୟ ପକ୍ଷର ୧୬ ଜଣଙ୍କୁ ଗିରଫ କରି ଜେଲ ପଠାଇଥିଲା। ଏହାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହୁଥିବାବେଳେ ଗିରଫ ଅଭିଯୁକ୍ତମାନେ ଜାମିନରେ ମୁକୁଳି ଗାଁକୁ ଫେରିବା ପରେ ପୁଣି ସଂଘର୍ଷର ସୂତ୍ରପାତ ହେଉଛି। ଜୋନ୍-୫ ଏସିପି ଗୌତମ କିଶାନ କହିଛନ୍ତି, ଗୁରୁବାରର ଗଣ୍ଡଗୋଳ ଘଟଣାକୁ କେନ୍ଦ୍ର କରି ଉଭୟ ପକ୍ଷର ଏତଲାକ୍ରମେ ମଞ୍ଚେଶ୍ୱର ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ସେ କହିଛନ୍ତି।

ସୂଚନା ଅନୁଯାୟୀ, ପଦ୍ମକେଶରୀପୁର ଗାଁ ମଝିରେ ଥିବା ପିଣ୍ଡିରେ ମଝି ସାହିର କେତେଜଣ ଲୋକ ଗୁରୁବାର ବିଳମ୍ବିତ ରାତିରେ ଖଟି କରୁଥିଲେ। ସେହି ସମୟରେ ତଳ ସାହିର ଜଣେ ବ୍ୟକ୍ତି ଉକ୍ତ ରାସ୍ତା ଦେଇ ଯାଉଥିଲେ। ମଝି ସାହିର ଲୋକମାନେ ତାଙ୍କୁ କମେଣ୍ଟ୍ କରିଥିଲେ। ପ୍ରତିବାଦ କରିବାରୁ ସେଠାରେ ତାଙ୍କୁ ମଝି ସାହିର ଲୋକମାନେ ମାଡ଼ ମାରିଥିଲେ। ଆକ୍ରମଣର ଶିକାର ହୋଇଥିବା ତଳ ସାହିର ଉକ୍ତ ବ୍ୟକ୍ତି ଜଣକ ନିଜ ସାହି ବାସିନ୍ଦାଙ୍କୁ ଏ ବିଷୟରେ କହିବା ପରେ ପରିସ୍ଥିତି ବିଗିଡ଼ି ଯାଇଥିଲା। ଉଭୟ ସାହି ବାସିନ୍ଦା ଅନ୍ଧାର ରାତିରେ ମୁହାଁମୁହିଁ ହୋଇଥିଲେ। ପରସ୍ପରକୁ ପଥର ଓ କାଚ ବୋତଲ ମାଡ଼ କରିଥିଲେ। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ଗାଁ ଛାଡ଼ି ଫେରାର ହୋଇଯିବାରୁ ତାଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି।





5% CASHBACK* SBI card
*Min. Trxn.: ₹25,000; Max. Cashback: ₹2,500 per card account.
Validity: 28 Oct - 11 Nov 2023. T&C Apply.

ଆମର ଅନନ୍ୟ କଲେକଶନ୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ଏବେ ଏଥିରେ ମଧ୍ୟ ଉପଲବ୍ଧ www.reliancejewels.com
ଆମକୁ ଅନୁସରଣ କରନ୍ତୁ:

ଅନଗୁଳ: ଫୋନ୍: 8249389498/06764-231280 | ବାଲାଙ୍ଗୀର: ଫୋନ୍: 7008120335
ଭୁବନେଶ୍ୱର: ଜନପଥ, ଫୋନ୍: 7008218533/9835924332/7894455782/9861207889/0674-2570035/64
ବରଗଡ଼: ଫୋନ୍: 7991081172/8249056295 | ବ୍ରହ୍ମପୁର (ଓଡିଶା): ଫୋନ୍: 7008995399, 0680-2250017/18
ଭଦ୍ରକ: ଫୋନ୍: 9078000357/7377280211/8249081489 | ଢେଙ୍କାନାଳ: ଫୋନ୍: 9348432641
ଯାଜପୁର: ଫୋନ୍: 9078084953 | ଝାରସୁଗୁଡ଼ା: ଫୋନ୍: 6645291740/9861925764/8926977419
ରାଉରକେଲା: ଫୋନ୍: 8456006992/9583420586 | ସମ୍ବଲପୁର: ଫୋନ୍: 6372909946
କେନ୍ଦୁଝର: ଫୋନ୍: 7008752980 | କଟକ: ଫୋନ୍: 7682848136/0671-2520011

## ଦାଦା ବଟି ମାଗି ଜଣେ ଗିରଫ

ଚଣ୍ଡିଖୋଲ,(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ଥାନା ରଧାଦେଇପୁର ଗ୍ରାମର ଶଶିକାନ୍ତ ପରିଡ଼ାଙ୍କୁ ଦାଦାବଟି ମାଗି ଜଣେ ଯୁବକ ଗିରଫ ହୋଇଛନ୍ତି। ପୋଲିସ ତାଙ୍କୁ କୋର୍ଟଚାଲାଣ କରିଛି। ବଡ଼ଚଣା ଛକ ନିକଟରେ ପ୍ରତିଦିନ ଭଳି ଶଶିକାନ୍ତ ଗତ ଗୁରୁବାର ଏକ ଠେଲାରେ ବ୍ୟବସାୟ କରୁଥିଲେ। ଏହି ସମୟରେ ବଡ଼ଚଣା ଗ୍ରାମର ସୁଶାନ୍ତ ଧଳ ପହଞ୍ଚି ତାଙ୍କୁ ୫ ହଜାର ଟଙ୍କା ଚାନ୍ଦା ମାଗିଥିଲେ। ସେ ଟଙ୍କା ନ ଦେବାରୁ ତାଙ୍କ ନିକଟରୁ ଜୋର୍ ଜବରଦସ୍ତ ଟଙ୍କା ଆଦାୟ କରିଥିଲେ। ଏନେଇ ଶଶିକାନ୍ତ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକ୍ରମେ ପୋଲିସ ସୁଶାନ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୩ହଜାର ଟଙ୍କା ଜବତ କରିଥିଲା। ଜବତ ଟଙ୍କା ଶଶିକାନ୍ତଙ୍କୁ ପ୍ରଦାନ କରାଯାଇଥିବା ଏସ୍ଆଇ ସୁବାସ ଚନ୍ଦ୍ର ମୁଦୁଲି ସୂଚନା ଦେଇଛନ୍ତି।

# ପାନୀୟ ଜଳ, ରାସ୍ତା ମରାମତି ଦିଗରେ ଗୁରୁତ୍ୱାରୋପ

ଯାଜପୁର ଟାଉନ,୨୭ା୧୦ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହରେ ଯାଜପୁର ଲୋକସଭା ସଦସ୍ୟା ଶର୍ମିଷ୍ଠା ସେଠୀଙ୍କ ଅଧକ୍ଷତାରେ ଜିଲା ଉନ୍ନୟନ, ସମନ୍ୱୟ ଏବଂ ପରିଚାଳନା କମିଟି(ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି ବୈଠକରେ କୋରେଇ ବିଧାୟକ ଅଶୋକ କୁମାର ବଳ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ଉପସଭାପତି ଗଣେଶ୍ୱର ବରାଳ, ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରଶ୍ମିରେଖା ପ୍ରଧାନ, ଉପଜିଲାପାଳ ଗୋପୀନାଥ କୁଅଁର, ଯାଜପୁର ପୌରପାଳିକା ଅଧକ୍ଷା ରଞ୍ଜୁଲତା ହୋତା ଓ ବଡ଼ଚଣା ବିଧାୟକଙ୍କ ପ୍ରତିନିଧି ଚିନ୍ମୟ ମହାନ୍ତି ଯୋଗଦେଇ ବିଶୁଦ୍ଧ ପାନୀୟ ଜଳ, ମେଗା ପାଇପ୍ ଜଳ ପ୍ରକଳ୍ପ, ରାସ୍ତାଘାଟ ମରାମତି, ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଆଲୋକ ଓ ବ୍ୟାଙ୍କ ସେବା ତ୍ୱରାନ୍ୱିତ ଦିଗରେ ଗୁରୁତ୍ୱାରୋପ କରିଥିଲେ।



ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି, ଜିଲାପାଳ ଏବଂ ଅନ୍ୟ ଅଧିକାରୀ।

ପ୍ରାରମ୍ଭରେ ପୂର୍ବ ଦିଶା ବୈଠକର ବିବରଣୀ ଆଲୋଚନା କରାଯାଇଥିଲା। ପରେ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ପାନୀୟ ଜଳ ଯୋଗାଣ, ମେଗା ପାଇପ୍ ଜଳ ଯୋଗାଣ, ବିଜୁ ଗ୍ରାମଜ୍ୟୋତି ଯୋଜନା, ସୌଭାଗ୍ୟ ଯୋଜନାରେ ବିଜୁଳି ଶକ୍ତି ଯୋଗାଣ, ବିଦ୍ୟୁତ୍ ଟ୍ରାନ୍ସଫର୍ମରଗୁଡ଼ିକୁ ଉଚ୍ଚ କ୍ଷମତା ସମ୍ପନ୍ନ କରିବା, ଆବଶ୍ୟକ ସ୍ଥଳେ ନୂତନ ଟ୍ରାନ୍ସଫର୍ମରଗୁଡ଼ିକୁ ବିଭିନ୍ନ ସ୍କୁଲ ଓ ଗ୍ରାମରେ ସ୍ଥାପନ କରିବା ଓ ବିଭିନ୍ନ ଯୋଜନାର ହିତାଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କ ସେବା ସୁଲଭ ଉପଲବ୍ଧ ଦିଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଜାତୀୟ ରାଜପଥ କଡ଼ରେ ଯାଉଥିବା ମେଗା ପାଇପ୍ ଜଳ ପ୍ରକଳ୍ପର ଖନନ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ସମ୍ପୃକ୍ତ ଡିଭିଜନର ପ୍ରକଳ୍ପନିର୍ଦ୍ଦେଶକ, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ସମ୍ପୃକ୍ତ ଅଧୀକ୍ଷଣ ଯନ୍ତ୍ରୀ ଓ ବିଡିଓମାନେ ଯତ୍ନବାନ ହୋଇ କାର୍ଯ୍ୟ ଶେଷ କରିବାକୁ ଜିଲାପାଳ ତାଗିଦ କରିଥିଲେ। ସେହିପରି ଯେଉଁ ବ୍ୟାଙ୍କଗୁଡ଼ିକର ସିବିଲ ଭଲ ନ ଥିବ କିମ୍ବା ହିତାଧିକାରୀଙ୍କୁ ଋଣ ପ୍ରଦାନରେ ଟାଳଟୁଳ ନୀତି ପ୍ରଦର୍ଶନ କରୁଥିବେ ଏବଂ ହଇରାଣ କରୁଥିବେ ସେହି ବ୍ୟାଙ୍କ ଗୁଡ଼ିକ ଉପରେ ଜିଲାପାଳ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଥିଲେ।

**ଜିଲା ଉନ୍ନୟନ, ସମନ୍ୱୟ ଏବଂ ପରିଚାଳନା କମିଟି (ଦିଶା) ବୈଠକ**

- ଋଣ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବ୍ୟାଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ
- ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ

କୋରେଇ ବିଧାୟକ, ଧର୍ମଶାଳା ବିଧାୟକ, ଜିଲା ପରିଷଦ ସଭାପତି, ଉପସଭାପତି ଏବଂ ବଡଚଣା ବିଧାୟକଙ୍କ ପ୍ରତିନିଧି ସେମାନଙ୍କ ଅଞ୍ଚଳର ବିଭିନ୍ନ ଗ୍ରାମ ପଞ୍ଚାୟତ ଏବଂ ଗ୍ରାମରେ ଥିବା ପାନୀୟଜଳ ସମସ୍ୟା, ବିଜୁଳି ଆଲୋକ ସମସ୍ୟା ଏବଂ ବ୍ୟାଙ୍କ ସେବା ସମସ୍ୟା ଉପରେ ଆଲୋଚନା କରିଥିଲେ। ସେଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ବିଭାଗୀୟ ଅଧିକାରୀମାନେ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଜିଲା ପରିଷଦ ଜୋନ୍‌ର ସଦସ୍ୟାସଦସ୍ୟ, ପଞ୍ଚାୟତ ସମିତି ଅଧକ୍ଷାଅଧକ୍ଷ, ସମସ୍ତ ବ୍ଲକ୍‌ର ମଣ୍ଡଳ ଉନ୍ନୟନ ଅଧିକାରୀ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ବାଇକ୍ ଚୋରି ଅଭିଯୋଗରେ ୨ ଗିରଫ
### ୭ ବାଇକ୍ ଜବତ



ଚଣ୍ଡିଖୋଲ,୨୭ା୧୦(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ ବଡ଼ଚଣା ଛକର ଏକ ବାର୍ ନିକଟରୁ ବାଇକ୍ ଚୋରି ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାରେ ୩ ନାବାଳକଙ୍କୁ ମଧ୍ୟ ଅଟକ ରଖାଯାଇଥିଲା। ସେମାନଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯିବା ପରେ ଅନୁଗୋଳସ୍ଥିତ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ୭ଟି ବାଇକ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର ସାଗର କୁମାର ଜେନା(୨୪) ଓ ତାଙ୍କ ସହଯୋଗୀ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭୁଲୁକା ଗ୍ରାମର ବୁଲୁ ମଲ୍ଲିକ(୫୬)। ଏହି ଥାନା ଖଇରା ଗ୍ରାମର ସହଦେବ ଦଳାଇ ଦଶହରା ଦିନ ବାର୍ ନିକଟରେ ଏକ ବାଇକ୍ ରଖିଥିଲେ। ହେଲେ ସେଠାରୁ କେହି ତାଙ୍କ ବାଇକ୍ ଚୋରି କରି ନେଇଥିବା ସେ ଥାନାରେ ଅଭିଯୋଗ କରିଥିଲେ। ଏସ୍ଆଇ ସୁବାସ ଚନ୍ଦ୍ର ମୁଦୁଲି ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତବେଳେ ଏଥିରେ ଏକ ର‌୍ୟାକେଟ କାମ କରୁଥିବା ଜାଣିବାକୁ ପାଇଥିଲେ। ତେଣୁ ପ୍ରଥମେ ସେ ସାଗରଙ୍କୁ ଧରିଥିଲେ। ପରେ ତାଙ୍କ ସହଯୋଗୀ ବୁଲୁଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ଏକ ମାମଲା ନମ୍ବର ୩୧୮/୨୩ ରୁଜୁ ହୋଇଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

### ସିଂହପୁରରେ କାଳୀପୂଜା ପ୍ରସ୍ତୁତି

ସିଂହପୁର,୨୭ା୧୦(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକର ଅଗ୍ରଣୀ ବ୍ୟବସାୟୀ କେନ୍ଦ୍ର ସିଂହପୁର ବ୍ୟବସାୟୀ ସଂଘ ପକ୍ଷରୁ ମହାସମାରୋହରେ ମା'ଶ୍ୟାମା କାଳୀଙ୍କ ପୂଜା ପାଳନ କରଯିବ। ଏଥିପାଇଁ ପ୍ରସ୍ତୁତି ଚାଲିଛି। ଏହି କାଳୀପୂଜା ୬୭ ବର୍ଷ ହେଲା ପାଳନ କରାଯାଉଛି। ପୂଜାକୁ ସରସସୁନ୍ଦର ଓ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ କରିବାକୁ ବ୍ୟବସାୟୀ ସଂଘ ସମ୍ପାଦକ ଓ ସଦସ୍ୟମାନେ ପୁରା ଦମରେ ଲାଗି ପଡ଼ିଛନ୍ତି। ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅପେରା ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

### ମୋବାଇଲ ଫୋନ୍ ଚୋରି ଅଭିଯୋଗରେ ୩ ଗିରଫ
### ଚୋରି ଫୋନ୍ କିଣି ଜଣେ ଗିରଫ

ଯାଜପୁର ଟାଉନ,୨୭ା୧୦(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଟାଉନ ପୋଲିସ ମୋବାଇଲ ଫୋନ୍ ଚୋରି ଅଭିଯୋଗରେ ୩ ଓ ଚୋରି ଫୋନ୍ କିଣିବା ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ଏକ ବାଇକ୍ ଓ ୬ ଚୋରା ମୋବାଇଲ ଫୋନ୍ ଜବତ କରିଛି। ପୋଲିସ ଘଟଣାରେ ଗରିଆପୁର ଅଞ୍ଚଳର ନିଶିକାନ୍ତ ବେହେରା, ସତ୍ୟପ୍ରକାଶ ବେହେରା ଓ ଶିତଳେଶ୍ୱର ଅଞ୍ଚଳର ସୌମ୍ୟରଞ୍ଜନ ଦାସଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପଚରାଉଚରା ସମୟରେ କାଟିଆ ପିରପଡ଼ିଆ ଅଞ୍ଚଳର ଜାହିର ନାମକ ଯୁବକଙ୍କୁ ୩ ଯୁବକ ଚୋରା ମୋବାଇଲ ଫୋନ୍ ବିକ୍ରି କରିଥିବା ପୋଲିସକୁ କହିଥିଲେ। ତେଣୁ ପୋଲିସ ଜାହିରଙ୍କୁ ଗିରଫ କରିବା ସହ ଅଟକ ରଖିଥିବା ଉପରୋକ୍ତ ୩ ଯୁବକଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ କିଛିଦିନ ହେବ ସହର ଓ ଆଖପାଖ ଅଞ୍ଚଳରୁ କ୍ରମାଗତ ଭାବେ ମୋବାଇଲ ଫୋନ୍ ଛିନ୍‌ତାଇ କରାଯାଉଥିବା ନେଇ ଯାଜପୁର ଥାନାରେ ଅଭିଯୋଗ ହେଉଥିଲା। ମେଡିକାଲରେ ସିସିଟିଭି ଅଚଳ ଯୋଗୁ ଦୁର୍ବୃତ୍ତ ମୋବାଇଲ ଚୋରି କରିବାରେ ସକ୍ଷମ ହେଉଥିଲେ। ଏହି ଚୋରି ଘଟଣା ପୋଲିସର ନିଦ ହଜାଇ ଦେଇଥିଲା। ତେଣୁ ଥାନାଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ମୋବାଇଲ ଚୋରି ଗ୍ୟାଙ୍ଗକୁ ଠାବ କରିବାକୁ ଉଦ୍ୟମ ଜାରି ରଖିଥିଲା। ଏନେଇ ଥାନାରେ ନମ୍ବର ୩୯୭/୨୩ରେ ଏକ ମାମଲା ରୁଜୁ ହୋଇଛି।

## ଓଲଟିଲା ମାଟି ଗିଲାସ ବୋଝେଇ ପିକ୍‌ଅପ୍ ଭ୍ୟାନ, ଚାଳକ ଆହତ



ପାଣିକୋଇଲି,୨୭ା୧୦(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ବ୍ରଜନଗରଠାରେ ଏକ ମାଟି ଗିଲାସ ବୋଝେଇ ପିକ୍‌ଅପ୍ ଭ୍ୟାନ ଶୁକ୍ରବାର ଭୋର ସମୟରେ ରାସ୍ତା ଉପରେ ଓଲଟି ପଡ଼ିଛି। ଏଥିରେ ଚାଳକ ଆହତ ହୋଇଛନ୍ତି। ସେ ହେଲେ ବାହାନଗାର ଚିଣ୍ଟୁ ସିଂ। ବାଲେଶ୍ୱର ବାହାନଗାରୁ ମାଟି ଗିଲାସ ବୋଝେଇ କରି ଭୁବନେଶ୍ୱର ଯାଉଥିବା ଏହି ଭ୍ୟାନଟି କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଖବର ପାଇ ରାଜପଥରେ ଗାଡ଼ି କାଗଜପତ୍ର ଯାଞ୍ଚ କରୁଥିବା ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଟ୍ରାଫିକ ଇନ୍ସପେକ୍ଟର ପ୍ରଦୀପ ବେହେରାଙ୍କ ସହ କର୍ମଚାରୀ ଓ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପ୍ରମୁଖ ପହଞ୍ଚି ଭ୍ୟାନ ଚାଳକଙ୍କୁ ଉଦ୍ଧାର କରି ସ୍ଥାନୀୟ ଏକ ନର୍ସିଂ ହୋମରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ରାଜପଥରୁ ଗାଡ଼ିଟିକୁ ହଟାଯାଇଥିଲା। ଗାଡ଼ି ଓଲଟି ପଡ଼ିବାରୁ ବହୁସାମଗ୍ରୀ ନଷ୍ଟ ହୋଇଯାଇଛି।

# ସିଂହାପୁର ଯାତ୍ରା ପଡ଼ିଆରେ ରାସ୍ତା ନିର୍ମାଣକୁ ବିରୋଧ



## କାମ ବନ୍ଦ କରିବାକୁ ତହସିଲଦାରଙ୍କୁ ଅନୁରୋଧ

ରସୁଲପୁର,୨୭ା୧୦(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ଯାତ୍ରା ପଡ଼ିଆରେ ରାସ୍ତା ନିର୍ମାଣକୁ ବିରୋଧ କରାଯାଇଛି। ଯାତ୍ରା ପଡ଼ିଆ ଖାତା ନମ୍ବର-୭୬୮ ଓ ପ୍ଲଟ ନମ୍ବର-୧୫୪ ଉପରେ ଅବସ୍ଥିତ। ଏହାର କିସମ ଗୋଚର ବୋଲି କୁହାଯାଉଛି। ତେବେ ରାସ୍ତା ଏକ ବିବାଦୀୟ ଜମିରେ କରାଯାଉ ଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାରଙ୍କ ସହାୟତା ନିଆଯାଇଛି। ଗ୍ରାମବାସୀ ଏକ ଲିଖିତ ଅଭିଯୋଗ ତହସିଲଦାରଙ୍କୁ ପ୍ରଦାନ କରିବା ସହ ରାସ୍ତା କାମକୁ ତୁରନ୍ତ ବନ୍ଦ କରିବା ପାଇଁ ଅନୁରୋଧ କରିଛନ୍ତି।

ସୂଚନା ମୁତାବକ, ଐତିହାସିକ ଠାକୁର ପ୍ରଭୁ ନାରାୟଣ ଗୋସାଇଁଙ୍କ ପୀଠ ସିଂହାପୁର ଯାତ୍ରା ପଡ଼ିଆ ରାଜ୍ୟରେ ପରିଚିତ। ଏହି ଯାତ୍ରା ପଡ଼ିଆର ଆକାର ଏ୧.୯୫ ଡିସିମିଲି। ପଡ଼ିଆକୁ ଯାତ୍ରା ଉଦ୍ଦେଶ୍ୟରେ ବର୍ଷକୁ ଥରେ ବ୍ୟବହାର କରାଯାଏ। ଏପ୍ରିଲରେ ପ୍ରଭୁଙ୍କସ୍ଥଳ ଦେଶ ମନ୍ଦିରରେ ପୂଜା କରିବା ସମୟରେ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଉକ୍ତ ଯାତ୍ରା ପଡ଼ିଆକୁ ରାଜ୍ୟ ଓ ବାହାର ରାଜ୍ୟରୁ ବହୁ ବ୍ୟବସାୟୀ ସେମାନଙ୍କ ଦୋକାନ ପସରା ନେଇ ଆସନ୍ତି। ଯାତ୍ରା ସମୟରେ ପଡ଼ିଆର ଆବଶ୍ୟକତା ବହୁତ ବଢ଼ି ଯାଇଥାଏ। ଏହାବାଦ୍ ବର୍ଷ ତମାମ ଉକ୍ତ ପଡ଼ିଆ ସ୍ଥାନୀୟ ଅଞ୍ଚଳର ଗୋରୁଙ୍କ ଚାରଣ ଭୂଇଁ ଭାବରେ ବ୍ୟବହାର ହୋଇଥାଏ। ଏହି ପଡ଼ିଆ ଚର୍ତୁପାର୍ଶ୍ୱରେ ଜନବସତି ଗଢ଼ି ଉଠିଛି। କାଳକ୍ରମେ କେତେକ ଅସାଧୁ ବ୍ୟକ୍ତି ଘର ନିର୍ମାଣ କରିବା ସମୟରେ ପଡ଼ିଆକୁ ଜବରଦଖଲ କରି ଦେଉଥିବା ଅଭିଯୋଗ ହେଉଛି। ଏବେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଛି। ଏହି ଆଳରେ ସମ୍ପୂର୍ଣ୍ଣ ପଡ଼ିଆକୁ କବ୍‌ଜା କରିନେବାକୁ ମସୁଧା କରାଯାଉଛି। ତେଣୁ ଏହି କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରିଛନ୍ତି। ପ୍ରଭୁଙ୍କ ୩ ଦିନିଆ ଯାତ୍ରା ଓ ଗୃହପାଳିତ ପଶୁମାନଙ୍କ ପାଇଁ ସଂରକ୍ଷିତ ଏହି ପଡ଼ିଆର ସୁରକ୍ଷା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଶାସନ ପଡ଼ିଆକୁ ଜବରଦଖଲମୁକ୍ତ କରିବା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳରେ ମତପ୍ରକାଶ ପାଇଛି।

## ଦେଉଳି ଭବନକୁ ଲିଜ୍ ନେଲା ଗୋକର୍ଣ୍ଣେଶ୍ୱର ମହାସଂଘ

ଧର୍ମଶାଳା,୨୭ା୧୦(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଥିବା ଦେଉଳି ଭବନକୁ ବାବା ଗୋକର୍ଣ୍ଣେଶ୍ୱର ମହାସଂଘକୁ ଲିଜ ଦିଆଯାଇଛି। ଏହି ଭବନକୁ ପୂର୍ବରୁ ସ୍ଥାନୀୟ ସରପଞ୍ଚ ଲିଜ୍ ଆକାରରେ ଜଣେ ବ୍ୟକ୍ତିଙ୍କୁ ପ୍ରଦାନ କରିଥିଲେ। ଏହା ଉପରେ ପଞ୍ଚାୟତର କେତେଜଣ ଜନସାଧାରଣ ଅଭିଯୋଗ ଆଣିବା ପରେ ବିଡିଓ ଏହାକୁ ବାତିଲ କରି ନୂତନ ଭାବେ ଲିଜ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ସମ୍ପୃକ୍ତ ଲିଜଧାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନିରାଶ ହୋଇଥିଲେ। ବହୁ ବାଦ ବିବାଦ ପରେ ସ୍ଥାନୀୟ ଗୋକର୍ଣ୍ଣେଶ୍ୱର ମହିଳା ମହାସଂଘ ଏହାକୁ ଲିଜରେ ନେବା ପାଇଁ ଜିଲାପାଳ ଏବଂ ବିଡିଓଙ୍କୁ ଲିଖିତ ଭାବେ ନିବେଦନ କରିଥିଲା। ଏଥିସହିତ ଗତ ପଞ୍ଚାୟତ ସମିତିର ୬ଷ୍ଠ ବୈଠକରେ ସର୍ବସମ୍ମତି କ୍ରମେ ଦେଉଳି ଭବନକୁ ଗୋକର୍ଣ୍ଣେଶ୍ୱର ମହାସଂଘକୁ ଲିଜ୍ ଆକାରରେ ଦେବାପାଇଁ ଯାଜପୁର ଜିଲାପାଳଙ୍କୁ ଆବେଦନ କରାଯାଇଥିଲା। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଏହାକୁ ସ୍ୱୀକୃତି ପ୍ରଦାନ କରି ୧ ଲକ୍ଷ ୧୮ ହାଜର ଟଙ୍କା ବାର୍ଷିକ ମୂଲ୍ୟରେ ବାବା ଗୋକର୍ଣ୍ଣେଶ୍ୱର ମହାସଂଘକୁ ଦେଉଳି ଭବନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ପତ୍ର ସଂଖ୍ୟା ୩୧୧୫ ଅନୁଯାୟୀ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ପତ୍ର ସଂଖ୍ୟା ୫୪୧୯/୨୧।୯।୨୦୨୩ ମାଧ୍ୟମରେ ଦେଉଳି ଭବନର ଚାବି ଗୋକର୍ଣ୍ଣେଶ୍ୱର ମହାସଂଘର କର୍ମକର୍ତ୍ତାଙ୍କୁ ହସ୍ତାନ୍ତର କରିଛନ୍ତି। ମହାସଂଘ ତରଫରୁ ଜିଲାପାଳ ଏବଂ ବ୍ଲକ୍ ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଗୋକର୍ଣ୍ଣିକା ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସ



କଥାକାର ଭୀମ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧର୍ମଶାଳା,୨୭ା୧୦(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜର ୪୯ତମ ପ୍ରତିଷ୍ଠା ଦିବସ ଓ ସମ୍ବର୍ଦ୍ଧନା ପର୍ବ ଶୁକ୍ରବାର ଅପରାହ୍ନରେ ଧର୍ମଶାଳା ପ୍ରେସ୍ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ପ୍ରଫେସର ଡ. ବିଜୟ କୁମାର ଶତପଥୀ ଯୋଗଦେଇ ଧର୍ମଶାଳାର ଐତିହ୍ୟ, ମୂଲ୍ୟବୋଧ ତଥା ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଓ ସ୍ଥାନୀୟ ଅଞ୍ଚଳର ଲେଖକମାନେ ସଦା ଚେଷ୍ଟିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାରଳା ପୁରସ୍କାରପ୍ରାପ୍ତ ବିଶିଷ୍ଟ କଥାକାର ଭୀମ ପୃଷ୍ଟିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ତରରେ ସାହିତ୍ୟ ସର୍ବଦା ମାଟି ଓ ମଣିଷର କଥା କହେ, ଏହି ସାହିତ୍ୟ ବାସ୍ତବଧର୍ମୀ ହୋଇପାରିଲେ କଳଜୟୀ ପାଲଟେ ବୋଲି ପୃଷ୍ଟି ମତବ୍ୟକ୍ତ କରିଥିଲେ। ପରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ମୁଖପତ୍ର ଗୋକର୍ଣ୍ଣିକା ପତ୍ରିକା ଓ ସନ୍ତୋଷ କୁମାର ବେହେରାଙ୍କ ଅନୁବାଦ ପୁସ୍ତକ 'ଆନିମଲ ଫାର୍ମ'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଉତ୍ସବରେ ନାଟ୍ୟକାର ହରି ସାମନ୍ତଙ୍କୁ ମୁଖ୍ୟଅତିଥି ଶତପଥୀ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ସେହିପରି ଖବରଦାତା ଅଖିଳ କୁମାର ସ୍ୱାଇଁ, ମାନସ ରଞ୍ଜନ ଜେନା, ଅବିନେଶ୍ୱର ଶତପଥୀ, ବିବେକାନନ୍ଦ ରାୟଙ୍କୁ ଯଥାକ୍ରମେ ଡ. ପ୍ରିୟନାଥ ମହାପାତ୍ର, କବି ଡ. ଗୌତମ ଜେନା, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ ଓ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ମାନପତ୍ର ଏବଂ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କଥାକାର ଭୀମ ପୃଷ୍ଟିଙ୍କୁ ଧର୍ମଶାଳା ପ୍ରେସ୍ କ୍ଲବ ପକ୍ଷରୁ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଧର୍ମଶାଳା ମହାବିଦ୍ୟାଳୟ ପକ୍ଷରୁ ପ୍ରାଧାପକ ଜୟନ୍ତ କୁମାର ସାହୁ, ଧର୍ମଶାଳା ମହିଳା ଡିଗ୍ରୀ କଲେଜ ପକ୍ଷରୁ ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲ, ମଧୁପୁର କଲେଜ ପକ୍ଷରୁ ଅଧକ୍ଷ କବି ତୁହିନାଂଶୁ ରଥ, ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଶୁଭସକାଳ ପକ୍ଷରୁ ଉପସଭାପତି ମିନତି ସାହୁ, କୋରେଇ ମଣ୍ଡଳ ସାହିତ୍ୟ ସମାଜ ପକ୍ଷରୁ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ଜିଲା ଲେଖକ ସମ୍ମିଳନୀ ପକ୍ଷରୁ ଡା. ରୁଦ୍ରନାରାୟଣ ପୃଷ୍ଟି, ଚାହାଣୀ ପକ୍ଷରୁ ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି ପ୍ରମୁଖ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ପୂର୍ବତନ ସମ୍ପାଦକ ହୃଷୀକେଶ ସାମଲ ଧନ୍ୟବାଦ ଦେଇଥିଲେ।

## ରୋଗୀ ମୃତ୍ୟୁକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା

ରସୁଲପୁର, ୨୭ା୧୦(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ୱାଭାବିକ ଭାବେ ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା ପରିସ୍ଥିତି ଉପୁଜିଛି। କୁଆଖିଆ ଥାନା ଅନ୍ତର୍ଗତ କଇଁଚ ଶାସନ ଗ୍ରାମର ଖୁଲଣା ବାରିକ (୫୦) ଦୀର୍ଘଦିନ ଧରି ହୃଦ୍ ଜନୀତ ରୋଗରେ ପୀଡିତ ଥିବାବେଳେ ଗୁରୁବାର ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହା ଦେଖି ପରିବାର ଲୋକେ ନିକଟସ୍ଥ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆଣିଥିଲେ। ଡ୍ୟୁଟିରେ ଥିବା ଡାକ୍ତର ସୋମ୍ୟରଞ୍ଜନ ପାଣି ରୋଗୀଙ୍କୁ ପରୀକ୍ଷା ପରେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ମୃତଦେହକୁ ଘରକୁ ନେବା ପାଇଁ ଡାକ୍ତରଙ୍କୁ ଆମ୍ବୁଲାନ୍ସର ବ୍ୟବସ୍ଥା କରି ଦେବା ପାଇଁ ଅନୁରୋଧ କରିଥିଲେ। ହେଲେ ଡାକ୍ତର ମନା କରିବା ସହ ପରିବାର ଲୋକଙ୍କୁ ନିଜ ବ୍ୟବସ୍ଥାରେ ଘରୋଇ ଆମ୍ବୁଲାନ୍ସରେ ମୃତଦେହ ନେବା ପାଇଁ କହିଥିଲେ। ମାତ୍ର ମୃତକଙ୍କ ପରିବାର ଲୋକେ ଅର୍ଥ ଅଭାବରୁ ଘରୋଇ ଆମ୍ବୁଲାନ୍ସରେ ନେବା ସମ୍ଭବ ନୁହେଁ ଦର୍ଶାଇ ବାଇକ୍‌ରେ ମୃତଦେହ ନେବାକୁ ଉଦ୍ୟମ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କେତେଜଣ କର୍ମଚାରୀ ଏହାକୁ ବିରୋଧ କରି ବାଇକ୍‌ର ଚାବି ଛଡାଇ ନେଇଥିଲେ। ଏହା ପରେ ବାଧ ହୋଇ ପରିବାର ଲୋକେ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ମୃତଦେହ ନେଇ ଘରକୁ ଫେରିଥିଲେ। ମୃତଦେହ ସଂସ୍କାର ନିମନ୍ତେ ଶ୍ମଶାନକୁ ନେଇ ଜୁଇ କାଠ ସଜାଡି ଥିଲେ। ପ୍ରଥା ଅନୁଯାୟୀ ପରିବାର ଲୋକେ ମୃତଦେହକୁ ଶୌଚ କରି ଜୁଇକୁ ନେବା ବେଳେ ମୃତଦେହ ଭିତରୁ ଏକ ଶବ୍ଦ ଶୁଣି ମହିଳା ଜୀବିତ ଥିବା ସନ୍ଦେହ କରିଥିଲେ। ପୁନର୍ବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରିବା ପାଇଁ ଡାକ୍ତରଙ୍କୁ କହିଥିଲେ। ଏଥିରେ ଡାକ୍ତର ଅକ୍ଷମତା ପ୍ରକାଶ କରିବାରୁ ମୃତକଙ୍କ ପରିବାର ଲୋକେ ପାଟିତୁଣ୍ଡ କରିଥିଲେ। ଏହା ଦେଖି ମୃତ୍ୟୁର ସତ୍ୟାସତ୍ୟ ଜାଣିବା ପାଇଁ ପରିବାର ଲୋକେ ମୃତଦେହକୁ ବଡଚଣା ମେଡ଼ିକାଲକୁ ନେଇଥିଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୨୩/୨୩ରେ ରୁଜୁ କରାଯାଇଛି।

# ଡିଜେମୁକ୍ତ ଭସାଣି ପାଇଁ ନିଷ୍ପତ୍ତି

ଯାଜପୁରରୋଡ୍,୨୭ା୧୦ (ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ସହରର ଗଣପର୍ବ ମା'ଶ୍ୟାମାକାଳୀଙ୍କ ପୂଜା ପାଇଁ ଶୁକ୍ରବାର ଯାଜପୁର ରୋଡ୍ ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାସ ୧୨ ତାରିଖରେ ପୂଜା ଆରମ୍ଭ ହୋଇ ୨୨ରେ ମେଳଣ ଓ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପୂର୍ବ ବର୍ଷ ୧୪ ମେଢ଼ ଆକଳନ ହୋଇଥିବାବେଳେ ଚଳିତ ବର୍ଷ ନୂତନ ଭାବେ ଆଉ ଗୋଟିଏ ପୂଜା ଅନୁଷ୍ଠାନ ଯୋଡ଼ିହୋଇ ମୋଟ ୧୫ ମଣ୍ଡପରେ ମା' ପୂଜା ପାଇବେ ବୋଲି ନିଷ୍ପତ୍ତି ନିଆଯାଇଛି। ପୂଜାକୁ ସରସସୁନ୍ଦର କରିବା ସହ ଭସାଣି ସମୟରେ ମଦମୁକ୍ତ, ପ୍ଲାଷ୍ଟିକ ମୁକ୍ତ, ଡିଜେ ମୁକ୍ତ କରିବାକୁ ପ୍ରଶାସନିକ ନିଷ୍ପତ୍ତି ହୋଇଛି। ଏହାକୁ ପୂଜା କମିଟିଗୁଡ଼ିକ ପାଳନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ସମସ୍ତ ପୂଜା ମଣ୍ଡପର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ। ପୂଜା ପୂର୍ବରୁ କମିଟିଗୁଡ଼ିକର ଥିବା ଅଭିଯୋଗ ସମାଧାନ ନିମନ୍ତେ ବିଭାଗୀୟ ପ୍ରତିଶ୍ରୁତି ପାରିତ ହୋଇଥିଲା। ପୂଜାରେ ବିଦ୍ୟୁତ୍ କାଟ ନ କରିବା, ଷ୍ଟାଣ୍ଡ ପୋଷ୍ଟ ଗୁଡ଼ିକରେ ଅବିରତ ପାନୀୟ ଜଳ ବ୍ୟବସ୍ଥା ଜାରି ରହିବା, ରାସ୍ତା ଓ ଡ୍ରେନ ମରାମତି ସହ ସହରର ସବୁଜ ସୁନ୍ଦର ଓ ପରିଷ୍କାର କରିବା, ପ୍ରତ୍ୟେକ ମଣ୍ଡପ ପକ୍ଷରୁ ସିସିଟିଭି କ୍ୟାମେରା, ଅଗ୍ନି ନିର୍ବାପକ ଯନ୍ତ୍ର ଓ ଭଲ୍ୟୁଣ୍ଟର ନିୟୋଜିତ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଜରୁରୀ ଫୋନ ନମ୍ବର ୦୬୭୨୬-୨୨୦୪୮୪/୯୪୩୮୫୭୬୬ରେ ଯୋଗାଯୋଗ ପାଇଁ କୁହାଯାଇଥିଲା। ପ୍ରଶାସନ ପକ୍ଷରୁ ପୂଜା ଶେଷରେ ବିଭିନ୍ନ ମଣ୍ଡପକୁ ଉତ୍ସାହିତ ପାଇଁ ସମ୍ବର୍ଦ୍ଧନା ଦେବାକୁ ସାମ୍ବାଦିକ ସଙ୍ଘ ତରଫରୁ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବକୁ ସର୍ବ ସମ୍ମତି ଅନୁଯାୟୀ ଗ୍ରହଣ କରାଯାଇଛି। ବୈଠକରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଲଭରୀୟସ ଟପ୍ପୋ, ଯାଜପୁରରୋଡ୍ ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ ପଟ୍ଟନାୟକ, ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝି, ଯାଜପୁରରୋଡ୍ ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ବ୍ୟାସନଗର ପୌରପାଡିଷଦ ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର, ଟାଟା ପାୱାର ବିଦ୍ୟୁତ ବିଭାଗ ସହାୟକ ଯନ୍ତ୍ରୀ ପ୍ରିୟବ୍ରତ ନାୟକ, ୱାଟକୋର ଅଧିକାରୀ ବିଚିତ୍ର ପୁହାଣ, ଅଗ୍ନିଶମ ଅଧିକାରୀ ତାପସ କୁମାର ମନ୍ତ୍ରୀ, ସ୍ୱାସ୍ଥ୍ୟ ଅଧିକାରୀ ଡ. ସନ୍ତୋଷ କୁମାର ପୃଷ୍ଟି, ଶାନ୍ତି କମିଟି ଆବାହକ ବିଦ୍ୟାଧର ମହାନ୍ତି ଓ ସମସ୍ତ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ମା' ଶ୍ୟାମାକାଳୀଙ୍କ ପୂଜା ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ, ପୋଲିସ ଅଧିକାରୀ ଓ ଅନ୍ୟମାନେ।

**କୁଜଙ୍ଗରେ ନୂତନ ତହସିଲଦାର**

କୁଜଙ୍ଗ, (ମନୋଜ ପ୍ରଧାନ): କୁଜଙ୍ଗ ତହସିଲଦାର ଭାବେ ଶୁକ୍ରବାର ସନ୍ଧ୍ୟାରେ ପୁଷ୍ପାଶ୍ରୀ ସନ୍ଦୀପ ଯୋଗ ଦେଇଛନ୍ତି। ପୂର୍ବତନ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କୁ ଖୋର୍ଦ୍ଧା ଜିଲାର ଜଟଣୀକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ପୁଷ୍ପାଶ୍ରୀ ଯୋଗ ଦେଇଛନ୍ତି। ପୂର୍ବରୁ ସେ କଟକ ଜିଲାର ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ। ସେ କାର୍ଯ୍ୟଭାର ନେବା ପରେ ତାଙ୍କୁ ଅତିରିକ୍ତ ତହସିଲଦାର ସୁକନ୍ୟା ରାଉଳଙ୍କ ସମେତ ତହସିଲ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି।

## ସଂକ୍ଷେପରେ

### ପଟ୍ଟାମୁଣ୍ଡାଇ ନୂଆ ତହସିଲଦାରଙ୍କ ଯୋଗଦାନ

ପଟ୍ଟାମୁଣ୍ଡାଇ,୨୭।୧୦(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇର ନୂତନ ତହସିଲଦାର ଭାବେ ପଞ୍ଚାନନ ନାୟକ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥି ପୂର୍ବରୁ ସେ କେନ୍ଦୁଝର ଜିଲା ଆନନ୍ଦପୁର ଉପଜିଲାପାଳ କାର୍ଯ୍ୟାଳୟରେ ସହକାରୀ ଜିଲାପାଳ ଭାବେ ଦକ୍ଷତାର ସହ କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି। ନୂତନ ତହସିଲଦାରଙ୍କୁ ତହସିଲ ଅଫିସର କର୍ମଚାରୀମାନେ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପଟ୍ଟାମୁଣ୍ଡାଇ ଅଞ୍ଚଳର ଜନସାଧାରଣଙ୍କୁ ଉତ୍ତମ ରାଜସ୍ୱ ସେବା ଯୋଗାଇବା ସହିତ ମାଜିଷ୍ଟ୍ରେଟ ହିସାବରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ କଡାକଡ଼ି କରିବେ ବୋଲି ସେ ଦାୟିତ୍ୱ ଗ୍ରହଣ ପରେ ପ୍ରକାଶ କରିଛନ୍ତି।

### ଗରଦପୁରରେ ନୂଆ ବିଡିଓ ଯୋଗଦେଲେ

ପାଟକୁରା, ୨୭।୧୦(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକରେ ଶୁକ୍ରବାର ପ୍ରଦ୍ୟୁମ୍ନ କୁମାର ନାୟକ ନୂତନ ବିଡିଓ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ପୁରୀ ଜିଲା ବ୍ରହ୍ମଗିରି ବ୍ଲକରେ ବିଡିଓ ଭାବେ କାର୍ଯ୍ୟରତ ଥିଲେ। ନୂତନ ବିଡିଓଙ୍କୁ ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ଜିଲାପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ସମିତି ସଭ୍ୟ ବାସୁଦେବ ବେହେରା, ସରପଞ୍ଚ ଅନୁସୟା ବେହେରା ଓ ବ୍ଲକର କର୍ମଚାରୀମାନେ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ।

### ନୂତନ ବିଡିଓଙ୍କ ଯୋଗଦାନ

ବିରିଡି/ନାଉଗାଁ,୨୭।୧୦ (ପ୍ରଶାନ୍ତ କୁମାର ରାଉତ/ସୁଧା ବେଉରା)

ବିରିଡିରେ ନୂତନ ବିଡିଓ ଭାବେ ବେବିତା ମଞ୍ଜରୀ ନାୟକ କାର୍ଯ୍ୟରେ ଯୋଗଦେଇଛନ୍ତି। ନାୟକ ପୂର୍ବରୁ ପୁରୀ ଜିଲା ଅସ୍ତରଙ୍ଗ ବିଡିଓ ଭାବେ କାର୍ଯ୍ୟ କରୁଥିଲେ । ଅପରପକ୍ଷେ ବିରିଡି ବିଡିଓ ହେମନ୍ତ କୁମାର ମହାନ୍ତ ଟାଙ୍ଗି ଚୌଦ୍ୱାରା ବ୍ଲକକୁ ବିଡିଓ ଭାବେ ବଦଳି ହୋଇଛନ୍ତି । ସେହିପରି ନାଉଗାଁ ବ୍ଲକରେ ତପନ ମହାପାତ୍ର ବିଡିଓ ଭାବେ ଯୋଗଦେଇଛନ୍ତି। ସେ ପୂର୍ବରୁ ଦେଓଗଡ ଜିଲାର ଡେପୁଟି କଲେକ୍ଟର ଭାବେ କାଯ୍ୟ କରୁଥିଲେ। ଏହି ବ୍ଲକରେ କାର୍ଯ୍ୟରତ ବିଡିଓ ରଶ୍ମିରେଖା ମଲିକଙ୍କ କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକକୁ ବଦଳି ହେବାପରେ ୨ ମାସ ହେବ ଏହି ପଦବୀ ଖାଲି ପଡ଼ିଥିଲା। ଏବିଡିଓ ଦେବେନ୍ଦ୍ର ପ୍ରଧାନ ବିଡିଓ ଭାବେ ଦାୟିତ୍ୱ ତୁଲାଉଥିଲେ।

### ବିରିଡିରେ ନୂତନ ତହସିଲଦାରଙ୍କ ଯୋଗଦାନ

ବିରିଡି,୨୭।୧୦(ପ୍ରଶାନ୍ତ କୁମାର ରାଉତ)

ବିରିଡି ତହସିଲରେ ନୂତନ ତହସିଲଦାର ଭାବେ ସଞ୍ଜୟ କୁମାର ବେହେରା ଯୋଗଦେଇଛନ୍ତି। ସେ ପୂର୍ବରୁ ଢେଙ୍କାନାଳ ଜିଲା ଶାଳଙ୍ଗ ବୁଡାପଙ୍କ ତାଳଚେର ଝାରପଡା ସ୍ୱେଶାଲ ଲ୍ୟାଣ୍ଡ ଆକ୍ୟୁଜେଶନ ଅଫିସରଭାବେ କାର୍ଯ୍ୟ କରୁଥିଲେ। ବିରିଡି ତହସିଲଦାର ସହଦେବ ସାହୁ ପୁରୀ ଜିଲା ଡେପୁଟି କଲେକ୍ଟର ଲ୍ୟାଣ୍ଡ ସେଲରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ୧୩୯ ଅଙ୍ଗନୱାଡି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ

ପଟ୍ଟାମୁଣ୍ଡାଇ,୨୭।୧୦(କଳ୍ପତରୁ ନାୟକ)



ବାରଣ୍ଡାରେ ବସି ଅଙ୍ଗନୱାଡି କେନ୍ଦ୍ରର ଶିଶୁମାନେ ପଢୁଛନ୍ତି।

**ପଟ୍ଟାମୁଣ୍ଡାଇ ବ୍ଲକ, ପୌରାଞ୍ଚଳ**
- ଶିଶୁଙ୍କ ପାଠପଢ଼ା ଚାଲିଛି ଭଡ଼ାଘରେ, ଗୋଷ୍ଠୀ କେନ୍ଦ୍ରରେ

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ତତ୍ତ୍ୱାବଧାନରେ ସମନ୍ୱିତ ଶିଶୁ ବିକାଶ ଯୋଜନା ମାଧ୍ୟମରେ ପରିଚାଳିତ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ପାଠପଢାର ମୂଳଦୁଆ ପଡୁଥିବା କୁହାଯାଉଛି। ହେଲେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅଙ୍ଗନୱାଡି କେନ୍ଦ୍ରର ଶିକ୍ଷା ବ୍ୟବସ୍ଥାର ନଗ୍ନଚିତ୍ର ପଦାରେ ପଡ଼ିଛି। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ପିଲାମାନେ କେଉଁଠି ବାରଣ୍ଡାରେ ତ ଆଉ କେଉଁଠାରେ ସ୍କୁଲ ଘରେ ତ ଅନ୍ୟ କେଉଁଠି ଭଡ଼ାଘର ଓ ଗୋଷ୍ଠୀକେନ୍ଦ୍ରରେ ପାଠ ପଢୁଛନ୍ତି। ଯୋଜନା ପ୍ରଣୟନକୁ ୪୮ବର୍ଷ ବିତିଯାଇଥିଲେ ମଧ୍ୟ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏହାର ଭିତ୍ତିଭୂମି ଚିନ୍ତାଜନକ ସ୍ଥିତିରେ ଅଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତ ଓ ପୌରାଞ୍ଚଳର ୨୦ଟି ୱାର୍ଡରେ ସମୁଦାୟ ୨୭୮ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ୧୩୯ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ୬୯ କେନ୍ଦ୍ରରେ ଗୃହ ନିର୍ମାଣାଧୀନ ଅବସ୍ଥାରେ ରହିଥିବା ବେଳେ ୭୦ ନିର୍ମାଣ ହୋଇନାହିଁ। ପଟ୍ଟାମୁଣ୍ଡାଇର ୩୧ ପଞ୍ଚାୟତରେ ୨୩୭ଟି କେନ୍ଦ୍ର ମଧ୍ୟରୁ ୧୩୫ ନିଜସ୍ୱ ଘରେ ଚାଲିଥିବା ବେଳେ ୬୨ଟି ସ୍କୁଲଘରେ ଚାଲିଛି। ସେହିପରି ୧୩ଟି ଘର ଭଡାରେ ଚାଲିଥିବା ବେଳେ ୨୭ଟି କମ୍ୟୁନିଟି ସେଣ୍ଟରରେ ଚାଲିଛି। ପଟ୍ଟାମୁଣ୍ଡାଇ ବ୍ଲକରେ ୬୨ଟି ନିର୍ମାଣାଧୀନ କେନ୍ଦ୍ର ମଧ୍ୟରୁ କେତେଗୋଟି ଅଙ୍ଗନୱାଡି ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଅଦ୍ୟାବଧି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ହସ୍ତାନ୍ତର କରାଯାଇନାହିଁ। ଫଳରେ ଗୃହ ବ୍ୟବହାର ନ ହେବା, ନିମ୍ନମାନର କାର୍ଯ୍ୟ ଯୋଗୁ ଗୃହ କାନ୍ଥ ଓ ଚଟାଣ ଫାଟିବା ସହ ନଷ୍ଟ ହେବାକୁ ବସିଲାଣି ବୋଲି ସାଧାରଣରେ ଅଭିଯୋଗ ହେଉଛି। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୨୦ଟି ୱାର୍ଡରେ ୪୧ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ୪ଟି ନିଜସ୍ୱ ଘରେ ଚାଲିଥିବା ବେଳେ ୮ଟି କେନ୍ଦ୍ର ଭଡ଼ାଘରେ ଚାଲିଛି। ଅନ୍ୟ ୨୧ଟି ସ୍କୁଲ ଘରେ ଓ ୮ଟି କମ୍ୟୁନିଟି କେନ୍ଦ୍ରରେ ଚାଲିଛି। ୭ଟି ଘର ନିର୍ମାଣାଧୀନ ଅଛି। ସେଥିମଧ୍ୟରୁ କେତେଗୋଟି ଅଙ୍ଗନୱାଡି ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଅଦ୍ୟାବଧି ହସ୍ତାନ୍ତର କରାଯାଇନାହିଁ। ଏ ସମ୍ପର୍କରେ ସିଡିପିଓ ମନୋରମା ସ୍ୱାଇଁଙ୍କୁ ପଚାରିବାରେ ୨୭୮ କେନ୍ଦ୍ର ମଧ୍ୟରୁ ୧୩୯ ଅଙ୍ଗନୱାଡି କେନ୍ଦ୍ର ନିଜସ୍ୱ ଘରେ ଚାଲିଛି ବୋଲି ସେ କହିଛନ୍ତି। ଅନ୍ୟ ୧୩୯ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ କେନ୍ଦ୍ରକୁ ଯୋଗାଇ ଦିଆଯାଉଥିବା ଅଣ୍ଡା, ଚାଉଳ, ରାଶନ ସହ ଅନ୍ୟ ସାମଗ୍ରୀକୁ କର୍ମୀମାନେ ଏଣେତେଣେ ରଖିବା ଦ୍ୱାରା ବାଟମାରଣା ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି।

# ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

ବାଲିକୁଦା,୨୭।୧୦ (ତାପସ ସ୍ୱାଇଁ)

**ବାଡ଼ି ପୋଖରୀରୁ ମିଳିଲା ମୃତଦେହ**

ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ କୁସୁପୁରୁ (ସୁବର୍ଣ୍ଣପୁର) ଗାଁର ଟୁଲୁ ମହାରଣାଙ୍କ ଝିଅ ପୂଜା(୨୧)ଙ୍କର ଶୁକ୍ରବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ତାଙ୍କ ଘର ପଛପଟ ପୋଖରୀରୁ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ଅସାବଧାନତା ହେତୁ ଗୋଡ଼ ଖସିଯାଇ ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ପୂଜାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଜାତ ହୋଇଛି। ମିଳିଥିବା ସୂଚନା ମୁତାବକ, ପୂଜା ପୂର୍ବାହ୍ନ ୧୧ଟା ସମୟରେ ବାଡ଼ିପଟକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ପାଇଁ ଘରକୁ ନ ଫେରିବାରୁ ପରିବାର ଲୋକେ ସବୁ ଆଡ଼େ ଖୋଜା ଖୋଜି କରିବା ପରେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ସନ୍ଦେହ ହେବାରୁ ସେହି ପୋଖରୀରେ ଖୋଜିବା ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ପରେ ତାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପରିବାର ଲୋକେ ନେଇଯାଇଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ବୈକୁଣ୍ଠନାଥ ଘଡ଼ାଇ ସେଠାରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ସନ୍ଧ୍ୟା ହୋଇଯିବାରୁ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ୩ ଦିନ ହେବ ଘରେ ପଶି ପାରୁନାହାନ୍ତି ବୃଦ୍ଧାବୃଦ୍ଧ

ଡେରାବିଶ,୨୭।୧୦(ବେବର୍ତ୍ତା ଅଜୟ ଦାସ)

**ପୋଲିସ ପ୍ରଶାସନର ହସ୍ତକ୍ଷେପ ପାଇଁ ସାଧାରଣରେ ଦାବି**

କେନ୍ଦ୍ରାପଡ଼ା ସଦର ଥାନା ଡେରାବିଶ ବ୍ଲକ ଅନ୍ତର୍ଗତ ଇନ୍ଦାଲୋ ଗ୍ରାମର ଅଜୟ କୁମାର ଦାଶ (୫୫) ଓ ଭାଉଜ ପ୍ରତିମା (୫୭) ଘରେ ପଶି ପାରୁନାହାନ୍ତି। ବୃଦ୍ଧାବୃଦ୍ଧଙ୍କୁ ଏକ ପଡ଼ୋଶୀ ପରିବାର ଘରେ ପୂରାଇ ଦେଉ ନ ଦେବାରୁ ସେମାନେ ୩ଦିନ ହେବ ଅନ୍ୟ ଜଣଙ୍କ ଘର ବାରଣ୍ଡାରେ ପଡ଼ି ରହିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଗ୍ରାମର ବୃଦ୍ଧ ଅଜୟ ନିଜ ବାରଣ୍ଡାରେ ଖିଅର ହେଉଥିଲ। ଏହି ସମୟରେ ପଡ଼ିଶା ଘରର ରଶ୍ମିରଞ୍ଜନ ଦାସ (୩୦), ଅଞ୍ଜନ ଦାସ (୫୯), ରିନା ଦାସ (୫୫) ତାଙ୍କୁ ଏକ କୁରାଢ଼ି ବେଣ୍ଟରେ ଆକ୍ରମଣ କରିଥିଲେ। ଏଥିସହ ଭାଉଜ ପ୍ରତିମାଙ୍କୁ ମଧ୍ୟ ଆକ୍ରମଣ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଖିଅର କରୁଥିବା ବାରିକ ସେମାନଙ୍କୁ ବାରଣ କରିବାରୁ ତାଙ୍କୁ ମଧ୍ୟ ଗାଳିଗୁଲଜ କରାଯାଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଗ୍ରାମର ୱାର୍ଡମେମ୍ବର ସମ୍ପୃକ୍ତ ପରିବାରକୁ ଏ ବିଷୟରେ ପଚାରିବାରୁ ତାଙ୍କୁ ମଧ୍ୟ ଖରାପ ବ୍ୟବହାର କରାଯାଇଛି। ଅପପକ୍ଷେ ଆକ୍ରମଣରେ ଅଜୟ ଆହତ ହୋଇ ଚିକିତ୍ସିତ ହେବା ପରେ ଭାଉଜ ସହ ଘରକୁ ଫେରୁ ପାରୁନାହାନ୍ତି। ପଡ଼ୋଶୀ ବାଟ ଓଗାଳୁଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାକୁ ଭିତ୍ତିକରି ଥାନାରେ ନଂ. ୭୭୮/୨୩ରେ ମାମଲା ରୁଜୁ ହୋଇଛି।



ପ୍ରତିମା ଦାଶ ଓ ଅଜୟ କୁମାର ଦାଶ ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ବସିଛନ୍ତି।

# ଟୁଙ୍ଗା ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଆଳି,୨୭।୧୦(ବନମାଳୀ ସେନାପତି )



ମନ୍ତ୍ରୀ ପ୍ରତାପ କେଶରୀ ଦେବ ପଦଯାତ୍ରାରେ ଯାଉଛନ୍ତି।

ଆଳିନିର୍ବାଚନମଣ୍ଡଳୀର ଟୁଙ୍ଗା ପଞ୍ଚାୟତରେ ବିଜେଡି ପକ୍ଷରୁ ଶୁକ୍ରବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଳି ବିଧାୟକ ତଥା ଶକ୍ତି, ଶିଳ୍ପ, ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏଥିରେ ଯୋଗଦେଇଥିଲେ। ଗ୍ରାମମୁଣ୍ଡରେ ଥିବା ହନୁମାନ ମନ୍ଦିରରେ ପୂଜା କରିବା ପରେ କର୍ମୀମାନଙ୍କ ସହିତ ପଦଯାତ୍ରାରେ ବାହାରି ଥିଲେ। ଗ୍ରାମ ଆରମ୍ଭରେ ଥିବା କିଛି ଘରେ ମନ୍ତ୍ରୀ ଦେବ ଶଙ୍ଖ ଷ୍ଟିକର ମାରି ପଦଯାତ୍ରାରେ ଯାଇ ଏଣ୍ଡୋଳ, ଟୁଙ୍ଗା ଓ ବଉଳଯୋଡି ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ମନ୍ତ୍ରୀ ଦେବ କହିଛନ୍ତି ଯେ, ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ବିଜେଡି ପକ୍ଷରୁ ଅନୁଷ୍ଠାନିକ ଭାବେ ନିର୍ବାଚନୀ ପ୍ରଚାର କାର୍ଯ୍ୟ ଟୁଙ୍ଗା ପଞ୍ଚାୟତରୁ ପଦଯାତ୍ରା ମାଧ୍ୟମରେ ଆରମ୍ଭ ହୋଇଛି। ଆଗାମୀ ଦିନରେ ଆଳି ଓ ରାଜକନିକା ବ୍ଲକର ୬୩ ପଞ୍ଚାୟତରେ ପଦଯାତ୍ରା କରାଯାଇ ଗାଁ ଗାଁରେ ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ପହଞ୍ଚାଇବା ସହ ଅଞ୍ଚଳର ସ୍ୱାଭିମାନ, ମୁଖ୍ୟମନ୍ତ୍ରୀଙ୍କ ବହୁମୁଖୀ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଲୋକମାନଙ୍କ ନିକଟରେ ପହଞ୍ଚାଇବା ହିଁ ଏକମାତ୍ର ଲକ୍ଷ୍ୟ। ଗାଁ ଗହଳିରେ ରାଜ୍ୟ ସରକାରଙ୍କ ଯୋଜନାର ସଫଳ ରୂପାୟନ ହୋଇଥିବାରୁ ଲୋକମାନେ ବିଜେଡି ପ୍ରତି ଆସ୍ଥାଭାଜନ କରିଛନ୍ତି। ଏହି ଜନସମ୍ପର୍କ ପଦଯାତ୍ରାରେ ଟୁଙ୍ଗା ପଞ୍ଚାୟତର ସରପଞ୍ଚ ମଧୁସ୍ମିତା ପୁହାଣ, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଉପାଧ୍ୟକ୍ଷ ମିନତି ବାରିକ, ଜିଲା ପରିଷଦ ସ୍ୱାଗତିକା ରାଉତ, ଭୀଷ୍ମ ମହାନ୍ତି, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ବରିଷ୍ଠ ସଙ୍ଗଠକ ପ୍ରଦ୍ୟୁମ୍ନ ଦାଶ, ଶେଖର ଚନ୍ଦ୍ର ବାରିକ, ହରିଶ ଚନ୍ଦ୍ର ରାଉତ, ଶରତ ଲେଙ୍କା, ସୁବାସ ଲେଙ୍କା, ନୃସିଂହ ଲେଙ୍କା, ଜଗନ୍ନାଥ ବିଶ୍ୱାଳ, ହିମାଂଶୁ ବାରିକ ପ୍ରମୁଖଙ୍କ ସହ କର୍ମୀମାନେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର ସକ୍ରିୟ କର୍ମୀମାନେ ପରିଚାଳନା କରିଥିଲେ।

# ବଧୂ ହତ୍ୟା ଘଟଣା: ଫେରାର ଶାଶୁ ଗିରଫ

ରାଜକନିକା,୨୭।୧୦ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ଥାନା ଅନ୍ତର୍ଗତ କୋଠସାହି ଗାଁର ବଧୂ ସଞ୍ଜୁ ଦାସ କିରୋସିନ ଢାଳି ହୋଇ ମୃତ୍ୟୁ ଘଟଣାରେ ଫେରାର ଥିବା ଶାଶୁ ସୁଷମାଙ୍କୁ ପଟ୍ଟାମୁଣ୍ଡାଇରୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। କଣ୍ଠାପଡା ପଞ୍ଚାୟତ କୋଠସାହି ଗାଁର ନବବଧୂ ସଞ୍ଜୁ ଦାସକୁ ଯୌତୁକ ନିର୍ଯାତନା ଦେଇ ଶାଶୁଘର ଲୋକେ ଅକଥନୀୟ ଅତ୍ୟାଚାର କରିବାରୁ ବାଧ ହୋଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମାର୍ଚ୍ଚ ୧୬ ରେ ସଞ୍ଜୁ କିରୋସିନ ଢାଳି ଦେହରେ ନିଆଁ ଲଗାଇ ଅତ୍ୟନ୍ତ ଗୁରୁତର ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ବେଳେ ୧୮ ତାରିଖରେ ମୃତ୍ୟୁ ହୋଇଥିଲା। ଏ ନେଇ ବାପଘର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଥିଲା। ଥାନାରେ ନଂ. ୧୯୬/୨୩ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ସ୍ୱାମୀ ସୁରେଶ, ଶାଶୁ ସୁଷମା ଓ ନଣନ୍ଦମାନେ ଫେରାର ରହିଥିଲେ। ଏହି ମାମଲାରେ ତଦନ୍ତ କରୁଥିବା ପୋଲିସ ଗୁରୁବାର ରାତିରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ସମୁଦି ଘରେ ରହୁଥିବା ସୁଷମାଙ୍କୁ ଗିରଫ କରିଥିଲା।

# ସାହାରିଡ଼ିଆ- ଭଣ୍ଡୁଆ ପୋଲ ନିର୍ମାଣ ପାଇଁ ୧୪ କୋଟି ମଞ୍ଜୁର

କୁଜଙ୍ଗ,୨୭।୧୦(ମନୋଜ ପ୍ରଧାନ)

**ସଦର ମହକୁମା ସହ ଯୋଡ଼ିହେବ ଦ୍ୱୀପାଞ୍ଚଳ**

କୁଜଙ୍ଗ ବ୍ଲକ ଜିଲାନାସି ପଞ୍ଚାୟତ ଅନ୍ତର୍ଗତ ସାହାରାଡିଆ ଗ୍ରାମର ଭଣ୍ଡୁଆ ପର୍ଯ୍ୟନ୍ତ ମହାନଦୀରେ ବିଜୁ ସେତୁ ଯୋଜନାରେ ପୋଲ ନିର୍ମାଣ ହେବ। ଏନେଇ ୧୪ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଥିପାଇଁ ଶୁକ୍ରବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ଟେଣ୍ଡର ଆହ୍ୱାନ କରାଯାଇଛି। ଉକ୍ତ ସେତୁର ନିର୍ମାଣ କାର୍ଯ୍ୟ ୧୮ ମାସ ମଧ୍ୟରେ ଶେଷ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ମହାନଦୀ ଓ ପାଇକା ନଦୀରେ ଘେରିହୋଇଥିବା ଜିଲାନାସୀ ପଞ୍ଚାୟତରେ ସେତୁ ନ ଥିବାରୁ ସେଠାକାର ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ସେତୁ ନିର୍ମାଣ ହେବା ପରେ ଦ୍ୱୀପାଞ୍ଚଳର ସମସ୍ୟା ଦୂରହେବ ବୋଲି କୁହାଯାଉଛି। ଏହି ଖବର ଜଣାପଡ଼ିବା ପରେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଜିଲାନାସି ସରପଞ୍ଚ ନଳିନୀପ୍ରଭା ପରିଡା, ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ଜିଲାପରିଷଦ ସଭ୍ୟା ପୁଷ୍ପଲତା ବେହେରା, ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ସୁଜଳ କୁମାର ସ୍ୱାଇଁ, ବିଧାୟକଙ୍କ ପ୍ରତିନିଧି ନିରଞ୍ଜନ ପ୍ରଧାନ, ଯୁବନେତା ତପନ ସାମନ୍ତରାୟ, ବ୍ଲକ ଯୁବ ବିଜେଡି ସଭାପତି ଅରୁପ୍ରସାଦ ମହାନ୍ତି ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଏବଂ ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ମା' ଗଜଲକ୍ଷ୍ମୀଙ୍କ ଆଗମନ: ଉତ୍ସବମୁଖର ହେବ ଚାନ୍ଦୋଳ ବଜାର

ଡେରାବିଶ, ୨୭।୧୦(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଞ୍ଚଳରେ ଗଣପର୍ବ ଭାବେ ପାଳିତ ହୋଇ ଆସୁଥିବା ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଗାଁଠାରୁ ଆରମ୍ଭ କରି ବଜାର ଯାଏ ପ୍ରସ୍ତୁତି ଜୋରଦାର ହେଉଛି। ଶନିବାର କୁମାରପୂର୍ଣ୍ଣିମା ଅବସରରେ ଆରମ୍ଭ ହେବାକୁ ଥିବା ମା'ଙ୍କ ପୂଜା ୯ଦିନ ଧରି ଅନୁଷ୍ଠିତ ହେବ। ୭୦ରୁ ଊର୍ଦ୍ଧ୍ୱ ପୂଜାମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ଚାନ୍ଦୋଳ ବଜାରରେ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅନୁଷ୍ଠିତ ହୋଇ ଆସୁଥିବା ପୂଜା କେବଳ ବ୍ଲକ ଅଞ୍ଚଳ ନୁହେଁ, କେନ୍ଦ୍ରାପଡ଼ା ଓ ପଡ଼ୋଶୀ କଟକ ଜିଲାରେ ପ୍ରସିଦ୍ଧି ଲାଭ କରିଛି। ଚାନ୍ଦୋଳରେ ୧୫ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ସହ ନୃସିଂହ ଅବତାର, ହରପାର୍ବତୀ, ଗଜଉଦ୍ଧାରଣ ମୂର୍ତ୍ତି ଶ୍ରଦ୍ଧାଳୁଙ୍କ ବିଶେଷ ଆକର୍ଷଣ ପାଲଟିଥାଏ। ଶନିବାରଠାରୁ ଆରମ୍ଭ ହୋଇ ନଭେମ୍ବର ୫ରେ ଶେଷ ହେବ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟ ରଖି ବଜାରର ବ୍ୟବସାୟୀ ଓ ପ୍ରଶାସନ ପକ୍ଷରୁ ଏ ନେଇ ପ୍ରସ୍ତୁତି ବୈଠକ ଶେଷ ହୋଇଯାଇଛି। ଆଇନଶୃଙ୍ଖଳା ପାଇଁ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲିକ, ସଦର ଥାନା ଅଧିକାରୀ ସରୋଜ କୁମାର ସାହୁ ଓ ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ବ୍ୟବସ୍ଥା କରିବାକୁ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚାନ୍ଦୋଳ ବଜାର ଦେଇ ଯାଇଥିବା କଟକ-ଚାନ୍ଦବାଲି ରାଜପଥର ଉଭୟପାର୍ଶ୍ୱରେ ପୂଜାମଣ୍ଡପ ଥିବାରୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି। ସେହିପରି ବଜାର କମିଟି ପକ୍ଷରୁ ଏହି ଯାତ୍ରା ସମୟରେ ପାନୀୟ ଜଳ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସହ ବିଦ୍ୟୁତ୍ କାଟ ନ ହେବା ପାଇଁ ବିଭାଗୀୟ ସ୍ତରରେ ପଦକ୍ଷେପ ନିଆଯାଇଛି। ବଜାର କମିଟି ପକ୍ଷରୁ ଏହି ପୂଜା ସମୟରେ ୯ଦିନ ଧରି ଏକ ସୂଚନା କେନ୍ଦ୍ର ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା କମିଟିର ସଭାପତି ଶିବାଶିଷ ମହାନ୍ତି ସୂଚନା ଦେଇଛନ୍ତି। ସେହିଭଳି ଅସ୍ଥାୟୀ ଦୋକାନ ପାଇଁ ସ୍ଥାନ ନିରୂପଣ କରାଯିବା ସହ ପୂଜା ମଣ୍ଡପଗୁଡ଼ିକରେ ମା'ଙ୍କୁ ଶୃଙ୍ଖଳିତ ଦର୍ଶନ ପାଇଁ ସମ୍ପୃକ୍ତ ପୂଜା କମିଟି ପକ୍ଷରୁ ମଧ୍ୟ ବ୍ୟବସ୍ଥା କରାଯାଇଛି।





ଲକ୍ଷ୍ମୀପୂଜା ଅବସରରେ ଚାନ୍ଦୋଳଠାରେ ନିର୍ମିତ ମୂର୍ତ୍ତିରେ କାରିଗରମାନେ ରଙ୍ଗ ଦେଉଛନ୍ତି।

# ଦିବ୍ୟାଙ୍ଗ ଡୋରାଙ୍କୁ ମିଳିଲା ସହାୟତା



କୁଜଙ୍ଗ,୨୭।୧୦(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ପୋତାନଇ ପଞ୍ଚାୟତ ଅନ୍ତର୍ଗତ ବାଇଲୋ ଗ୍ରାମର ମା'ବାପ ଛେଉଣ୍ଡ ଭିନ୍ନକ୍ଷମ ଓ ରୋଗାକ୍ରାନ୍ତ ଡୋରା ସ୍ୱାଇଁ (୩୫)ଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବ୍ୟାସ ଫାଉଣ୍ଡେଶନ ସହାୟତାର ହାତ ବଢ଼ାଇଛି। ସ୍ୱର୍ଗତ ଗଙ୍ଗାଧର ସ୍ୱାଇଁ ଓ ସତୀ ସ୍ୱାଇଁଙ୍କ ପୁଅ ଡୋରାଙ୍କ ଗୋଟିଏ ଗୋଡ଼ ଅଚଳ । ସେ ଆଖପାଖ ଗାଁ ଓ ମନ୍ଦିରରେ ଭିକ୍ଷା ବୃତ୍ତି କରି ନିଜର ଜୀବନ ବିତାଉଥିଲେ। ନିକଟସ୍ଥ ଚନ୍ଦାପାଟ ହାଟରେ ମା'ଦୁର୍ଗା ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ସାଂସ୍କୃତିକ ଉତ୍ସବରେ ବ୍ୟାସ ଫାଉଣ୍ଡେଶନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଅତିଥି ହୋଇଥିଲେ । ଡୋରାଙ୍କ ଅସହାୟତା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବ୍ରଜକିଶୋର ମହାରାଜଙ୍କଠାରୁ ଜାଣିବା ପରେ ଆଚାର୍ଯ୍ୟ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ଡୋରାଙ୍କ ପାଇଁ ଜିଲା ସୁରକ୍ଷା ଅଧିକାରୀ ସୁନୀଲ ନାୟକ ଏକ ହୁଇଲ ଚେୟାରର ବ୍ୟବସ୍ଥା କରିବା ସହ ତର୍ତ୍ତଙ୍ଗସ୍ଥିତ ତ୍ରିନାଥ ଜରାଶ୍ରମରେ ଥଇଥାନ କରିଛନ୍ତି । ଏନେଇ ଆଚାର୍ଯ୍ୟଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ଆଦ୍ୟ ଶ୍ରୀକ୍ଷେତ୍ରରେ ଧିମେଇ ଚାଲିଛି ବିକାଶ

- ୧୮ ମାସରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ନେଇ ସନ୍ଦେହ
- ସେବାୟତ ବିସ୍ଥାପିତ ହୋଇପାରୁ ନ ଥିବାରୁ ମିଳୁନି ପ୍ୟାକେଜ
- ମୁଖ୍ୟଦ୍ୱାରରେ ଆରମ୍ଭ ହୋଇ ପାରୁନି ଜମି ଅଧିଗ୍ରହଣ କାର୍ଯ୍ୟ
- ୬୫ ରୁ ପ୍ରଥମ ପର୍ଯ୍ୟାୟରେ ୨୬ ପରିବାର ପାଇଥାନ୍ତେ ପ୍ୟାକେଜ
- ଜିଲାପାଳଙ୍କ ବଦଳି ପରେ ପ୍ୟାକେଜ ଘୋଷଣା ବାଟବଣା

ନୟାଗଡ଼/ଖଣ୍ଡପଡ଼ା,୨୭।୧୦ (ଲୋକନାଥ ମିଶ୍ର/ ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା କଣ୍ଟିଲୋ ଶ୍ରୀ ନୀଳମାଧବ ପୀଠର ସାମଗ୍ରୀକ ବିକାଶ ଓ ଉନ୍ନତି ପାଇଁ ସମନ୍ୱିତ, ଐତିହ୍ୟ ଓ କୀତ୍ତିରାଜି ବିକାଶ ଯୋଜନାରେ ୧୦୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ୧୮ ମାସ ମଧ୍ୟରେ ନୀଳମାଧବ ପୀଠର ବିକାଶ ପ୍ରକଳ୍ପର କାର୍ଯ୍ୟ ସମ୍ପନ୍ନ ହେବାକୁ ପ୍ରସ୍ତାବ ରହିଥିଲା। ଇତି ମଧ୍ୟରେ ୧୬ମାସ ଅତିକ୍ରମ କରି ସାରିଥିଲେ ମଧ୍ୟ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହେଉ ନ ଥିବାରୁ ପ୍ରକଳ୍ପର କାମ ମନ୍ଥର ଗତିରେ ଚାଲୁଥିବା ଅଭିଯୋଗ ହୋଇଛି। ମନ୍ଦିରର ପୂର୍ବଦ୍ୱାର ତଥା ମୁଖ୍ୟ ଦ୍ୱାରରେ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇନି। ଅନ୍ୟପକ୍ଷେ ୬୫ ପରିବାର ଥଇଥାନ ହେବାକୁ ଥିବାବେଳେ ଏଥିରେ ପ୍ରାୟ ୬୦ ପରିବାର ସେବାୟତ ଥିଲେ। ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୨୬ ପରିବାର ପାଇଁ ପ୍ୟାକେଜ ଘୋଷଣା କରିଥିଲେ ମଧ୍ୟ ଏଥିରେ କେହି ସେବାୟତ ଥଇଥାନ ହୋଇ ନାହାନ୍ତି। ବରଂ କେତେଜଣ ଅଣ ସେବାୟତ ଥଇଥାନ ହୋଇଥିବା ଜଣାପଡିଛି। ଜିଲାପାଳ ପୋମା ଟୁଡୁଙ୍କ ବଦଳି ପରେ ଥଇଥାନ କାର୍ଯ୍ୟ ଧିମେଇ ଯାଇଥିବା ଅଭିଯୋଗ ହୋଇଛି।

୨୦୨୨ ଏପ୍ରିଲରେ ନୀଳମାଧବ ବିକାଶ ପ୍ରକଳ୍ପ ପାଇଁ ୧୦୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ପ୍ରକଳ୍ପ ପାଇଁ ପ୍ରସ୍ତୁତ ମାଷ୍ଟର ପ୍ଲାନରେ ମୁଖ୍ୟତଃ ମନ୍ଦିରର ପରିବେଷ୍ଟିତ ସ୍ଥାନ, ଚନ୍ଦନ ପୋଖରୀ, ଦୟଣାଚୋରୀ ବଗିଚାର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟ କରଣ, ମନ୍ଦିର ଚତୁଃପାର୍ଶ୍ୱ ରାସ୍ତାର ଉନ୍ନତୀ କରଣ ଓ ପରିକ୍ରମା ମାର୍ଗ, ମହାନଦୀ କୂଳର ସୁରକ୍ଷା, ପାହାଡ ଉପରେ ବିରାଜିତ ଠାକୁରଙ୍କ ଦର୍ଶନ ପାଇଁ ଲିଫ୍ଟ ବ୍ୟବସ୍ଥା ସହିତ ପ୍ରାୟ ୩୬ଟି ଆବଶ୍ୟକ କାର୍ଯ୍ୟ ପାଇଁ ପ୍ରସ୍ତାବ ରହିଥିଲା। ତେବେ ସମୟାନୁକ୍ରମେ ମାଷ୍ଟର ପ୍ଲାନ କ୍ରମଶଃ ସଙ୍କୁଚିତ ହୋଇଯାଉଥିବା ଅଭିଯୋଗ ହୋଇଛି। ମନ୍ଦିରର ମୁଖ୍ୟ ସିଂହଦ୍ୱାର ସମ୍ମୁଖ ଭାଗରେ ବସବାସ କରୁଥିବା ସେବାୟତ ଓ ଅଣସେବାୟତଙ୍କ ଘରକୁ ଉଚ୍ଛେଦ କରାଯାଇ କଣ୍ଟିଲୋ ଖୋର୍ଦ୍ଧା ରାଜ୍ୟ ରାଜପଥକୁ ସଂଯୋଗ କରିବା ପାଇଁ ରାସ୍ତାର ନବୀକରଣ ଓ ପ୍ରଶସ୍ତୀକରଣ ସହ ମନ୍ଦିର ପାଇଁ ସ୍ୱତନ୍ତ୍ର ପୋଲିସ ଫାଣ୍ଡି ସ୍ଥାପନ କରାଯିବାର ଯୋଜନା ରହିଥିଲା। ମାତ୍ର ସବୁ କାମ ଧିମେଇ ଚାଲିଛି। ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ଦାୟିତ୍ୱ ଓଡ଼ିଶା ସେତୁ ନିର୍ମାଣ ନିଗମ ଉପରେ ନ୍ୟସ୍ତ ରହିଥିବା ବେଳେ ପ୍ରକଳ୍ପର କାମ ବଂଶଲ କମ୍ପାନୀ ପକ୍ଷରୁ ପରିଚାଳନା କରାଯାଉଛି। ପ୍ରକଳ୍ପର କାର୍ଯ୍ୟ ଠିକାଦାରଙ୍କ ମର୍ଜିରେ ଚାଲଥିବାବେଳେ କାମରେ ସ୍ୱଚ୍ଛତା ନ ଥିବାରୁ ପ୍ରକଳ୍ପର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମାଷ୍ଟର ପ୍ଲାନ ଅନୁସାରେ ମନ୍ଦିର ସିଂହଦ୍ୱାର ସମ୍ମୁଖ ଭାଗରେ ବସବାସ କରୁଥିବା ସେବାୟତଙ୍କ ସମେତ ପ୍ରାୟ ୬୫ଟି ପରିବାରକୁ ସ୍ଥାନାନ୍ତର କରାଯିବାର ନିଷ୍ପତ୍ତି ହୋଇଥିଲା। ଏ ପରିପ୍ରେକ୍ଷୀରେ ୨୦୨୨ ସେପ୍ଟେମ୍ବର ୧୪ରେ ତତ୍କାଳୀନ ଜିଲାପାଳ ପୋମା ଟୁଡୁ ବୈଠକରେ ଅଧକ୍ଷତା କରି ଥଇଥାନ ପ୍ୟାକେଜ ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଏକ ଡେସିମିଲ ପରିମିତ ପ୍ଲଟରେ ବାସଗୃହ ନିର୍ମାଣ ହୋଇଥିବା ବ୍ୟକ୍ତିମାନଙ୍କୁ ପ୍ରଶାସନ ପକ୍ଷରୁ ୩ ଡେସିମିଲ ଜାଗା ପ୍ରଦାନ କରାଯିବାର ନିଷ୍ପତ୍ତି ହୋଇଥିଲା। ପୁଣି ସଂପୃକ୍ତ ବିସ୍ଥାପିତ ପରିବାରଙ୍କୁ ଜମି ମୂଲ୍ୟର ୨ଗୁଣରୁ କିଛି ଅଧିକ ସହିତ ୧୨ ପ୍ରତିଶତ ସୁଧ ଏବଂ ବିସ୍ଥାପିତ ହେବା ପରଠାରୁ ୧ ବର୍ଷ ପର୍ଯ୍ୟନ୍ତ ମାସକୁ ୧୦ ହଜାର ଟଙ୍କା ହାରରେ ୧ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ ବୋଲିଅନୁରୂପ ନିଷ୍ପତ୍ତି ରହିଥିଲା। ମୋଟାମୋଟି ଭାବେ ୧ ଡେସିମିଲ ଜମିରେ ଘରବାରି ଥିଲେ ୧୭ ଲକ୍ଷ ଟଙ୍କାର ପ୍ୟାକେଜ ମିଳିଥାନ୍ତା। ସେହିପରି ୧ ଡେସିମିଲ ରେକର୍ଡ ଜାଗା ଥାଇ ଗୃହ ନିର୍ମାଣ ହୋଇ ନ ଥିବା ବ୍ୟକ୍ତିଙ୍କୁ ମଧ୍ୟ ୩ ଡେସିମିଲ ଜମି ପ୍ରଦାନ କରାଯିବ ବୋଲି ପ୍ରସ୍ତାବ ରହିଥିଲା। ପ୍ରଥମ ପର୍ଯ୍ୟାୟରେ ୧ ଡେସିମିଲ ଘରବାରି ଥିବା ୨୬ ସେବାସୀଙ୍କୁ ଚିହ୍ନଟ କରି ପ୍ୟାକେଜ ଦେବାକୁ ପ୍ରଶାସନ ଘୋଷଣା କରିଥିଲା। କିଛି ଆପତ୍ତି କରିବାକୁ ହେଲେ ୧୫ ଦିନ ମଧ୍ୟରେ ଅଭିଯୋଗ କରିବାର ବ୍ୟବସ୍ଥା ରହିଥିଲା। ସେହିପରି ୨, ୩ କିମ୍ବା ୪ଡେସିମିଲ ଜାଗାରୁ ଊର୍ଦ୍ଧ୍ୱ ଥିବା ପରିବାରକୁ ବିସ୍ଥାପିତ କରାଯିବ କୁହାଯାଇଥିଲା। ଏମାନଙ୍କ ପାଇଁ କେଉଁ ପ୍ରଣାଳୀରେ ଥଇଥାନ କରାଯିବ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବବୋଲି ସ୍ଥିର ହୋଇଥିଲା। ଜିଲାପାଳଙ୍କ ବଦଳି ପରେ ପ୍ୟାକେଜ୍ ଘୋଷଣା ବାଟବଣା ହୋଇ ଯାଇଛି। କେତେଜଣ ଅଣସେବାୟତ ଏଥିରେ ଉପକୃତ ହୋଇଥିବାବେଳେ ସେବାୟତମାନେ ଏଥିରେ ସାମିଲ ହୋଇ ପାରି ନାହାନ୍ତି। କିଛି ସେବାୟତ ନିଜର ପୁରୁଣା ଘରକୁ ଭାଙ୍ଗି ନୂଆ ଗୃହ ନିର୍ମାଣ କରି ସାରିଛନ୍ତି। ଆଉ କିଛି ଭଡ଼ାରେ ଅଛନ୍ତି। ଏଣୁ ସେବାୟତମାନେ କ'ଣ କରିବେ ଦ୍ୱନ୍ଦରେ ଅଛନ୍ତି। ଥଇଥାନ ପାଇଁ ସ୍ଥାନ ପରିବର୍ତ୍ତନ ହୋଇପାରେ ବୋଲି ସୂଚନା ମିଳିଛି।

## ବୈଠକ ପରେ ବାସ୍ତବ ସ୍ଥିତିର ସମୀକ୍ଷା

ନୟାଗଡ଼/ଖଣ୍ଡପଡ଼ା,୨୭।୧୦ (ଲୋକନାଥ ମିଶ୍ର/ ଅଜୟ କୁମାର ମହାରଣା)


ଦୁଇ ତହସିଲଦାର ବିକାଶ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ନୀଳମାଧବଙ୍କ ପୀଠର ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ ନେଇ ଗତ ୨୬ ତାରିଖରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଖଣ୍ଡପଡ଼ା ଓ ଭାପୁର ତହସିଲଦାରଙ୍କ ଉପସ୍ଥିତିରେ ନୀଳମାଧବ ସେବାୟତ ପ୍ରତିନିଧିଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଲୋଚନା ସମୟରେ ତତ୍କାଳୀନ ଜିଲାପାଳଙ୍କ ନିଷ୍ପତ୍ତି କ୍ରମେ ବିସ୍ଥାପିତ ସେବାୟତମାନଙ୍କୁ ଥଇଥାନ କରାଗଲେ ଅଧିକ ଖର୍ଚ୍ଚ ହେଉଥିବାରୁ ପ୍ରକଳ୍ପ କାର୍ଯ୍ୟ ଶେଷ ହେବାରେ ସମସ୍ୟା ଉପୁଜିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଏହାଛଡା ବିସ୍ଥାପିତମାନଙ୍କୁ ଥଇଥାନ ନିମନ୍ତେ ପୂର୍ବରୁ ସ୍ଥିର କରାଯାଇଥିବା ଜାଗାକୁ ପରିବର୍ତ୍ତନ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେବାୟତମାନଙ୍କ ପକ୍ଷରୁ କଣ୍ଟିଲୋ ନିକଟ ଗଉଡ ଟଇଲା, ମାଘମେଳା ପଡିଆ ନିକଟ ପ୍ରାଣୀ ଚିକିତ୍ସା କେନ୍ଦ୍ର, ପଥରଚକଡା ପଞ୍ଚାୟତ ଅଧୀନରେ ଥିବା ରଘୁନାଥ ଜୀଉଙ୍କ ଜମି ଓ ପାନ୍ଥଶାଳା ନିକଟରେ ଥିବା ସରକାରୀ ଜାଗାରେ ବିସ୍ଥାପିତମାନଙ୍କୁ ଥଇଥାନ କରିବା ପାଇଁ ସେବାୟତମାନେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବିସ୍ଥାପିତଙ୍କୁ ଯଦି ପୂର୍ବ ନିର୍ଦ୍ଧାରିତ ଜମି ମୂଲ୍ୟର ୨ ଗୁଣରୁ ଅଧିକ ଅର୍ଥ ପ୍ରଦାନ କରା ନ ଯାଇ କମ ଅର୍ଥ ପ୍ରଦାନ କରାଯାଏ ତେବେ ଥଇଥାନ ପାଇଁ ବ୍ୟବସ୍ଥା କରାଯାଉଥିବା ଜମିର ପରିମାଣ ବୃଦ୍ଧି କରିବାକୁ ସେବାୟତମାନେ ଅନୁରୋଧ କରିଥିଲେ। ବୈଠକ ପରେ ଜିଲା ପ୍ରଶାସନର ପରାମର୍ଶ କ୍ରମେ ଶୁକ୍ରବାର ଖଣ୍ଡପଡ଼ା ତହସିଲଦାର ଧୋବେଇ ନାଏକ ଓ ଭାପୁର ତହସିଲଦାର ଲଗ୍ନଜିତ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଉକ୍ତ ୪ଟି ସ୍ଥାନ ପରିଦର୍ଶନ କରିଥିବା ବେଳେ ଏ ସମ୍ପର୍କରେ ସେମାନେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡିଛି।



ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅମୁଲ୍ୟ


@ ଅରୁଣ


@ ମିତାଲି


@ ବିଭୁତି


@ ପ୍ରକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସହରାଞ୍ଚଳ ଉନ୍ନୟନ କାର୍ଯ୍ୟର ସମୀକ୍ଷା


କାର୍ଯ୍ୟନିର୍ବାହୀ ଅଧିକାରୀ ବିକାଶ ପ୍ରକଳ୍ପର ସମୀକ୍ଷା କରୁଛନ୍ତି।

ଖଣ୍ଡପଡ଼ା,୨୭।୧୦ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଏନଏସି କାର୍ଯ୍ୟାଳୟରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ଓ କନିଷ୍ଠ ଯନ୍ତ୍ରୀ ଦେବବ୍ରତ ମିଶ୍ର ସହରାଞ୍ଚଳର ବିଭିନ୍ନ ୱାର୍ଡକୁ ପରିଦର୍ଶନ କରିବା ସହ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବହୁ ବର୍ଷ ପଡ଼ି ରହିଥିବା ଉନ୍ନୟନ କାର୍ଯ୍ୟକୁ ଶେଷ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁରୁତ୍ୱ ଦେବା ସହ ବିଭିନ୍ନ ପ୍ରକଳ୍ପରେ ନିୟୋଜିତ ଠିକାଦାରମାନେ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନାରେ ଚାଲୁ ରହିଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ସମୀକ୍ଷା କରିଛନ୍ତି। ବିଭିନ୍ନ ୱାର୍ଡ ପରିଦର୍ଶନ ସମୟରେ ସ୍ଥାନୀୟ ଲୋକମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## କୁମ୍ଭାରପଡ଼ା ଶାରଦୀୟ ଦୁର୍ଗାପୂଜା ଉଦ୍‌ଯାପିତ

### ସାମାଜିକ ନାଟକ ମଞ୍ଚସ୍ଥ, ଭସାଣି ଉତ୍ସବ ଶେଷ

ଖଣ୍ଡପଡ଼ା,୨୭।୧୦ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ପଞ୍ଚାୟତର ବଡ଼ସାହି ଓ ଗୋଡ଼ସାହି ୨ ପୂଜା କମିଟି ପକ୍ଷରୁ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପ୍ରତିଦିନ ଚଣ୍ଡୀ ପୂଜା ସହ ନାମ ସଂକୀର୍ତ୍ତନ ଚାଲିଥିଲା। ଏହି ଅବସରରେ ଗ୍ରାମରେ ୩ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ବଡସାହି ପୂଜା କମିଟି ପକ୍ଷରୁ ସାମାଜିକ ନାଟକ 'ଆଖିଏ ଲୁହକୁ ଛାତିଏ କୋହ' ମଞ୍ଚସ୍ଥ କରାଯାଇଥିବା ବେଳେ ସନ୍ଧ୍ୟାରେ କୁନି କୁନି ପିଲାମାନଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଇଂ. ଅର୍ଚ୍ଚନା ଦାଶ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଙ୍ଗଠକ ଇଂ.ଶ୍ରୀନିବାସ ଦାଶ, ବରିଷ୍ଠ ଶିକ୍ଷାବିତ୍ ତଥା ନାଟ୍ୟକାର ବସନ୍ତ କୁମାର ପଣ୍ଡା, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ହରିହର ପଣ୍ଡା, ପୂଜା କମିଟିର ବରିଷ୍ଠ ସଭ୍ୟ ଉମାକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଗୋଡିସାହି ପୂଜା କମିଟି ଦ୍ୱାରା ବୁଧବାରଠାରୁ ୪ ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସନ୍ଧ୍ୟାରେ କୁନିକୁନି ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ। ୨ୟ ସନ୍ଧ୍ୟାରେ ଅନ୍ଧ, ମୂକ, ବଧିର କଳାକାରମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଦର୍ଶକମାନଙ୍କ ମନ ମୋହିଥିଲା। ମଙ୍ଗଳ ଓ ବୁଧବାର ଅପରାହ୍ନରୁ ପୌରାଣିକ ନାଟକ ଯଥାକ୍ରମେ ଲବ କୁଶ ଜନ୍ମ ଓ ମହିରାବଣ ବଧ ପରିବେଷଣ କରାଯାଇଥିଲା। ବୁଧବାର ରାତିରେ ଡ.ଦୀପକ ଜେନାଙ୍କ ଦ୍ୱାରା ରଚିତ ଏବଂ ଚିନ୍ମୟ କୁମାର ପଣ୍ଡାଙ୍କ ଦ୍ୱାରା ନିର୍ଦ୍ଦେଶିତ ସାମାଜିକ ନାଟକ 'କିଏ ପୋଛିଦେବ ଆଖିର ଲୁହ' ମଞ୍ଚସ୍ଥ ହୋଇଥିଲା।

ଏହି କାର୍ଯ୍ୟକ୍ରମକୁ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବ୍ଲକ୍ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ସମ୍ମାନିତ ଅତିଥି ରୂପେ କୁମ୍ଭାରପଡ଼ା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ ଅଖିଳ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ଅଜୟ କୁମାର ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହୋଇଛି।

## ମା' ଭାନୁମତୀ ଦେବୀଙ୍କ ଘଟ ବିସର୍ଜନ

ଖଣ୍ଡପଡ଼ା,୨୭।୧୦ (ଅଜୟ କୁମାର ମହାରଣା)

ବାଣପୁର ପଞ୍ଚାୟତ ଅଧୀନ ଘଣାଶାଳିଆ ଗ୍ରାମର ମା'ଭାନୁମତୀ ଦେବୀଙ୍କ ଶାରଦୀୟ ପୂଜା ଅବସରରେ ଅଷ୍ଟମୀଠାରୁ ଦଶହରା ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ଯଜ୍ଞ କାର୍ଯ୍ୟ ମହାସମାରୋହରେ ପାଳିତ ହୋଇଯାଇଛି। ଶାରଦୀୟ ପୂଜା ସମ୍ପନ୍ନ ଅବସରରେ ମା'ଙ୍କ ଘଟକୁ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ମହାନଦୀ ଘାଟରେ ବିସର୍ଜନ କରାଯାଇଛି। ଉକ୍ତକାର୍ଯ୍ୟକ୍ରମକୁ ବିଭୂତି ଭୂଷଣ ପ୍ରଧାନ ପରିଚାଳନା କରିଥିଲେ।

## ବିକାଶ ୱାରିୟର ଟିମ୍ ବିଜୟୀ

### ପ୍ରିମିୟର ଲିଗ୍ କ୍ରିକେଟ


ଅତିଥି ବ୍ୟାଟିଂ କରି ମ୍ୟାଚ୍‌କୁ ଉଦ୍‌ଘାଟନ କରୁଛନ୍ତି।

ଖଣ୍ଡପଡ଼ା,୨୭।୧୦ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ସାଇକ୍ତପା କେପିଏଲ କମିଟି ପକ୍ଷରୁ ଶୁକ୍ରବାର ଆୟୋଜିତ ୩ୟ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସରେ ଫିଫ୍‌ଟିନ ଫାଇଟର୍ସକୁ ହରାଇ ବିକାଶ ୱାରିୟର ବିଜୟୀ ହୋଇଛି। ଟସ୍ ଜିଣି ପ୍ରଥମେ ଫିଫ୍‌ଟିନ ଫାଇଟର୍ସ ଦଳ ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୪୦ ରନ ସଂଗ୍ରହ କରିଥିଲା। ଜବାବରେ ୱାରିୟର ଦଳ ୧୨.୫ ଓଭରରେ ୫ ଉଇକେଟ ବିନିମୟରେ ୧୪୪ ରନ ସଂଗ୍ରହ କରିଥିଲା। ବିଜୟୀ ୱାରିୟର ଦଳର ପିଣ୍ଟୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଚନ୍ଦନ ଦଳେଇ ଓ ନିପ୍ରସ ସାହୁ ପରିଚାଳନା କରିଥିଲେ। ଅତିଥି ଭାବେ ବାଣପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନାତନ ମହାନ୍ତି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶନିବାର ଅଶୋକା ଟିମ ସହ ଶତପଥୀ ଲାୟନ୍ସ ଟିମ୍‌ର ମୁକାବିଲା ହେବ।

## ନିଲମ୍ବନ ଆଦେଶ ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ

ଦଶପଲ୍ଲା,୨୭।୧୦ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଖମାରସାହି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଇଟି ତଥା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ସାଧାରଣରେ ଦାବି ହୋଇଛି। ଶିକ୍ଷକଙ୍କ ନିଲମ୍ବନ ଆଦେଶ ଶୀଘ୍ର ପ୍ରତ୍ୟାହାର କରା ନ ଗଲେ ବିଦ୍ୟାଳୟ କମିଟି କର୍ମକର୍ତ୍ତା, ଆଲୁମିନା କମିଟି, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ସମେତ ସ୍ଥାନୀୟ ଲୋକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଦଶପଲ୍ଲା ବ୍ଲକ ଶିକ୍ଷା ଅଧିକାରୀ ଏବଂ ଅତିରିକ୍ତ ଶିକ୍ଷାଧିକାରୀ ଠିକ୍ ଭାବେ ତଦନ୍ତ ନ କରି ଶିକ୍ଷକ ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନିଲମ୍ବିତ କରିଥିଲେ। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରଶାସନ ପକ୍ଷରୁ ନିଲମ୍ବନ ଆଦେଶକୁ ଯଦି ପ୍ରତ୍ୟାହାର କରା ନ ଯାଏ ତେବେ ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧକାରୀ ଏବଂ ପ୍ରଶାସନକୁ ଲିଖିତ ଭାବେ ଜଣାଇଛନ୍ତି। ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା ପାଇଁ ଦାବି ହେଉଛି।

## ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ

### ୪ ନିର୍ବାଚନ ମଣ୍ଡଳୀର ଡ୍ରାଫ୍ଟ ତାଲିକା ପ୍ରକାଶ

ନୟାଗଡ଼,୨୭।୧୦(ଲୋକନାଥ ମିଶ୍ର)



ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ପାଇଁ ଆୟୋଜିତ ବୈଠକରେ ଜିଲାପାଳ ଓ ପ୍ରଶାସନିକ ଅଧିକାରୀ।

ଶୁକ୍ରବାର ନୟାଗଡ଼ ଜିଲାରେ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଭାରତ ସରକାରଙ୍କ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଜିଲା ନିର୍ବାଚନ ଅଧିକାରୀଙ୍କ ଆନୁକୂଲ୍ୟରେ ଜିଲାର ରଣପୁର, ନୟାଗଡ଼,ଖଣ୍ଡପଡ଼ା ଓ ଦଶପଲ୍ଲା ଆଦି ୪ ନିର୍ବାଚନ ମଣ୍ଡଳୀର ଡ୍ରାଫ୍ଟ ତାଲିକା ପ୍ରକାଶ ପାଇଛି। ଚିଠା ତାଲିକା ଉପରେ କୌଣସି ଅଭିଯୋଗ ଥିଲେ ଧାର୍ଯ୍ୟ ସମୟ ମଧ୍ୟରେ ଆବେଦନ କରିବାକୁ ଜିଲାପାଳ ସୂଚନା ଦେଇଥିଲେ।

ଭୋଟର ତାଲିକାରେ ନୂତନ ଭୋଟର ପଞ୍ଜିକରଣ ଏବଂ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୪ ଅବସରରେ ଅନୁଷ୍ଠିତ ବୈଠକରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର ନାଥ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ନିର୍ବାଚନମଣ୍ଡଳୀ ଅନୁସାରେ ପ୍ରକାଶିତ ଡ୍ରାଫ୍ଟ ତାଲିକାରେ ରଣପୁର ନିର୍ବାଚନ ମଣ୍ଡଳୀରେ ୨୪୦ଟି ବୁଥ ରହିଥିବା ବେଳେ ମୋଟ ୨ ଲକ୍ଷ ୩ ହଜାର ୯୮୭ ଜଣ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରେ ୧ ଲକ୍ଷ ୬ ହଜାର ୫୭୬ ଜଣ ପୁରୁଷ ୯୭ ହଜାର ୩୯୧ ଜଣ ମହିଳା, ୨୦ ଜଣ ତୃତୀୟ ଲିଙ୍ଗ ୨୦ ଜଣ ରହିଛନ୍ତି। ସେହିଭଳି ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ମୋଟ ୧ ଲକ୍ଷ ୮୧ ହଜାର ୨୨୦ ଜଣ ଭୋଟର ରହିଥିବା ବେଳେ ୯୬ ହଜାର ୨୬୩ ଜଣ ପୁରୁଷ ଭୋଟର ୮୪ ହଜାର ୯୪୯ ଜଣ ମହିଳା ଭୋଟର ଏବଂ ୮ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ୨୩୪ଟି ବୁଥ ରହିଥିବା ବେଳେ ୧ ଲକ୍ଷ ୮୬ ହଜାର ୯୭ ଜଣ ଭୋଟର ଅଛନ୍ତି। ଏଥିରେ ୯୬ ହଜାର ୬୩୮ ଜଣ ପୁରୁଷ ଓ ୮୯ ହଜାର ୫୪୮ ଜଣ ମହିଳା, ୧୧ ଜଣ ତୃତୀୟ ଲିଙ୍ଗ ଭୋଟର ଅଭନ୍ତି। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ୨୪୬ଟି ବୁଥ ରହିଥିବା ବେଳେ ୨ ଲକ୍ଷ ୧୪ ହଜାର ୬୭୨ ଜଣ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ୧ ଲକ୍ଷ ୧୩ ହଜାର ୩୮୭ ଜଣ ପୁରୁଷ, ୧ ଲକ୍ଷ ୧ ହଜାର ୨୭୨ ଜଣ ମହିଳା, ୧୩ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ଅପରପକ୍ଷେ ନୂତନ ପଞ୍ଜିକରଣ ନିମନ୍ତେ ଫର୍ମ-୬, ଭୋଟରଙ୍କୁ ଆଧାର ସଂଯୋଗୀକରଣ ନିମନ୍ତେ ଫର୍ମ-୬(ଖ), ତାଲିକାରୁ ନାମ ବାଦ ଦେବା ନିମନ୍ତେ ଫର୍ମ-୭, ତାଲିକାରେ ତଥ୍ୟ ସଂଶୋଧନ ନିମନ୍ତେ ଫର୍ମ-୮ରେ ଦରଖାସ୍ତ କରାଯିବ। ଏହି କାର୍ଯ୍ୟକ୍ରମ ୨୭ ତାରିଖ ଶୁକ୍ରବାରରୁ ଆରମ୍ଭ ହୋଇ ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ବୁଥ୍ ଲେବୁଲ ଅଫିସରମାନେ ନଭେମ୍ବର ୫, ୧୧, ୧୯ ଏବଂ ୨୫ ତାରିଖରେ ପଞ୍ଜିକରଣ ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପେନ କରିବେ। ଜାନୁୟାରୀ ୫ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ପକ୍ଷରୁ ଗଙ୍ଗାଧର ପଣ୍ଡା, ଭାଜପା ପକ୍ଷରୁ ପ୍ରଭାତ ଷଡ଼ଙ୍ଗୀ, କଂଗ୍ରେସ ପକ୍ଷରୁ ବିମଳ ଦାସ ଓ ଜିଲାସ୍ତରୀୟ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ।

Government of India

Azadi Ka Amrit Mahotsav

G20



## ଯୁବ ସଶକ୍ତୀକରଣ ମାଧ୍ୟମରେ 'ବିକଶିତ ଭାରତ'ର ସଂକଳ୍ପ ହେଉଛି ଆହୁରି ସୁଦୃଢ଼

# ରୋଜଗାର ମେଳା ଜରିଆରେ ୧୦ ଲକ୍ଷ ସରକାରୀ ନିଯୁକ୍ତି

## ସାରା ଦେଶରେ ୩୭ଟି ସ୍ଥାନରେ ସରକାରୀ ଚାକିରି ପାଇଁ ମନୋନୀତ ୫୧ ହଜାରରୁ ଅଧିକ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ

ପ୍ରଧାନମନ୍ତ୍ରୀ

# ନରେନ୍ଦ୍ର ମୋଦିଙ୍କ

ଦ୍ୱାରା

୨୮ ଅକ୍ଟୋବର, ୨୦୨୩ | ଅପରାହ୍ନ ୧.୦୦

(ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ)

- ଭାରତ ସରକାର ଏବଂ ସହଭାଗୀ ରାଜ୍ୟ ସରକାରଙ୍କ ଦ୍ୱାରା ଲକ୍ଷ ଲକ୍ଷ ନୂଆ ଚାକିରି ସୁଯୋଗ ସୃଷ୍ଟି
- ସହଜ, ନିରପେକ୍ଷ ଏବଂ ସ୍ୱଚ୍ଛ ମନୋନୟ ପ୍ରକ୍ରିୟା
- ଅନ୍‌ଲାଇନ୍ ପ୍ରଣାଳୀ ମାଧ୍ୟମରେ ଖାଲି ପଦବୀ ଏବଂ ନିଯୁକ୍ତି ପ୍ରକ୍ରିୟାର ନିରବଚ୍ଛିନ୍ନ ତଦାରଖ
- ମହିଳା, ଦିବ୍ୟାଙ୍ଗଜନ ଏବଂ ଆକାଂକ୍ଷୀ ଜିଲ୍ଲାର ପ୍ରାର୍ଥୀମାନଙ୍କ ପାଇଁ ବିଶେଷ ଲାଭ
- ସମସ୍ତ ନିଯୁକ୍ତି ୟୁପିଏସ୍‌ସି, ଏସ୍‌ଏସ୍‌ସି, ରେଳପଥ ନିଯୁକ୍ତି ପରିଷଦ, ଆଇବିପିଏସ୍ ଭଳି ଏଜେନ୍ସି ମାଧ୍ୟମରେ
- କର୍ମଯୋଗୀ ପ୍ରାରମ୍ଭ ମଡ୍ୟୁଲ୍ ମାଧ୍ୟମରେ ସମସ୍ତ ନବନିଯୁକ୍ତଙ୍କୁ ଅନ୍‌ଲାଇନ୍ ପ୍ରଶିକ୍ଷଣ

DD NEWS ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

ପ୍ରଶିକ୍ଷଣ ସମ୍ପର୍କରେ ଅଧିକ ସୂଚନା ପାଇଁ କର୍ମଯୋଗୀ ମଡ୍ୟୁଲ୍ ୱେବ୍‌ସାଇଟ୍ https://igotkarmayogi.gov.in/ ପରିଦର୍ଶନ କରନ୍ତୁ କିମ୍ବା କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

# ମା’ ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଜିଲା ଉତ୍ସବମୁଖର

କେନ୍ଦ୍ରାପଡ଼ା, ୨୭।୧୦ (ଜଗନ୍ନାଥ ଧଳ)


ଜଣେ କାରିଗର ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି।


ମେଢ଼ ନିର୍ମାଣ କରୁଛନ୍ତି ଜଣେ କାରିଗର।

- ସହରରେ ୬୮ ସମେତ ୨୧୧ ମଣ୍ଡପକୁ ମିଳିଛି ଅନୁମତି
- ତୋରଣ, ଆଲୋକମାଳାରେ ଝଲସୁଛି ସହର
- ଆଇନଶୃଙ୍ଖଳା ପ୍ରତି ଧ୍ୟାନ ବଢ଼ୁଛି

କେନ୍ଦ୍ରାପଡ଼ା ଜିଲାର ଗଣପର୍ବ ତଥା ମା’ ଗଜଲକ୍ଷ୍ମୀଙ୍କ ଧରାବତରଣ ଶନିବାର ହେବ। ଏଥିପାଇଁ ସହର ତଥା ଗ୍ରାମାଞ୍ଚଳ ଚଳଚଞ୍ଚଳ ହୋଇଛି। ବିଭିନ୍ନ ପୂଜା କମିଟିର ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ସହର ମଧ୍ୟରେ ମୋଟ ୬୮ଟି ମଣ୍ଡପରେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ଓ ଅନ୍ୟ ଦେବୀଦେବଙ୍କ ପୂଜୋତ୍ସବ ହେବ। ସେହିପରି ଜିଲାର ୨୧୧ଟି ସ୍ଥାନରେ ମା’ଙ୍କ ପୂଜା ପାଇଁ ଅନୁମତି ମିଳିଛି। ଅଧିକାଂଶ ପୀଠସ୍ଥଳୀରେ ସୁସଜ୍ଜିତ ତୋରଣ ହୋଇଥିବା ବେଳେ ପୂଜାମଣ୍ଡପ ଆଖପାଖ ରାସ୍ତାର ଛକଗୁଡିକରେ ଆଲୋକମାଳା ଝଲସୁଛି। ଜନସମାଗମକୁ ଲକ୍ଷ୍ୟ ରଖି ସହରର ବିଭିନ୍ନ ସ୍ଥାନରେ ଫେଶନ ବଜାର, ଷ୍ଟଲ ଆଦି ଲାଗିଲାଣି। ବ୍ୟବସାୟୀ ଗୋଷ୍ଠୀ ନିଜର ପ୍ରଚାର କୌଶଳ ଅବଲମ୍ବନ କରି ଆକର୍ଷଣୀୟ ଅଫର ଘୋଷଣା କରିଛନ୍ତି। ଚଳିତବର୍ଷ ତୋରଣ ସହିତ ମେଢ଼ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଇଛି। ସହରର ଖଡିଅଙ୍ଗ, ମଢ଼ିଆଳ, କାକଟମଙ୍ଗଳା, ଗଣାମାହାଲ ଆଦିରେ ସମ୍ପୂର୍ଣ୍ଣ ଚାନ୍ଦିମେଢ଼ ପ୍ରସ୍ତୁତ ହୋଇଥିବା ବେଳେ ୨୦ରୁ ଅଧିକ ସ୍ଥାନରେ ସୁନା ଓ ଚାନ୍ଦିମେଢ଼ର ଝଲକ ଦେଖିବାକୁ ମିଳିବ। ବିଭିନ୍ନ ସ୍ଥାନରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ମଣ୍ଡପ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଗତ ମାସାଧିକକାଳ ବିଭିନ୍ନ ପୂଜା କମିଟିର ସଦସ୍ୟମାନେ ବୈଠକ କରି ପୂଜାର୍ଚ୍ଚନା, ତୋରଣ, ଭସାଣି, ବାଜା, ରୋସଣି ଆଦିର ରୂପରେଖକୁ ସମୀକ୍ଷା କରିଥିଲେ।

କେନ୍ଦ୍ରାପଡ଼ା ଜିଲାର ଏହି ପୂଜୋତ୍ସବ ଏକ ଗଣପର୍ବ ପାଳିଥିବାରୁ ଏହାର ଆକର୍ଷଣ ସ୍ୱତନ୍ତ୍ର। ଗଜଲକ୍ଷ୍ମୀ ପୂଜାରେ ଆଇନଶୃଙ୍ଖଳା ପରିସ୍ଥିତି ଓ ପରିଚାଳନା ପାଇଁ ଜିଲା ପ୍ରଶାସନ ତତ୍ପର ହୋଇଛି। ଏଥିପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଇଥିବା ଜିଲାପାଳ ଅମୃତ ଋତୁରାଜ ସୂଚନା ଦେଇଛନ୍ତି। ଡିଜେରେ ଭାଇବ୍ରେଟରକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା, ପରିବେଶ ଓ ପରିମଳକୁ ଗୁରୁତ୍ୱ ଦେବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ଅଶ୍ଳୀଳ ଗୀତକୁ ପ୍ରୋତ୍ସାହନ ନ ଦେବା ଆଦିକୁ ଗୁରୁତ୍ୱ ଦିଆଯାଇଥିବା ଜିଲାପାଳ ଅମୃତ ଋତୁରାଜ କହିଛନ୍ତି। ସେହିପରି ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି ଯେ, ଆଇନଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ସମୀକ୍ଷା ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପୋଲିସ ଓ ବାହାର ଜିଲା ପୋଲିସଙ୍କୁ ପୂଜା ସମୟରେ ନିୟୋଜିତ କରାଯିବ ବୋଲି ସ୍ଥିର ହୋଇଛି। ଟ୍ରାଫିକ୍ ବ୍ୟବସ୍ଥା, ମେଢ଼ ନିକଟରେ ପୋଲିସ ମୁତୟନ, ଶାନ୍ତିଶୃଙ୍ଖଳା ଭଙ୍ଗ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଏହି ବୈଠକରେ ମୁଖ୍ୟ ପ୍ରସଙ୍ଗ ଥିଲା। ପୂଜା ସମୟରେ ପ୍ରତି ଛକରେ ପୋଲିସ ବଳ ମୁତୟନ ସହ ସହର ମଧ୍ୟରେ ୫ଟି ଅସ୍ଥାୟୀ ଫାଣ୍ଡି, ମୋବାଇଲ ପୋଲିସ ସେବା ଯୋଗାଇ ଦେବା ପାଇଁ ସ୍ଥିର ହୋଇଛି। ଚଳିତବର୍ଷ ସିସିଟିଭି ସହିତ ନୂଆ ବସ୍‌ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ ଓ କାକଟ ଛକରେ ୩ଟି ୱାଚ ଟାୱାର ନିର୍ମାଣ କରାଯାଇ ଭିଡିଓ ରେକର୍ଡିଂ ହେବ। ଫଳରେ ଅପରାଧୀଙ୍କୁ ନିୟନ୍ତ୍ରଣ କରାଯାଇପାରିବ। ସେହିପରି ପ୍ରତ୍ୟେକ ମଣ୍ଡପ ଓ ସହର ରାସ୍ତାରେ ସିସିଟିଭି ଲଗାଯିବା ସହ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ଶେଷ କରାଯିବ ବୋଲି ଏସ୍‌ଡିପିଓ ମଲ୍ଲିକ ସୂଚନା ଦେଇଛନ୍ତି।






ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ସଦାନନ୍ଦପୁର ଗ୍ରାମରେ କୁମାର ପୂର୍ଣ୍ଣିମା ଅବସରରେ କୁମାରୀମାନଙ୍କ ଦ୍ୱାରା ଗାଁ ରାସ୍ତାରେ କଇଁଫୁଲରେ ପ୍ରସ୍ତୁତ ମନୋରମ କୋଠି। ଏହି ଅବସରରେ ଏଠାରେ କୋଠି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ।

## ପାରାଦୀପରୁ ୩ ଛାତ୍ରୀ ମନୋନୀତ

### ଖେଲୋ ଇଣ୍ଡିଆ ମହିଳା କିକ୍ ବକ୍ସିଂ ପ୍ରତିଯୋଗିତା

ପାରାଦୀପ, ୨୭।୧୦ (ଶରତ ରାଉତ)

ଭାରତ ସରକାରଙ୍କ ଖେଲୋ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ ପକ୍ଷରୁ ମିଳିତଭାବେ ଶନିବାର ସୁନ୍ଦରଗଡଠାରେ ମହିଳା କିକ୍ ବକ୍ସିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ସେଠାକାର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏଥିରେ ଜଗତ୍‌ସିଂହପୁର ଜିଲା ପାରାଦୀପରୁ ୩ ଜଣ ଛାତ୍ରୀ ମନୋନୀତ ହୋଇଛନ୍ତି ବୋଲି କୋଚ କାହ୍ନୁ ମଲ୍ଲିକ ସୂଚନା ଦେଇଛନ୍ତି। ସେମାନେ ହେଲେ ପିପିଏଲ ଡିଏଭି ସ୍କୁଲର ପଶୁପୁଲେଣି ସୋରେନ (୧୭), ପାରାଦୀପ କଲେଜର ସରସ୍ୱତୀ ବିଭୂସିତା ପ୍ରିୟଦର୍ଶିନୀ(୧୯) ଓ ପାରାଦୀପଗଡ ହାଇସ୍କୁଲର ଶୁଭଶ୍ରୀ ପ୍ରଧାନ(୧୪)। ଏନେଇ ଛାତ୍ରୀମାନଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅମୁଲ୍ୟ


@ ଅରୁଣ


@ ମିତାଳି


@ ବିଭୂତି


@ ପ୍ରକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭୋକରେ ଉହଳବିକଳ ୨ ଯମଜ ଶିଶୁ

ମହାକାଳପଡ଼ା, ୨୭।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ଶବରପଡ଼ା ଗାଁର ୨ ଯମଜ ଶିଶୁ ବାସି ପଖାଳ ତୋରାଣି ପିଉଛନ୍ତି।

### ୨ ଜନଜାତି ଶିଶୁଙ୍କୁ ମିଳୁନି ଖାଦ୍ୟ ଘଟଣା

- ପହଞ୍ଚିଲାନି ପ୍ରଶାସନ
- ସହଯୋଗର ହାତ ବଢ଼ାଇଲେ ସାମାଜିକ କର୍ମୀ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ପେଟଛେଲା ପଞ୍ଚାୟତର ଶବରପଡ଼ା ଗ୍ରାମର ଜନଜାତି ବର୍ଗର ୨ ଯମଜ ଶିଶୁଙ୍କୁ ଖାଦ୍ୟ ଅଭାବ ଘଟଣା ଧରିତ୍ରୀରେ ଶୁକ୍ରବାର ଖବର ପ୍ରକାଶିତ ହୋଇଥିଲା। ପ୍ରଶାସନ ପହଞ୍ଚିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚିନାହିଁ। ଖବର ପ୍ରସାରଣ ପରେ ସାମାଜିକ କର୍ମୀ ଯଶବନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ୨ ଯମଜ ଶିଶୁଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସାମାଜିକ କର୍ମୀ ବେହେରାଙ୍କ କହିବା କଥା, ଜନଜାତି ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ରହିଛି। ଶିଶୁମାନଙ୍କ ପାଇଁ କରାଯାଇଥିବା ଯୋଜନା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ପାଇଁ ଆଜି ଏ ପରିସ୍ଥିତି ଉପୁଜିଛି। ମହାକାଳପଡ଼ା ଭଳି ଅଞ୍ଚଳରେ ସ୍ଥିତି ଯଦି ଏପରି ତେବେ ଦୁର୍ଗମ ଅଞ୍ଚଳର ସ୍ଥିତି କ’ଣ ଥିବ ଏହି ଘଟଣାରୁ ବେଶ୍ ବୁଝାପଡୁଛି। ତୁରନ୍ତ ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ସେ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଶବରପଡ଼ା ଗାଁର କାଞ୍ଚନ ଭକ୍ତାଙ୍କ ଘରେ ଆଶ୍ରା ନେଇଥିବା ନଣନ୍ଦ ଅଞ୍ଜଳି ଭକ୍ତାଙ୍କ ୨ ନାତୁଣୀନାତି ଭୋକ ଉପାସରେ ଜୀବନ ବିତାଉଥିବା ଘଟଣା ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ସିଡିପିଓ କବିତା ମଲିକଙ୍କୁ ପଚାରିବାରେ ସେ କହିଥିଲେ ଯେ, ସୁପରଭାଇଜର ଯାଇ ଘଟଣାର ତଦନ୍ତ କରିବେ। କିନ୍ତୁ ଶୁକ୍ରବାର କେହି ତଦନ୍ତ କରିବାକୁ ଆସିନାହାନ୍ତି କି ସରକାରୀ ସହାୟତା ଯୋଗାଯାଇନାହିଁ। ଏହାକୁ ସ୍ଥାନୀୟ ଲୋକେ ନାପସନ୍ଦ କରିଛନ୍ତି। ଜେଜେ ମା’ ଅଞ୍ଜଳିଙ୍କ ଘରେ ମୁଠେ ଖୁଦ ନାହିଁ ଏହି ୨ ଶିଶୁଙ୍କ ମୁହଁରେ ଦାନା ଦେବାକୁ। ପୂର୍ବଦିନର ବାସିପଖାଳ ତୋରାଣିକୁ ଏହି ୨ ଶିଶୁଙ୍କୁ ଖୁଆଇ ଦେଉଥିଲେ ମଧ୍ୟ ସେମାନେ ଖାଉ ନ ଥିବା ଦେଖିବାକୁ ମିଳୁଛି। ୨ ଯମଜ ଶିଶୁଙ୍କ ଜେଜେ ମା’ ଅଞ୍ଜଳି କହିଛନ୍ତି, ଆଉ କେତେଦିନ ଭୋକ ଉପାସରେ ବାସି ପଖାଳ ତୋରାଣିରେ ପିଲାଙ୍କ ଜୀବନ ବଞ୍ଚାଇବି। ଏ ସଂକ୍ରାନ୍ତରେ ବିଡିଓ ସାଗର ନନ୍ଦଙ୍କୁ ପଚାରିବାରେ ଯଦି ୨ ଯମଜ ଶିଶୁ ଖାଦ୍ୟ ପାଉନାହାନ୍ତି ତେବେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ସୁପରଭାଇଜରଙ୍କୁ ମାଡ଼ ମାରିଲେ ସିଡିପିଓ

ଚଣ୍ଡିଖୋଲ, ୨୭।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି)

### ଥାନାରେ ୨ ମାମଲା

ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ) ଭଗବତୀ ଗୁରୁ ତାଙ୍କ କାର୍ଯ୍ୟାଳୟରେ ସୁପର ଭାଇଜର ସୁବାସିନୀ ଦାସଙ୍କୁ ମାଡ଼ ମାରିଛନ୍ତି। ଏନେଇ ଗୁରୁବାର ସୁବାସିନୀ ବଡ଼ଚଣା ଥାନାରେ ଅଭିଯୋଗ କରିବା ପରେ ଶୁକ୍ରବାର ସିଡିପିଓ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଗୁରୁବାର ଅଙ୍ଗନୱାଡି ସହାୟିକା ନିଯୁକ୍ତି ନିମନ୍ତେ ସାକ୍ଷାତକାର ଥିଲା। ଏହାପରେ ସୁପରଭାଇଜର ସୁବାସିନୀ ସିଡିପିଓଙ୍କ କାର୍ଯ୍ୟାଳୟ ବାହାରେ ଠିଆ ହୋଇ ଜଣଙ୍କ ସହିତ କଥା ହେଉଥିଲେ। ଏହା ଦେଖି ସିଡିପିଓ ଗୁରୁ ତାଙ୍କୁ ଡାକି କାହିଁକି କଥା ହେଉଛ ଓ କ’ଣ କଥା ହେଉଛ କହି ଧମକାଇଥିଲେ। ସୁପରଭାଇଜର ସୁବାସିନୀ ଆମେ ଗପ ସପ ହେଉଥିବା କହୁଥିଲା ବେଳେ ସିଡିପିଓ ତାଙ୍କ ଚୁଟି ଧରି ଘୋଷାରି ଥିଲେ। ପରେ ମାଡ଼ ମାରିଥିବା ନେଇ ସୁବାସିନୀ ଥାନାରେ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏନେଇ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ନମ୍ବର ୩୨୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଥାନା ଅଧିକାରୀ ସିଡିପିଓଙ୍କ କାର୍ଯ୍ୟାଳୟକୁ ତଦନ୍ତ ପାଇଁ ଯାଇଥିଲାବେଳେ ତାଙ୍କ ଦେଖା ମିଳି ନ ଥିଲା। ଅନ୍ୟପକ୍ଷରେ ଶୁକ୍ରବାର ସିଡିପିଓ ଗୁରୁ ସୁପରଭାଇଜର ଦାସଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିବା ନେଇ ଥାନା ଅଧିକାରୀ ପାତ୍ର ସୂଚନା ଦେଇଛନ୍ତି। ମହିଳା ଅଧିକାରୀଙ୍କ ଗଣ୍ଡଗୋଳ ଘଟଣା ବଡ଼ଚଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ନିଖିଳ ଓଡ଼ିଶା ଗ୍ରାମରକ୍ଷୀ ମହାସଂଘର ପ୍ରତିବାଦ ସଭା


ପ୍ରତିବାଦ ସଭାରେ ଯୋଗଦେଇଥିବା ଗ୍ରାମରକ୍ଷୀମାନେ।

ଧର୍ମଶାଳା, ୨୭।୧୦ (ବଟକୃଷ୍ଣ ପରିଡ଼ା)

ନିଖିଳ ଓଡ଼ିଶା ଗ୍ରାମରକ୍ଷୀ ମହାସଂଘ ଯାଜପୁର ଶାଖା ପକ୍ଷରୁ ଧର୍ମଶାଳା ବ୍ଲକ ଅଧୀନ ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରତିବାଦ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଜଟେଶ୍ୱର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲାର ସମସ୍ତ କାର୍ଯ୍ୟରତ ଗ୍ରାମରକ୍ଷୀ ଉପସ୍ଥିତ ରହି ସେମାନଙ୍କ ମୁଖ୍ୟ ଦାବି ବିଷୟରେ ଆଲୋଚନା କରିଥିଲେ। ଦୀର୍ଘଦିନ ଧରି ରାଜ୍ୟ ସରକାରଙ୍କ ପାଖରେ ନିବେଦନ କରିଥିଲେ ହେଁ ଆଜିଯାଏ ସେମାନଙ୍କ କଥା କେହି ବୁଝି ନ ଥିବା ସେମାନେ ଅଭିଯୋଗ ଆଣିଥିଲେ। ଦିନକୁ ୪୫୦ ଟଙ୍କା ହିସାବରେ ମାସିକ ବେତନ ପ୍ରଦାନ, ଚାକିରିରେ ସ୍ଥାୟୀ, ନୂତନ ନିଯୁକ୍ତି, ପ୍ରତିବର୍ଷ ଦୁଇହଳ ପୋଷାକ, ସାଇକେଲ, ମୋବାଇଲ ଫୋନ ପ୍ରଦାନ, ଗ୍ରାମରକ୍ଷୀମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଶତକଡ଼ା ୩୦ ଭାଗ କନଷ୍ଟେବଳ ନିଯୁକ୍ତି, ମୃତ୍ୟୁବରଣ ପରେ ପରିବାର ଲୋକଙ୍କୁ ନିଯୁକ୍ତି ଓ କାର୍ଯ୍ୟରତ ସମୟରେ ମୃତ୍ୟୁହେଲେ କ୍ଷତିପୂରଣ ବାବଦକୁ ୧୧ ଲକ୍ଷ ଟଙ୍କା ପ୍ରଦାନ ଆଦି ୭ ଦଫା ଦାବିରେ ଏହି ସଭା କରାଯାଇଥିଲା। ଏନେଇ ଏକ ଦାବିପତ୍ର ରାଜ୍ୟ ସରକାର ଓ ଡିଜିଙ୍କୁ ପ୍ରଦାନ କରିବାକୁ ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

ଯାଜପୁର, ୨୭।୧୦ (ହର୍ଷବର୍ଦ୍ଧନ ବେହେରା)

### ବିଞ୍ଝାରପୁର ଯୁବ ବିଜେଡି ସଭାପତିଙ୍କୁ ଆକ୍ରମଣ ମାମଲା



ମଙ୍ଗଳପୁର ବଜାରରେ ବିଞ୍ଝାରପୁର ଯୁବ ବିଜେଡି ସଭାପତି ପ୍ରଭାତ ଚନ୍ଦ୍ର ଦାସ ଓ ଅସନପୁର ସରପଞ୍ଚ କାଞ୍ଚନ ମଲ୍ଲିକଙ୍କ ସ୍ୱାମୀ କାଶୀନାଥ ମଲ୍ଲିକଙ୍କ ଉପରେ ହୋଇଥିବା ଆକ୍ରମଣକୁ ୨୪ ଘଣ୍ଟା ବିତିଛି। ହେଲେ ଅଦ୍ୟାବଧି ମଙ୍ଗଳପୁର ପୋଲିସ ଘଟଣାର ମୁଖ୍ୟ ଅଭିଯୁକ୍ତ ବିମଳ ମଲ୍ଲିକଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରିନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ସନ୍ଧ୍ୟାରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ବିଜେଡିର ବରିଷ୍ଠ ନେତୃମଣ୍ଡଳୀ ମଙ୍ଗଳପୁର ଥାନା ଘେରାଉ କରିଛନ୍ତି। ୨ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଥାନା ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଥାନା ଅଧିକାରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ମୁତାବକ, ଗୁରୁବାର ମଙ୍ଗଳପୁର ବଜାରସ୍ଥିତ ମହତାବ ହାଇସ୍କୁଲ ସମ୍ମୁଖରେ ପ୍ରଭାତ ଓ କାଶୀନାଥଙ୍କୁ ପାଲଟପୁର ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ବିମଳ ଓ ଅନ୍ୟ ଚାରି ଜଣ ଅଟକାଇ ପ୍ଲାଷ୍ଟିକ ପାଇପ ଓ ଲୁହରଡ଼ରେ ପିଟିବା ସହିତ ଉଭୟଙ୍କ ନିକଟରେ ଥିବା ନଗଦ ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଭାତ ଓ କାଶୀନାଥଙ୍କୁ ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ କାଶୀନାଥଙ୍କ ଏତଲାକ୍ରମେ ପୋଲିସ ନମ୍ବର ୩୪୦/୨୩ରେ ଏକ ମାମଲା ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତ ଯୁବରାଜ ମଲ୍ଲିକଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି। ସେହିପରି ଏହି ଘଟଣାରେ ବିମଳଙ୍କ ସ୍ତ୍ରୀ ସଞ୍ଜିତା ମଲ୍ଲିକଙ୍କ ଅଭିଯୋଗ କ୍ରମେ ନମ୍ବର ୩୩୯/୨୩ରେ ଅନ୍ୟ ଏକ ମାମଲା ରୁଜୁ କରାଯାଇଛି।

# ଚାନ୍ଦା ମାଗିବା ଅଭିଯୋଗରେ ଜେଲ ଗଲେ ଆଇନଜୀବୀ

■ ତଦନ୍ତ ନ କରି ଜେଲ ପଠାଇବା ପରେ ବିବାଦ
■ ୧୨ ମାମଲାରେ ଛନ୍ଦିଲା ବନ ବିଭାଗ ଓ ପୋଲିସ
■ ମିଥ୍ୟା ମାମଲା ପ୍ରତ୍ୟାହୃତ କରି ଖଲାସ ପାଇଁ ଦାବି ତେଜିଲା
■ ଅଭିଯୋଗକାରୀ ଜିଲାପାଳଙ୍କ ନାଁରେ ଆଣିଥିଲେ ଲାଞ୍ଚ ଅଭିଯୋଗ

ନୟାଗଡ଼/ରଣପୁର,୨୭।୧୦ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ଚାନ୍ଦା ମାଗିବା ଅଭିଯୋଗରେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ପୋଲିସ ରଣପୁର ଥାନା ବଜ୍ରକୋଟ ଗାଁର ଆଇନଜିବୀ, ପରିବେଶବିତ୍ ତଥା ସୂଚନା ଅଧିକାର କର୍ମୀ ଦିଲୀପ ସାମନ୍ତରାୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ଶୁକ୍ରବାର ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଓ ବନବିଭାଗ ମିଳିତ ହୋଇ ଦିଲୀପଙ୍କୁ ୧୨ଟି ମାମଲାରେ ଛନ୍ଦି ବାହାବା ନେବାକୁ ଉଦ୍ୟମ କରୁଛି ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଅଭିଯୋଗକାରୀ ଗିରଫ ଦିଲୀପ ଓ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ନାଁରେ ୨୫ ଲକ୍ଷ ଲାଞ୍ଚ ଅଭିଯୋଗ ଆଣିଥିଲେ। ହେଲେ ଏହି ମାମଲା ମିଥ୍ୟା ବୋଲି ପ୍ରମାଣିତ ହୋଇଥିଲା। ଅଭିଯୋଗକାରୀ ଜେଲ ଯାଇଥିଲେ। ଏଭଳିସ୍ଥଳେ ଦିଲୀପଙ୍କୁ ନିର୍ଦ୍ଦୋଷରେ ଖଲାସ, ନିରପେକ୍ଷ ତଦନ୍ତ କରିବା ଦାବି ନେଇ ଜିଲାର ସୂଚନା ଅଧିକାରକର୍ମୀମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ନୟାଗଡ଼ ଜିଲାରୁ ସନ୍ତୋଷ କୁମାର ପ୍ରଧାନ, ଜିତେନ୍ଦ୍ର କାଠୁଆ, ସଞ୍ଜୟ କୁମାର ନାୟକ, ବାବୁଲା ଭଟ ପ୍ରମୁଖ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଜିଲାପାଳ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। ଏନେଇ ସୂଚନା ଅଧିକାର କର୍ମୀ ଶାନ୍ତନୁ ବିଶୋଇ କୁହନ୍ତି, ଚାନ୍ଦପୁର ଥାନା ପୋଲିସ ବିବାଦ ଘେରକୁ ଆସିଛି। ଭରତପୁର ଥାନା ନିକଟସ୍ଥ ସମ୍ ହସ୍ପିଟାଲ ନିକଟରୁ ସ୍ଥାନୀୟ ପୋଲିସ ସହାୟତାରେ ଚାନ୍ଦପୁର ଥାନା ପୋଲିସ ଗୁରୁବାର ଅପରାହ୍ନ ୧ଟାରେ ଦିଲୀପଙ୍କୁ ଗିରଫ କରି ଥାନାକୁ ନେଇଥିଲା। ଦିଲୀପ ସମ୍ ହସ୍ପିଟାଲକୁ ଜଣେ ରୋଗୀଙ୍କୁ ଭେଟିବାକୁ ଯାଉଥିବାବେଳେ ଗିରଫ ହୋଇଥିଲେ। ତେବେ କଳିଙ୍ଗ ଷ୍ଟାଡିୟମ ନିକଟରୁ କାହିଁକି ଗିରଫ ଦେଖାଇଛି ଓ ବହୁ ବିଳମ୍ବରେ ଗିରଫ ଦେଖାଇବା ତଦନ୍ତ ସାପେକ୍ଷ। ପୋଲିସ ଓ ବନବିଭାଗର କାର୍ଯ୍ୟ ଉପରେ ପ୍ରଶ୍ନ ଉଠୁଛି। ଏହାର ନିରପେକ୍ଷ ତଦନ୍ତ ନ ହେଲେ ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି। ନୟାଗଡ଼ ବାର ଆସୋସିଏଶନର ପୂର୍ବତନ ସଭାପତି ରଣଜିତ ଦାଶ କୁହନ୍ତି, ଦିଲୀପଙ୍କୁ ଜେଲ ପଠାଇବ ପ୍ରାୟୋଜିତ ମାମଲା। ଅଭିଯୋଗର ସତ୍ୟାସତ୍ୟକୁ ଯାଞ୍ଚ କରି ମକଦ୍ଦମା ପଞ୍ଜୀକରଣ କରିବାର ଆଇନ କହୁଥିଲେ ହେଁ ଏହାକୁ ଅଣଦେଖା କରାଯାଇଛି। ମାଙ୍କଡା ଖଣି ଚୋରଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ତରବରିଆ ମାମଲା ରୁଜୁ କରିବା ପୋଲିସକୁ ସନ୍ଦେହ ଘେରକୁ ଆଣିଛି। ଅନ୍ୟପକ୍ଷେ ଦିଲୀପ ଏନ୍‌ଜିଟିରେ ମାମଲା କରି ଅଭିଯୋଗକାରୀଙ୍କ ପରି ଖଣିଚୋରଙ୍କ ସହ କେତେଜଣ ଦୁର୍ନୀତିଖୋର ତହସିଲ କର୍ମଚାରୀ, ଅଧିକାରୀ ମୁଖା ଖୋଲି ଜେଲ ପଠାଇଥିଲେ। ଅନ୍ୟପକ୍ଷେ ଅଭିଯୋଗକାରୀ ଦିଲୀପଙ୍କ ସହ ଜିଲାପାଳଙ୍କ ନାଁରେ ୨୫ ଲକ୍ଷ ଟଙ୍କାର ଲାଞ୍ଚ ମାମଲା ଆଣି ମିଥ୍ୟା ପ୍ରମାଣିତ ହୋଇ ଜେଲ ଯାଇଥିଲେ।

ସୂଚନା ଅନୁସାରେ ଦିଲୀପଙ୍କ ମକଦ୍ଦମାର ଅଭିଯୋଗକାରୀ ଚାନ୍ଦପୁର ଥାନା ଚମ୍ପାଗଡ଼ର ସୁଶାନ୍ତ କୁମାର ବରାଡ଼ ମୟୁରଖାଲିଆ ମୌଜାର ୧୬୮୯ ପ୍ଲଟରୁ ୪ ଏକର ମାଙ୍କଡ଼ା ପଥର ଖଣି ୫ ବର୍ଷିଆ ଲିଜ୍ ସୂତ୍ରରେ ନେଇଥିଲେ। ସେହିଭଳି ଅଗ୍ରୱାଲା ଇନ୍‌ଫ୍ରାବିଲ୍‌ଡ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲକୁ ସାଧାରଣ ମାଟି ଖନନ ଓ ପରିବହନ ନିମନ୍ତେ ୨ ଏକର ଜମିରୁ ସାମୟିକ ପରମିଟ୍ ଦିଆଯାଇଥିଲା। ସେମାନେ ଉକ୍ତ ପ୍ଲଟ ନିକଟସ୍ଥ ଅନ୍ୟାନ୍ୟ ଜାଗାରୁ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ କରିବା ସହ ଗ୍ରାମ୍ୟ ଜଙ୍ଗଲ ନଷ୍ଟ କରୁଥିଲେ। ଏ ବାବଦରେ ରାଷ୍ଟ୍ରୀୟ ସବୁଜ ନ୍ୟାୟାଧିକରଣ(ଏନ୍‌ଜିଟି) କୋଲକାତାଙ୍କ ନିକଟରେ ଗିରଫ ହୋଇ ଜେଲ ଯାଇଥିବା ବଜ୍ରକୋଟର ଦିଲୀପ ସାମନ୍ତରାୟ ଓ ଓସ୍ତପଡାର ଦିପକ କୁମାର ରାଉତରାୟ କେସ ନଂ-ଓଏ ୮୩/୨୦୨୨ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ପରେ ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ଖଣ ଯାଞ୍ଚ ହୋଇଥିଲା। ଅନୁମତିଠାରୁ ଅଧିକ ଖଣି ଉତ୍ତୋଳନ କରାଯାଇଥିବା ଯାଞ୍ଚରେ ଜଣାପଡିବା ପରେ ଖଣି ମାଲିକଙ୍କୁ ୨୦୨୨ ଜାନୁଆରୀ ୧୦ରେ ୨କୋଟି ୮୧ ଲକ୍ଷ ୫୯ ହଜାର ୯୪୫ ଟଙ୍କା ଜରିମାନା ହୋଇଥିଲା। ଜରିମାନା ଏଡାଇବା ଆଳରେ ୨୫ ଲକ୍ଷ ଲାଞ୍ଚ ଅଭିଯୋଗ ଲିଜ୍‌ଧାରୀ ଆଣିଥିଲେ ବୋଲି ଅଭିଯୋଗ ଉଠିଥିଲା। ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ବଜ୍ରକୋଟର ଦିଲୀପ କୁମାର ସାମନ୍ତରାୟ, ଓସ୍ତପଡାର ଦୀପକ କୁମାର ରାଉତରାୟ ଓ ଚମ୍ପାଗଡର ଗଣେଶ କୁମାର ମାନ୍ଧତା ୨୫ ଲକ୍ଷ ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା। ଗତ ଜାନୁୟାରୀ ୨୬ରେ ଜିଲାପାଳଙ୍କ ଉପସ୍ଥିତିରେ ଉପରୋକ୍ତ ୩ଜଣ ଲଜ୍‌ଧାରୀ ସୁଶାନ୍ତଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରି ଖଣି ବନ୍ଦ କରାଇ ଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଗତ ଏପ୍ରିଲ ୧୧ରେ ଲିଜ୍‌ଧାରୀ ଚମ୍ପାଗଡ଼ର ସୁଶାନ୍ତ କୁମାର ବରାଡଙ୍କ ଅଭିଯୋଗକୁ ଭିତ୍ତି କରି ଚାନ୍ଦପୁର ଥାନାରେ ଏକ ମାମଲା(ନଂ.୬୮/୨୦୨୩) ରୁଜୁ ହୋଇଥିଲା। ଅନ୍ୟପକ୍ଷେ ଲିଜ୍‌ଧାରୀ ଆଣିଥିବା ୨୫ ଲକ୍ଷ ଟଙ୍କା ଲାଞ୍ଚ ଅଭିଯୋଗକୁ ଏନ୍‌ଜିଟି ଗ୍ରହଣ ନ କରିବାରୁ ସେଥିରେ ସତ୍ୟତା ନ ଥିବା ଜଣାପଡିଥିଲା। ତେବେ ୨୦୨୨ ଡିସେମ୍ବର ୬ରେ ଜିଲାପାଳ ସାହୁ ଦାଖଲ କରିଥିବା ଜବାବୀ ସତ୍ୟପାଠକୁ ଏନ୍‌ଜିଟି ଗ୍ରହଣ କରି ଦୁଇ ଲିଜ୍‌ଧାରୀ ସୁଶାନ୍ତ କୁମାର ବରାଡ଼ ଓ ଅଗ୍ରୱାଲା ଇନଫ୍ରାବିଲ୍‌ଡ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲଙ୍କ ବିରୋଧରେ ଓଏମ୍‌ଏମ୍‌ସି ରୁଲ ୨୦୧୬ ଧାରା ୫୧ ଅନୁସାରେ ଫୌଜଦାରୀ ମକଦ୍ଦମା ୨ମାସ ମଧ୍ୟରେ ଦାଏର କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପରିବେଶ କ୍ଷତିପୂରଣ ଭରଣା ସମ୍ପର୍କରେ ହିସାବ କରି ଦୁଇ ଲିଜ୍‌ଧାରୀଙ୍କଠାରୁ ୨ମାସ ମଧ୍ୟରେ କ୍ଷତିପୂରଣ ଅସୁଲ କରିବାକୁ ସୋୟା ଓଡିଶାକୁ ନିର୍ଦ୍ଦେଶ ଦେଇଥିଲେ। ପୁଣି ରଣପୁର ତହସିଲର ତତ୍‌କାଳୀନ ତହସିଲଦାର ଯୁଗଳ କିଶୋର ମିଶ୍ର ଓ ସଞ୍ଜୟ କୁମାର ସାମନ୍ତରାୟ, ଅତିରିକ୍ତ ତହସିଲଦାର ଅଶୋକ କୁମାର ପଟ୍ଟନାୟକ, ୬ ରାଜସ୍ୱ ଅଧିକାରୀଙ୍କ ସମେତ ୯ଜଣଙ୍କ ବିରୋଧରେ ୨ ମାସ ମଧ୍ୟରେ ଫୌଜଧାରୀ ମାମଲା ରୁଜୁ କରିବାକୁ ଜିଲାପାଳ ଓ ରଣପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ରହିଥିଲା। ପରବର୍ତ୍ତି ପର୍ଯ୍ୟାୟରେ ୨ ଲିଜ୍‌ଧାରୀ, ୬ ରାଜସ୍ୱ କର୍ମଚାରୀ, ରାଜସ୍ୱ ଅଫିସର ଏପରି ୧୧ ଜଣଙ୍କ ନାଁରେ ୭୯/୨୩ରେ ମାମଲା ରୁଜୁ ହୋଇଥିଲା। ୬ଜଣ ରାଜସ୍ୱ କର୍ମଚାରୀ ନିଲମ୍ବିତ ହୋଇଥିଲେ। ୨ ଲିଜ୍‌ଧାରୀଙ୍କ ମଧ୍ୟରୁ ସୁଶାନ୍ତ ଗିରଫ ହୋଇଥିଲେ।

# ଜିଲା ଗାନ୍ଧୀ ହସ୍ତଶିଳ୍ପ, ହସ୍ତତନ୍ତ ମହୋତ୍ସବ ଉଦଘାଟିତ



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ନୟାଗଡ଼,୨୭।୧୦(ଲୋକନାଥ ମିଶ୍ର)

ନୟାଗଡ଼ ସହରର ବାରମାସୀ କଲ୍ୟାଣ ମଣ୍ଡପଠାରେ ଜିଲା ଗାନ୍ଧୀ ହସ୍ତଶିଳ୍ପ ଓ ହସ୍ତତନ୍ତ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲାପାଳ ରବିନ୍ଦ୍ରନାଥ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଭାରତ ସରକାରଙ୍କ ହସ୍ତଶିଳ୍ପ ବିଭାଗର ପ୍ରତିନିଧି ଭାବେ କୁମାର ପରମେନ୍ଦ୍ର ସିହ୍ନା, ରାମାନୁଜ ବୈରିରଞ୍ଜନ, ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ବାସୁଦେବ ଘଡେଇ, ଓରମାସର ପ୍ରତିନିଧି ନଟବର ସ୍ୱାଇଁ ଯୋଗ ଦେଇଥିଲେ। ଏହି ମେଳା ୭ ଦିନ ଧରି ଚାଲୁ ରହିବ। ଏଥିରେ ୨୦ଟି ଷ୍ଟଲ ଖୋଲା ଯାଇଛି। ଖଣ୍ଡପଡ଼ା କଳାବିକାଶ ପରିଷଦର ସହଯୋଗରେ ଏହି ମେଳା ଆୟୋଜନ କରାଯାଇଛି। କଳାବିକାଶ ପରିଷଦର ସଭ୍ୟ ଜିତେନ୍ଦ୍ର କୁମାର କାଟିଆ ମଞ୍ଚ ପରିଚାଳନା କରିଥିଲେ।

# ଗୁରୁଜଙ୍ଗ ଟିମ୍ ଚାମ୍ପିୟନ

**ବନମାଳୀପୁର ଚ୍ୟାଲେଞ୍ଜ କପ୍ କ୍ରିକେଟ୍**



ଚାମ୍ପିୟନ ଟିମ୍‌କୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

ଖଣ୍ଡପଡ଼ା,୨୭।୧୦ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ଉଚ୍ଚ ବିଦ୍ୟାଳୟ କ୍ରୀଡାଙ୍ଗନରେ ଆଞ୍ଚଳିକ ସ୍ପୋର୍ଟସ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୩୫ତମ ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧାର ଗୁରୁଜଙ୍ଗ କ୍ରିକେଟ ଆସୋସିଏଶନ ୮୪ ରନରେ ପଙ୍ଗାରସିଂ କ୍ରିକେଟ କ୍ଲବକୁ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଗୁରୁଜଙ୍ଗ ଟିମ୍ ନିର୍ଦ୍ଧାରିତ ୨୦ଓଭରରେ ୯ ଉଇକେଟ ହରାଇ ୧୭୦ ରନ ସଂଗ୍ରହ କରିଥିଲା। ଜବାବରେ ପଙ୍ଗାରସିଂ କ୍ରିକେଟ କ୍ଲବ୍ ୧୩.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୮୬ ରନ କରିବାକୁ ସକ୍ଷମ ହୋଇଥିଲା। ଖେଳକୁ ବିଭୁ ପ୍ରସାଦ ଦାସ ଓ ପ୍ରକାଶ କୁମାର ଦାସ ପରିଚାଳନା କରିଥିଲେ। ଚାମ୍ପିୟାନ ଟିମ୍‌ର ସୁଜିତ କୁମାର ପରିଡ଼ା ୭୨ ବଲରୁ ୯୪ ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ଫାଇନାଲ ବିବେଚିତ ହୋଇ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ୩ଟି ମ୍ୟାଚରେ ୧୨ ଓଭର ବୋଲିଂ କରି ୯ ଉଇକେଟ ଅକ୍ତିଆର କରିଥିବା ଚିନ୍ମୟ ଚମ୍ପତିଙ୍କୁ ଟୁର୍ନାମେଣ୍ଟର ବେଷ୍ଟ ବୋଲର ଓ ବେଷ୍ଟ ବ୍ୟାଟ୍‌ସମ୍ୟାନ ଭାବେ ଏବଂ ରନର୍ସ ଅପ୍ ଟିମ୍‌ର ରଜତ ଦାସ ଓ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ପୂର୍ବତନ ଉପବାଚସ୍ପତି ତଥା ପୂର୍ବତନ ମନ୍ତ୍ରୀ ବିଭୂତି ଭୂଷଣ ସିଂ ମର୍ଦ୍ଦରାଜ ଓ ସମ୍ମାନିତ ଅତିଥି ରୁପେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଖଣ୍ଡପଡ଼ା ବ୍ଲକ୍ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଯୋଗଦେଇ ଉଭୟ ଦଳର ଖେଳାଳି ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଟିମ୍‌କୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଟିମ୍‌କୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।

# 'ଭାଇଚାରା ସହରରେ ମିଳେନାହିଁ'

**ଜେମାଦେଇପୁର ଗାଁର ଜୟନ୍ତୀ ଉତ୍ସବ**




ଗ୍ରାମ୍ୟ ଜୟନ୍ତୀ ଉତ୍ସବରେ ବିଧାୟକ ଅରୁଣ କୁମାର ସାହୁ ଓ ଅନ୍ୟମାନେ।

ନୟାଗଡ଼,୨୭।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ବ୍ଲକ କ୍ରିଦାଶପୁର ପଞ୍ଚାୟତ ଅନ୍ତର୍ଗତ ଜେମାଦେଇପୁର ଗାଁର ୪୫ ତମ ଗ୍ରାମ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ମୂଖ୍ୟବକ୍ତା ଭାବେ ଶାନ୍ତନୁ କୁମାର ରଥ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜିଲା ପରିଷଦ ସଦସ୍ୟ ସୁବାସ ଚନ୍ଦ୍ର କହଁର, କ୍ରିଦାଶପୁର ସରପଞ୍ଚ ସଞ୍ଜୁବାଳା ବିଶାଳ, ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ, ଜେମାଦେଇପୁର ଗ୍ରାମର ବରିଷ୍ଠ ନାଗରିକ ମୁରଲୀଧର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମ ସଭାପତି ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ଗ୍ରାମ ପ୍ରତିଷ୍ଠା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଗ୍ରାମ୍ୟ ଜୟନ୍ତୀ ଭାଇଚାର ସୃଷ୍ଟି କରୁଥିବା ବ୍ଲକ ଅଧ୍ୟକ୍ଷ କହିଥିଲେ। ବ୍ୟକ୍ତିଗତସ୍ତରରେ ଜନ୍ମଦିନ ପାଳନ କରାଯାଉଥିବା ବେଳେ ଜେମାଦେଇପୁର ଗ୍ରାମରେ ସାମୁହିକ ଭାବେ ଗ୍ରାମ୍ୟ ଜୟନ୍ତୀ ପାଳନ ସ୍ୱାଗତ ଯୋଗ୍ୟ ବୋଲି ବିଧାୟକ କହିଥିଲେ। ଗାଁର ଜନସଂଖ୍ୟା ହ୍ରାସ ଘଟୁଛି ବୋଲି ବିଧାୟକ କହିଥିଲେ। ସହରାଞ୍ଚଳ ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବା ପଛରେ ଗାଁର ଭୂମିକା ରହିଛି। ଗାଁ ଲୋକ ସହରାଭିମୁଖି ହେଉଥିବା, ସହରୀ ଜୀବନଯାପନ କରିବାକୁ ଉତ୍କଣ୍ଠା ବଢୁଛି ବୋଲି କହିଥିଲେ। ଗାଁରେ ଥିବା ଭାଇଚାରା ସହରରେ ଦେଖିବାକୁ ମିଳେ ନାହିଁ। ସହରରେ ଗାଁ ଭଳି ସମ୍ପର୍କ ମଜବୁତ ହୋଇ ପାରେ ନାହିଁ ବୋଲି ବିଧାୟକ କହିଥିଲେ।। ଏହି ଅବସରରେ ଗ୍ରାମର ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ହମ୍ପକୁ କେନ୍ଦ୍ରକରି ୨ ଗ୍ରାମବାସୀଙ୍କ ମଧ୍ୟରେ ମାରପିଟ

ଦିଗପହଣ୍ଡି,୨୭।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ପିତାମ୍ବରପୁର ଗ୍ରାମ ଦଳିତ ସାହିରେ ଥିବା ହମ୍ପକୁ କେନ୍ଦ୍ରକରି ପିତାମ୍ବରପୁର ଏବଂ ଆଦିକନ୍ଦପୁର ଗ୍ରାମବାସୀଙ୍କ ମଧ୍ୟରେ ମାରପିଟ୍ ହୋଇଛି। ଏନେଇ ଉଭୟ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି। ଉଭୟ ଗ୍ରାମବାସୀ ଥାନାରେ ଏତଲା ଦେଇଛନ୍ତି। ପୋଲିସ ପକ୍ଷରୁ ଶୁକ୍ରବାର ପୃଥକ୍ ମାମଲା ରୁଜୁ କରାଯାଇଛି। ପିତାମ୍ବରପୁର ଗ୍ରାମର ଦଳିତ ସାହି ନିକଟରେ ଏକ ହମ୍ପ ରହିଥିବା ବେଳେ ସେହି ରାସ୍ତା ଦେଇ ଯାଉଥିବା ଆଦିକନ୍ଦପୁର ଗ୍ରାମର ଜି. ବଳରାମ ରେଡ୍ଡୀ ପଡିଯାଇଥିଲେ। ସେଠାକାର କିଛି ଯୁବକଙ୍କ ସହ ଏଠାରେ କାହିଁକି ଏଭଳି ହମ୍ପ କରାଯାଇଛି ବୋଲି ସେ ପଚାରିଥିଲେ। ଯାହାକୁ ନେଇ ଆରମ୍ଭ ହୋଇଥିଲା ପାଟିତୁଣ୍ଡ। ଘଟଣାକୁ ନେଇ ଉଭୟ ଗ୍ରାମର କିଛି ଯୁବକଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା।

# ଗ୍ରହଣ ପାଇଁ ଶ୍ରୀନୀଳମାଧବଙ୍କ ସ୍ୱତନ୍ତ୍ର ନୀତି

ଖଣ୍ଡପଡ଼ା,୨୭।୧୦ (ଅଜୟ କୁମାର ମହାରଣା)

ଶନିବାର ଚଳିତବର୍ଷର ଶେଷ ଚନ୍ଦ୍ର ଗ୍ରହଣ କୁମାର ପୂର୍ଣ୍ଣମୀ ତିଥିରେ ପଡୁଥିବା ଯୋଗୁ କଣ୍ଟିଲୋ ଶ୍ରୀନୀଳମାଧବ ଏବଂ ଖଣ୍ଡପଡ଼ା ଶ୍ରୀଜଗନ୍ନାଥଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଥିବା ଦେବୋତ୍ତର ମ୍ୟାନେଜର ହରିହର ଦାଶ ସୂଚନା ଦେଇଛନ୍ତି। ଶ୍ରୀନୀଳମାଧବଙ୍କ ଶୁକ୍ରବାର ଚତୁର୍ଦ୍ଦଶୀ ତିଥିରେ ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତୀ, ମଇଲମ, ତଡପଲାଗି ଓ ଅବକାଶ ନୀତି ସମ୍ପନ୍ନ ହେବା ସହ ପାରମ୍ପରିକ ନୀତି ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ରାତି ୨ଟା ସମୟରେ ଠାକୁରଙ୍କ ପହଡ ଖୋଲାଯାଇ ମଙ୍ଗଳ ଆଳତୀ, ତଡପ ଲାଗି, ମଇଲମ ନୀତି ରାତି ୩ଟା ସୁଦ୍ଧା ସମ୍ପନ୍ନ ହେବ। ପରେ ବଲ୍ଲଭ, ସୂର୍ଯ୍ୟ ପୂଜା, ରୋଷ ହୋମ, ଦ୍ୱାରପାଳ ପୂଜା ଓ ପହଡ ନୀତି ସମ୍ପନ୍ନ ହେବ। ଶନିବାର ସକାଳ ୫ଟା ପରେ ଠାକୁରଙ୍କ ଦାମୋଦର ବେଶ ସମ୍ପନ୍ନ ହୋଇ ସକାଳ ଧୂପ, ଭୋଗ ମଣ୍ଡପ ଧୂପ, ଦାମୋଦର ଭୋଗ ନୀତି ସମ୍ପନ୍ନ ହେବ। ପରେ ଠାକୁରଙ୍କ ବେଶ ଉଲାଗି ହୋଇ ଦ୍ୱିପ୍ରହର ଧୂପ, ପୂର୍ଣ୍ଣମୀ ନୀତି ସ୍ୱତନ୍ତ୍ର ଭାବେ ସମ୍ପନ୍ନ କରାଯିବ। ଦ୍ୱିପ୍ରହର ଧୂପ ହୋଇ ଠାକୁର ପହଡ ଯିବେ। ଏ ସମସ୍ତ ନୀତି ଶୁକ୍ରବାର ରାତି ୧.୩୦ରୁ ଆରମ୍ଭ ହୋଇ ଶନିବାର ପୂର୍ବାହ୍ନ ୧୧ଟା ମଧ୍ୟରେ ସମ୍ପନ୍ନ ହେବ। ଠାକୁରଙ୍କ ପହଡ ଖୋଲାଯାଇ କୁମାର ପୂର୍ଣ୍ଣମୀ ଅବସରରେ ସୁଦର୍ଶନଙ୍କୁ ବିମାନ ଯୋଗେ ଗ୍ରାମ ବିଜେ କରାଯିବ ବୋଲି ନୀଳମାଧବ ପୂଜକ ସମାଜ ସମ୍ପାଦକ ନୀଳମାଧବ ମିଶ୍ର କହିଛନ୍ତି। ସୁଦର୍ଶନଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ପରେ ସମସ୍ତ ନୀତିକାନ୍ତି ଅପରାହ୍ନ ସାଢେ ୩ଟା ସୁଦ୍ଧା ସମ୍ପନ୍ନ ହେବ ବୋଲି ନୀତି ନିଘଣ୍ଟ ହୋଇଛି।

# 'ପୁଅକୁ ପୋଖରୀକୁ ଠେଲି ହତ୍ୟା କରିଥିଲେ ମା'

**ନାବାଳକଙ୍କ ମୃତ୍ୟୁ ଘଟଣା**

ବ୍ରହ୍ମପୁର,୨୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନଥାନା ଅନ୍ତର୍ଗତ ବିଜିପୁର ପୋଖରୀରେ ଗୁରୁବାର ରାତି ପ୍ରାୟ ୮ଟାରେ ଜଣେ ନାବାଳକ ପଡିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ଶୁକ୍ରବାର ଜଣାପଡିଛି। ନାବାଳକଙ୍କୁ ତାଙ୍କ ମା' ପୋଖରୀକୁ ଠେଲି ହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଅଭିଯୁକ୍ତା ମା' ଏସ.ଗଙ୍ଗାମ୍ମାଙ୍କୁ ପୋଲିସ ବାନ୍ଧିଛି। ବିଜିପୁର ବଡସାହିରେ ରହୁଥିବା ଏସ. ଆପ୍ପା ରାଓ ଗିରିରୋଡରେ ଏକ ଗ୍ୟାରେଜ କରିଛନ୍ତି। ଗୁରୁବାର ରାତିରେ ତାଙ୍କ ୮ ବର୍ଷିୟ ପୁଅ ରୋହିତ ବିଜିପୁର ପୋଖରୀରେ ବୁଡି ଯାଇଥିବା ଖବରପାଇ ସେଠାରେ ପହଞ୍ଚିଥିଲେ। ଜଣେ ନାବାଳକ ବୁଡ଼ିଯାଇଥିବା ଖବରପାଇ ଅଗ୍ନିଶମ ବିଭାଗର ଅଗ୍ନିକମାନେ ଆସି ପାଣିରେ ଖୋଜାଖୋଜି କରି ରୋହିତଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଏମକେସିଜି ମେଡିକାଲକୁ ପଠାଇଥିଲେ। କିନ୍ତୁ ଡାକ୍ତର ଶ୍ୱାସରୁଦ୍ଧ ଯୋଗୁ ନାବାଳକଙ୍କ ମୃତ୍ୟୁ ହୋଇଥିବା କହିଥିଲେ। ଆପ୍ପା ରାଓ ତାଙ୍କ ସ୍ତ୍ରୀ ଏସ.ଗଙ୍ଗାମ୍ମାଙ୍କୁ ପୁଅର ମୃତ୍ୟୁ ସମ୍ପର୍କରେ ପଚାରିଥିଲେ। ପୁଅକୁ ଟ୍ୟୁଶନ ଯିବାକୁ କହିବାରୁ ସେ ଘର ଦାଣ୍ଡକୁ ଆସିଥିଲା। ତାକୁ ଧରିବା ପାଇଁ ପିଛା କରିଥିଲି। ଶେଷରେ ବିଜିପୁର ବନ୍ଧ ନିକଟରେ ତାକୁ ଧରି ପାଣିକୁ ଠେଲି ଦେଇଥିଲି ବୋଲି ସ୍ତ୍ରୀ କହିଥିବା ଆପ୍ପା ରାଓ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ପୋଲିସ ଉକ୍ତ ପୋଖରୀ ରାସ୍ତାରେ ଲାଗିଥିବା ସିସିଟିଭି ଫୁଟେଜ ଓ ପୋଖରୀରେ ଗାଧୋଉଥିବା ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଅଭିଯୁକ୍ତାଙ୍କୁ ଚିହ୍ନଟ କରିଥିଲା। ମୃତଦେହକୁ ବ୍ୟବଚ୍ଛେଦ କରିବା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ସବୁ କିଛି ସ୍ପଷ୍ଟ ହୋଇଯିବ ବୋଲି ପୋଲିସ କହିଛି। ଏ ନେଇ ନଂ.୫୬୪/୨୩ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

# ୩ ଥାନା ଅଞ୍ଚଳରୁ ୩୬ ଗିରଫ

**ଜୁଆ ଆଡ୍ଡାରେ ଚଢ଼ାଉ**

ବ୍ରହ୍ମପୁର,୨୭।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

କୁମାରପୂର୍ଣ୍ଣିମା ଯୋଗୁ ଜୋରଦାର ଜୁଆଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ ଅଭିଯାନ ଜାରି ରଖିଛି। ୨୪ଘଣ୍ଟା ମଧ୍ୟରେ ୩ଟି ଥାନା ଅଞ୍ଚଳରେ ଚାଲିଥିବା ଜୁଆଖେଳରୁ ୩୬ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୩୫ଟି ମୋବାଇଲ ଫୋନ୍ ଓ ୧ଲକ୍ଷ ୧୫ ହଜାର ୨୬୦ଟଙ୍କା ଜବତ ହୋଇଥିବା ବ୍ରହ୍ମପୁର ଏସପି ଡ. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ପୋଲିସ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କୁ ସିଆରପିସି ଧାରା ଅନୁସାରେ ଜାମିନରେ ଛାଡ଼ି ଦିଆଯାଇଥିବା ପୋଲିସ କହିଛି।

# ଆଜି ଫାଇନାଲ ମ୍ୟାଚ୍

**ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ**

ଖଣ୍ଡପଡ଼ା,୨୭।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ନୀଳମାଧବ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ପଲଟନ ପଡ଼ିଆରେ ଚାଲିଥିବା ୧୨ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ କଟକ ପ୍ରତାପ ନଗରୀ ଟିମ୍ ବିଜୟୀ ହୋଇଛି। ଭଞ୍ଜନଗର ଫୁଟବଲ ଆସୋସିଏଶନ ଓ ପ୍ରତାପନଗରୀ ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା। ୨-୧ ଗୋଲରେ ବିଜୟୀ ହୋଇ ପ୍ରତାପନଗରୀ ଟିମ୍ ଫାଇନାଲରେ ପ୍ରବେଶ କରିଛି। ପ୍ରତାପ ନଗରୀ ଟିମ୍ ୨ଟି ଗୋଲ ସ୍କୋର କରିଥିବା ବେଳେ ଭଞ୍ଜନଗର ଦଳ ଦ୍ୱିତୀୟ ହାଫ୍‌ରେ ମାତ୍ର ଗୋଟିଏ ଗୋଲ ଶୁଝାଇବାକୁ ସମର୍ଥ ହୋଇଥିଲା। ପ୍ରସନ୍ନ କୁମାର ନାୟକ, ସୁବାସ ଚନ୍ଦ୍ର ବେହେରା ଓ ସାଗିର ଅହମ୍ମଦ ଖେଳକୁ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ନୟାଗଡ଼ ଆର୍‌ସିଏମ୍‌ସିର ସଭାପତି ମେମୁନ ରଫ, ନିର୍ଦ୍ଦେଶକ ଦିଲୀପ କୁମାର ହାତି, ଭାଗୀରଥି ମହନ୍ତ, ଉମା ଶଙ୍କର ପାତ୍ର, ଗିରିଧାରୀ ପରିଡ଼ା ଓ ସାମାଜିକ କର୍ମୀ ରଫ ଖାନ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଶନିବାର ଫାଇନାଲ ମ୍ୟାଚ୍‌ରେ ପ୍ରତାପ ନଗରୀ ସହ ବାଲୁଗାଁ ଟିମ୍‌ର ମୁକାବିଲା ହେବ।

# ଶ୍ୟାମାକାଳୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଛତ୍ରପୁର,୨୭।୧୦(ଦିଲୀପ ସାମଲ)

ସ୍ଥାନୀୟ ବ୍ଲକ ଅନ୍ତର୍ଗତ ବଡ଼ମାଧପୁରଠାରେ ଚଳିତ ବର୍ଷ ମା' ଶ୍ୟାମାକାଳୀ ପୂଜା ନିମନ୍ତେ ପୂଜା କମିଟି ତରଫରୁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। କର୍ତ୍ତା ଭାବରେ ଅଭିମନ୍ୟୁ ବାଡ଼ତ୍ୟା ଏବଂ ପୂଜକ ଭାବେ ସନ୍ତୋଷ ଶତପଥୀ ଓ ନନ୍ଦକିଶୋର ମହନ୍ତ ମହାରାଜଙ୍କ ପୌରହିତ୍ୟରେ ଶୁଭାରମ୍ଭ କରାଯାଇଛି। ବଡମାଧପୁର ଗ୍ରାମବାସୀ ତଥା ଶ୍ୟାମାକାଳୀ ଯୁବକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶ୍ୟାମାକାଳୀ ଯୁବକ ସଂଘର ସଭାପତି ଏସ.ଯୁଧିଷ୍ଠିର ରେଡ୍ଡୀ ସମ୍ପାଦକ ଶିବରଞ୍ଜନ ସାହୁଙ୍କ ସହ ଏସ ସୁଶାନ୍ତ ରେଡ୍ଡୀ, ରଘୁନାଥ ବେହେରା, ମହେନ୍ଦ୍ର ଗୌଡ଼, ଟି କିଶୋର ରେଡ୍ଡୀ, ସୂର୍ଯ୍ୟ ସାହୁ, ପଦ୍ମଲାଭ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସୋମବାରରୁ ପୁଣି ତେଜିବ ଆନ୍ଦୋଳନ

■ ବିସିସି ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ ସ୍ଥଗିତ
■ ନଭେମ୍ବର ୧୪ରୁ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ

ବ୍ରହ୍ମପୁର,୨୭।୧୦ (ନରସିଂହ ସାହୁ)

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ କର୍ମଚାରୀଙ୍କ ପକ୍ଷରୁ ଗତ ବୁଧବାରରୁ ଚାଲିଥିବା ୩ ଦିନିଆ ସମୂହ ଧର୍ମଘଟ ଶୁକ୍ରବାର ସରିଛି। ୫ ଦଫା ଦାବି ପୂରଣ ଦିଗରେ ରାଜ୍ୟ ସମବାୟ ବିଭାଗ ଏବଂ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଆସନ୍ତା ସୋମବାରରୁ ଧର୍ମଘଟ ସ୍ଥଗିତ ରଖାଯିବା ସହ ୨୩ଟି ଯାକ ଶାଖାରେ କେବଳ ଗ୍ରାହକ ସେବା କରିବା ନିମନ୍ତେ ବ୍ୟାଙ୍କ ଟ୍ରାଞ୍ଜାକସନ୍ ବ୍ୟତୀତ ଅନ୍ୟ କାର୍ଯ୍ୟ ନ କରିବାକୁ ସଂଘ ନିଷ୍ପତ୍ତି ନେଇଛି। ଏହି ମର୍ମରେ ଘୋଷଣା ମଧ କରାଯାଇଛି। ସୂଚନାଯୋଗ୍ୟ ୨୮ ତାରିଖ ୪ର୍ଥ ଶନିବାର ଏବଂ ୨୯ରେ ରବିବାର ଛୁଟି ଯୋଗୁ ସୋମବାର ପୁଣି ଆନ୍ଦୋଳନ ତେଜିବ ବୋଲି ଜଣାପଡ଼ିଛି।

ସଂଘ ପକ୍ଷରୁ କୁହାଯାଇଛି ଆସନ୍ତା ସୋମବାର ୩୦ ତାରିଖରୁ ସବୁ ସରକାରୀ ଯୋଜନା ବାବଦ କାର୍ଯ୍ୟ କର୍ମଚାରୀ କରିବେ ନାହିଁ। ଚାଷୀଙ୍କୁ ୨୩-୨୪ ରବି ଚାଷ ନିମେନ୍ତ କୃଷିଋଣ ଲଗାଣରେ ଅସହଯୋଗ କରାଯିବ। ଅନ୍ୟପକ୍ଷରେ ଏସଏଚଜି ଯୋଜନାରେ ସରକାରୀ କାର୍ଯ୍ୟରୁ ନିବୃତ୍ତ ରହିବେ। ବ୍ୟାଙ୍କ ଓ ସରକାର ଏବଂ ରାଜ୍ୟ ସମବାୟ ବ୍ୟାଙ୍କ ମଧ୍ୟରେ ହେଉଥିବା ଚିଠିପତ୍ର ଆଦାନ ପ୍ରଦାନରୁ କର୍ମଚାରୀମାନେ ଦୂରେଇ ରହିବେ। ଫଳରେ ଜଟିଳ ପରିସ୍ଥିତି ଦେଖାଦେବ। ଦାବି ପୂରଣ ହେବା ପର୍ଯ୍ୟନ୍ତ ଏହିସବୁ ନିଷ୍ପତ୍ତି ବଳବତ୍ତର ରହିବ ବୋଲି ସ୍ପଷ୍ଟ କରାଯାଇଛି।

କର୍ମଚାରୀ ସଂଘ କହିବାନୁସାରେ ସପ୍ତମ ବେତନ କମିଶନ ସୁପାରିସ ମୁତାବକ ସେ ବାବଦ ବକେୟା ପ୍ରାପ୍ୟ ପୈଠ, ୨୦୧୯ ପରେ ନିଯୁକ୍ତ କର୍ମଚାରୀଙ୍କ ଅବସର ପରେ ସେମାନଙ୍କ ପାଇଁ ଇପିଏଫ ପେନସନ ନିମନ୍ତେ ସ୍ୱତନ୍ତ୍ର ପେନସନ ପାଣ୍ଠି ଗଠନ, ରାଜ୍ୟ ସମବାୟ ବ୍ୟାଙ୍କ ଏବଂ କେନ୍ଦ୍ର ସମବାୟ ବ୍ୟାଙ୍କ ମିଶ୍ରଣ ଦାବି ପ୍ରତି ଅଣଦେଖା ଯୋଗୁ କର୍ମଚାରୀ ଅସନ୍ତୋଷ ବଢ଼ି ଚାଲିଛି। ତେଣୁ ଦ୍ୱିତୀୟ ଦଫାରେ ୩ ଦିନିଆ ଧର୍ମଘଟ କରାଯାଇଥିଲା। ରାଜ୍ୟ ସମବାୟ ବିଭାଗ ଦାବି ପୂରଣ ଦିଗରେ ପଦକ୍ଷେପ ନେଇ ନ ଥିବାରୁ ପୁଣି ଆନ୍ଦୋଳନ ଆରମ୍ଭ ହେବ। ନଭେମ୍ବର ୧୩ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୧୪ ତାରିଖ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଧର୍ମଘଟ ଚାଲିବ ବୋଲି ସଂଘ ଚେତାବନୀ ଦେଇଛି। ଦାବି ପୂରଣ ପାଇଁ ଗଞ୍ଜାମ ଓ ଗଜପତି ଜିଲାର ସବୁ ବିଧାୟକ, ଏମପି ସରକାରଙ୍କ ଉପରେ ଚାପ ପକାଇବାକୁ କର୍ମଚାରୀ ସଂଘ ନିବେଦନ କରିଛି। ନଚେତ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବ ବୋଲି ସ୍ପଷ୍ଟ କରି ଦିଆଯାଇଛି। ବ୍ୟାଙ୍କର ୨୩ଟି ଯାକ ଶାଖାରେ ଅଚଳାବସ୍ଥା ସୃଷ୍ଟି ହେବ ଓ ଏଥିପାଇଁ ସମବାୟ ନିବନ୍ଧକ ଦାୟୀ ହେବାର ଚେତାବନୀ ଦିଆଯାଇଛି।

# ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟର ୯ ପାଠ୍ୟକ୍ରମକୁ ଏବିଇଟି ମାନ୍ୟତା

ଭୁବନେଶ୍ୱର,୨୭।୧୦
(ଅନୁରାଧା ମହାରଣା)



ଶିକ୍ଷା, କ୍ରୀଡ଼ା, ଅନୁସନ୍ଧାନ, ସହ-ପାଠ୍ୟକ୍ରମ ଏବଂ ଅତିରିକ୍ତ ପାଠ୍ୟକ୍ରମ ଆଦିରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ(ସିୟୁ) ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ନିକଟରେ ଏହାର କୁଳପତି ସତ୍‌ନାମ ସିଂ ସାନ୍ଧୁ ଘୋଷଣା କରିଛନ୍ତି, ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟର ସେହି ୯ଟି ଇଞ୍ଜିନିୟରିଂ ପ୍ରୋଗ୍ରାମକୁ ଆକ୍ରିଡେସନ ବୋର୍ଡ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ଏବିଇଟି) ମାନ୍ୟତା ଦେଇଛି। ଭାରତରେ ଏବିଇଟି ମାନ୍ୟତାପ୍ରାପ୍ତ ୧୦ଟି ବିଶ୍ୱବିଦ୍ୟାଳୟ ବା ଶିକ୍ଷାନୁଷ୍ଠାନ ଅଛି। ସେଥିମଧ୍ୟରୁ ସର୍ବଭାରତୀୟ ସ୍ତରରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟର ସର୍ବାଧିକ ସଂଖ୍ୟକ ପାଠ୍ୟକ୍ରମକୁ ଏହି ମାନ୍ୟତା ମିଳିଥିବା ସାନ୍ଧୁ କହିଛନ୍ତି। ଏହି ମାନ୍ୟତାପ୍ରାପ୍ତ କରିଥିବା ୯ ପାଠ୍ୟକ୍ରମ ମଧ୍ୟରେ ଏରୋସ୍ପେସ୍ ଇଞ୍ଜିନିୟରିଂ (ବ୍ୟାଚେଲର ଅଫ୍ ଇଞ୍ଜିନିୟରିଂ), କେମିକାଲ ଇଞ୍ଜିନିୟରିଂ (ସ୍ନାତକୋତ୍ତର ଇଞ୍ଜିନିୟରିଂ), ସିଭିଲ ଇଞ୍ଜିନିୟରିଂ (ବ୍ୟାଚେଲର ଅଫ୍ ଇଞ୍ଜିନିୟରିଂ), କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ସ୍ନାତକୋତ୍ତର ଇଞ୍ଜିନିୟରିଂ), ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ (ସ୍ନାତକ ଇଞ୍ଜିନିୟରିଂ), ଇଲେକ୍ଟ୍ରୋନିକ୍ସ ଏବଂ ଯୋଗାଯୋଗ ଇଞ୍ଜିନିୟରିଂ (ସ୍ନାତକୋତ୍ତର ଇଞ୍ଜିନିୟରିଂ), ମେକାନିକାଲ ଇଞ୍ଜିନିୟରିଂ (ସ୍ନାତକୋତ୍ତର ଇଞ୍ଜିନିୟରିଂ) ଏବଂ ମେକାଟ୍ରୋନିକ୍ସ ଇଞ୍ଜିନିୟରିଂ (ସ୍ନାତକୋତ୍ତର ଇଞ୍ଜିନିୟରିଂ) ଆଦି ପାଠ୍ୟକ୍ରମ ରହିଛି। ଏ ଅବସରରେ ସାନ୍ଧୁ କହିଛନ୍ତି, ଡିଗ୍ରୀ ହେଉକି ମାଷ୍ଟର କିମ୍ବା ରିସର୍ଚ୍ଚ ପ୍ରତ୍ୟେକ ବ୍ୟକ୍ତିଙ୍କର ଭବିଷ୍ୟତ ପାଇଁ ଏହା ଗୋଟିଏ ଗୋଟିଏ ଉତ୍ତମ ନିବେଶ। ପୂର୍ବରୁ କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍-୨୦୨୪ ଆଧାରରେ ଶ୍ରେଷ୍ଠ ୪୫ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ମଧ୍ୟ ରହିଥିଲା। ସେହିପରି ଦେଶରେ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟ ଶୀର୍ଷରେ ରହିଥିବାବେଳେ ସମସ୍ତ ବର୍ଗରେ ୨୦ତମ ସ୍ଥାନରେ ରହିଥିବା ସାନ୍ଧୁ କହିଛନ୍ତି। ସେହିପରି ଏନ୍‌ଆଇଆରଏଫ୍ ର୍‍ୟାଙ୍କିଙ୍ଗ୍-୨୦୨୩ରେ ଏହି ବିଶ୍ୱବିଦ୍ୟାଳୟ ୨୭ତମ ସ୍ଥାନ ହାସଲ କରିଥିଲା। ସମ୍ମିଳନୀ ପାଇଁ ଚେନ୍ନାଇରେ ଆୟୋଜିତ ରୋଡ୍ ଶୋ'କୁ ଆସିଥିବା ବିଭିନ୍ନ ଗୋଷ୍ଠୀର ନିବେଶକଙ୍କୁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଆମନ୍ତ୍ରଣ କରିଥିଲେ।

# ଲାଲ୍‌ଚାନ୍ଦ ଷ୍ଟୋରରେ ଏକାନୀ ବ୍ରାଣ୍ଡର ସ୍ୱତନ୍ତ୍ର ପ୍ରଦର୍ଶନୀ

ଭୁବନେଶ୍ୱର,୨୭।୧୦
(ଅନୁରାଧା ମହାରଣା)




ଧନ୍‌ତେରସ ଏବଂ ଦୀପାବଳିକୁ ଦୃଷ୍ଟିରେ ରଖି ଲାଲ୍‌ଚାନ୍ଦ ଜୁଏଲର୍ସ ପକ୍ଷରୁ ଗ୍ରାହକଙ୍କ ପାଇଁ ନୂଆ ନୂଆ ଯୋଜନା କରାଯାଉଛି। ଏହି କ୍ରମରେ କଟକ କ୍ୟାଣ୍ଟେନମେଣ୍ଟ ରୋଡ୍‌ରେ ଥିବା ଲାଲ୍‌ଚାନ୍ଦ ଷ୍ଟୋରରେ ଲକ୍‌ଜୁରି ଲାଇଫ୍‌ଷ୍ଟାଇଲ୍ ପ୍ରଦର୍ଶନୀ ଆରମ୍ଭ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଲକ୍‌ଜରି ଲାଇଫ୍‌ଷ୍ଟାଇଲ୍ କଲେକଶନ ସହ ବିଭିନ୍ନ ପ୍ରକାର ଘର ସାଜସଜ୍ଜା ସାମଗ୍ରୀ ଏବଂ ଆକର୍ଷଣୀୟ ଗହଣା ବିକ୍ରି ହେଉଛି। ଦୀପାବଳିରେ ଉପହାର ଦେବା ପାଇଁ ଏକାନୀ ବ୍ରାଣ୍ଡର ସ୍ୱତନ୍ତ୍ର ଦୀପାବଳି ଉପହାର ଏବଂ କର୍ପୋରେଟ୍ ଗିଫ୍ଟ ପ୍ରଦାନ କରାଯାଉଛି। ଏଥିସହ ୱେଡିଂ କଲେକଶନ, ଡିଭାଇନ୍ କଲେକଶନ୍, ଜୁଏଲେରି ବକ୍ସ, ଫଟୋ ଫ୍ରେମ୍, କ୍ୟାଣ୍ଡେଲ୍ ଷ୍ଟାଣ୍ଡ, ସେଣ୍ଟର ପିସେସ୍, ବେବି ଗିଫ୍ଟ, ଟେବୁଲ ୱେୟାର ଆଦି ବିଭିନ୍ନ ପ୍ରକାର ବ୍ରାଣ୍ଡେଡ୍ ଏବଂ ଲକ୍‌ଜୁରି ଆଇଟମ୍ ମଧ୍ୟ ରହିଛି। ଦୀପାବଳି ପାଇଁ ଡ୍ରାଏ ଫ୍ରୁଟସ୍ ବକ୍ସ ମଧ୍ୟ ପ୍ରଦର୍ଶନୀରେ ମିଳୁଛି। ଏହି ପ୍ରଦର୍ଶନୀ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଲାଲ୍‌ଚାନ୍ଦ ଜୁଏଲର୍ସ ଷ୍ଟୋରରେ ବ୍ରାଣ୍ଡେଡ୍ ଆଇଟମ୍‌ର ମୂଲ୍ୟ ଉପରେ ସ୍ୱତନ୍ତ୍ର ରିହାତି ରଖାଯାଇଛି।

# ପୂଜାରେ 'ସ୍ମାର୍ଟ ବଜାର ଚଳିଏ' କ୍ୟାମ୍ପେନ୍




ଭୁବନେଶ୍ୱର,୨୭।୧୦
(ଅନୁରାଧା ମହାରଣା)

ପୂଜା ବଜାରରେ କିଣାକିଣିରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅନୁଭୂତି ଦେବା ପାଇଁ ସ୍ମାର୍ଟ ବଜାର ପକ୍ଷରୁ ସ୍ୱତନ୍ତ୍ର ଅଫର ଘୋଷଣା ହୋଇଛି। ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ସ୍ମାର୍ଟ ବଜାରର ବ୍ରାଣ୍ଡ ଆମ୍ବାସାଡାର ରହିଥିବାବେଳେ ବ୍ରାଣ୍ଡ କ୍ୟାମ୍ପେନ୍ 'ସ୍ମାର୍ଟ ବଜାର ଚଳିଏ' ରଖାଯାଇଛି। ସ୍ମାର୍ଟ ବଜାରରେ ଗ୍ରୋସରୀ, ଘରକରଣା ସାମଗ୍ରୀ ପ୍ୟାକେଜଡ୍ ଫୁଡ୍, ପନିପରିବା, ଫଳ, ଦୁଗ୍ଧ ଜାତୀୟ ସାମଗ୍ରୀ, ଲଗେଜ ଆଦିଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ଗୋଟିଏ ଛାତ ତଳେ ଉପଲବ୍ଧ ହେଉଥିବାରୁ ଗ୍ରାହକ ଏଠାରୁ କିଣାକିଣି କରିବାକୁ ପସନ୍ଦ କରୁଥିବା ସ୍ମାର୍ଟ ବଜାର ପକ୍ଷରୁ କୁହଯାଇଛି। ପାର୍ବଣ ସମୟରେ ସ୍ୱତନ୍ତ୍ର ଅନୁଭୂତି ପାଇଁ ବନ୍ଦୋବସ୍ତ କରାଯାଇଥିଲେ ମଧ୍ୟ ବର୍ଷର ଯେକୌଣସି ସମୟରେ ଏହି ଷ୍ଟୋରରେ ସୁଲଭ ଦରରେ ସାମଗ୍ରୀ ମିଳିପାରେ ବୋଲି ଷ୍ଟୋର ପକ୍ଷରୁ ସୂଚନା ଦିଆଯାଇଛି। ୧୯୯୯ଟଙ୍କାର କ୍ରୟ ଉପରେ ୧କେଜି ଚିନି ମାତ୍ର ୯ ଟଙ୍କାରେ ପାଇପାରିବେ ବୋଲି ଘୋଷଣା କରାଯାଇଛି। ଏହା ବ୍ୟତୀତ ଷ୍ଟୋର ପକ୍ଷରୁ ଡ୍ରାଏଫ୍ରୁଟ୍ ଗିଫ୍ଟ ପ୍ୟାକେଟ୍, ୯୪୯ ଟଙ୍କାରେ ୫ କେଜି ଚାଉଳ ଏବଂ ୧ କେଜି ଚାଉଳର କମ୍ବୋ, ନନଷ୍ଟିକ୍ ଜିନିଷ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି, ୫୯୯୯ଟଙ୍କାରେ ୩ଟି ହାର୍ଡ ଟ୍ରଲି ଲଗେଜ ଭଳି ଅଫର ରଖାଯାଇଛି।

# ହେଲ୍‌ଥଭିଲେର ସିଟି ସେଣ୍ଟର ଉଦ୍‌ଘାଟିତ



ଭୁବନେଶ୍ୱର,୨୭।୧୦
(ଅନୁରାଧା ମହାରଣା)

ଜୟଦେବବିହାର ଗଙ୍ଗାଧର ମେହେର ମାର୍ଗରେ ପ୍ରାକୃତିକ ଚିକିତ୍ସା କେନ୍ଦ୍ର 'ହେଲ୍‌ଥଭିଲେ'ର ସିଟି ସେଣ୍ଟର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଓଲିଉଡ୍ ଅଭିନେତ୍ରୀ ଅନୁ ଚୌଧୁରୀ ଏହି ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି।
ସୂଚନାଥାଉ କି, ବାରଙ୍ଗସ୍ଥିତ ଭାଲୁଙ୍କା ଅଞ୍ଚଳର ପ୍ରାକୃତିକ ପରିବେଶରେ ଅବସ୍ଥିତ ହେଲ୍‌ଥଭିଲେ, ଇଷ୍ଟର୍ନ ଇଣ୍ଡିଆର ସର୍ବୋତ୍ତମ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ଭାବରେ ଜନପ୍ରିୟ ହୋଇପାରିଛି। ଅଭିଜ୍ଞ ନାଚୁରୋପାଥିକ ବିଶେଷଜ୍ଞଙ୍କ ଦ୍ୱାରା କୌଣସି ପ୍ରତିକୂଳ ପାର୍ଶ୍ୱ ପ୍ରତିକ୍ରିୟା ବିନା ସମସ୍ତ ପ୍ରକାର ସାଧାରଣ, କ୍ରୋନିକ୍ ଏବଂ ଦୁରାରୋଗ ବ୍ୟାଧିର ଅତ୍ୟାଧୁନିକ ନାଚୁରୋପାଥିକ୍ ଚିକିତ୍ସା ଏଠାରେ ଉପଲବ୍ଧ ହେଉଥିବା ସେଣ୍ଟର ପକ୍ଷରୁ କୁହାଯାଇଛି। ଯୋଗ, ଧ୍ୟାନ ଏବଂ ପ୍ରାଣାୟାମ ସହ ସମସ୍ତ ପ୍ରକାର ପୋଷକ ଯୋଗାଇଥାଏ । ଏ ଅବସରରେ ହେଲ୍‌ଥଭିଲେର ଚେୟାରମ୍ୟାନ୍ ଡ. ସତ୍ୟବ୍ରତ ମୀନକେତନ କହିଛନ୍ତି, ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ନୂଆ ସେଣ୍ଟର ଖୋଲାଯାଇଛି । ରୋଗୀମାନଙ୍କୁ ପାର୍ଶ୍ୱ ପ୍ରତିକ୍ରିୟା ବିନା ଚିକିତ୍ସା ଯୋଗାଇଦେବା ଏହାର ଲକ୍ଷ୍ୟ ରହିଥିବା ଡ. ମୀନକେତନ କହିଛନ୍ତି।

# ୟୁବିଆଇର ମେଗା ସଂଯୋଗୀକରଣ ଅଭିଯାନ

ଭୁବନେଶ୍ୱର,୨୭।୧୦

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ଏକ ମେଗା ସଂଯୋଗୀକରଣ ଅଭିଯାନର ଶୁଭାରମ୍ଭ କରାଯାଇଛି। ବିଶେଷକରି ଆସ୍ପିରେଶନାଲ ଜିଲା ଖୋର୍ଦ୍ଧା ପାଇଁ ଏହି ଅଭିଯାନ ୟୁବିଆଇ ପକ୍ଷରୁ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୟୁବିଆଇ କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ଗୋକୁଳାନନ୍ଦ ଦାସ, ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ତଥା ମହାପ୍ରବନ୍ଧକ ସର୍ବେଶ ରଞ୍ଜନ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ତଥା ଉପ-ମହାପ୍ରବନ୍ଧକ ନିରଞ୍ଜନ ବାରିକ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ତଥା ଉପ-କ୍ଷେତ୍ରୀୟ ମୁଖ୍ୟ ଅଶୋକ କୁମାର ମିଶ୍ର, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ତଥା ଉପ-କ୍ଷେତ୍ରୀୟ ମୁଖ୍ୟ ଜିତେନ୍ଦ୍ର କୁମାର ସାମଲ, ସହାୟକ ମହାପ୍ରବନ୍ଧକ ତଥା ଏମ୍‌ଏଲ୍‌ପି ମୁଖ୍ୟ ହରେରାମ ଶାହାଙ୍କ ସମେତ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀ ଓ ଆର୍‌ଏଲ୍‌ପି ଭୁବନେଶ୍ୱର, ଭୁବନେଶ୍ୱର ସହର ଅଧୀନ ବିଭିନ୍ନ ଶାଖାର ଶାଖା ମୁଖ୍ୟ ଏବଂ ବ୍ୟାଙ୍କର ଗ୍ରାହକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଯୋଜନା ଅନ୍ତର୍ଗତ ଗ୍ରାହକମାନଙ୍କୁ ପ୍ରାୟ ୨୦୦ଟି ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଏହି ସଂଯୋଗୀକରଣ କାର୍ଯ୍ୟକ୍ରମ ବ୍ୟାଙ୍କର ନୟାପଲ୍ଲୀ ଶାଖା, ଚନ୍ଦ୍ରଶେଖରପୁର ଶାଖା, ଭୁବନେଶ୍ୱର ମୁଖ୍ୟ ଶାଖା ଏବଂ ଆଇଗିଣିଆ ଶାଖାଠାରେ ଅନୁଷ୍ଠିତ ହୋଇଥିଲା।
ସେହିଭଳି ବ୍ୟାଙ୍କରେ ଉପଲବ୍ଧ ଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ଦାସ ଗ୍ରାହକମାନଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିବା ସହ ବ୍ୟାଙ୍କିଙ୍ଗ୍ ସେବାକୁ ଅଧିକ ପ୍ରଭାବଶାଳୀ କରି ଗ୍ରାହକମାନଙ୍କୁ ନିଜର ମତାମତ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ।

# ଏକତା, ଅଖଣ୍ଡତା ପାଇଁ ପ୍ରେରଣା ଯୋଗାଇବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୧୦(ଅନିଲ ଦାସ)

## 'ମେରି ମାଟି ମେରା ଦେଶ' କାର୍ଯ୍ୟକ୍ରମ ସମାପିତ

ଘଣ୍ଟ, ଶଙ୍ଖ, ମହୁରି ଆଦି ବାଦ୍ୟ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଜ୍ୟସ୍ତରୀୟ 'ମେରି ମାଟି ମେରା ଦେଶ' କାର୍ଯ୍ୟକ୍ରମ ଅବସରରେ 'ମାଟି କଳସ ଯାତ୍ରା'ର ଶୁଭାରମ୍ଭ କରିଛନ୍ତି। ଦେଶ ତଥା ରାଜ୍ୟର ସମସ୍ତ ପଞ୍ଚାୟତରୁ ସଂଗୃହୀତ ପବିତ୍ର ମାଟିରେ ନୂଆଦିଲ୍ଲୀରେ ଏକ ଅମୃତବାଟିକା ପ୍ରତିଷ୍ଠା କରାଯିବ। ଶନିବାରଠାରୁ ନୂଆଦିଲ୍ଲୀ ଅଭିମୁଖେ ଏହି ମାଟି କଳସ ଯାତ୍ରା ଆରମ୍ଭ ହେବ। ୭୫ତମ ସ୍ୱାଧୀନତା ଦିବସ ପାଳନର ଅନ୍ତିମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅବସରରେ ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ 'ମେରି ମାଟି ମେରା ଦେଶ'ର ରାଜ୍ୟସ୍ତରୀୟ ସମାପନ ଦିବସ ପାଳନ କରାଯାଇଛି।
ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜିର ଭାରତ ଆମର ପୂଜ୍ୟ ଶହୀଦ ଓ ସଂଗ୍ରାମୀମାନଙ୍କ ଅବଦାନ । ସେମାନେ ଆମ ମାନସପଟରେ ଚିରଦିନ ପାଇଁ ଅମର ହୋଇ ରହିବେ। ଓଡ଼ିଶା ହେଉଛି ପୁଣ୍ୟ ଭୂମି। ଏ ମାଟିରେ ଦେଶର ସ୍ୱାଧୀନତା ତଥା ମାତୃଭୂମିର ଗୌରବ ପାଇଁ ଅନେକ ବୀର ଶହୀଦ ହୋଇଛନ୍ତି। ସେହି ବୀର ମାଟିର ସମ୍ମାନାର୍ଥେ ଆୟୋଜିତ ଏହି ମାଟି କଳସ ଯାତ୍ରା ଆମ ସମସ୍ତଙ୍କୁ ଦେଶର ଏକତା ଓ ଅଖଣ୍ଡତା ପାଇଁ କାମ କରିବାକୁ ପ୍ରେରଣା ଯୋଗାଇବ । ପ୍ରଧାନମନ୍ତ୍ରୀଙ୍କୁ ଏପରି ଏକ ମହତ୍ କାର୍ଯ୍ୟକ୍ରମର ପରିକଳ୍ପନା ପାଇଁ ଧନ୍ୟବାଦ ଦେବା ସହ ଏହି ସମସ୍ତ ପୁଣ୍ୟ ମାଟିର ସମାହାରରେ ନୂଆଦିଲ୍ଲୀରେ ନିର୍ମିତ ଅମୃତବାଟିକା ଆଗାମୀ ଦିନରେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ତୀର୍ଥସ୍ଥଳରେ ପରିଗଣିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅମୃତବାଟିକା ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ଦେଶପ୍ରେମକୁ ଜାଗ୍ରତ କରିବା ସହ ଆଗାମୀ ପିଢ଼ିକୁ ସଂଗ୍ରାମୀମାନଙ୍କର ତ୍ୟାଗ ଓ ବଳିଦାନର ମୂଲ୍ୟବୋଧ ସମ୍ପର୍କରେ ଅବଗତ କରାଇବ ।

**ପୂର୍ବ ତଟ ରେଳପଥ**
ପେ ଆଣ୍ଡ ୟୁଜ୍ କ୍ଲୋକ୍ ରୁମ୍ ର ଇ-ନିଲାମ
ଷ୍ଟେସନ ଏବଂ ସ୍ଥାନ: କଟକ କ୍ଲୋକ୍ ରୁମ୍ (ପ୍ଲାଟଫର୍ମ-1 ରେ, ଗେଟ୍-1 ନିକଟରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.03.11.2023ରିଖ 1100 ଘଟିକା।
ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.03.11.2023ରିଖ 1130 ଘଟିକା।
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.inର ଇ-ଅକ୍ସନ ଲିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-704/O/23-24

## ପ୍ରଥମ ପୃଷ୍ଠାରୁ...

### ପିଆଜ ହେଲାଣି ...

ବଡ଼ କଷ୍ଟ ହୋଇଛି। ଓଡ଼ିଶା ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ଓଡ଼ିଶା ବଜାରକୁ ଦୈନିକ ୧୫ ଶହ ଟନ୍ ଓ ବାର୍ଷିକ ୫ରୁ ସାଢ଼େ ୫ ଲକ୍ଷ ଟନ୍ ପିଆଜ ଆବଶ୍ୟକ। ସାରା ଦେଶରେ ବର୍ଷା ଯୋଗୁ ଫସଲ ଅମଳ ବାଧାପ୍ରାପ୍ତ ହୋଇଥିବାରୁ ଏହି ଦର ବୃଦ୍ଧି ହୋଇଛି। ପ୍ରତି ବର୍ଷ ଅଗଷ୍ଟରୁ ନଭେମ୍ବରରେ ପିଆଜ ଦର ବୃଦ୍ଧି ହୋଇଥାଏ। ଏବର୍ଷ ବିଳମ୍ବରେ ଦର ବଢ଼ିଛି। ଆସନ୍ତା ୮ରୁ ୧୦ଦିନ ମଧ୍ୟରେ ତାହା ନିୟନ୍ତ୍ରଣକୁ ଆସିଯିବ ବୋଲି ଅନୁମାନ କରାଯାଉଛି। ମାତ୍ର ବେଳେବେଳେ ହେଉଥିବା ଅବାସ୍ତବ ଦର ବୃଦ୍ଧି ପଛରେ କର୍ପୋରେଟ ହାଉସ୍‌ଙ୍କ ହାତ ରହୁଥିବା ସେ ଅଭିଯୋଗ କରିଛନ୍ତି। ମାର୍କେଟରେ ଦର ସାମାନ୍ୟ ବଢ଼ିଲେ କର୍ପୋରେଟ ହାଉସ୍ ପକ୍ଷରୁ ବହୁ ପରିମାଣର ଜିନିଷ ଗଚ୍ଛିତ ରଖି କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି। ସେମାନଙ୍କ ପାଖରେ ଏକ ସଙ୍ଗେ ବିପୁଳ ପରିମାଣର ଜିନିଷ ମହଜୁଦ ରଖିବାକୁ ଅର୍ଥବଳ ସହ ପର୍ଯ୍ୟାପ୍ତ ଜାଗା ମଧ୍ୟ ମହଜୁଦ ରହୁଛି। ଏହାକୁ ସେମାନେ ଚଢ଼ା ଦରରେ ବିକ୍ରି କରୁଥିବାବେଳେ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଏଥିପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଧ୍ୟାନ ଦେବା ଦରକାର। ଭୁବନେଶ୍ୱର ଉପକଣ୍ଠ ଆଇଗିଣିଆ ପିଆଜ ବ୍ୟବସାୟୀ ସଂଘର ସମ୍ପାଦକ ଶକ୍ତିକାନ୍ତ ମିଶ୍ର କହିଛନ୍ତି, ଅନ୍ୟ ରାଜ୍ୟରେ ପିଆଜ ଦର ବୃଦ୍ଧି ଯୋଗୁ ଓଡ଼ିଶାରେ ଏହାର ପ୍ରଭାବ ପଡ଼ିଛି। ପିଆଜ ହୋଲ୍‌ସେଲ ଦର କିଲୋ ପିଛା ୪୮ ଟଙ୍କା ରହିଛି। ଆସନ୍ତା କିଛି ଦିନ ମଧ୍ୟରେ ଦର ବୃଦ୍ଧିରେ ହ୍ରାସ ଘଟିବ। ବ୍ରହ୍ମପୁର ପିଆଜ ବ୍ୟବସାୟୀ ରାମକୃଷ୍ଣ ସାହୁ କହିଛନ୍ତି ଯେ ବ୍ରହ୍ମପୁର ସହରରେ ମାସେ ଭିତରେ ପିଆଜ ଦର ୨୦ରୁ ୬୦ ଟଙ୍କା ଛୁଇଁଛି। ମହାରାଷ୍ଟ୍ରର ନାଗପୁର ଓ ନାସିକ ଅଞ୍ଚଳରୁ ପିଆଜ ଆମଦାନୀ ହେଉଛି। ପ୍ରତିବର୍ଷ ଅକ୍ଟୋବର ଓ ନଭେମ୍ବର ସୁଦ୍ଧା ଗୋଦାମରେ ପ୍ରାୟ ୩ ମାସ ନିମନ୍ତେ ପିଆଜ ମହଜୁଦ ରହୁଥିଲା। ଏହି ସମୟରେ ନୂତନ ଉତ୍ପାଦନ ହେଉଥିଲା। ପୂର୍ବରୁ ବ୍ରହ୍ମପୁର ବଜାରକୁ ୭ରୁ ୮ଟ୍ରକ୍ ଅର୍ଥାତ ଦୈନିକ ୨୦୦ଟନ୍‌ରୁ ଅଧିକା ପିଆଜ ଆମଦାନୀ ହେଉଥିଲା। କିନ୍ତୁ କିଛିଦିନ ହେବ ମାତ୍ର ୩ରୁ ୪ ଟ୍ରକ୍ ଅର୍ଥାତ୍ ୧୦୦ରୁ ୧୨୦ ଟନ୍ ପିଆଜ ଆମଦାନୀ ହେଉଛି। ପିଆଜ ଚାହିଦା ବୃଦ୍ଧି ପାଇବା ଓ ଆମଦାନୀ କମିଯାଉଥିବାରୁ ଦର ବୃଦ୍ଧି ଘଟିଛି ବୋଲି ସେ କହିଛନ୍ତି। କଟକ ଛତ୍ରବଜାର ହୋଲ୍‌ସେଲ୍ ବ୍ୟବସାୟୀ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି, ଆନ୍ଧ୍ର ଓ ତାମିଲନାଡୁରୁ କଟକକୁ ସର୍ବାଧିକ ପିଆଜ ଆସୁଛି। ସେଠାରେ ଉତ୍ପାଦନ କମ୍ ସାଙ୍ଗକୁ ଲୋକଙ୍କ ଚାହିଦା ଅଧିକ ରହୁଥିବାରୁ ପିଆଜ ଦର ବଢ଼ୁଛି। ଏଭଳି ସମସ୍ୟା ଆଉ ପ୍ରାୟ ଏକ ମାସ ରହିବ। ନୂଆ ପିଆଜ ଆମଦାନି ହେଲେ ଦର ଖସିବ। ପ୍ରତିଦିନ ଛତ୍ରବଜାରକୁ ପ୍ରାୟ ୧୦୦ରୁ ୧୨୦ ଟନ୍ ପିଆଜ ଆସିଥାଏ। ହେଲେ ଏବେ ଆମଦାନି କମ୍ ହେଉଥିବାରୁ ଦୈନିକ ୭୦ରୁ ୮୦ ଟନ୍ ପିଆଜ ଆସୁଛି। ତେଣୁ ପିଆଜ ଦର ବୃଦ୍ଧି ଘଟୁଛି। ଦରକୁ ନେଇ କିଛି ଆକଳନ କରାଯାଇପାରୁନାହିଁ। ପ୍ରତିଦିନର ଆମଦାନୀକୁ ନେଇ ବଜାର ଦର ପ୍ରଭାବିତ ହେଉଛି ବୋଲି ସାହୁ କହିଛନ୍ତି।

### ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ...

କୃଷ୍ଣା କାବେରୀ, କି ହେବ ଶୁଆ ପୋଷିଲେ, ଶୁଭଦ୍ରା, ସକଳ ତୀର୍ଥ ତୋ ଚରଣେ, ଉଦଣ୍ଡୀ ସୀତା, ପଞ୍ଜୁରି ଭିତରେ ଶାରୀ, ମୋ କୋଳ ତୋ' ଝୁଲଣା, ଏ ଯୁଗର କୃଷ୍ଣ ସୁଦାମା, ଆଇ ଲଭ ୟୁ, ଅର୍ଜୁନ, ପ୍ରେମୀ ନମ୍ବର ୱାନ, ଶାଶୁ ଘର ଚାଲିଯିବି, ପ୍ରେମ ଋତୁ ଆସିଲାରେ, ପ୍ରଥମ ପ୍ରେମ, ମୁଁ ତତେ ଲଭ୍ କରୁଛି, ରୋମିଓ ଦ ଲଭରବୟ ଏବଂ ଆପ୍ପା ହାତ ଜଗନ୍ନାଥ ଆଦି ରହିଛି। ।

#### ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀଙ୍କ ଶୋକ

ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା ଗୀତିକାର ସ୍ୱରୂପ ନାୟକଙ୍କ ଦେହାନ୍ତ ବିଷୟରେ ଜାଣି ଦୁଃଖିତ। ତାଙ୍କ ନିଆରା ସଙ୍ଗୀତ ରଚନା ସର୍ବଦା ଶ୍ରୋତାଙ୍କ ହୃଦୟରେ ସ୍ୱତନ୍ତ୍ର ହୋଇ ରହିବ। ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ସମୃଦ୍ଧ କରିବାରେ ବହୁମୂଲ୍ୟ ଯୋଗଦାନ ପାଇଁ ସେ ଚିରସ୍ମରଣୀୟ ରହିବେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ସାମାଜିକ ଗଣମାଧ୍ୟମ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି। କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରି କହିଛନ୍ତି, ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର ତଥା ଅଭିନେତା ସ୍ୱରୂପ ନାୟକଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ସଙ୍ଗୀତ ନିର୍ଦ୍ଦେଶନାରେ ସେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଥିଲେ। ବିଶେଷ ଭାବରେ ଓଡ଼ିଆ ଚଳଚ୍ଚିତ୍ର ଓ ସଙ୍ଗୀତ ଜଗତକୁ ତାଙ୍କର ଅବଦାନ ଅନେକ। ତାଙ୍କ ବିୟୋଗରେ ଓଡ଼ିଶା ଜଣେ ଉଜ୍ଜ୍ୱଳ ପ୍ରତିଭାଙ୍କୁ ହରାଇଲା। ସେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ରାଜ୍ୟ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା, କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକଙ୍କ ବିୟୋଗରେ ଓଡ଼ିଶାର ଚଳଚ୍ଚିତ୍ର ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

### ପ୍ରମୋଦ ଭଗତଙ୍କୁ ...

ଏଥର ସେ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଭାଗ ନେଇଥିଲେ ଏବଂ ୩ଟି ଯାକ ଇଭେଣ୍ଟରେ ପଦକ ହାସଲ କରିଛନ୍ତି। ବରଗଡ଼ ଜିଲା ଅତାବିରାର ପ୍ରମୋଦ ୧୯୮୮ ଜୁନ୍ ୪ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମା'ଙ୍କ ନାମ କୁସୁମ ଦେବୀ ଓ ବାପା କୈଳାସ ଭଗତ। ୨୦୨୦ ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରମୋଦ ବିଶ୍ୱ ଚାମ୍ପିୟନଶିପ୍‌ରେ ୫ ଥର ସ୍ୱର୍ଣ୍ଣ, ୨ ଥର ରୌପ୍ୟ ଓ ଥରେ ବ୍ରୋଞ୍ଜ ପଦକ ଜିତି ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଛନ୍ତି। କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ତାଙ୍କୁ ୨୦୧୯ରେ ଅର୍ଜୁନ, ୨୦୨୧ରେ ଖେଳରତ୍ନ ପୁରସ୍କାର ଏବଂ ୨୦୨୨ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ୨ କୋଟି ଟଙ୍କା ...

ପଦକ ହାସଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରମୋଦଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ ସେ ହେଉଛନ୍ତି ଜଣେ ଉତ୍ତମ ପ୍ରତିଯୋଗୀ ଏବଂ ଦୃଢ଼ମନାର ପ୍ରତୀକ। ଆସନ୍ତା ୨୦୨୪ରେ ପ୍ୟାରିସରେ ହେବାକୁ ଥିବା ଅଲିମ୍ପିକ୍ସରେ ସେ ଆମକୁ ନିଶ୍ଚିତ ଭାବେ ଗର୍ବିତ କରିବେ । ପାରା ଅଲିମ୍ପିକ୍ସ ପୂର୍ବରୁ ଭଗତଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସ୍ୱର୍ଣ୍ଣ ପଦକ ଜିତିବା ପରେ ପ୍ରମୋଦ ସହାୟତା ଓ ସମର୍ଥନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ପାରା ଏସିଆନ ଗେମ୍ସରେ ସେ ସ୍ୱର୍ଣ୍ଣ ସହିତ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହା ତାଙ୍କୁ ପ୍ୟାରିସ ଅଲିମ୍ପିକ୍ସ ପାଇଁ ପ୍ରୋତ୍ସାହନ ଯୋଗାଇବ ବୋଲି ପ୍ରମୋଦ କହିଛନ୍ତି।

### ପଟ୍ଟାଙ୍ଗୀରେ 'ଜଗନ ...

ସେବାଦଳ ଜିଲା ସଭାପତି ଏସ୍.ରାମକୃଷ୍ଣ, ଡେପୁଟି ଡିଏମ୍‌ଏଚ୍‌ଓ ଶିବ କୁମାର, ୱାଇଏସ୍‌ଆର୍‌ସିପି ବ୍ଲକ ସଭାପତି ଏସ୍. ଭରତସେନୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ଆନ୍ଧ୍ରର ସ୍ୱାସ୍ଥ୍ୟସେବା ଶିବିର ସମ୍ପର୍କରେ ଖବର ପାଇ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ସୁକାନ୍ତ ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଘଟଣା ସ୍ଥଳରେ ପହଞ୍ଚି ପ୍ରତିବାଦ କରିଥିଲେ। ଫଳରେ ଆନ୍ଧ୍ର ପ୍ରଶାସନ ସ୍ୱାସ୍ଥ୍ୟସେବା ଶିବିର ଛାଡ଼ି ଫେରିଯାଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଲଣ୍ଡ୍ରି କମ୍ପାନୀ ପାଇଁ ଆବଶ୍ୟକ
୧-ଆଇରନ କାରିଗର
୨-ଡେଲିଭେରୀ ବୟ
୩-ଟାଟା ଏ ସି ଡ୍ରାଇଭର
8280082800, 9078000108

APPOINTMENT
FULL TIME
CLINIC ASSISTANCE BOY
(Age 18 to 22)
LADY COOK
Jayadev Vihar, Bhubaneswar
Contact : 9337505234

No.CAD-2601

Chilika
**CHILIKA DEVELOPMENT AUTHORITY**
PLOT NO.493(P), PALASPALLI, POKHARIPUT ROAD, BHUBANESWAR-751020
Phone: 91-674-2591544, Fax: 91-674-2590485 Email: - chilika@chilika.com
e-PROCUREMENT
Tender Call Notice No. 1858/CDA/2023 Dtd.26.10.2023

| | | | |
|---|---|---|---|
| 01. | Name of the Work | :- | Improvement of the ferry service between Satapada and Jahnikuda by desiltation of the Ferry Route in Chilika lake using Company's own cutter suction dredger. |
| 02. | Estimated Cost | :- | Rs.1238.32 Lakhs |
| 03. | Period of completion | :- | 12 (Twelve Calendar) Months. |
| 04. | Date & Time of availability of Bid Document in the portal | :- | 28.10.2023 to 14.11.2023 upto 5.00 P.M. |
| 05. | Date of Pre-bid queries. | :- | 06.11.2023 at 11.00 A.M. in the O/o the Chief Executive, Chilika Development Authority, Plot No.493(P), Palaspalli, Bhubaneswar-751020. |
| 06. | Last Date/Time for submission of Bids in the portal. | :- | 14.11.2023 by 5.00 P.M. |
| 07. | Date of opening of the Bids | :- | 15.11.2023 at 11.00 A.M. in the O/o the Chief Executive, Chilika Development Authority, Plot No.493(P), Palaspalli, Bhubaneswar-751020. |
| 08. | Name and Address of the Officer Inviting Tender (O.I.T) | :- | Addl. Chief Executive Chilika Development Authority, Plot No.493(P), Pallaspalli, Pokhariput Road, Bhubaneswar-751020 |

*Further information and other details are available for downloading from the Website e-procurement portal "https://tendersodisha.gov.in". Addendum/Corrigendum if required will be available only in the Website e-procurement portal "https://tendersodisha.gov.in"*

Sd/
Addl. Chief Executive
Chilika Development Authority
OIPR-08138/11/0011/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ନୀଲମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କଂଗ୍ରେସର ମିଶ୍ରଣ ପର୍ବ

**ଭୁବନେଶ୍ୱର, ୨୭।୧୦(ସୁନିତ୍ ମିଶ୍ର):** ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ସଭାପତିତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ଗତ ସାଧାରଣ ନିର୍ବାଚନରେ ଭୁବନେଶ୍ୱର ଲୋକ ସଭା ଆସନ ଲାଗି ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଜୟନ୍ତ ଦାସ, ବିଜେଡି ନେତ୍ରୀ ଭାଗ୍ୟଶ୍ରୀ ଜେନା, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ସାହୁ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତା କାଳିଚରଣ ଆଚାର୍ଯ୍ୟ, ଖ୍ରୀଷ୍ଟିଆନ ଆସୋସିଏଶନର ସିଟି ପ୍ରେସିଡେଣ୍ଟ ମୁନା ଚାନ୍ଦ ପ୍ରମୁଖ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗ ଦେଇଛନ୍ତି।

# ଜଟଣୀରୁ ପୁଣି ଲଢ଼ିପାରନ୍ତି ସୁରେଶ

**ଖୋର୍ଦ୍ଧା,୨୭।୧୦(ପ୍ରଭାତ ପାଣିଗ୍ରାହୀ)**

ଆଗାମୀ ନିର୍ବାଚନରେ ବିଧାୟକ ସୁରେଶ କୁମାର ରାଉତରାୟ ପୁଣି ଜଟଣୀ ନିର୍ବାଚନ ମଣ୍ଡଳୀରୁ ଲଢ଼ିବା ନେଇ ଆସ୍ଥା ପ୍ରକଟ କରିଛି ପ୍ରଦେଶ କଂଗ୍ରେସ। ଶୁକ୍ରବାର ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ପରିବର୍ତ୍ତନ ସମାବେଶରେ କର୍ମୀଙ୍କୁ ସମ୍ବୋଧିତ କରି ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଏହା କହିଛନ୍ତି। ତେବେ ୪ବର୍ଷ ତଳୁ ନିର୍ବାଚନ ଲଢ଼ିବେନି ବୋଲି ସୁରେଶ ସ୍ପଷ୍ଟ କରିଥିଲେ ମଧ୍ୟ ଏବେ ପିସିସି ସଭାପତିଙ୍କ ଏହି ମନ୍ତବ୍ୟ ପରେ ଜଟଣୀ ରାଜନୀତି ପୁଣି ଚଳଚଞ୍ଚଳ ହୋଇଉଠିଛି। ଶରତ କହିଥିଲେ, ପ୍ରଦେଶ କଂଗ୍ରେସର ଜଣେ ଟାଣୁଆ ଓ ଆଗଧାଡ଼ିର ନେତା ସୁରେଶ ପୁଣି ଜଟଣୀ ଆସନରୁ ଲଢନ୍ତୁ ବୋଲି ପ୍ରଦେଶ କଂଗ୍ରେସ ଚାହେଁ। ଶରତଙ୍କ ଏହି କଥାରେ ଏକାଧିକ କର୍ମୀ ମଧ୍ୟ ସ୍ୱର ମିଳାଇଥିଲେ। ଅପରପକ୍ଷରେ କିଛିଦିନ ପୂର୍ବେ ସୁରେଶ ତାଙ୍କ ସାନପୁଅ ମନ୍ମଥ ଜଟଣୀ ଏବଂ ବଡପୁଅ ସିଦ୍ଧାର୍ଥ ନିମାପଡ଼ାରୁ ଲଢିବେ ବୋଲି ସୂଚନା ଦେଇଥିଲେ। ମନ୍ମଥ ବିଜେଡିରୁ ଲଢିବା ପାଇଁ ଆଶାୟୀ ଥିବା ଚର୍ଚ୍ଚା ହେଉଥିବା ବେଳେ ଏହାକୁ ଅସ୍ୱୀକାର କରିଛନ୍ତି ସୁରେଶ। ସେହିପରି ପିସିସି ସଭାପତିଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ସୁରେଶ କହିଛନ୍ତି, ନିର୍ବାଚନ ଲଢିବି ନାହିଁ ବୋଲି ଆଗରୁ ଘୋଷଣା କରିସାରିଛି। ତଥାପି ଆଗକୁ ଏହା ଉପରେ ତର୍ଜମା କରିବି। ଜଟଣୀବାସୀ ଚାହିଁଲେ, ଏ ବିଷୟରେ ଚିନ୍ତା କରିବି।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ 'ମୋ ମାଟି ମୋ ଦେଶ' ଅଭିଯାନରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ସଂଗୃହୀତ 'ପବିତ୍ର ମାଟି କଳସ'କୁ ସ୍ୱାଗତ କରିବା ସହ ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦ ଯବାନଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ଦୁର୍ଗା ପୂଜା ଧମାକା
ମୁଦ୍ରା ଫାଇନାନ୍ସ
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797
7618668625

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୫-ଟି, ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜଣାଇଲେ ସରକାରୀ କର୍ମଚାରୀ ସଂଘ

**ଭୁବନେଶ୍ୱର,୨୭।୧୦ (ଅନିଲଦାସ)**

ରାଜ୍ୟ ସରକାରୀ କର୍ମଚାରୀଙ୍କ ବିଭିନ୍ନ ସେବା ସଂଘ କର୍ମକର୍ତ୍ତାମାନେ ନବୀନ ନିବାସରେ ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ଶୁକ୍ରବାର ସାକ୍ଷାତ କରି ନୂତନ ନିଯୁକ୍ତି ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଭି.କେ. ପାଣ୍ଡିଆନଙ୍କୁ ସାକ୍ଷାତ କରି କର୍ମଚାରୀମାନେ ବେଶ୍ ଉତ୍ସାହିତ ହୋଇଛନ୍ତି। ଆଗାମୀ ଦିନରେ ଓଡ଼ିଶାର ବିକାଶକୁ ଦ୍ରୁତଗତିରେ ଆଗେଇ ନେବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାକୁ ସାକାର କରିବାରେ ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଆହୁରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ସେମାନେ ଆଶାପ୍ରକାଶ କରିଛନ୍ତି। କର୍ମଚାରୀ ସଂଘର କର୍ମକର୍ତ୍ତା ତାଙ୍କୁ ଭେଟିବା ସହ ଆଗାମୀ ଦିନରେ ସେମାନଙ୍କ ସମସ୍ୟାର ସମାଧାନ ହେବ ବୋଲି ଆଶା ରଖିଛନ୍ତି।

ସହଯୋଗ ପାଇଁ ପାଣ୍ଡିଆନ ସଂଘର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ପ୍ରଶାସନ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ବାସ୍ତବ ରୂପାନ୍ତର ଆଣିବାରେ ସଫଳ ହୋଇପାରିବ। ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପାଣ୍ଡିଆନ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ନବୀନ ନିବାସଠାରେ ଓଡ଼ିଶା ସଚିବାଳୟ ସେବା ସଂଘ, ଓଡ଼ିଶା ସଚିବାଳୟ ପିଏସ୍ ଇ ପିଏ ସେବା ସଂଘ, ଓଡ଼ିଶା ରାଜସ୍ୱ ଅମଲା ସଂଘ, ଆଉଟସୋର୍ସିଂ କର୍ମଚାରୀ ସଂଘ, ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ ସଂଘ, ଭିଏଡବ୍ଲ୍ୟୁ ସଂଘ, କେନ୍ଦୁପତ୍ର କର୍ମଚାରୀ ମହାସଂଘ, ଓଡ଼ିଶା ମୁଖ୍ୟ ଦପ୍ତର ମିନିଷ୍ଟେରିଆଲ ସଂଘ, ସରକାରୀ ହାଇସ୍କୁଲ ସିବିଟି ଶିକ୍ଷକ ସଂଘ, ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ,ଏସ୍‌ସି/ଏସ୍‌ଟି ଲେଡି ମାଟ୍ରନ ସଂଘ, ଓଡ଼ିଶା ମୁଖ୍ୟଦପ୍ତର ସେକ୍ସନ ଅଫିସର ସଂଘ, ଫରେଷ୍ଟ ଡିଏଲ୍‌ଆର୍ ସଂଘ, ଓଡ଼ିଶା ପୋଲିସ ସଂଘ, ଓଡ଼ିଶା ପୋଲିସ ହାବିଲଦାର, ସିପାହି ଓ କନ୍‌ଷ୍ଟେବଲ ସଂଘ, ଅଲ୍ ଓଡ଼ିଶା ଆୟୁଷ ଡାକ୍ତର ସଂଘ ପ୍ରମୁଖ କର୍ମକର୍ତ୍ତା ପାଣ୍ଡିଆନଙ୍କୁ ଭେଟି ଫୁଲତୋଡ଼ା ଦେଇ ଅଭିନନ୍ଦନ ଜଣାଇଛନ୍ତି।



ନବୀନ ନିବାସଠାରେ ଶୁକ୍ରବାର ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ବିଭିନ୍ନ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ସାକ୍ଷାତ କରୁଛନ୍ତି।

## ପଞ୍ଚମ ଜନ୍ମଦିନର ଶୁଭେଚ୍ଛା



ନୀଲମ ବନଛୋର
ଲଇଡ଼ାଗୁଣା, କୁଚିଣ୍ଡା, ସମ୍ବଲପୁର
ପଞ୍ଚମ ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଅଜା, ଆଈ, ବାବା, ମାଆ, ଲିଙ୍କନ, ଲିପୁନ, ଲିବୁନ, ମିଲନ, ଝଙ୍କାର, ଆଶୀର୍ବାଦ ଓ ଲିପି ମାଉସୀ
ଧ-୧୬୬୪

# ରାଜଧାନୀରେ ପହଞ୍ଚିଲା ମାଟି ସଂଗୃହୀତ କଳସ

**ଭୁବନେଶ୍ୱର, ୨୭।୧୦(ସୁନିତ୍ ମିଶ୍ର)**

'ମାଟିକୁ ନମନ୍ ବୀରଙ୍କୁ ବନ୍ଦନ୍' ପରିପ୍ରେକ୍ଷୀରେ ଗତ ଅଗଷ୍ଟ ୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଶହୀଦ ବୀର ଓ ଯବାନ'ମାନଙ୍କୁ ସମ୍ମାନ ଜଣାଇ 'ମୋ ମାଟି, ମୋ ଦେଶ' ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଓଡ଼ିଶାରେ ମଧ୍ୟ ଶହୀଦମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ମୋ ମାଟି ମୋ ଦେଶ' ଆୟୋଜିତ ହୋଇଛି। ଆସନ୍ତା ୩୧ରେ ଦେଶର ବିଭିନ୍ନ ସ୍ଥାନରୁ ସଂଗୃହୀତ କଳସରୁ ମାଟିକୁ ଏକାଠିକରି ଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକୀ ନିକଟରେ ପ୍ରଧାନମନ୍ତ୍ରୀ ଅମୃତ ବାଟିକା ସ୍ଥାପନ କରିବେ। ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରୁ ସଂଗୃହୀତ ମାଟି କଳସ ଶୁକ୍ରବାର ଭୁବନେଶ୍ୱରଠାରେ ପହଞ୍ଚିଛି। ତେବେ 'ଅମୃତ ବାଟିକା' ଶହୀଦ ଯବାନଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ

### ଆଜି ଯିବ ଦିଲ୍ଲୀ

ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ଦେଶର ବହୁ କେନ୍ଦ୍ରୀୟ ନେତାଙ୍କ ସମେତ ଦଳର ସମସ୍ତ ପଦାଧିକାରୀ, ଜିଲା ସଭାପତି, ମୋର୍ଚ୍ଚା ସଭାପତି, ମଣ୍ଡଳ ସଭାପତି ଏବଂ କାର୍ଯ୍ୟକର୍ତ୍ତାମାନେ ରାଜ୍ୟର ୩୧୪ ବ୍ଲକ ଅନ୍ତର୍ଗତ ୨୭୨୦ ପଞ୍ଚାୟତର ୧୩, ୧୨୮ ଗାଁରୁ ମାଟି ସଂଗ୍ରହ କରାଯାଇଛି। ଶନିବାର ସକାଳ ୮ଟାରେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ସଂଗୃହୀତ ମାଟି କଳସକୁ ନେଇ ୬୧୧ଜଣ ଭାଜପା କାର୍ଯ୍ୟକର୍ତ୍ତା ଦିଲ୍ଲୀ ଯିବେ ବୋଲି ସେ କହିଛନ୍ତି।

# ଭାଜପାର ଆଶାୟୀ ପ୍ରାର୍ଥିନୀଙ୍କୁ ନେଇ ଚର୍ଚ୍ଚା

**କେନ୍ଦୁଝର,୨୭।୧୦**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

୨୦୨୪ ସାଧାରଣ ନିର୍ବାଚନ ପାଇଁ ସବୁ ଦଳ ପ୍ରସ୍ତୁତି ଆରମ୍ଭ

### ଘଷିପୁରା ନିର୍ବାଚନମଣ୍ଡଳୀ

କରିଦେଇଥିବା ବେଳେ ଆଶାୟୀ ପ୍ରାର୍ଥୀମାନେ ମଧ୍ୟ ସଂଗଠନ ମଜବୁତ୍ କରିବାରେ ଲାଗିପଡ଼ିଛନ୍ତି। ମହିଳା ସଂରକ୍ଷଣ ବିଲ୍ ସଂସଦରେ ପାସ ହେବା ପରେ ମହିଳାମାନଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି। ଗତ ସାଧାରଣ ନିର୍ବାଚନରେ ଅସଂରକ୍ଷିତ ଚମ୍ପୁଆ ନିର୍ବାଚନମଣ୍ଡଳୀରେ ପ୍ରଥମକରି ବିଜେଡି ମହିଳା ପ୍ରାର୍ଥୀ ଦେଇଥିଲା। ସେଠାରେ ମୀନାକ୍ଷୀ ମହାନ୍ତଙ୍କ ବିଜୟ ପରେ ଜିଲାରେ ଅନ୍ୟ ଦଳରେ ଥିବା ନେତ୍ରୀ ଓ ମହିଳା କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ବଢ଼ିଯାଇଛି। ବିଶେଷକରି ଆନନ୍ଦପୁର ଉପଖଣ୍ଡର ଘଷିପୁରା ଅଂସରକ୍ଷିତ ନିର୍ବାଚନମଣ୍ଡଳୀରେ ଭାଜପାର ଜିଲା ପରିଷଦ ସଭ୍ୟା ଅସୀମା ମିଶ୍ର ଆଶାୟୀ ପ୍ରାର୍ଥିନୀ ଭାବରେ ନିଜର ପ୍ରଭାବ ବୃଦ୍ଧି କରିବାରେ ଲାଗିଥିବା ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, ଜିଲାରେ ଭାଜପା ଗୋଟିଏ ବିଧାନସଭା ସିଟ୍ ହାସଲ କରିଥିବା ବେଳେ ୩ ଜିଲା ପରିଷଦ ସିଟ୍ ହାତେଇଥିଲା। ଆନନ୍ଦପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିର ଦବ୍‌ଦବା ସତ୍ତ୍ୱେ ଅସୀମା ୩ ନମ୍ବର ଜୋନ୍ ଜିଲା ପରିଷଦ ସିଟ୍ ହାତେଇ ସମସ୍ତଙ୍କୁ ଚକିତ କରିଥିଲେ। ଆନନ୍ଦପୁର ବିଜେଡ଼ି ବିଧାୟକ ଭାଗୀରଥି ସେଠୀ ଉକ୍ତ ୩ ନମ୍ବର ଜୋନ୍‌ରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାରେ ସଫଳ ହୋଇ ନ ଥିଲେ। ଫଳରେ ଅସୀମାଙ୍କ ପ୍ରତି ସମର୍ଥନ ବଢ଼ୁଥିବାରୁ ଆଗାମୀ ନିର୍ବାଚନରେ ଘଷିପୁରା ନିର୍ବାଚନମଣ୍ଡଳୀରେ ବିଧାୟକ ଟିକେଟ ପାଇଁ ଆଶାବାଦୀ ହୋଇ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ଲୋକଙ୍କ ସମସ୍ୟାରେ ଛିଡ଼ାହୋଇ ସଂଗଠନକୁ ମଜଭୁତ କରିବାରେ ଲାଗିପଡ଼ିଛନ୍ତି। ଦଶହରା ସମୟରେ ଘଷିପୁରା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ବ୍ୟାନର ଲଗାଇ ଲୋକଙ୍କୁ ଶୁଭେଚ୍ଛା ବାର୍ତ୍ତାଦେଇ ଆଶାକୁପରିବ୍ୟକ୍ତ କରିଥିବା ଆଲୋଚନା ହେଉଛି। ଅନ୍ୟପକ୍ଷେ ଘଷିପୁରା ନିର୍ବାଚନମଣ୍ଡଳୀ ପୂର୍ବରୁ ବିଜେଡିର ଗଡ଼ ହୋଇ ରହିଥିବା ବେଳେ ବିଧାୟକ ବଦ୍ରିନାରାୟଣ ପାତ୍ର କ୍ରମାଗତ ଜିତି ଆସୁଛନ୍ତି। ଜିଲା ପରିଷଦ ସଭ୍ୟା ତଥା ଆଶାୟୀ ପ୍ରାର୍ଥୀ ଅସୀମା କହିଛନ୍ତି, ଦଳର ନିଷ୍ପତ୍ତି ସର୍ବୋପରି। ଦଳ ଚାହିଁଲେ ଘଷିପୁରା ନିର୍ବାଚନମଣ୍ଡଳୀରେ ସେ ନିଶ୍ଚୟ ଭାଜପାର ସ୍ଥିତିକୁଅଧିକ ଦୃଢ଼କରିବିଜୟ ସମ୍ଭାବନାକୁ ଉଜ୍ଜ୍ୱଳ କରିପାରିବେ।

## Classified Everyday
0674-2580101, 2549949



REAL ESTATE
SALE

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - 9658562429. D-75239

3BHK Apartment Rasulgarh-89,00,000; 4BHK Duplex Balianta-89,00,000; 3BHK Duplex Hirapur-79,00,000; 3BHK Duplex Padasahi-92,00,000; Gangapada 9Acre, Pitapalli 5Acre . DPS-990, Jaanla-990, Tamando-1500/2700. Pitapalli-1650, Patrapada-2200. 8249630501. D-1663

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479.** D-75248

ନାଇଜର, ଜଟଣୀ yellow Zone ବର୍ଗଫୁଟ ୩୫୦-୮୦୦ ଜାଗା ବିକ୍ରି ହେଉଛି । 8249693292. D-75162

ଭୁବନେଶ୍ୱର ମୌଜା କଣ୍ଟିଲୋ ବ୍ରହ୍ମକୁଣ୍ଡଳରେ, **30' road,** ଘରବାରି **Boundary,** ଥାଇ ପ୍ଲଟ୍‌ମିଳୁଛି- **9348884684.** D-75244

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ – **9437205314, 9937513595.** D-75243

Gharabari plot sale near Tankapani Road (Sai Temple) and Sundarpada. 7008492511. D-1671

ଘରବାରି ପଟ୍ଟା **Plots, Resale Hotel / house at Puri Town,** ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। **7008067338, 9090746445.** D-75242

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ନିକଟରେ ଘରବାରି ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ। 9827119799. D-1670

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

**Readymade 3 BHK Duplex with land 1530 sqft. for sale @ 65 Lakhs onwards near Pahala (Jagannathpur). Contact: 9348838338.** D-1601

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428



All types of professional body massage by professional therapy. Contact 7077933109, 9556924059, 8658803018. D-1669

Full body massage by expert therapist positively health benefits. 7381172169. D-75165

**Body spa / saloon by expert therapist, Puja Offer @999/-. 9938843929.** D-75163

Asribadа Panchakarma herbal SPA Kesharimall, Bhubaneswar. Contact: 8926173473. D-75054

Spa Kerala body Massage only best Therapist @699/- Bhubaneswar. 9337672475. D-1602

Newly open health benefits Spa special offer @999. Contact: 7749034655. D-75166

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LEGAL NOTICE

ଦେୱାନୀ କାର୍ଯ୍ୟବିଧି ଆଇନ୍‌ର ଅର୍ଡର-୧, ରୁଲ୍-୮ ମୁତାବକ

IN THE COURT OF C.J.J.D., BHADRAK
C.S. NO. 21/2017

1. Salauddin Khan, aged 65 years, 2. Golam Maiuddin Khan, aged 49 years, 3. Md. Jamaluddin @Tawiluddin Khan, aged 42 years. All are S/o-Late Hazi Allauddin Khan. All are of Vill-Chandan Bazar, PO/PS.-Purunabazar, Dist.-Bhadrak ...... Plaintiffs

Vrs.

1. The Collector, Bhadrak, At/PO/PS/Dist.-Bhadrak, 2. The Tahasildar, Bhadrak, At/PO/PS/Dist.-Bhadrak, 3. Sk. Hasan Mohammad, aged 65 years, S/o SK. Abdul Samat, 4. Sk. Noor Illahi, aged 68 years, S/o-Late Sk. Masrum. Both are of Vill-Chandan Bazar, PO/PS-Purunabazar, Dist.-Bhadrak .... Defendants

5. Tajuddin Khan, aged 54 years, 6. Riyajuddin Khan, aged 50 years. Both are S/o- Late Fajal Rab Jalaluddin Khan, 7. Sofia Begum, Age years, W/o-Late Fajal Rab Jalaluddin Khan. All are of Vill-Chandan Bazar, PO/PS-Purunabazar, Dist.-Bhadrak, 8. Manwar Hossain Khan, aged 65 years, 9. Anwar Hossain Khan, aged 58 years, 10. Afjal Hossain Khan, aged 56 years, 11. Abu Hossain Khan, aged 54 years, 12. Abrar Hossain Khan, aged 51 years

All are of S/o- Late Hazi Mohammad Alli Khan. All are of Vill-Chandan Bazar, PO/PS-Purunabazar, Dist.-Bhadrak .....Proforma Defendants

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛିକି ଉପରୋକ୍ତ ବାଦୀମାନେ ନିମ୍ନ ତଫସିଲ ବୃତ୍ତି ପକ୍ଷେ ସ୍ୱତ୍ୱ ସାବ୍ୟସ୍ତ ଓ ଖତିଆନ ଭୁଲ୍ ଥିବାର ପ୍ରଚାର କରାଇନେବା କାରଣ ଅତ୍ର ମୋକଦ୍ଦମା ଆଗତ କରିଅଛନ୍ତି। ଯଦି ଏଥିରେ କୌଣସି ବ୍ୟକ୍ତିଙ୍କର କୌଣସି ପ୍ରକାର ଆପତ୍ତି ଅଭିଯୋଗ ଥାଏ, ତେବେ ସେ ନିଜେ କିମ୍ବା ତାଙ୍କର ଏଜେଣ୍ଟ ମାଧ୍ୟମରେ ମୋକଦ୍ଦମାର ଧାର୍ଯ୍ୟ ତାରିଖ ଆସନ୍ତା ତା 15.11.2023 at 10.30 AM ଘଟିକା ସମୟରେ କୋର୍ଟରେ ଉପସ୍ଥିତ ହୋଇ ଆପତ୍ତି ଦାଖଲ କରିବେ, ନଚେତ୍ ଆଇନ୍ ଅନୁସାରେ ମୋକଦ୍ଦମା ଫଇସଲା କରାଯିବ।

ତଫସିଲ ବୃତ୍ତି

ଭଦ୍ରକ କଲେକ୍ଟର ଅଧୀନେ ଭଦ୍ରକ ତହସିଲ ମୌଜା- ଇସଫପୁର ମେଜର ବନ୍ଦୋବସ୍ତ ଖା୪୭୫ ତା, ଖ୮୪୨ସତା, ଏରିଆ ଏ୨.୪୦ ଡି. ସ୍ୱାଧ ପୂର୍ବ-ଦକ୍ଷିଣ ତରଫ ଏ୦.୬୪ଡି., ଯାହାକି ସାବକ ଖ୭୮୪ ସତା ଅଟେ।

ଅଦ୍ୟ ତା 07.10.23ରିଖ କୋର୍ଟଙ୍କ ସହିମୋହର କ୍ରମେ
ସିଭିଲ୍ ଜଜ୍ (ଜୁନିୟର ଡିଭିଜନ), ଭଦ୍ରକ
ଧ-୧୬୬୭

## ମନେ ପଡ଼ନ୍ତି

### ୨୫ତମ ଶ୍ରାଦ୍ଧ ଦିବସ



ସ୍ୱର୍ଗତ ବାଜ ପୃଷ୍ଟି
ଜନ୍ମ: ୨୨।୧୧।୧୯୧୬
ତିରୋଧାନ: ୦୬।୧୦।୧୯୯୮
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର: ଶରତ ପୃଷ୍ଟି, ପୁତ୍ରବଧୂ: ନିୟତି ପୃଷ୍ଟି, ନାତି: ସଞ୍ଜୟ ପୃଷ୍ଟି, ବୋହୂ: ଅମିତା ପୃଷ୍ଟି, ଅଜୟ ପୃଷ୍ଟି, ବୋହୂ: ପୂର୍ଣ୍ଣିମା ପୃଷ୍ଟି ।
ଧ-୧୬୬୫

### ଶ୍ରାଦ୍ଧବାର୍ଷିକୀ



୰ଯଶୋଦାନନ୍ଦନ ମହାନ୍ତି
ବଇଣ୍ଡା, ଅନୁଗୋଳ
ଆବିର୍ଭାବ: ୧୭।୦୩।୧୯୩୭
ତିରୋଧାନ: ୨୪।୧୦।୨୦୧୮
ଆପଣଙ୍କ ଦୃଷ୍ଟିରେ ପାରିବାରିକ ସତ୍‌ସଙ୍ଗ ଦ୍ୱାରା ପରସ୍ପର ଭିତରେ ସ୍ନେହ, ଶ୍ରଦ୍ଧା, ଆନ୍ତରିକତା, ଦୟା, ଆଦର୍ଶ ଓ ପ୍ରତିବଦ୍ଧତା ଆତ୍ମୀୟସ୍ୱଜନମାନଙ୍କୁ ସୁସମ୍ପର୍କରେ ବାନ୍ଧି ରଖେ। ସେହି ପ୍ରେରଣା ସର୍ବଦା ଆମମାନଙ୍କୁ ପ୍ରେରଣା ଦେଉଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କଠାରେ ବିନମ୍ର ପ୍ରାର୍ଥନା ।
ସ୍ନେହର କ୍ଷୀରୋଦ ବାସିନୀ ମହାନ୍ତି, ପୁତ୍ର ରଣଜିତ, ଜ୍ଞାନଜିତ, ବିଶ୍ୱଜିତ, ସଞ୍ଜିତ, ଅଜିତ ଓ ସ୍ମିତା, ବୋହୂ, ନାତି, ନାତୁଣୀ, ପଟ୍ଟନାୟକ ପରିବାରବର୍ଗ ।
ଧ-୧୬୬୮

# ୧୮ ବର୍ଷର ବିଦ୍ୟୁତ୍ ବିଲ୍ ୧୧ ଲକ୍ଷ ଟଙ୍କା

ଲଣ୍ଡନ



କିଛି ଜିନିଷକୁ ପ୍ରଥମ ଥର ବ୍ୟବହାର କରିବାବେଳେ ସେଥିରେ କିଛି ସୁବିଧା ମିଳିଥାଏ। ଯଦି ଲୋକେ ସେହି ସୁବିଧାକୁ ସବୁବେଳେ ପାଇଁ ନେବାକୁ ଚାହିଁବେ, ତେବେ ତାହା ଅସୁବିଧାରେ ପରିଣତ ହୋଇଯିବ। ନିକଟରେ ଜଣେ ଦମ୍ପତିଙ୍କ ସହ ଏପରି ଏକ ଘଟଣା ଘଟିଛି। ଦମ୍ପତି ଗତ ୧୮ ବର୍ଷ ଧରି ବିଜୁଳି ବିଲ୍ ଦେଇ ନାହାନ୍ତି। ଏତେ ବର୍ଷ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ସେବା ଉପଭୋଗ କରୁଥିଲେ। ହେଲେ ଏବେ ସେମାନଙ୍କୁ ଏକ ଝଟ୍କା ଲାଗିଛି। ବ୍ରିଟେନର ବାସିନ୍ଦା ୪୪ ବର୍ଷୀୟା ଲି ହେନେସ୍ ଏବଂ ତାଙ୍କ ସ୍ୱାମୀ ୪୫ ବର୍ଷୀୟ ଜୋ ଉଡ଼ଲେଙ୍କୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ନିକଟରେ ଏକ ବିଲ୍ ଆସିଛି। ସେଥିରେ ବିଦ୍ୟୁତ୍ ବିଲ ୧୧ ଲକ୍ଷ ଟଙ୍କା ଲେଖା ରହିଛି। ଦମ୍ପତିଙ୍କ କହିବା କଥା, ସେମାନଙ୍କୁ ୧୮ ବର୍ଷରୁ ବିଦ୍ୟୁତ୍ ବିଲ ମିଳି ନ ଥିଲା। ସେମାନେ ତାଙ୍କ ବିଦ୍ୟୁତ୍ ଅପରେଟରଙ୍କୁ ବହୁତ ଖୋଜିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ନ ପାଇବାରୁ ସେହି ଚେଷ୍ଟା ଛାଡ଼ିଦେଲେ। ଏବେ ୧୮ ବର୍ଷ ପରେ ବିଦ୍ୟୁତ୍ ବିଲ୍ ଆସିଛି। ୨୦୦୫ରେ ଦମ୍ପତି ତାଙ୍କ ନୂଆ ଘରେ ରହିବାକୁ ଆସିଥିଲେ। ସେବେଠାରୁ ତାଙ୍କୁ ବିଦ୍ୟୁତ୍ ବିଲ୍ ଆସି ନ ଥିଲା। ତେବେ ଚଳିତବର୍ଷ ତାଙ୍କୁ ଏକ ଚିଠି ମିଳିଥିଲା। ସେଥିରେ ପୋଷ୍ଟମ୍ୟାନ ତାଙ୍କ ପାଖକୁ ବିଲ୍‌ର ଚିଠି ପଠାଇ ପାରୁ ନ ଥିବା ଲେଖିଥିଲା। ଯେତେବେଳେ ବି ଦମ୍ପତିଙ୍କ ଘରର ଚିଠି ବାକ୍ସରେ ଯିଏ ବି କିଛି ଚିଠି ପକାଉଥିଲା, ତାଙ୍କ ବିଲେଇ ତାକୁ ଫିଙ୍ଗି ଦେଉଥିଲା। ବିଦ୍ୟୁତ୍ ବିଭାଗର କହିବା କଥା, ସେମାନେ ଦମ୍ପତିଙ୍କୁ ଚିଠି ଦେବାକୁ ଚାହୁଁଥିଲେ ମଧ୍ୟ ତାଙ୍କ ବିଲେଇ ସେପରି କରିବାକୁ ଦେଉ ନ ଥିଲା।

# ଓଟିଟିରେ ତାରାଙ୍କ ଏଣ୍ଟ୍ରି

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆଙ୍କ ଆଗାମୀ ସର୍ଭାଇଭାଲ ଥ୍ରିଲର ଫିଲ୍ମ 'ଅପୂର୍ବ'ର ଟେଲର ଗୁରୁବାର ରିଲିଜ୍ ହୋଇଯାଇଛି। ଏହି ଫିଲ୍ମ ଜରିଆରେ ତାରା ଓଟିଟିରେ ଏଣ୍ଟ୍ରି କରିବେ। ନିଖିଲ ନାଗେଶ ଭଟ୍ଟଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ତାରା ବଞ୍ଚିବା ପାଇଁ ଅନେକ ପରିସ୍ଥିତିକୁ ସମ୍ମୁଖୀନ କରୁଥିବା ଜଣେ ସାଧାରଣ ଝିଅ ଚରିତ୍ରରେ ନଜର ଆସିବେ। ତାଙ୍କ ସହ ରାଜପାଲ ଯାଦବ, ଅଭିଷେକ ବାନାର୍ଜୀ, ଧୈର୍ଯ୍ୟ କାର୍ୱା ପ୍ରମୁଖଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ। ତାରା ନିଜ ଇନ୍‌ଷ୍ଟାଗ୍ରାମରେ ସିନେମାର ଟ୍ରେଲର ପୋଷ୍ଟ କରିଛନ୍ତି। ସେ ପ୍ରଥମ ଥର ପାଇଁ ଏହି ଫିଲ୍ମ ଜରିଆରେ ଏକ ଭିନ୍ନ ଚରିତ୍ରରେ ଅଭିନୟର ଅନୁଭବକୁ ଶେୟାର କରିଛନ୍ତି। ଟ୍ରେଲରରେ ତାରାଙ୍କୁ ପାଗଳ ପରି ନିଜ ଭାବି ସ୍ୱାମୀ ଧୈର୍ଯ୍ୟ କାର୍ୱାଙ୍କୁ ଭଲପାଉଥିବା ଦେଖିବାକୁ ମିଳିଛି। କିନ୍ତୁ ତାରାଙ୍କ ଅପହରଣ ପରେ ଉଭୟଙ୍କ ରୋମାଣ୍ଟିକ୍ ଜୀବନ ବଦଳି ଯାଇଛି। ତେବେ ତାରା ୨୦୧୯ରେ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ ଦି ଇଅର ୨' ଜରିଆରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଆଉ ୪ଟି ସିନେମା କରିଛନ୍ତି। ଏଥିସହ ସେ ଅନେକ ମ୍ୟୁଜିକ୍ ଭିଡିଓରେ ମଧ୍ୟ ନଜରକୁ ଆସିଛନ୍ତି।

# ମେଶିନ ସାହାଯ୍ୟରେ ବଞ୍ଚୁଛନ୍ତି



ୱାଶିଂଟନ

ବେଳେବେଳେ ଆମେ ନିଜ ଶରୀର ପ୍ରତି ଧ୍ୟାନ ଦେଇ ନ ଥାଉ। ତାହା ଆମକୁ ମହା ବିପତ୍ତିକୁ ମଧ୍ୟ ନେଇଯାଇଥାଏ। ଆମେରିକାର ଜଣେ ମହିଳାଙ୍କୁ ଏ ବାବଦରେ ସେତେବେଳେ ଜଣାପଡ଼ିଲା, ଯେତେବେଳେ ତାଙ୍କ ଶରୀରର ଏକ ଅଂଶ ତାଙ୍କଠାରୁ କାଢ଼ି ନିଆଗଲା। ମାଶାଚୁସେଟ୍‌ସର ବାସିନ୍ଦା ୩୦ ବର୍ଷୀୟା ସୋଫିଆ ହାର୍ଟଙ୍କର ଏକ ବିରଳ ଜେନେଟିକ୍ ହାର୍ଟ ଅବସ୍ଥା ରହିଛି; ଯେଉଁଥିପାଇଁ ତାଙ୍କ ହୃଦୟ ସ୍ପନ୍ଦନ ନାହିଁ। ଏହା ଯୋଗୁ ସେ ବ୍ୟାଟେରି ସାହାଯ୍ୟରେ ବଞ୍ଚୁଥିବା କହିଛନ୍ତି। ସୋଫିଆ ବର୍ତ୍ତମାନ ଇରେଭର୍ସେବଲ ଡାଇଲେଟେଡ୍ କାର୍ଡିଓମାଓପାଥି ଅବସ୍ଥାରେ ଅଛନ୍ତି। ଏଥିପାଇଁ ତାଙ୍କ ହାର୍ଟ ଫେଲ୍ ହୋଇପାରେ। ଏବେ ତାଙ୍କୁ ଲେଫ୍ଟ ଭେଣ୍ଟ୍ରିକୁଲର ଆସିଷ୍ଟ ଡିଭାଇସ (ଏଲ୍‌ଭିଏଡି)ର ସାହାଯ୍ୟ ନେବାକୁ ପଡ଼ିଛି; ଯେଉଁଥିରେ ତାଙ୍କ ହୃଦ୍ ସ୍ପନ୍ଦନ ଠିକ୍ ଭାବେ ଚାଲିପାରିବ। ଏହାପରେ ତାଙ୍କର ହୃଦୟ ପ୍ରତିରୋପଣ କରାଯିବ। ୨୦୨୨ରେ ସେ ଯେତେବେଳେ ଘୋଡ଼ା ଫାର୍ମରେ କାମ କରିବା ସମୟରେ ତାଙ୍କୁ ଏହି ସମସ୍ୟା ବାବଦରେ ଜଣାପଡ଼ିଥିଲା। ସେ କମ୍ କାମରେ ମଧ୍ୟ ଶୀଘ୍ର ଥକି ପଡୁଥିଲେ। ସୋଫିଆଙ୍କର ଜଣେ ଯାଆଁଳା ଭଉଣୀ ଅଛନ୍ତି। ତାଙ୍କର ମଧ୍ୟ ଏପରି ସମସ୍ୟା ଥିଲା। ପରେ ତାଙ୍କର ୨୦୧୬ରେ ହୃଦୟ ପ୍ରତିରୋପଣ କରାଯାଇଥିଲା। ଏବେ ସୋଫିଆ ମଧ୍ୟ ମେଶିନ ସାହାଯ୍ୟରେ ଜୀବନ କାଟୁଛନ୍ତି।

# 'ତନୁ ୱେଡ୍‌ସ ମନୁ ୩' ଶୁଟିଂ ଆରମ୍ଭ କରିବେ କଙ୍ଗନା



**ମୁମ୍ବାଇ:** କଙ୍ଗନା ରଣାୱତ ନିକଟରେ ତାଙ୍କ ଆଗାମୀ ୩ଟି ପ୍ରୋଜେକ୍ଟ ବାବଦରେ ଖୋଲାଖୋଲି କଥା ହୋଇଛନ୍ତି। ତାଙ୍କ 'ରୋମାଞ୍ଚକର' ମୁଭି, ଯେଉଁଥିରେ ସେ ବିଜୟ ସେତୁପତିଙ୍କ ସହ ସ୍କ୍ରିନ ଶେୟାର କରିବେ। କଙ୍ଗନା ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କୁ ବଙ୍ଗୀୟ ଥିଏଟର କିମ୍ବଦନ୍ତୀ ଉପରେ ଆଧାରିତ ଫିଲ୍ମ 'ନୋଟିବିନୋଦିନି'ରେ ମଧ୍ୟ ଦେଖିବାକୁ ମିଳିବ। ଏହି ଚଳଚ୍ଚିତ୍ର ପୂର୍ବରୁ ଘୋଷଣା ହୋଇସାରିଛି। ତାଙ୍କର ତୃତୀୟ ପ୍ରୋଜେକ୍ଟ 'ତନୁ ୱେଡ୍‌ସ ମନୁ ୩' ହୋଇଥିବାବେଳେ ସେ ଖୁବ୍‌ଶୀଘ୍ର ଏହାର ଶୁଟିଂ ଆରମ୍ଭ କରିବେ ବୋଲି କହିଛନ୍ତି।


## THE ODISHA STATE COOPERATIVE BANK LTD.
Pandit Jawaharlal Nehru Marg, Bhubaneswar - 751001

Ref. No. OSCB/HRDD/4641/2023-24 Date: 26.10.2023

### CORRIGENDUM

No. LL-56: With reference to the advertisement No. OSCB/HRDD/4320/2023-24 Dated: 10.10.2023, for the Post of Deputy General Managers in the Odisha State Cooperative Bank Ltd. published in Newspapers, it is hereby informed that the last date of Online registration of applications is extended upto 15.11.2023.
However, all other terms and conditions of the advertisement for applying the posts shall remain unchanged.

OIPR-39012/11/0019/2324 Sd./- Managing Director

## OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V,BHUBANESWAR
### INVITATIONS FOR BIDS (IFB)

E-mail ID:cebuildings_orissa@yahoo.co.in, cebuildings@rediffmail.com
No.B-1146: Tel:(0674)- 2391523
File No-B-IV-H-ALMC-08/2021(PT) Lr.No.44569 Bhubaneswar, the 19th Oct.2023

### CANCELLATION

RFP Identification No.:- C.E. (B)- 36/2023-24
Work Name :- PROVIDING COMPREHENSIVE FACILITY MANAGEMENT SERVICES (CFMS) AT PGIMER, BHUBANESWAR
The bid invited is here by cancelled due to unavoidable circumstances.

Sd./- Chief Engineer, Buildings
Odisha, Bhubaneswar
OIPR-34117/11/0078/2324

## Government of Odisha, e- Procurement Notice
### INVITATION FOR BIDS (IFB)
Bid Identification No. C.C.E.Dkl.(R&B) 18/2023-24
Email Id-sedklpwd@gmail.com
Letter No.3309/ Dt.20.10.23

**No.B-1140:** The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Bridge work as detailed below:

1. Name of the Work : Bridge Works
2. No. of works : 1 (One) No.
3. Estimated Cost : **Rs.6.04 Crore (as given in column No.03 of table)**
4. Cost of tender paper : Rs.10,000.00
5. Class of contractor : 'A' & 'Special' Class **(as given in column No. 07 of table)**
6. Period of Completion of work : 09 (Nine) Calendar Months **(as given in column No.08 of table)**
7. Date and time of availability of bid Document in the website : From Dt.26.10.2023 to 5.00 P.M. of Dt.09.11.2023
8. Date of opening of bid : Dt.09.11.2023 at 5.30 P.M.

The bidders have to participate in ONLINE bidding only further details can be seen from the e- Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Construction Engineer
OIPR-34132/11/0024/2324 Dhenkanal (R&B) Circle, Dhenkanal

## MUNICIPAL OFFICE, JHARSUGUDA
### "E" Procurement Notice
Tender Call Notice No.6981/JM, Dt.26.10.2023

**No.C-1698:** Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tenderodisha.gov.in.

1. Tender Reference : EO/JMC/05/2023-24
2. Tender ID No. : 2023_ORULB_96029
3. Name of the Work : Civil Construction works as mentioned in website.
4. No. of Works : 05 Nos.
5. Estimated Cost : As per DTCN
6. Date & Time of availability of Bid documents in the Portal : 27.10.2023 at 03.00 P.M.
7. Last date & time for receipt of bids in the portal : 08.11.2023 at 03.00 PM
8. Bids received online shall be Opened on : 08.11.2023 at 03.30 P.M.
9. Name and address of the Officer Inviting : Executive Officer, Jharsuguda Municipality
10. Further details can be seen from the procurement portal i.e. www.tenderodisha.gov.in.

Sd./- Executive Officer
OIPR-13165/11/0041/2324 Jharsuguda Municipality

## GOVERNMENT OF ODISHA
### Office of the Superintending Engineer Bhanjanagar (R&B) Division, Bhanjanagar
(Phone/Fax: (06821) 241133 / E -mail: eernbbngr@yahoo.in)

No.B-1135: Ltr. No. 10767//Dtd.18.10.2023
INVITATIONS FOR BIDS (IFB)
E-Procurement Bid Identification No. S.E-BNJ-R&B-23/2023-24

1. Name of work : Two No. of Works
2. No. of works : 01 No. Building Works & 1 No. installation of CCTV in different Court Buildings.
3. No. of Covers : Single Cover
4. Estimated cost : Rs.29.31 Lakhs to Rs.44.82 Lakhs
5. Period of Completion : Six Calendar Months & One Calendar Month respectively
6. Date of time of availability of bid document in the portal : From 12.00 Noon of dated 27.10.2023 to 5.00 PM of dated 06.11.2023
7. Last date/time for receipt of bids in the portal : Upto 5.00 P.M. of dated 06.11.2023
8. Date of opening of bid documents : At 11.00 AM of 07.11.2023
9. Class ot Contractor : "C" & "B" Class and "HT" & "MV" Elect. Contractor
10. Name and address of Officer Inviting Bid : Superintending Engineer Bhanjanagar (R&B) Division,Bhanjanagar

Further details can be seen from the e-Procurement portal www.tendersodisha.gov.in. The addendum/corrigendum if any will be hosted in the website only.

Sd./- Superintending Engineer
OIPR-34015/11/0017/2324 Bhanjanagar (R&B) Division

## GOVERNMENT OF ODISHA
No.A-717:
### DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER DEOGARH IRRIGATION DIVISION, DEOGARH
E-mail id: sedid821@gmail.com
e-Procurement Notice No.SEDID-03/2023-24

No.752 Date:25.10.2023

| | | | |
|---|---|---|---|
| 1. | Nature of Work | : | Dam Periphery Development Work |
| 2. | Nos. of Works | : | 03 (Three) |
| 3. | Bid Identification No. | : | SEDID-03(01)/2023-24 to SEDID-03 (03)/ 2023-24 |
| 4. | Estimated Cost | : | Varies from Rs.29.97 Lakh to Rs. 7.55 Lakh |
| 5. | Earnest Money Deposit | : | Referred to DTCN |
| 6. | Cost of Tender Paper | : | Referred to DTCN |
| 7. | Period of Completion | : | Referred to DTCN |
| 8. | Date and Time of availability of Bid document in the Portal | : | Dt.02.11.2023 at 11.00 AM to Dt.15.11.2023 upto 17.00 PM |
| 9. | Last Date/Time for receipt of Bids in the Portal | : | Dt.15.11.2023 upto 17.00 PM |
| 10. | Date of Bid Opening | : | Dt.16.11.2023 at 11.00 A.M. |
| 11. | Clarification seeking date | : | Dt.02.11.2023 at 11.00 AM to 08.11.2023 upto 17.00 PM |
| 12. | Date of Lottery (if required) | : | Will be intimated by e-mail/letter |

Further details can be seen from the e-Procurement portal https://tendersodisha.gov.in. Any addendum/ corrigendum/ cancellation of tender can also be seen in said website.

Sd./- Superintending Engineer
Deogarh Irrigation Division, Deogarh
OIPR-32505/11/0004/2324

## ZILLA SWASTHYA SAMITI, BALANGIR
(Department of Health & FW, Govt. of Odisha)

Advt. No. 3816 Date: 25.10.2023

No. E-499: Sealed tenders in prescribed format are invited from registered firms/agencies/suppliers for printing & supply of IEC/BCC and trainings materials to meet the day to day requirement of IEC materials/logistics of different programmes under H&FW Dept., Balangir. Sealed tender documents should reach to the undersigned on or before 13.11.2023 by Registered Post/Speed Post only. Tender document received after the scheduled date & time and received without relevant documents will summarily be rejected. Detials of tender documents are available in the district website **(www.balangir.nic.in)**. The undersigned reserves the right to cancel any or all tender document(s) without assigning any reason thereof.

OIPR-10019/11/0014/2324 Sd./- CDM&PHO, Balangir

## ODISHA STATE AGRICULTURAL MARKETING BOARD
Plot No.1800 (P), Baramunda, Post-Khandagiri, Near Indian Oil Petrol Pump, Bhubaneswar
Ph. No.0674-2351311, Fax: 0674-2351316,
Email: osamboard99@yahoo.com, Website: osamb.odisha.gov.in

### ADVERTISEMENT FOR RE-ENGAGEMENT OF RETIRED AUDITORS

No. L-128: Application in plain papers are invited from the intending candidates from retired AG Auditors/AGCS Auditor (Directorate of Co-operative Audit) for Audit and Accounts Cell. The engagement shall be made on contractual basis and the remuneration will be paid to the concerned retired personnel as per the terms and conditions prescribed by the Govt. of Odisha in Finance Department as circulated vide office memorandum No. 24533/F Dtd.29.09.2023. The interested retired personnel may submit the details of their Bio-data within a period of 15 days from the date of this advertisement in the above address. The application forms and papers indicating the eligibility criteria, terms & conditions will be available and may be downloaded from 27.10.2023 in the website of OSAM Board i.e. **"osamb.odisha.gov.in"**.

Sd./- General Manager
OSAM Board, Odisha
OIPR-01444/11/0011/2324

## The Odisha Small Industries Corporation Ltd.
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2596 OSIC GST No. 21AAACO2101M1Z1

### e-Procurement Notice

Tender Notice No.4976 Date: 19.10.2023

**The Odisha Small Industries Corporation Ltd. (OSIC)** (A Govt. of Odisha Undertaking), Industrial Estate, Madhupatna, Cuttack - 753 010 invites Tenders in sealed cover under two bid system *i.e.,* Technical Bid & Price Bid from manufacturing Firms and Authorized Importers/ Authorized Distributors/Dealers for "Supply, Installation, Testing and Commissioning of the machinery and equipment for Common Facility Centre (CFC) of Cashew Cluster to be established at Denai, PO: Bhubanpur, PS: Brahmagiri, District: Puri, Odisha," in **ONLINE MODE**

| Date of Commencement of Tender | Last Date & Time of online submission & receipt of Tender | Date & Time for online opening of Tender | Cost of Tender Paper+ GST @18%(Rs) |
|---|---|---|---|
| 20.10.2023 11 AM | 14.11.2023 at 5.30 PM | 15.11.2023 At 12.30 PM | (Rs. 11800/-) |

A complete set of the Bid documents containing the details of the terms & conditions may be downloaded fromhttp://tendersorissa.gov.in/website:www.osicltd.in and the same can be submitted ONLINE along with cost of Tender Paper in shape of Bank Draft. Any corrigendum/ addendum/information relating to this NIT will only be uploaded in above websites which will not be published in Newspapers. The bidders have to participate in ONLINE bidding only. Further details can be seen from the website:http://tendersorissa.gov.in./www.osicltd.in. All future corrigendum will be available **on ONLINE MODE ONLY.**

Sd/-
GENERAL MANAGER(O)
OIPR-14073/11/0069/2324

## REGIONAL PLANT RESOURCE CENTRE
Nayapally, Bhubaneswar - 751015, Orissa
Forest & Environment Department, Government of Orissa
Tel. No.: 0674-2557925, 2552002, Email: rprcbbsr@gmail.com
Website: www.rprc.in

### EXPRESSION OF INTEREST FOR SELECTION OF AGENCY/ AGENCIES FOR RUNNING CAFETERIA ON RENT BASIS IN THE BUILDING ADJACENT TO SALES COUNTER CENTER

No. 1567/RPRC Dated: 25.10.2023

No. KK-270: The Chief Executive, RPRC, Bhubaneswar invites Expression of Interest in sealed cover with double cover system (Both Technical & Financial Bid) along with requisite documents from interested & experienced agency/organization(s) having required eligibility and expertise in relevant fields to provide end to end service for running cafeteria within premises of RPRC adjacent to sales counter for two consecutive years on payment of monthly rent basis. The sale and receipt of the Bid documents shall start from Dt.26.10.2023, 10.00 A.M. and will close on Dt.09.11.2023 at 05.00 P.M. The tender should reach this office on or before the due date by Registered/Speed Post and can also be put to "Tender Box" available in the office of the Chief Executive, RPRC. Telegraphic tenders or tender received through Fax/e-mail/Courier will not be entertained. Incomplete documents and documents received after due date shall not be entertained. The "Technical bids" will be opened on dated 10.11.2023 at 11.00 A.M. in presence of the bidders or their authorized representatives. The "Financial Bids" of qualifying bidders will be opened thereafter or on suitable date and time under intimation to the qualified bidders. The bidders have to submit documents as specified along with technical bid in conformity with the detail terms & conditions in bid documents. The authority reserves the right to accept or reject any or all the offers without assigning any reason thereof.

Sd./- Chief Executive, RPRC, Bhubaneswar
OIPR-08004/11/0002/2324

## OFFICE OF THE ASSISTANT DIRECTOR OF TEXTILES, ATHAGARH
At/P.O.: Athagarh, Dist.: Cuttack, Odisha, PIN - 754029
Ph. No.: 06723-220214, e-Mail: adtexathagarh@gmail.com

### QUOTATION CALL NOTICE

No. 7053/ADTex/Athagarh Dated: 25.10.2023

No. PP-45: Sealed quotation/tender call notice are invited from the Suppliers/Manufacturers/Dealers/Firms having valid registration certificate, PAN, GST registration with uptodate Income Tax, GST Clearance Certificate and the suppliers who have been selected earlier/previously but could not delivery the tool kits intime as per the purchase order shall not be considered to participate in the selection process for supply of Frame Loom, Dobby with Accessories, Dyeing Equipment, Handloom items of different size/ count/type for Weaving Accessories (like heald, reed, charakha, pirn, bobbin, shuttle etc.), Bobbin winding machine, Tie & Dye frame with dyeing equipments and Tie & Dye separation Charakha (Palti Drum) to indivisual handloom weavers of different primary WCS/ SHG of this Athagarh Textiles zone under the scheme "Promotion of Handloom Industries" for the year 2023-24.
Interested suppliers may quote their lowest rate with detailed specification (material to be used/size/specification/brand etc.) alogn with the copy of the Firm registration, Income Tax Clearance Certificate, GST registration, Turnover of the Firm with last three year with experience in the field of supplying tool kits in the handloom sector at least 3 year msut be enclosed & proof of execution of such orders earlier, if any, to the undersigned on or before 16.11.2023, 05.00 P.M. through Registered Post/Speed Post only. The quotations received either in incomplete form or after the due date and time will not be considered and treated as cancelled.
The quotation/tender will be opened on 17.11.2023 at 11.00 A.M. in the office of the undersigned in presence of the quotationers or their authorized representatives and members of purchase committee.
The quotationers or their authorized representatives must present on that day with samples of the quoted items, failing which the related quotations shall not be considered.
For more details, terms & conditions please visit the webiste of **www.textiles.odisha.gov.in, www.sadhacorissa.org, www.boyanika.com, www.sambalpuribastralaya.com, www.cuttack.nic.in** and may contact the Asst. Director of Textiles, Athagarh in the above address.
The undersigned reserves the right to reject or accept any/all quotation/tender call notice without assigning any reason thereof.

Sd./- Srikanta Naik
OIPR-31020/11/0001/2324 Asst. Director of Textiles, Athagarh



# ଦକ୍ଷିଣ ଆଫ୍ରିକାର ସଂଘର୍ଷପୂର୍ଣ୍ଣ ବିଜୟ

**ଚେନ୍ନାଇ, ୨୭।୧୦**

ଦିନିକିଆ କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୧ ଉଇକେଟରେ ପାକିସ୍ତାନକୁ ହରାଇ ଦେଇଛି। ବିଭିନ୍ନ ସମୟରେ ନାଟକୀୟ ମୋଡ଼ପରେ ଶେଷରେ ଦକ୍ଷିଣ ଆଫ୍ରିକାର ବିଜୟ ହୋଇଥିଲା। ପାକିସ୍ତାନ ୪୬.୪ ଓଭରରେ ୨୭୦ ରନକରି ଅଲ୍ଆଉଟ ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ୪୭.୨ ଓଭରରେ ୯ ଉଇକେଟ ହରାଇ ୨୭୧ ରନ ସଂଗ୍ରହ କରି ନେଇଥିଲା। ପରାଜୟ ଫଳରେ ପାକିସ୍ତାନର ସେମିଫାଇନାଲ ଆଶା ମଉଳିଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପାକିସ୍ତାନ ଧୀମା ଆରମ୍ଭ କରିଥିଲା। କେବଳ ସେତିକି ନୁହେଁ ୩୮ ରନ ମଧ୍ୟରେ ଦଳ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବାବର ଆଜମ ଓ ମହମ୍ମଦ ରିଜୱାନ ଇନିଂସ ସମ୍ଭାଳିଥିଲେ। ପାକିସ୍ତାନର ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଫଳରେ ଦଳ ବୃହତ୍ ସ୍କୋରରୁ ଦଳ ଦୂରରେ ରହି ଯାଇଥିଲା। ମହମ୍ମଦ ରିଜୱାନ ୩୧ ଓ ଇଫତିକାର ଅହମଦ ୨୧ ରନକରି ପ୍ୟାଭିଲିୟନ

## ପାକିସ୍ତାନ ଆଶା ମଉଳିଲା

ଫେରିଥିବାବେଳେ ବାବର ଠିକ୍ ୫୦ ରନ ପୂରଣ କରିବାପରେ ଟାବ୍ରାଇଜ୍ ଶାମ୍ସିଙ୍କ ବଲ୍‌ରେ ଆଉଟ ହୋଇ ଯାଇଥିଲେ। ଲୋୟର ମିଡିଲ ଅର୍ଡରରେ ସୌଦ ଶକିଲ (୫୨ ରନ) ଅର୍ଦ୍ଧଶତକ ହାସଲ କରିଥିଲେ। ଏହା ବ୍ୟତୀତ ଶଦାବ ଖାଁ ୩୬ ବଲ୍‌ରୁ ୪୩ ଓ ମହମ୍ମଦ ନୱାଜ ୨୪ ରନ କରିଥିଲେ ମଧ୍ୟ ପାକିସ୍ତାନ ପୁରା ୫୦ ଓଭର ଖେଳିପାରି ନ ଥିଲା। ଦଳ ୪୬.୪ ଓଭରରେ ୨୭୦ ରନରେ ସୀମିତ ରହିଥିଲା। ପାକିସ୍ତାନ ଦଳକୁ ସବୁଠାରୁ ଅଧିକ କ୍ଷତି ପହଞ୍ଚାଇଥିଲେ ଶାମ୍ସି ଓ ମାର୍କୋ ଜାନସେନ। ଶାମ୍ସି ୪ଟି ଓ ଜାନସେନ ୩ଟି ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗେରାଲ୍ଡ କୋଜି ୨ଟି ଓ ଲୁନ୍‌ଗି ଏନ୍‌ଗିଡି ଗୋଟିଏ ଉଇକେଟ ନେଇଥିଲେ।

୨୭୧ ରନ ବିଜୟ ଲକ୍ଷ୍ୟରେ ଦକ୍ଷିଣ ଆଫ୍ରିକା ଏକଦା ୧୩୬ ରନ ମଧ୍ୟରେ ୪ଟି ଉଇକେଟ ହରାଇ ବିପଦରେ ପଡ଼ିଥିଲା। କ୍ୱିଣ୍ଟନ ଡି'କକ୍ ୨୪, ଅଧିନାୟକ ଟେମ୍ବା ବଭୁମା ୨୮, ରସି ଭାନ୍ ଡର୍ ଡୁସେନ ୨୧ ଓ ହେନରିଚ୍ କ୍ଲାସେନ ୧୨ ରନକରି ଆଉଟ ହୋଇ ଯାଇଥିଲା। ମାତ୍ର ମୋମେଣ୍ଟମକୁ ଧରି ରଖିବାରେ ପାକିସ୍ତାନ ବୋଲର ବିଫଳ ହୋଇଥିଲେ। ଫଳରେ ଏଡେନ ମାରକ୍ରମ ଓ ଡେଭିଡ ମିଲର ଇନିଂସକୁ ଆଗେଇ ନେଇଥିଲେ। ୨୯ ରନ କରିଥିବା ବେଳେ ମିଲରଙ୍କୁ ଶାହିନ ଶାହା ଆଫ୍ରିଦି ଏବଂ ମାର୍କୋ ଜାନସେନ (୨୦)ଙ୍କୁ ଆଉଟ କରି ହାରିସ ରୌଫ ପାକିସ୍ତାନ ପାଇଁ ଆଶା ସଞ୍ଚାର କରିଥିଲେ। ଦକ୍ଷିଣ ଆଫ୍ରିକା ବ୍ୟାଟିଂ ମେରୁଦଣ୍ଡ ସାଜିଥିବା ମାରକ୍ରମ ଗେମ୍ ଫିନିଶ୍ କରିପାରି ନ ଥିଲେ। ସେ ଶତକଠାରୁ ୯ ରନ ଦୂରରେ ଥିବାବେଳେ ୯୧ (୯୩ ବଲ, ୭ ଚୌକା, ୩ ଛକା) ରନକରି ଉସମା ମୀରଙ୍କ ବଲ୍‌ରେ ବାବର ଆଜମଙ୍କୁ କ୍ୟାଚ ଦେଇଥିଲେ। ଫଳରେ ମ୍ୟାଚର ମୋଡ଼ ବୁଲିଥିଲା। ୨୬୦ ରନରେ ଦଳର ୯ ଉଇକେଟର ପତନ ଘଟିଥିଲା। ମାତ୍ର କେଶବ ମହାରାଜ ଓ ଟାବ୍ରାଇଜ୍ ଶାମ୍ସି ଧୈର୍ଯ୍ୟର ସହିତ କ୍ରିଜରେ ରହି ଦକ୍ଷିଣ ଆଫ୍ରିକାକୁ ସ୍ମରଣୀୟ ବିଜୟ ଦେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୪୬.୪ ଓଭରରେ ୨୭୦/ଅଲ୍ଆଉଟ (ସୌଦ ଶକିଲ-୫୨, ବାବର ଆଜମ-୫୦, ଶଦାବ ଖାଁ-୪୩, ଟାବ୍ରାଇଜ୍ ଶାମ୍ସି-୪/୬୦, ମାର୍କୋ ଜାନସେନ-୩/୪୩, ଗେରାଲ୍ଡ କୋଏଜି-୨/୪୨, ଲୁନ୍‌ଗି ଏନଗିଡି-୧/୪୫)। ଦକ୍ଷିଣ ଆଫ୍ରିକା ୪୭.୨ ଓଭରରେ ୨୭୧/୯ (ଏଡେନ ମାରକ୍ରମ-୯୧, ଡେଭିଡ ମିଲର-୨୯, ଶାହିନ ଶାହା ଆଫ୍ରିଦି-୩/୪୫, ମହମ୍ମଦ ୱାସିମ-୨/୫୦, ଉସମା ମୀର-୨/୪୫, ହାରିସ ରୌଫ-୨/୬୨)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଦକ୍ଷିଣ ଆଫ୍ରିକା | ୬ | ୫ | ୧ | ୧୦ | +୨.୦୩୨ |
| ଭାରତ | ୫ | ୫ | ୦ | ୧୦ | +୧.୩୫୩ |
| ନ୍ୟୁଜିଲାଣ୍ଡ | ୫ | ୪ | ୧ | ୮ | +୧.୪୮୧ |
| ଅଷ୍ଟ୍ରେଲିଆ | ୫ | ୩ | ୨ | ୬ | +୧.୧୪୨ |
| ଶ୍ରୀଲଙ୍କା | ୫ | ୨ | ୩ | ୪ | -୦.୨୦୫ |
| ପାକିସ୍ତାନ | ୬ | ୨ | ୪ | ୪ | -୦.୩୮୭ |
| ଆଫଗାନିସ୍ତାନ | ୫ | ୨ | ୩ | ୪ | -୦.୯୬୯ |
| ବାଂଲାଦେଶ | ୫ | ୧ | ୪ | ୨ | -୧.୨୫୩ |
| ଇଂଲଣ୍ଡ | ୫ | ୧ | ୪ | ୨ | -୧.୬୩୪ |
| ନେଦରଲାଣ୍ଡ୍ସ | ୫ | ୧ | ୪ | ୨ | -୧.୯୦୨ |

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ନ୍ୟୁଜିଲାଣ୍ଡ**

**ସ୍ଥାନ: ଧର୍ମଶାଳା, ସମୟ: ପୂର୍ବାହ୍ନ ୧୦ଟା ୩୦**

**ନେଦରଲାଣ୍ଡ୍ସ ବନାମ ବାଂଲାଦେଶ**

**ସ୍ଥାନ: କୋଲକାତା, ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**




ଉଇକେଟ ନେବା ପରେ ଉଲ୍ଲସିତ ଟାବ୍ରାଇଜ୍ ଶାମ୍ସି।




ମୁଣ୍ଡରେ ବଲ୍ ବାଜିବା ପରେ ସଦାବ ଖାଁଙ୍କୁ ଡାକ୍ତରୀ ଚିକିତ୍ସା କରାଯାଉଛି।

# ଭାରତ ପାଇଁ ଦକ୍ଷିଣ ଆଫ୍ରିକା ଚ୍ୟାଲେଞ୍ଜ

**ସାର୍ ରିଚାର୍ଡ ହାର୍ଡଲି**

ନିଜ ମାଟିରେ ଦ୍ୱିତୀୟ ଥର ବିଶ୍ୱକପ୍ ଜିତିବା ଲକ୍ଷ୍ୟ ନେଇ ଆଗେଇ ଚାଲିଛି ଭାରତ । ଅଧାରୁ ଅଧିକ ଲିଗ୍ ପର୍ଯ୍ୟାୟ ମ୍ୟାଚ ଖେଳା ସରିଲାଣି। ଧର୍ମଶାଳାରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ଫିଲ୍ଡିଂ ବ୍ୟତୀତ ଅନ୍ୟ ସମସ୍ତ ବିଭାଗରେ ଭାରତର ପ୍ରଦର୍ଶନ ପ୍ରଫେଶନାଲ ମନେହେଉଥିଲା। ଦଳ ଏହି ମ୍ୟାଚରେ ଦୁଇଟି କ୍ୟାଚ ହାତଛଡ଼ା କରିଥିଲା। କିଛିଟା ମିସ୍‌ଫିଲ୍ଡ ମଧ୍ୟ ଦେଖିବାକୁ ମିଳିଥିଲା। ଦଳକୁ ଏକ୍ଷେତ୍ରରେ ସୁଧାର ଆଣିବାକୁ ପଡ଼ିବ। ଭାରତ ଆଗକୁ ଇଂଲଣ୍ଡ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା ଓ ନେଦରଲାଣ୍ଡ୍ସକୁ ଭେଟିବ। ମୋତେ ଲାଗୁଛି ଟୁର୍ନାମେଣ୍ଟରେ କେବଳ ଦକ୍ଷିଣ ଆଫ୍ରିକା ସେମାନଙ୍କ ପାଇଁ ବିପଦ ସୃଷ୍ଟି କରିପାରେ। ଟୁର୍ନାମେଣ୍ଟରେ ଯଦି କୌଣସି ଦଳ ଅପରାଜେୟ ରୁହେ ତେବେ ସେ ହେଉଛି ଭାରତ। ମୋ ବିଚାରରେ ଏହା ହେଉଛି ଶ୍ରେଷ୍ଠ ଭାରତୀୟ ବିଶ୍ୱକପ୍ ଦଳ। ଦଳରେ ବହୁ ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି। ଆହୁରି କିଛି ଭଲ ଖେଳାଳି ଅପେକ୍ଷାରେ ରହିଛନ୍ତି। ଗୋଇଠିରେ ଆଘାତପ୍ରାପ୍ତ ଯୋଗୁ ହାର୍ଦ୍ଦିକ ପାଣ୍ଡ୍ୟା ଉପଲବ୍ଧ ନ ହେବା ଦୁଃଖର ବିଷୟ। ସେ ଜଣେ ବିଚକ୍ଷଣ ଅଲରାଉଣ୍ଡର। ମ୍ୟାଚର ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତିରେ ଭାରତ ତାଙ୍କର ଆବଶ୍ୟକତା ଅନୁଭବ କରିଥାଏ। ସେ ଜଣେ କ୍ୱାଲିଟି ମିଡିୟମ ପେସ୍‌ର, ଜଣେ ଡାଇନାମିକ୍ ବ୍ୟାଟର ଏବଂ ଜଣେ ଦକ୍ଷ ଫିନିଶର ମଧ୍ୟ। ତାଙ୍କ ଉପସ୍ଥିତିରେ ଦଳରେ ସନ୍ତୁଳନ ରକ୍ଷା କରାଯାଇପାରିଥାଏ। ଏପର୍ଯ୍ୟନ୍ତ ସରିଥିବା ଖେଳଗୁଡ଼ିକୁ ଅନୁଧ୍ୟାନ କଲେ ମୋ ବିଚାରରେ ସମ୍ଭବତଃ ଭାରତ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ସେମିଫାଇନାଲକୁ ଉନ୍ନୀତ ହେବେ। ନ୍ୟୁଜିଲାଣ୍ଡ ପାଇଁ ଆଗକୁ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଏବଂ କ୍ରମେ ପ୍ରଦର୍ଶନରେ ଉନ୍ନତି କରିବାରେ ଲାଗିଥିବା ଶ୍ରୀଲଙ୍କା ସହ ମୁକାବିଲା କରିବାକୁ ପଡ଼ିବ। ଏହି ମ୍ୟାଚଗୁଡ଼ିକ ଜିତିବା ଦଳ ପାଇଁ ସହଜ ହେବ ନାହିଁ। ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଦଳକୁ ଅତିକମ୍‌ରେ ଦୁଇଟି ମ୍ୟାଚ ଜିତିବାକୁ ପଡ଼ିବ। ଦଳ ପାଇଁ ଅଷ୍ଟ୍ରେଲିଆ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ଦଳର ଟପ୍ ଓ ମିଡଲ ଅର୍ଡର ଭଲ ପ୍ରଦର୍ଶନ କରୁଛନ୍ତି। ଦଳର ପେସ୍ ବାହିନୀ ମଧ୍ୟ ଶକ୍ତିଶାଳୀ। ଲେଗ୍ ସ୍ପିନର ଆଡାମ ଜାମ୍ପାଙ୍କ ପ୍ରଦର୍ଶନ ମଧ୍ୟ ବେଶ୍ ପ୍ରଭାବୀ ପରିଲକ୍ଷିତ ହେଉଛି। ନ୍ୟୁଜିଲାଣ୍ଡ ଦୃଷ୍ଟିକୋଣରୁ ସେମାନେ ସେମିରେ ଭାରତକୁ ଏଡାଇ ପାରିଲେ ଭଲ। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ ଇଂଲଣ୍ଡର ଅଭିଯାନ ନୈରାଶ୍ୟଜନକ ରହିଛି। ସେମାନଙ୍କ ବ୍ୟାଟିଂ ଷ୍ଟାଇଲ ବୋଧହୁଏ ଉପମହାଦେଶରେ କାମ କରୁ ନାହିଁ। ସେମାନେ କାହିଁକି ଭଲ ଖେଳିପାରୁ ନାହାନ୍ତି ସେ ନେଇ ସେମାନଙ୍କୁ ଅନେକ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିବ।

-(ଟିଭାକ ସ୍ପୋର୍ଟ୍ସ)

# ଆଜି ନ୍ୟୁଜିଲାଣ୍ଡ-ଅଷ୍ଟ୍ରେଲିଆ ହେଭିୱେଟ ମୁକାବିଲା

**ଧର୍ମଶାଳା, ୨୭।୧୦ (ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପରେ ଶନିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱି ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେଭିୱେଟ ମୁକାବିଲା ହେବ। ପ୍ରଥମ ଦୁଇ ମ୍ୟାଚ ହାରିବାପରେ ବିଜୟରେ ହ୍ୟାଟ୍ରିକ କରିଥିବା ଅଷ୍ଟ୍ରେଲିଆ ମୋମେଣ୍ଟମ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ଭଲ ଫର୍ମରେ ଥିବା ନ୍ୟୁଜିଲାଣ୍ଡ କଡ଼ା ଟକ୍କର ଦେବାକୁ ପ୍ରସ୍ତୁତ।

ଭାରତ ଓ ଦକ୍ଷିଣ ଆଫ୍ରିକା ନିକଟରୁ ହାରି ଖରାପ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ପରବର୍ତ୍ତୀ ୩ ମ୍ୟାଚରେ ଶ୍ରୀଲଙ୍କା, ପାକିସ୍ତାନ ଓ ନେଦରଲାଣ୍ଡ୍ସକୁ ପରାସ୍ତ କରିଛି। ବିଶେଷ କରି ନେଦରଲାଣ୍ଡ୍ସ ବିପକ୍ଷରେ ୩୦୯ ରନର ରେକର୍ଡ ବିଜୟ ଦଳର ମନୋବଳକୁ ବଢ଼ାଇ ଦେଇଛି। ଟୁର୍ନାମେଣ୍ଟ ଏବେ ରୋଚକ ମୋଡ଼ରେ ପହଞ୍ଚିଛି। ଉଭୟ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ୫ଟି ଲେଖାଏ ମ୍ୟାଚ ଖେଳି ସାରିଛନ୍ତି। ଅଷ୍ଟ୍ରେଲିଆ ୬ ପଏଣ୍ଟ ପାଇଥିବାବେଳେ ନ୍ୟୁଜିଲାଣ୍ଡ ୮ ପଏଣ୍ଟ ସହିତ ଟେବୁଲରେ ଗୋଟିଏ ସ୍ଥାନ ଉପରେ ରହିଛି। ଆଗାମୀ ମ୍ୟାଚ ଅବସରରେ ଟପ୍-୪ରେ ରହିବା ଉପରେ ନିଶ୍ଚିତ ଉଭୟ ଦଳର ନଜର ରହିବ। ନ୍ୟୁଜିଲାଣ୍ଡ ଯଦିଓ ଚଳିତ ବିଶ୍ୱକପରେ ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରି ଆସିଛି ତେବେ ଦ୍ୱିପାକ୍ଷିକ ଦିନିକିଆ ଓ ପୂର୍ବ ବିଶ୍ୱକପ ମ୍ୟାଚ ଫଳାଫଳ ଅଷ୍ଟ୍ରେଲିଆକୁ ଫେଭରାଇଟ କରିଛି। ବିଶ୍ୱକପରେ ଏପର୍ଯ୍ୟନ୍ତ ଦୁଇ ଦଳ ମଧ୍ୟରେ ୧୧ଟି ମ୍ୟାଚ ଖେଳାଯାଇଛି। ଏହା ମଧ୍ୟରୁ ଅଷ୍ଟ୍ରେଲିଆ ୮ଟିରେ ବିଜୟୀ ହୋଇଥିବାବେଳେ ମାତ୍ର ୩ଟି ହାରିଛି। ସେହିପରି ଦୁଇ ଦଳ ମଧ୍ୟରେ ୧୪୧ଟି ଦିନିକିଆ ମଧ୍ୟରୁ ଅଷ୍ଟ୍ରେଲିଆ ୯୫ଟି ମ୍ୟାଚ ଜିତି ବହୁ ଆଗରେ ରହିଛି। ନ୍ୟୁଜିଲାଣ୍ଡ ୩୯ଟି ମ୍ୟାଚରେ ବିଜୟୀ ହୋଇଛି। ତେଣୁ ଟ୍ରାନ୍ସ-ଟାସମାନ ରାଇଭାଲରିରେ ଅଷ୍ଟ୍ରେଲିଆ ସବୁବେଳେ ଉନ୍ନତ ଦଳ ସାବ୍ୟସ୍ତ ହୋଇ ଆସିଛି। ଆହୁରି ଏକ ବଡ଼ କଥା ହେଲେ ଅଷ୍ଟ୍ରେଲିଆ ବିପକ୍ଷରେ ନ୍ୟୁଜିଲାଣ୍ଡ ୬ ବର୍ଷ ପୂର୍ବରୁ ୨୦୧୭ରେ ଦିନିକିଆରେ ବିଜୟୀ ହୋଇଥିଲା। ତେଣୁ ଏଚ୍‌ପିସିଏ ଷ୍ଟାଡିୟମରେ ମୁକାବିଲା ବେଳେ ଏହାର ମହତ୍ତ୍ୱ ରହିବ।

ଅଷ୍ଟ୍ରେଲିଆ ଏବେ ନିର୍ଦ୍ଦିଷ୍ଟ କୌଣସି ଜଣେ ଖେଳାଳି ଉପରେ ନିର୍ଭର ନ କରି ଦଳଗତ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛି। ଫଳରେ ନେଦରଲାଣ୍ଡ୍ସ ବିପକ୍ଷରେ ଦଳ ୮ ଉଇକେଟ ହରାଇ ୩୯୯ ରନ କରିବାକୁ ସକ୍ଷମ ହୋଇଥିଲା। ଯାହାକି ବିଶ୍ୱକପ ଇତିହାସରେ ତୃତୀୟ ସର୍ବାଧିକ ଦଳଗତ ସ୍କୋର। ପାକିସ୍ତାନ ବିପକ୍ଷରେ ମଧ୍ୟ ଦଳ ଆଉ ଏକ ରେକର୍ଡ କରିବାରୁ ଅଳ୍ପକେ ରହି ଯାଇଥିଲା। ୩୪ ଓଭର ପର୍ଯ୍ୟନ୍ତ ଦଳ କୌଣସି ଉଇକେଟ ନ ହରାଇ ୨୫୯ ରନ ସଂଗ୍ରହ କରି ନେଇଥଲା। ମାତ୍ର ପରବର୍ତ୍ତୀ ୧୯ ଓଭରରେ ୧୦୮ ରନ ମଧ୍ୟରେ ୯ ଉଇକେଟ ହରାଇଥିଲା। କ୍ରମାଗତ ୨ ମ୍ୟାଚରେ ଶତକ ହାସଲ କରିଥିବା ଡେଭିଡ ୱାର୍ନର ମୋଟ ୩୩୨ ରନ ସଂଗ୍ରହ କରି ଟପ୍-୩ ସ୍କୋରରଙ୍କ ମଧ୍ୟରେ ରହିଛନ୍ତି। ତେବେ ଅଷ୍ଟ୍ରେଲିଆ ମିଡିଲ ଅର୍ଡରରେ ସୁଧାର ଆଣିବାକୁ ପଡ଼ିବ। ବୋଲରମାନଙ୍କୁ ମଧ୍ୟ ପ୍ରଦର୍ଶନରେ ସ୍ଥିରତା ରଖିବାକୁ ହେବ।

ଅନ୍ୟପକ୍ଷରେ ଚଳିତ ବିଶ୍ୱକପରେ କ୍ରମାଗତ ୪ ମ୍ୟାଚ ଜିତିବାପରେ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡ ବିଜୟରେ ବ୍ରେକ୍ ଲାଗିଥିଲା। ମାତ୍ର ଭାରତୀୟ ପରିବେଶ ସହିତ ଅଭ୍ୟସ୍ତ ହୋଇଯାଇଥିବାରୁ ଦଳ ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ସଫଳ ପ୍ରତ୍ୟାବର୍ତ୍ତନ କରିବାକୁ ଆଶା ରଖିଛି। ଡେଭନ କନୱେ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚରେ ଇଂଲଣ୍ଡ ବିପକ୍ଷରେ ୧୫୨ ରନକରି ଅପରାଜିତ ରହିଥିଲେ। ମାତ୍ର ଏହାପରେ ସେ ଆଉ ସେପରି ବ୍ୟାଟିଂ କରିପାରି ନାହାନ୍ତି। ତାଙ୍କଠାରୁ ଦଳ ଭଲ ପ୍ରଦର୍ଶନ ଆଶା କରୁଛି। କେନ୍ ୱିଲିୟମସନ ଆହତ ସମସ୍ୟାରୁ ମୁକୁଳି ନ ଥିବାରୁ ଡାରିଲ ମିଚେଲ (୨୬୮ ରନ) ଓ ରାଚିନ ରବୀନ୍ଦ୍ର (୨୯୦)ଙ୍କ ଉପରେ ମିଡିଲ ଅର୍ଡର ଭାର ରହୁଛି। ୱିଲିୟମସନଙ୍କ ଅନୁପସ୍ଥିତିରେ ଉଇକେଟ କିପର ଟମ୍ ଲଥାମ ଦଳର ନେତୃତ୍ୱ ନେଉଥିଲେ ହେଁ ନିଜର ଫର୍ମକୁ ନେଇ ଚିନ୍ତାରେ ରହିଛନ୍ତି।



ଅଭ୍ୟାସ ଅବସରରେ ଡେଭନ କନ୍‌ୱେ ଓ ରାଚିନ ରବୀନ୍ଦ୍ର।




ମ୍ୟାଚ୍ ଉପଭୋଗ ଅବସରରେ ଦକ୍ଷିଣ ଆଫ୍ରିକା ପ୍ରଶଂସକ।

# ଶର୍ଟବଲ୍ ଉପରେ ଗିଲ୍‌ଙ୍କ ଫୋକସ

**ଲକ୍ଷ୍ନୌ, ୨୭।୧୦ (ପି.ଟି.)**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ଭାରତ ଆସନ୍ତା ୨୯ ତାରିଖରେ ଇଂଲଣ୍ଡକୁ ଭେଟିବ ଭାରତ। କ୍ରମାଗତ ୫ ମ୍ୟାଚ ଜିତି ଏପର୍ଯ୍ୟନ୍ତ ଅପରାଜେୟ ରହିଥିବା ଟିମ୍ ଇଣ୍ଡିଆ ପାଖାପାଖି ୧ ସପ୍ତାହ ବ୍ରେକ୍ ପରେ ପୁଣି ପଡ଼ିଆକୁ ଓହ୍ଲାଇବାକୁ ଯାଉଛି। ଶୁକ୍ରବାର ଲକ୍ଷ୍ନୌ ଗ୍ରାଉଣ୍ଡରେ ଅନୁଷ୍ଠିତ ଇଚ୍ଛାଧିନ ଅଭ୍ୟାସ ସେସନରେ ଭାରତର ୭ କ୍ରିକେଟର ଝାଳ ବୁହାଇଛନ୍ତି। ଚଳିତ ସିଜନରେ ୫ ଶତକ ହାସଲ କରି ସାରିଥିବା ଶୁବମନ ଗିଲ୍ ଡେଙ୍ଗୁରେ ଆକ୍ରାନ୍ତ ଯୋଗୁ ଭାରତର ପ୍ରଥମ ୨ ମ୍ୟାଚ ଖେଳିପାରି ନ ଥିଲେ। ପରବର୍ତ୍ତୀ ୩ ମ୍ୟାଚ ଖେଳି ସେ ଯଥାକ୍ରମେ ୨୬, ୫୩ ଓ ୧୬ ରନ କରିବାକୁ ସକ୍ଷମ ହୋଇଛନ୍ତି। ଚଳିତ ବର୍ଷ ଦିନିକିଆ କ୍ରିକେଟରେ ୧,୩୨୫ ରନ କରି ସାରିଥିବା ଗିଲ୍ ବିଶ୍ୱକପରେ ଏପର୍ଯ୍ୟନ୍ତ ସେଭଳି ପ୍ରଦର୍ଶନ ଦେଖାଇପାରି ନାହାନ୍ତି। ଭାରତ ଅପରାଜେୟ ଧାରା ବଜାୟ ରଖିବାକୁ ହେଲେ ଗିଲ୍‌ଙ୍କୁ ଶ୍ରେଷ୍ଠ ଫର୍ମକୁ ଫେରିବାକୁ ପଡ଼ିବ। ଏହାକୁ ଦୃଷ୍ଟିରେ ରଖି ଗିଲ୍ ଅଭ୍ୟାସ ସମୟରେ ଶର୍ଟ ବଲ୍ ଉପରେ ଫୋକସ କରିଛନ୍ତି। କାରଣ ସେ ଧର୍ମଶାଳାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶର୍ଟ ବଲକୁ ମାରିବାକୁ ଯାଇ ଆଉଟ ହୋଇଥିଲେ। ଗିଲ୍‌ଙ୍କ ବ୍ୟତୀତ ନେଟ୍ସ ସେସନରେ ଯୋଗ ଦେଇଥିବା ଅନ୍ୟ ଖେଳାଳିମାନେ ହେଲେ ଇଶାନ କିଶନ, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୂଳ ଠାକୁର, ମହମ୍ମଦ ଶାମି ଓ କୁଲଦୀବ ଯାଦବ। ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି, ଯଶପ୍ରୀତ୍ ବୁମ୍‌ରା, ରବିଚନ୍ଦ୍ରନ ଅଶ୍ୱିନ ହୋଟେଲ ରୁମ୍‌ରେ ରହିବାକୁ ପସନ୍ଦ କରିଥିଲେ। ଭାରତୀୟ ଦଳର ରିଜର୍ଭ ଓପନର କିଶନ ବଡ଼ ହିଟ୍‌ମାନ ମାରିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ୫ ଉଇକେଟ ସଫଳତା ପାଇଥିବା ଶାମି ବୋଲିଂ କରିସାରିବା ପରେ କିଛି ସମୟ ପାଇଁ ବ୍ୟାଟିଂ କରିଥିଲେ। ସିରାଜ, ଠାକୁର ଓ କୁଲଦୀପ ମଧ୍ୟ ତାହା କରିଥିଲେ।

# ଦୋକାନଦାର

ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜନ୍ମ ୧ ଫେବୃୟାରୀ ୧୯୦୮ରେ ଓ ପରଲୋକ ୨୩ ଅକ୍ଟୋବର ୧୯୪୩ରେ। ସେ ଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ 'ଫରୱାର୍ଡ ବ୍ଲକ୍'ର ପ୍ରତିଷ୍ଠାତା ସଭ୍ୟ ଓ ଓଡ଼ିଶା କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା। ତାଙ୍କର ପ୍ରସିଦ୍ଧ ଗଳ୍ପ 'ଶିକାର', ଯାହାକି ପ୍ରଥମ ଓଡ଼ିଆ ପ୍ରଗତିବାଦୀ ଗଳ୍ପ ଭାବେ ମାନ୍ୟତାପ୍ରାପ୍ତ। ୧୯୭୬ରେ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ନିର୍ମାତା ମୃଣାଳ ସେନ୍ 'ମୃଗୟା' ଶୀର୍ଷକରେ ଚଳଚ୍ଚିତ୍ର ରୂପ ଦେଇଛନ୍ତି। 'ନବଯୁଗ ସାହିତ୍ୟ ସଂସଦ' ଓ 'ଆଧୁନିକ' ପତ୍ରିକାର ପ୍ରତିଷ୍ଠାତା ଭଗବତୀଙ୍କର ବିସ୍ମୃତ ଓ ଗ୍ରନ୍ଥାୟିତ ହୋଇ ନ ଥିବା ଗଳ୍ପ 'ଦୋକାନଦାର'ର ଭାଗ-୧ ଗତ ସଂଖ୍ୟାରେ ପ୍ରକାଶ ପାଇଥିଲା। ଏଥର ପତ୍ରସ୍ଥ ହେଲା ଭାଗ-୨ 'ସାହିତ୍ୟାୟନ'ର ପାଠିକାପାଠକଙ୍କ ପାଇଁ...


ଭଗବତୀ ଚରଣ ପାଣିଗ୍ରାହୀ

(ଭାଗ – ୨)

ସେ ଘର ଭିତରେ ପଶି ଆଗ ଚାରିଆଡ଼ ଖୋଜିବାକୁ ଲାଗିଲା। ଶେଷରେ ଦେଖିଲା ଖଟତଳେ ଗୋଟିଏ କୋଣରେ ମଣିଷ ଦେହଟିଏ ଜାକିଜୁକି ହୋଇ ରହିଛି। ସେ ମୋହିନୀ ଆଡ଼କୁ ନିଜର ରକ୍ତଚକ୍ଷୁ ଫେରାଇ ପଚାରିଲା, ''ଘରେ ପରା କେହି ନ ଥିଲେ ; ଏ ତେବେ କିଏ ?'' ମୋହିନୀ ଚିତ୍କାର କରି ସେଠାରୁ ପଳାଇବାକୁ ବସିଥିଲା। କିନ୍ତୁ ତାହାର ଶକ୍ତ ମୁଠାରୁ ହାତ ମୁକୁଳାଇ ନେବା କ'ଣ ସହଜ ? ସେ ମୋହିନୀକୁ ଅଟକାଇ କହିଲା, ''ଚୁପ୍ କର ; କହ ଏ କିଏ ?'' ମୋହିନୀ ଥରି ଥରି କହିଲା, ''ଚଉଧୁରୀଙ୍କ ପୁଅ।''

''ଦୋକାନଦାର ଚଉଧୁରୀ ? ଆସନ୍ତୁ ଆଜ୍ଞା, ଆପଣଙ୍କ ଲାଖି ଜାଗା ସେ ନୁହେଁ।''

ଲୁକ୍କାୟିତ ଶରୀରଟି ଆସ୍ତେ ଆସ୍ତେ ହଲିବାକୁ ଲାଗିଲା। ''ଡେରି କାହିଁକି ବାବୁ, ବାହାରି ଆସନ୍ତୁ ତୁରନ୍ତ।'' ଭଦ୍ରଲୋକଟି ଖଟତଳୁ ବାହାରି ଆସି ଠିଆ ହେଲା।

''ଘରେ ପିଲା ମାଇପିଙ୍କୁ ଛାଡ଼ି ଏଠିକି ଆସିବାର ମତଲବ ?'' ଘରେ ନିଜର ସ୍ତ୍ରୀ ଥାଉ ଥାଉ ଲୋକେ କାହିଁକି ବେଶ୍ୟା ଘରକୁ ଆସନ୍ତି, ସେ କଥା ସେ ଆଦୌ ବୁଝିପାରିଲା ନାହିଁ। ସେ ଏ କଥା ଏଇ ଯେ ପ୍ରଥମ ଦେଖିଲା ତାହା ନୁହେଁ। ବହୁବାର ଏହା ପୂର୍ବରୁ ଦେଖିଛି ଏବଂ ପ୍ରତିଥର ତା' ମନରେ ସେଇ ଗୋଟିଏ ପ୍ରଶ୍ନ ଜାଗିଛି। ତାହାର ସମାଧାନ ସେ କରିପାରି ନାହିଁ। ଆଜି ଏ ଲୋକଟାକୁ ସାମ୍ନାରେ ଠିଆ ହେବାର ଦେଖି ଘୃଣାରେ ତା'ର ସର୍ବାଙ୍ଗ କଣ୍ଟକିତ ହୋଇ ଉଠିଥିଲା। ସେ ନିଜର ବଜ୍ରମୁଷ୍ଟି ତାହାର ଗଳାରେ ରଖିଲା, ସେ ମୁଷ୍ଟିର ସ୍ପର୍ଶରେ ବାବୁଟିର ରକ୍ତ ପାଣି ହେବାକୁ ଲାଗିଲା। ସେ ଥରି ଥରି କହିଲା, ''ଏଇଥର ଛାଡ଼ିଦିଅ, ଆଉ ଏଠିକି ଆସିବି ନାହିଁ।''

''ଏ ସବୁ ଜାଗା ଉପରକୁ ଆସିବାକୁ ହେଲେ ଛାତିରେ ସାହସ ଆଉ ବାହାରେ ବଳଥିବା ଦରକାର ; ବୁଝିଲ।''

ଦାଣ୍ଡଦୁଆରେ ପୁଣି କିଏ ଆଘାତ କରିବାର ଶୁଣାଗଲା। ବାବୁଟି ଉପରୁ ଆଖି ଫେରାଇ ସେ ମୋହିନୀ ଆଡ଼କୁ ଚାହିଁଲା।

''ପୁଣି କିଏ ଦୁଆରେ ଡାକିଲା ?''

ମୋହିନୀ ତା' ଆଡ଼କୁ ନ ଚାହିଁ ଉତ୍ତର କଲା, ''ଆଉ କାହା ଦୁଆରେ ଡାକୁଥିବ ନା।''

''ଯେମିତି ଏ ଦଣ୍ଡକ ଆଗରୁ ଆଉ କାହା ଘରେ ପାଟି ଶୁଣାଯାଉଥିଲା। ଦେଖିଲା ବେଳକୁ ଏଡ଼େ ସୁନ୍ଦର ଭଦ୍ରଲୋକଟି ଖଟ ତଳୁ ବାହାରିଲେ ?''

ମୋହିନୀ ଏ କଥାଟାରେ ସାପ ପରି ଫଁ କରି ବୁଲିପଡ଼ି କହିଲା, ''ମୋ' ଇଚ୍ଛା ମୁଁ ଯାହା କଲି ; ତୁ କିଏ ସେ କହିବାକୁ ?''

ସେ ମୋହିନୀର ଗଳାକୁ ହାତରେ ଚାପି ଧରି କହିଲା, ''କ'ଣ କହିଲୁ ? ତୋର ଯାହା ଇଚ୍ଛା ତାହା କରିବୁ ?''

ଚୌଧୁରୀବାବୁଟି ଏ ହାଲ୍ ଦେଖି ଭୟରେ ତଟସ୍ଥ ହୋଇ ରହିଥାଏ।

ମୋହିନୀ ରୁଦ୍ଧକଣ୍ଠରେ କହିବାକୁ ଲାଗିଲା, ''ମୋ' ଘରେ ରହି, ମୋ' ଉପରେ ଖାଇ, ପୁଣି ମୋର ତଣ୍ଟି କଣାକରି ରକତ ଶୋଷୁଚୁ ? ମୁଁ ରୋଜଗାର କରୁ ନ ଥିଲେ ମୁଠାଏ ଖାଇବାକୁ ମିଳୁ ନଥା'ନ୍ତା ତତେ। ଯାହା ତ ଚୁଲି ରୋଜଗାର କରୁ ସବୁ ମଦ ଗୁଲିରେ ଉଡ଼ଉ। 'ଛାଡ଼ ମତେ ଛାଡ଼' କହି ମୋହିନୀ ତା'ର ହାତରେ ଦାନ୍ତ ବସାଇଦେଲା।

ମଦନିଶାର ଅସ୍ପଷ୍ଟ ପର୍ଦ୍ଦାଟା ତାହାର ଆଖି ଆଗରୁ ହଠାତ୍ ଖସିଗଲା। ସେ ମୋହିନୀକି ମୁକ୍ତି ଦେଇ କହିଲା, ''ଯା, ତୋର ଯାହା ଇଚ୍ଛା କର।'' ସେ ବୁଝିଲା ଯେ ମୋହିନୀ ରୋଜଗାରରେ ଚଳିବା ତା' ପକ୍ଷରେ ବଡ଼ ନିନ୍ଦାର କଥା। କିନ୍ତୁ ମୋହିନୀ ଯେ ଏପରି ଭାବରେ ରୋଜଗାର କରି କାହିଁକି ତାକୁ ଚଳାଉଥିଲା ସେ କଥା ବୁଝିବାକୁ ସେ ଚେଷ୍ଟା କଲା ନାହିଁ।

ବାହାର କବାଟ ଖୋଲି ତଳକୁ ଓହ୍ଲାଇବାକୁ ପାଦ ବଢ଼ାଉଛି, ଏତିକିବେଳେ ତା'ର ପଛଆଡୁ ଗୋଟାଏ ଧକ୍କା ବାଜିଲା, ସଙ୍ଗେ ସଙ୍ଗେ କବାଟ ଦେଉ ଦେଉ ଚଉଧୁରୀ ବାବୁଟି କହିଉଠିଲା, ''ନିକ୍‌ଲୋ ପାଜି, ନିକ୍‌ଲୋ'' ଏତେବେଳକେ ସେ ଲୋକଟିର ଆତ୍ମାଭିମାନ ପ୍ରକାଶ ପାଇଲା।

ସେ ମୋହିନୀ ପାଖକୁ ଫେରି ଆସି କହିଲା, ''ଏକ ଧକ୍କା ଦେଲି ଯେ ଗଡ଼ି ଗଡ଼ି ଏକାବେଳେ ରାସ୍ତାରେ– ଆ ଏଥର– ଆସିବୁଟି,'' କହି ତାକୁ ଭିତରକୁ ଟାଣିଲା। ଏହି ସମୟରେ ପୁଣି ଦାଣ୍ଡ କବାଟରେ ଆଘାତ ହେଲା। ବାବୁଟି ଭୀତ ହୋଇ ଭାବିଲା ''ପୁଣି କ'ଣ ସେ ଫେରିଲା କି ?'' ସେ ମୋହିନୀକୁ ଅନୁନୟ କରି କହିଲା, ''ହେ କବାଟ ଖୋଲ ନା ଟି'' ମୋହିନୀ କିଛି ନ ଶୁଣି କବାଟ ଖୋଲିଦେଲା। ଭିତରକୁ ପଶିଲା, ଧନୁ ସିଂ। ସେ ବିଡ଼ି ତିଆରି କରି ପେଟ ପୋଷେ, ନିଶା ଖର୍ଚ୍ଚ ଚଳାଏ, ବେଳେବେଳେ ଏ ପଡ଼ାରେ ବି ମୁହଁ ମାରି ଯାଏ।

ତା' କାନ୍ଧରେ ହାତ ପକାଇ ମୋହିନୀ କହିଲା, ''ଆ ଧନୁ ଭାଇ ; ଭିତରେ ବସ୍।'' ଦୁହେଁଯାକ ଭିତରେ ବସି ଗପ ଆରମ୍ଭ କରିଦେଲେ। ବାବୁଟି ଧୀରେଧୀରେ ରାସ୍ତା ଧରିଲା। ଘରକୁ ଫେରିବା ବାଟରେ ଦେଖିଲା ନିଜ ଦୋକାନ ପାଖ ସେହି ଛୋଟ ମଇଳା ଦୋକାନରେ କିରାସିନି ବତିଟିଏ ଜଳୁଛି। ଦୋକାନଦାର କାମରେ ବ୍ୟସ୍ତ। କିରାସିନି ବତିଟିକୁ ସାମ୍ନାରେ ରଖି ସେ କେତେବେଳେ ଛୁରିଟିକୁ ପଜାଇ ନେଉଛି, କେତେବେଳେ ଚମଡ଼ା କାଟୁଛି, କେତେବେଳେ ବା ହାତୁଡ଼ି ଧରି ଠକ୍‌ଠକ୍ କରି କଣ୍ଟା ପିଟୁଛି। ଚୌଧୁରୀ ବାବୁଟି ସେ ବାଟେ ଯିବାକୁ ସାହସ କଲା ନାହିଁ। କେଜାଣି କାଳେ ଧକ୍କା ମାରିବାର ଫଳଟା ହାତେହାତେ ମିଳିଯାଏ। ଅନ୍ୟ ରାସ୍ତାରେ ଘରକୁ ଫେରିବା ବେଳେ ଭାବିଲା, ''ଠିକ୍ ସମୟରେ ଦୋକାନ ଖୋଲିଛି। ଅସଲ କାରବାରର ବକତ ଏକା। ବଜାରରେ ଯେତିକି ବେଳେ ଗହଳ ଚହଳ ସେତିକିବେଳେ ୟା' ଦୋକାନ ବନ୍ଦ ; ଆଉ ଦୋକାନ ଖୋଲା ରହିଛି ଯେତେବେଳେ ରାସ୍ତାଘାଟ ନିଶ୍ଚଳ। ନିଶାଖୋର ନ ହେଲେ ୟା' କିଏ କରିବ ?'' ମନେମନେ ଖୁବ୍ ହସି ହସି ସେ ଘରକୁ ଫେରିଲା। (ସମାପ୍ତ)

## ପୁସ୍ତକ ପରିଚୟ

### ପୂଜା ପତ୍ରିକା-୨୦୨୩

### ଅମୃତାୟନ



**ସମ୍ପାଦିକା:** ସୌମ୍ୟା ରଥ
**ଏ-୪ ସାଇଜ୍, ପୃ: ୧୯୨, ମୂଲ୍ୟ: ଟ.୧୨୦/-**

ଶ୍ରୀଅରବିନ୍ଦଙ୍କ ଦୁର୍ଗା ସ୍ତୋତ୍ରରୁ ଆରମ୍ଭ ହୋଇଛି 'ଅମୃତାୟନ'। ନିୟମିତ ବିଭାଗଗୁଡ଼ିକ ହେଲା- ଆଧ୍ୟାତ୍ମିକ ସାହିତ୍ୟ, ଚର୍ଚ୍ଚାରେ, ଧାରାବାହିକ ଉପନ୍ୟାସ, ମାନସ ମନ୍ଥନ, ନବପର୍ବ, ଗଳ୍ପ ସମ୍ଭାର, କବିତା, ଅନୁବାଦ-ଗଳ୍ପ, ରମ୍ୟ ରଚନା ଓ ସ୍ୱାସ୍ଥ୍ୟ। ଯେଉଁମାନଙ୍କ ଲେଖାରେ ସମୃଦ୍ଧ ଏ ପତ୍ରିକା, ସେମାନଙ୍କ ମଧ୍ୟରେ ଅଛନ୍ତି ନିତ୍ୟାନନ୍ଦ ପଣ୍ଡା, ତ୍ରିନାଥ ପଟ୍ଟନାୟକ, ନିଖିଳାନନ୍ଦ ପାଣିଗ୍ରାହୀ, ଶରତ ଚନ୍ଦ୍ର ରଥ, ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଭୂତି ପଟ୍ଟନାୟକ, ଇନ୍ଦିରା ଦାଶ, ଭାସ୍କର ଜେନା, ପ୍ରବୀଣା ମହାନ୍ତି, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରତିଭା ଶତପଥୀ, ହରିହର ମିଶ୍ର, ହୃଷୀକେଶ ମଲ୍ଲିକ, ନୀଳାଦ୍ରି ଭୂଷଣ ହରିଚନ୍ଦନ ଓ ପୀତବାସ ରାଉତରାୟ। ପ୍ରବୀଣ ଲେଖକମାନଙ୍କ ସହ ବହୁ ନୂତନ ପ୍ରତିଭାଙ୍କ ସ୍ୱାକ୍ଷରରେ ପତ୍ରିକାଟି ସମୃଦ୍ଧ।

### ଶାଶ୍ୱତ ପାହାଚ



**ସମ୍ପାଦକ:** କମଳ କୁମାର ମହାନ୍ତି
**ଏ-୪ ସାଇଜ୍, ପୃ: ୨୯୬,**
**ମୂଲ୍ୟ: ଟ.୨୦୦/-**

ପତ୍ରିକାରେ ଅନେକ ପାହାଚ, ଯଥା: ଫିଚର, ତରୁଣ କବିତା, ଚିତ୍ତରଞ୍ଜନ ପ୍ରବନ୍ଧ, ସଚ୍ଚି ରାଉତରାୟ କବିତା, ଫକୀରମୋହନ କଥା, ଗୋଦାବରୀଶ କଥା, ଗଡ଼ନାୟକ କବିତା, ମାନସିଂହ କବିତା, ନୀଳମଣି ମିଶ୍ର ଅନୁସୃଜନ, ଜୀବନାନନ୍ଦ ଗୀତି ଓ ଗ୍ରନ୍ଥ ସମୀକ୍ଷା ପାହାଚ। ଏହିସବୁ ପାହାଚର ଅଗ୍ରଲେଖକ ଯଥାକ୍ରମେ ଚିତ୍ତରଞ୍ଜନ ନାୟକ, ପ୍ରବୀଣ କୁମାର କବି, ରମାକାନ୍ତ ରାଉତ, ଆଶୁତୋଷ ପରିଡ଼ା, ଅନିଲ କୁମାର ଦାସ, ରମେଶ ପଟ୍ଟନାୟକ, ହୃଷୀକେଶ ମଲ୍ଲିକ, ଅମରେଶ ପଟ୍ଟନାୟକ, ବଙ୍ଗାଳୀ ନନ୍ଦ, ନନ୍ଦକିଶୋର ସିଂହ ଓ ଶିଶିର ନାୟକ। ଶତାଧିକ ପ୍ରବୀଣ ଓ ନୂତନ ଲେଖକଙ୍କ ରଚନାରେ ରୁଚିବନ୍ତ ଶାଶ୍ୱତ ପାହାଚ।

### ବାଟୋଇ



**ସମ୍ପାଦକ:** ଶତ୍ରୁଘ୍ନ ତରାଇ,
**ଏ-୪ ସାଇଜ୍, ପୃ: ୨୦୦, ମୂଲ୍ୟ: ଟ.୧୭୦/-**

ଜୀବନ ଜିଜ୍ଞାସାର ଅଭିଯାତ୍ରୀ 'ବାଟୋଇ'ରେ ପ୍ରବନ୍ଧ ଓ ସମାଲୋଚନା ପର୍ବରେ ସ୍ଥାନିତ ଦାଶରଥି ଦାସ, ବାବାଜି ଚରଣ ପଟ୍ଟନାୟକ, ବେଣୁଧର ପାଢ଼ୀ, ସୃଜନ-ଆଳାପରେ ତପନ ମହାପାତ୍ର, ଫିଚର୍‌ରେ ମାନମୟୀ ରଥ, ଗଳ୍ପରେ ସଦାନନ୍ଦ ତ୍ରିପାଠୀ, ରବି ସ୍ୱାଇଁ, ତରୁଣ କୁମାର ସାହୁ, ଅନୁବାଦ ଗପରେ ବିଜୟ କୁମାର ପ୍ରଧାନ, କନକ ମଞ୍ଜରୀ ସାହୁ, କାବ୍ୟ କବିତାରେ ଫନୀ ମହାନ୍ତି, ହରପ୍ରସାଦ ଦାସ, ହୃଷୀକେଶ ମଲ୍ଲିକ, ପ୍ରଦୀପ କୁମାର ପଣ୍ଡା, ଶତ୍ରୁଘ୍ନ ପାଣ୍ଡବ, ସୂର୍ଯ୍ୟ ମିଶ୍ର ଓ ପ୍ରଭାସିନୀ ମହାକୁଡ଼। ନୂଆ ଓ ପୁରୁଣା ମିଶି ଦେଢ଼ଶହରୁ ଅଧିକ ଲେଖିକା ଲେଖକଙ୍କ ଲେଖାରେ ପତ୍ରିକାଟି ସମୁଜ୍ଜ୍ୱଳ। ପ୍ରଚ୍ଛଦରେ ନବୀନ ଚିନ୍ତାର ଝଲକ।

### ଅକ୍ଷାଂଶ



**ସମ୍ପାଦକ:** ହରିଶ୍ଚନ୍ଦ୍ର ବେହେରା
**ଏ-୪ ସାଇଜ୍, ପୃ: ୪୪୮, ମୂଲ୍ୟ: ଟ.୨୫୦/-**

ସମ୍ପାଦକୀୟ ଚିନ୍ତାଦ୍ୟୋତକ- ଏହାର ପ୍ରସଙ୍ଗ 'କବିତା'। ପ୍ରବନ୍ଧରେ ଅଛନ୍ତି ପ୍ରଫୁଲ୍ଲ କୁମାର ମହାନ୍ତି, ଆଦିକନ୍ଦ ସାହୁ, କୁମୁଦ ଚନ୍ଦ୍ର ଦାଶ, ଗଳ୍ପରେ ବିଷ୍ଣୁ ସାହୁ, ରବି ପଣ୍ଡା, ରାଧାଶ୍ୟାମ ରାଉଳ, ମୌସୁମୀ ପରିଡ଼ା ; କବିତାରେ ନିତ୍ୟାନନ୍ଦ ନାୟକ, ମମତା ଦାଶ, ହୃଷୀକେଶ ମଲ୍ଲିକ, ବାସୁଦେବ ସୁନାନୀ, ପୀତାମ୍ବର ତରାଇ ଓ ରକ୍ଷକ ନାୟକ ; ଅନୂଦିତ ଗଳ୍ପରେ ଅନୁରୂପା ସିଂ, ବିଜୟ କୁମାର ମହାନ୍ତି ଓ କନକ ମଞ୍ଜରୀ ପାଢ଼ୀ। ଗୀତି-କବିତାରେ ଗୌର ପଟ୍ଟନାୟକ, ଧନଞ୍ଜୟ ସ୍ୱାଇଁ ଓ ନନ୍ଦକିଶୋର ସିଂହ। ଶେଷ କବିତା ଭାବେ ଶ୍ରୀଦେବଙ୍କ କବିତା ପଲିଟିକାଲ୍ ପୋଏଟ୍ରି ସ୍ଥାନିତ।

### ଶତଦ୍ରୁ



**ସମ୍ପାଦକ:** ଉପେନ୍ଦ୍ର ପ୍ରସାଦ ନାୟକ
**୧/୮ ଡିମାଇ ସାଇଜ୍, ପୃ: ୩୮୪,**
**ମୂଲ୍ୟ: ଟ.୯୦/-**

ସ୍ମରଣୀୟ କବିତାରେ ସ୍ଥାନିତ ପ୍ରୟାତ ପ୍ରମୋଦ କୁମାର ମହାନ୍ତି, ଗୋପାଳକୃଷ୍ଣ ରଥଙ୍କ କବିତା ଓ ସ୍ମରଣୀୟ ଗଳ୍ପରେ ସ୍ଥାନିତ କୃଷ୍ଣ ଚରଣ ବେହେରାଙ୍କ ଗଳ୍ପ। କବିତାରେ ରାଜେନ୍ଦ୍ର କିଶୋର ପଣ୍ଡା, ହରିହର ମିଶ୍ର, ଫନୀ ମହାନ୍ତି, ଶ୍ରୀହରି ଧଳ ; ଗଳ୍ପରେ ଦିବାକର ମାନସିଂହ, ଭାସ୍କର ଜେନା, ଲକ୍ଷ୍ମୀ ଚାନ୍ଦ, ଆନନ୍ଦ ଚନ୍ଦ୍ର ପହି, ଝରଣା ପଟ୍ଟନାୟକ ; ପ୍ରବନ୍ଧରେ ସଂଘମିତ୍ରା ମିଶ୍ର, ପ୍ରସନ୍ନ କୁମାର ସ୍ୱାଇଁ, ଉଦ୍ଧବ ଚରଣ ନାୟକ ଓ ଫଣୀନ୍ଦ୍ର ଭୂଷଣ ନନ୍ଦ। ବ୍ୟକ୍ତି ଓ ବ୍ୟକ୍ତିତ୍ୱରେ ଗୁରୁକଲ୍ୟାଣ ମହାପାତ୍ର, ଚନ୍ଦ୍ରଶେଖର ନନ୍ଦ ଓ ବିଜୟାନନ୍ଦ ସିଂହ। ଜୀବନସ୍ମୃତିରେ ରମେଶ ପ୍ରସାଦ ପାଣିଗ୍ରାହୀ, ରବିନାରାୟଣ ସେନାପତି ଓ ଦେବଦାସ ଛୋଟରାୟ। ଗୀତି-କବିତା, ଅନୁବାଦ ସାହିତ୍ୟ ଓ ଗ୍ରନ୍ଥ ସମୀକ୍ଷାରେ ପତ୍ରିକାଟି ଋଦ୍ଧିମନ୍ତ।

## କବିତା

### ଶୀତଋତୁ
**ନିହାରିକା ରାୟ ବରାଳ**

ଶୀତ ଏବେ ଆସିଲାଣି
ସାଙ୍ଗେ ଧରି ଉତ୍ତରା ପବନ
ଆସ ଆମେ ବୁଲିଯିବା ପ୍ରିୟତମ
ଘୋଡ଼ି ହୋଇ ସ୍ମୃତିର ଚାଦର

ଏ ସହର ଗୋଟାଯାକ
ଚୁପୁଚାପ କଥା ହେଉଛନ୍ତି
ଆମେ କାଳେ ଶାଳପିଆଶାଳ ଦେହେ
ଆକାଶକୁ ସାକ୍ଷୀ ରଖି
ପ୍ରଣୟର ଗୀତ ଲେଖିଛନ୍ତି

'ଯତନ ନଗର' ଦେଖ ଲୁଚିଯାଏ
କୁହୁଡ଼ିର ପଣତ କାନିରେ
ତମେ ଆସ ପ୍ରିୟତମ
ମୁଁ ତମକୁ ଡାଙ୍କି ଦେବି
ମୋ' ବଗିଚା ସେବତୀ ଫୁଲରେ

ଶୀତ ଖେଳେ ଲୁଚକାଳି
ପାହାଡ଼ର ଚୂଡ଼ାରୁ ଚୂଡ଼ାକୁ
ଶୀତ ପୁଣି ଚୁମାଦିଏ
ବ୍ରାହ୍ମଣୀର ସୂର୍ଯ୍ୟସ୍ନାତା ସ୍ଫଟିକ ଜଳକୁ

ଶୀତ ଆସେ ଢଳିଢଳି
କପିଳାସ ପାହାଡ଼ ଶିଖରୁ
ସ୍ୱପ୍ନର ମଦିରା ପିଇ
ରାତି ସାଥେ ସନ୍ଧି କରିବାକୁ

ତମେ ଆସ ପ୍ରିୟତମ
ଅପେକ୍ଷାରେ ମୁକୁଳା ଦୁଆର
ଫେରିଯିବ ଶୀତଋତୁ
ମୋ' ଆୟୁଷ ଅବା କେତେ କାଳ ?

'ଅନୁରାଗ'
ବି/୧୦, ପ୍ରତିଭା ଏନ୍‌କ୍ଲେଭ
ବଜେବି ନଗର, ଭୁବନେଶ୍ୱର

### ବର୍ଷାର ରୂପ
**ତେଜସ୍ୱିନୀ ପଣ୍ଡା**

ବର୍ଷା !
ମୋର ପୂର୍ବତନ ପ୍ରେମିକା
ଭିତରୁ ଜଣେ,
କେବେ ପ୍ରେମର
କଳାବାଦଲକୁ ଟାଣିଆଣି
ଘୋଟିଯାଏ,
କେବେ ପ୍ରତାରଣା ଦେଇ
ମରୁଡ଼ି ସାଜେ।

ବର୍ଷା !
ମୋ ଆଖିରେ ଲୁହ
ହେଇ ଝରିଯାଏ,
ସାରା ଶରୀରର ଶୋଷକୁ
ମେଣ୍ଟାଇଦିଏ ତା' ପ୍ରେମରେ।

ବର୍ଷା !
ମୋର ହୃଦୟ ଖୋଲି
ବିନା ଅନୁମତିରେ
ପ୍ରବେଶ କରେ,
ଭରିଦିଏ ମୋ' ରକ୍ତରେ
ତା'ର ଶୀତଳତା।

ବର୍ଷା !
ମୋ' ଗାଁରେ ବହିଯାଉଥିବା
କୁଳୁକୁଳୁ ନଈ,
ତା' ସ୍ରୋତରେ ମତେ
ଭସେଇଦିଏ,
ମତେ ଛୁଇଁଦେଇ
ଉଭେଇଯାଏ ସାଗରରେ।

ବର୍ଷା !
ମୋର ଅଭିମାନର
ଗୁପ୍ତ କାରଣ,
ତା' ପ୍ରଣୟରେ ଚିଠି
ଲେଖି ଭାଙ୍ଗିଦିଏ ମୋର
ଢଳଢଳ ଅଭିମାନ।

ବର୍ଷା !
ମୋ' ଲଣ୍ଠନ କାଚରେ
ଦିକ୍ ଦିକ୍ ଜଳୁଥିବା ଆଲୁଅ,
ଅମାବାସ୍ୟାର ଅନ୍ଧାର
ଲିଭାଇ ତେଜିଦିଏ
ପୂର୍ଣ୍ଣିମାର ଜହ୍ନ।

ମୋ:୯୬୯୨୩୬୧୪୦୪

ଗୀତି-କବିତା

### ସପନରେ ଆସେ ଯିଏ
**ନିରଞ୍ଜନ ସାହୁ**

ବେଳେବେଳେ ଯିଏ ମନ ମଧ୍ୟେ ପଶି
ମନ ଆନ୍ଦୋଳିତ କରେ
ତାହା ସାଥେ ଭେଟ କଦାପି ହୁଏନା
ସିଏ ଥାଏ ପର ଘରେ।

ଅନେକ ଦିନର ବ୍ୟବଧାନ ହେବ
ଭେଟ ହୋଇଥିଲା ଯେବେ
ମନେପଡ଼େ ତାହା
ଶେଷଦେଖା ଯାହା
ଆଉ ଦେଖା ହେବ କେବେ
ବାସ୍ତବରେ ଦେଖା ମିଳେନାହିଁ ସିନା
ସ୍ୱପ୍ନ ସେହି ଆଶା ଭରେ।

ସପନରେ ଭେଟ ହୋଇଗଲା ପରେ
ଆଳାପ ଚାଲଇ କେତେ
ପ୍ରୀତି କୁଞ୍ଜବନ ମଧୁର ମିଳନ
ଗୋପନୀୟ କଥା ଯେତେ
ଭାରି ଭଲଲାଗେ ସେତିକି ସମୟ
ନିଦ ଧୀରେଧୀରେ ସରେ।

ନିଦ ଭାଙ୍ଗିଗଲେ
ସିଏ ମନେପଡ଼େ
ତାକୁ ଖୋଜୁଥାଏ ମନ
ହାତପାହାନ୍ତାରେ ନାହିଁ ଆଉ ସିଏ
ଏବେ ସେ ହଜିଲା ଧନ
ଖୋଜି ଲାଭ ନାହିଁ, ପାଇ ସୁଖ କାହିଁ
ରହେ ମୁହିଁ ନିରବରେ।

ମୋ: ୯୯୩୮୭୪୧୫୮୩

# ଗଣିତ ବେଦନା

ଗଳ୍ପ
**ବିଜୟ କୁମାର ପଣ୍ଡା**

ଅନେକ ବର୍ଷ ପରେ ବାଲ୍ୟବନ୍ଧୁମାନେ ଭେଟହେଲେ ନୂଆ ବର୍ଷ ଭୋଜିରେ। ବଇଁଶୀ, ରବି, ଭଗୁ... ପ୍ରାୟ ଚାଳିଶଟି ଫଗୁଣ ଅତିକ୍ରମ କରିବାକୁ ବସିଲେଣି ସଭିଏଁ। ସାଙ୍ଗବିଧା ଦେଇ ପରସ୍ପରର ହାଲ୍‌ଚାଲ ବୁଝିଲା ପରେ ସ୍ମୃତିଗ୍ରନ୍ଥରୁ କିଛି ପୃଷ୍ଠା ଲେଉଟାଇଲେ।

ବଇଁଶୀ : 'ଏ ରବି! ମନେଅଛି ତ ଷଷ୍ଠ ଶ୍ରେଣୀରେ ଭଗୁର ସେ ଗଣିତ ବେଦନା ?'

ରବି: 'ଷଷ୍ଠରୁ ନଷ୍ଟ! କେମିତି ଭୁଲିହୁଅନ୍ତା ଯେ ସେ କଥା ?'

ଓଃ ହୋ.. ଏଇ ଅଙ୍କ ପାଠଟା ମୋତେ ନାକେଦମ କରିଦେଲାଣି। ଆଉ ଏ ସ୍କୁଲ... ଫୁଲ... ମୁଁ ଯିବିନି। ଭଗୁ ରାଗ ତମତମ ହେଇ ଦାଣ୍ଡପିଣ୍ଡାରେ ଗୋଡ଼ଟା କଚାଡ଼ି ସ୍କୁଲ ବ୍ୟାଗ୍‌ଟାକୁ ଗୋଟିଏ କୋଣରେ ଥୋଇଦିଏ।

ବୟସ ଏଇ ଏଗାର କି ବାର ହେବ, ବ୍ରାହ୍ମଣ ପିଲା। ବ୍ରାହ୍ମଣ ଶାସନ ପରେ ରେବ ନଈ ଉପରେ ଯାଇଥିବା ପୋଲ ଅତିକ୍ରମ କଲେ ପାଖ ଗାଁର ଯେଉଁ ମାଇନର ସ୍କୁଲ୍ ପଢ଼େ, ସେଇଠି ଷଷ୍ଠ ଶ୍ରେଣୀରେ ପଢ଼େ ଭଗୁ। ଗଣିତ ବୋଲି ଯେଉଁ ବିଷୟଟି ଅଛି ତା'କଥା ଭାବିଲେ ମୁଣ୍ଡବିନ୍ଧା, ପେଟ କାଟିବା, ଏମିତିକି ଯାବତୀୟ ପୀଡ଼ା ତା' ଦେହରେ। ଏଇ କେତେଦିନ ହେବ ଏମିତି ବ୍ୟଥା ଯୋଗୁଁ ସ୍କୁଲ୍ ବନ୍ଦ କରିବା ସାର୍‌ଙ୍କ ନଜରକୁ ଆସିଲାଣି କେତେଥର।

ହଠାତ୍ ଭଗୁ ଦୁଇଦିନ ଧରି ସ୍କୁଲ୍ ଆସିଲାନି। ତୃତୀୟ ଦିନ ପ୍ରାର୍ଥନା ସରିବା ପରେ ପ୍ରଥମ କ୍ଲାସ ଆରମ୍ଭ ହେବାକୁ ଯାଉଥିଲା... ବିଷୟ ଗଣିତ। ଆଜି ବି ଭଗୁ କ୍ଲାସରେ ଅନୁପସ୍ଥିତ। ସାର୍ ବଇଁଶୀ ଆଉ ରବି ଦୁହିଁଙ୍କ ଆଡ଼କୁ ଚାହିଁ କହିଲେ- ଆଜି ବି ସେ ପିଲାଟା ଆବ୍‌ସେଣ୍ଟ ? ତମେ ଦୁହେଁ ସେ ଭଗୁର ଘରକୁ ଯାଇ ତା' ସ୍ୱାସ୍ଥ୍ୟ ଅବସ୍ଥା ଟିକେ ବୁଝି ଆସ ତ !

ଶୀତ ସରି ସରି ଆସିଲାଣି... ଖରା ଧୀରେ ଧୀରେ ଟାଣ ହେଉଥାଏ। ରବି ଆଉ ବଇଁଶୀ ଯାଇ ଭଗୁ ଘରେ ପହଞ୍ଚିଲେ।

ହେ ଭଗୁମା'...ସ୍କୁଲ୍‌ପିଲା ଆସିଛନ୍ତି। ଭଗୁକୁ ଡାକିଦେ'- ଭଗୁର ବାପା ଜୋର୍‌ରେ ଡାକ ପକାଇଲେ।

ଘର ଭିତରେ ଭଗୁର ଦେଖା ନ ଥିଲା... ବୋଧେ ତା' ବାପାଙ୍କ ବଡ଼ ପାଟି ତାକୁ ଶୁଭିଯାଇଥିଲା। ଖୋଜାଖୋଜି କରିବା ପରେ ବାଡ଼ିପଟେ ଯେଉଁ ଧାନ ଖଳା ଥିଲା, ସେଇଠି କେହି ଜଣେ ଚାଦରଟିଏ ଘୋଡ଼ି ଶୋଇବାର ଦେଖିବାକୁ ପାଇଲେ ରବି ଆଉ ବଇଁଶୀ। ମୁହଁରୁ ଚାଦରଟି କାଢ଼ି ଦେବା ପରେ ସେ ଭଗୁ ବୋଲି ଜଣାପଡ଼ିଲା।

''ଏ ରବି, ବଇଁଶୀ ଦେଖ... ମୋତେ ଆଜିକି ତିନିଦିନ ହେଲା ଜର। ମିଛ କହୁନିରେ, ଏଇ ଦେଖୁନ ମୋ' ଦେହ ଛୁଇଁ। ଦେହରେ କେତେ ତାତି ଦେଖୁନୁ ଦେଖି।'' ରବିର ହାତ ଟାଣି ନେଇ ତା' ଜ୍ୱରର ପ୍ରମାଣ ଦେବାକୁ ଚାହିଁଲା ଭଗୁ।

ରବି ଭଗୁର କଥା ସହଜରେ ବିଶ୍ୱାସ କରିନେଲା ; କିନ୍ତୁ ବଇଁଶୀ ପାଠପଢ଼ାରେ ସବୁବେଳେ ଶ୍ରେଣୀରେ ପ୍ରଥମ କିମ୍ବା ଦ୍ୱିତୀୟ ସ୍ଥାନରେ ଥାଏ। ଅତି ସହଜରେ ସେ କିଛି ବିଶ୍ୱାସ କରେନି... ସନ୍ଦେହ ଦୂର କରିବାକୁ ସେ ପଚାରିଲା- ''ଆମେ ଆସିବାବେଳେ ତୋ' ବାପା ଦେଖାହେଲେ, କିନ୍ତୁ ତୋ' ଜ୍ୱର କଥା କିଛି କହିଲେନି ? ତୁ ଉଠ୍... ସାର୍ କହିଛନ୍ତି ତୋତେ ଆମେ ଡାକ୍ତର ପାଖକୁ ନେଇ ଯିବୁ।''

ଡାକ୍ତରଙ୍କ କଥା ଶୁଣି ଭଗୁ ଉଠି ବସିଲା... ଦୁଇ ମିନିଟ କ'ଣ ମନେମନେ ଚିନ୍ତାକଲା କେଜାଣି, କହିଲା- 'ମୋର ଡାକ୍ତର ପାଖକୁ ଯିବା ଦରକାର ନାହିଁ। ଘରେ ଔଷଧ ଅଛି, ତାକୁ ଖାଇ ଠିକ୍ ହେଇଯିବି।' ବଇଁଶୀ ତାକୁ ଜବରଦସ୍ତ ଠିଆ କରାଇଲା। ସେ ଛିଡ଼ା ହେବା ପରେ ଚାରି ପାଞ୍ଚଟା ରସୁଣ ପାଖୁଡ଼ା ଖସିପଡ଼ିଲା। ରବି ଆଉ ବଇଁଶୀ ସେ ରସୁଣକୁ ଦେଖି ପରସ୍ପରକୁ ଚାହିଁଲେ।



'ଏ ସବୁ କ'ଣ ? ସତ କହିବୁ ନା ଆମେ ଦୁଇଜଣ ତୋତେ ଟେକି ଟେକି ସ୍କୁଲ୍ ନେଇଯିବୁ।' ବଇଁଶୀ ଟିକେ ଚଢ଼ାଗଳାରେ କହିଲା। ଭଗୁ ଡରିଯାଇ କହିଲା- ''ମୁଁ ଏଇ ରସୁଣ ମୋର ଦୁଇ କାଖ ତଳେ... ଆଣ୍ଠୁ ତଳେ ଆଉ ହାତରେ ଧରି ରଖି ଦେହର ତାତି ବଢ଼ାଇବାକୁ ଚେଷ୍ଟା କରୁଥିଲି। ଖରାରେ ଶୋଇବା ପରେ ଆଉ ଟିକେ ଦେହ ଗରମ ହେଇଗଲେ ସମସ୍ତେ ଜ୍ୱର ହେଇଛି ବୋଲି ବିଶ୍ୱାସ କରିବେ। ତମେ ଦୁହେଁ ସାର୍‌ଙ୍କୁ ଏସବୁ କିଛି କହିବନି ବୋଲି ମୋତେ କଥା ଦିଅ... ମୁଁ ତମ ସାଙ୍ଗେ ଏବେ ସ୍କୁଲ୍ ଯିବି। ମୋତେ ଟିକେ ଗଣିତରେ ସାହାଯ୍ୟ କରିବ ?'' ଭଗୁ ହାତଯୋଡ଼ି କହିଲା।

ଭଗୁ କଥା ରଖି ବଇଁଶୀ ଆଉ ରବି କାହାକୁ କିଛି କହିଲେନି।

ଥୁ କରି ପାନଛେପଟା ପକେଇ ଦେଇ ଭଗୁ କହୁଥିଲା- ''ମୋ' କଥା ଛାଡ଼ରେ... ମୋ' ପୁଅଟା ପରା ଠିକ୍ ସେମିତି ବାହାନା କରୁଛି, ହେଲେ ତାକୁ ଟେକିଟେକି ସ୍କୁଲ୍ ନେଇ ଯିବାକୁ ତମ ପରି ସାଙ୍ଗମାନେ ତା'ର ନାହାନ୍ତି...।'

ମୋ: ୯୭୩୯୫୯୧୮୧୬

## କାଳକାଳକୁ



''ଶୁଭୁଥିବା ଗୀତ ମଧୁର,
ଶୁଭୁ ନ ଥିବା ଗୀତ
କିନ୍ତୁ ମଧୁରତର।''
– ଜନ୍ କୀଟ୍‌ସ

**ଜନ୍ କୀଟ୍‌ସଙ୍କ** ଜନ୍ମ ୩୧ ଅକ୍ଟୋବର ୧୭୯୫ରେ, ଲଣ୍ଡନର ମୁରଗେଟ୍‌ରେ ଓ ପରଲୋକ ୨୩ ଫେବୃୟାରୀ ୧୮୨୧ରେ ରୋମ୍‌ର ପାପାଲ୍‌ଷ୍ଟେଟ୍‌ସରେ। ସେ ଥିଲେ ରୋମାଣ୍ଟିକ କବିତାର ଦ୍ୱିତୀୟ ପ୍ରଜନ୍ମର କବି, ଯାହାଙ୍କର ସହଗାମୀ ଥିଲେ ଲର୍ଡ ବାଇରନ୍ ଓ ପି.ବି. ସେଲୀ। ମାତ୍ର ୨୫ ବର୍ଷର ସଂକ୍ଷିପ୍ତ ଜୀବଦ୍ଦଶାରେ ସେ ଯେଉଁ ସାରସ୍ୱତ ସୃଷ୍ଟିମାନ କରିଯାଇଥିଲେ, ତାହା ତାଙ୍କୁ ଇଂଲିଶ୍ ଭାଷାର ଅନ୍ୟତମ ପ୍ରଖ୍ୟାତ କବିର ମାନ୍ୟତା ଦେଇଥିଲା। 'Ode to a Nightangale' ହେଉଛି ତାଙ୍କର ସବୁଠୁଁ ପ୍ରସିଦ୍ଧ କବିତା। ତାଙ୍କ କବିତାର ଚିତ୍ରକଳ୍ପ ଖୁବ୍ ସ୍ୱାଭାବିକ ଥିଲା ଓ ତହିଁରେ ଗଭୀର ଆବେଗ ଖୁନ୍ଦିହୋଇ ରହିଥିଲା। କୀଟ୍‌ସ କହନ୍ତି: ''ପ୍ରେମ ହିଁ ଧର୍ମ, ଯେଉଁଥିପାଇଁ ମୁଁ ମରିପାରେ।'' ସତ୍ୟରେ ସୌନ୍ଦର୍ଯ୍ୟ ଓ ସୌନ୍ଦର୍ଯ୍ୟରେ ସତ୍ୟର ଦର୍ଶନ ଥିଲା ତାଙ୍କର ସବୁଠୁଁ ଗଭୀରତମ ଉପଲବ୍ଧି।

# ‘ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ପଦକ ଉତ୍ସର୍ଗ’

**ଚାଇନାର ହାଙ୍ଗ୍‌ଝୋରେ ଚାଲିଥିବା ଏସିଆନ ପାରା ଗେମ୍ସର ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ଗୋଟିଏ ସ୍ୱର୍ଣ୍ଣ ପଦକ ସହ ମୋଟ ୩ଟି ପଦକ ଜିତି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ । ବିଶେଷକରି ଗୋଟିଏ ସଂସ୍କରଣରେ ପ୍ରଥମଥର ୩ଟି ପଦକ ଜିତିବା ତାଙ୍କୁ ବହୁତ ଆନନ୍ଦିତ କରିଛି । କ୍ୟାରିୟର ଆରମ୍ଭରେ ତାଙ୍କୁ ସମର୍ଥନ ଏବଂ ସହଯୋଗ କରିଥିବା ଅତାବିରା ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ସେ ପଦକ ଉତ୍ସର୍ଗ କରିଛନ୍ତି । ସମ୍ପ୍ରତି ଚାଇନାରେ ଥିବା ପ୍ରମୋଦଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**

**-ସାକ୍ଷାତ: ତପନ କୁମାର ସ୍ୱାଇଁ**

**● ଏସିଆନ ପାରା ଗେମ୍ସରେ ଆପଣ ପ୍ରଥମଥର ୩ ପଦକ ପାଇଛନ୍ତି। ଅନୁଭବ କିପରି ରହିଛି ?**

➤ମନର ଖୁସିକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ। ତେବେ ମୁଁ ବହୁତ ଖୁସି। ପୂର୍ବରୁ ମୁଁ ୨ଟି ସଂସ୍କରଣରେ ଭାଗ ନେଇଥିଲି। ସ୍ୱର୍ଣ୍ଣ ପଦକ ମଧ ପାଇଥିଲି। ମାତ୍ର ଗୋଟିଏ ସଂସ୍କରଣରେ ୩ ପଦକ କେବେ ପାଇ ନ ଥିଲି। ଏଥର ଭାରତ ପାଇଁ ମୁଁ ଗୋଟିଏ ସ୍ୱର୍ଣ୍ଣ ଏବଂ ୨ଟି ବ୍ରୋଞ୍ଜ ପଦକ ଜିତିଥିବାରୁ ଅତ୍ୟନ୍ତ ଆନନ୍ଦିତ। ମିକ୍ସଡ ଡବଲ୍ସରେ ମୁଁ ମନୀଷା ରାମଦାସ ଏବଂ ପୁରୁଷ ଡବଲ୍ସରେ ସୁକାନ୍ତ କଦମଙ୍କୁ ସାଥିକରି ଖେଳିଥିଲି। ସବୁଥିରେ ପଦକ ଜିତିବା ଏକ ଭିନ୍ନ ଅନୁଭବ।

**● ଓଡ଼ିଶାର ପ୍ରଥମ ଖେଳାଳି ଭାବେ ଆପଣ ପୂର୍ବରୁ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏସିଆନ ପାରା ଗେମ୍ସରେ କ୍ରମାଗତ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏଥିପାଇଁ ପ୍ରସ୍ତୁତି କିପରି ରହିଥିଲା।**

➤ମୁଁ ପାହାଚ ପରେ ପାହାଚ ଆଗକୁ ଯିବାକୁ ଚେଷ୍ଟା କରୁଛି। ସବୁ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ଦେବା ମୋର ମୁଖ୍ୟ ଲକ୍ଷ୍ୟ। ପାରାଲିମ୍ପିକ୍ସରେ ପଦକ ଜିତିବା ସମସ୍ତ ପାରା ସ୍ପୋର୍ଟ୍ସ ଖେଳାଳିଙ୍କର ଲକ୍ଷ୍ୟ ରହିଥାଏ। ମୁଁ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଅତ୍ୟନ୍ତ ଖୁସି ଏବଂ ନିଜକୁ ଭାଗ୍ୟବାନ ମନେକରୁଛି। ଏସିଆନ ପାରା ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ମଧ ଅତ୍ୟନ୍ତ କଷ୍ଟସାଧ। ଏଥିପାଇଁ ନିଜକୁ ଭଲଭାବେ ପ୍ରସ୍ତୁତ କରିବାକୁ ପଡ଼ିଥାଏ। ସ୍ୱପ୍ନ ସାକାର କରିପାରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ।

**● ଏସିଆନ ପାରା ଗେମ୍ସ ସ୍ୱର୍ଣ୍ଣ ୨୦୨୪ ପାରାଲିମ୍ପିକ୍ସ ଯୋଗ୍ୟତା ପାଇଁ କେତେ ସହାୟକ ହୋଇପାରିବ ?**

➤ମୁଁ ସିଙ୍ଗଲ୍ସ ଇଭେଣ୍ଟରେ ଯୋଗ୍ୟତା ପର୍ଯ୍ୟାୟର ଦ୍ୱାରରେ ରହିଛି। ଆନୁଷ୍ଠାନିକଭାବେ ଯଦିଓ ଘୋଷଣା ହୋଇନାହିଁ ତେବେ ମୁଁ ସିଙ୍ଗଲ୍ସରେ ଭାଗନେବା ଏକପ୍ରକାର ନିଶ୍ଚିତ। ଡବଲ୍ସ ଏବଂ ମିକ୍ସଡ ଡବଲ୍ସ ଯୋଗ୍ୟତା ପାଇଁ ଆହୁରି ପରିଶ୍ରମ କରିବାକୁ ପଡ଼ିବ। ଆଗାମୀ ଦିନରେ ଜାପାନ, ଦୁବାଇ ଓ ଥାଇଲାଣ୍ଡରେ ୩ଟି ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଅଛି। ସେଥିରେ ଭଲ ପ୍ରଦର୍ଶନ କରିବାନେଇ ମୁଁ ବେଶ୍ ଆଶାବାଦୀ ଅଛି।

**● ହାଙ୍ଗଝୋ ପ୍ରତିଯୋଗିତା କେତେ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା।**

➤ଆଗାମୀ ବର୍ଷ ପାରାଲିମ୍ପିକ୍ସ ଥିବାରୁ ସମସ୍ତ ପ୍ରତିଯୋଗୀ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବଦ୍ଧପରିକର ଥିଲେ। ସେମାନେ ସେହିଭଳି ପ୍ରସ୍ତୁତି ମଧ କରି ଆସିଥିଲେ। ତେଣୁ ୩ଟି ଯାକ ବିଭାଗରେ ମୁଁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲି। ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଯଦିଓ ଅଭିଳାଷକୁ ପୂରଣ କରିଛି ତେବେ ଡବଲ୍ସରେ ସେମିଫାଇନାଲରେ ପରାଜୟ ମନରେ ଦୁଃଖ ଦେଇଛି। ବିଶ୍ୱର ନମ୍ବର ୱାନ ଯୋଡ଼ି ଥିବାରୁ ଆମ ନିକଟରୁ ଦେଶବାସୀଙ୍କର ଆଶା ଅଧିକ ରହିଥିଲା। ସେହି ଅନୁସାରେ ପ୍ରଦର୍ଶନ ଦେଇପାରି ନ ଥିବାରୁ ମନରେ ଦୁଃଖ ରହିଯାଇଛି। ତେବେ ପଦକ ସହ ପ୍ରତିଯୋଗିତା ଶେଷ କରିପାରିଥିବାରୁ ଖୁସି ଲାଗୁଛି।

**● ଏସିଆନ ପାରା ଗେମ୍ସ ପଦକ କାହାକୁ ଉତ୍ସର୍ଗ କରିବାକୁ ଚାହିଁବେ ?**

➤ବରଗଡ଼ ଜିଲା ଅତାବିରା ଗ୍ରାମର ବ୍ୟକ୍ତିମାନେ କ୍ୟାରିୟର ଆରମ୍ଭରୁ ମୋତେ ସମର୍ଥନ କରି ଆସିଛନ୍ତି। ତାଙ୍କ ସାହାଯ୍ୟ ସହଯୋଗ କେବେ ବି ଭୁଲି ହେବନି। ତେଣୁ ମୁଁ ପଦକ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାକୁ ନିଶ୍ଚିତ ଚାହିଁବି। ଏହା ବ୍ୟତୀତ ମୋ ପରିବାର ବର୍ଗ ଏବଂ ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପାଇଁ ଅନେକ କିଛି ପଦକ୍ଷେପ ନେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ପଦକ ଉତ୍ସର୍ଗ କରିବାକୁ ଚାହେଁ। ରାଜ୍ୟ ସରକାରଙ୍କ ସମର୍ଥନ ବିନା ଏତେବାଟ ଆସିବା ସମ୍ଭବ ହୋଇ ନ ଥାନ୍ତା। ତେଣୁ ମୁଁ ଏହି ଅବସରରେ ସମସ୍ତଙ୍କୁ ଅନେକ ଅନେକ ଧନ୍ୟବାଦ ଜଣାଉଛି।



ପ୍ରମୋଦ ଭଗତ

# ଶ୍ରୀୟଙ୍କାଙ୍କୁ ବ୍ରୋଞ୍ଜ ପଦକ



ପଦକ ସହ ଶ୍ରୀୟଙ୍କା ଷଡ଼ଙ୍ଗୀ।

**ଭୁବନେଶ୍ୱର, ୨୭।୧୦**
**(ତପନ ସ୍ୱାଇଁ)**

କୋରିଆର ଚାଙ୍ଗୱନଠାରେ ଚାଲିଥିବା ୧୫ଶ ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଶ୍ରୀୟଙ୍କା ଷଡ଼ଙ୍ଗୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଶ୍ରୀୟଙ୍କା ୧୦ ମିଟର ଏୟାର ରାଇଫଲ ମହିଳା ଟିମ୍ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ଏହି ସଫଳତା ପାଇଁ ଶ୍ରୀୟଙ୍କାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ଏସୀୟ ଅଭିଜ୍ଞତା ନେଇ ଫେରିଲେ ଆର୍ଯ୍ୟନ

**ଭୁବନେଶ୍ୱର, ୨୭।୧୦**
**(ତପନ ସ୍ୱାଇଁ)**

ଏସୀୟ ପୁରୁଷ ଅଲମ୍ପିକ ଯୋଗ୍ୟତା ପର୍ଯ୍ୟାୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଚଳିତମାସ ୧୮ରୁ ୨୭ ପର୍ଯ୍ୟନ୍ତ କାତାରର ଦୋହାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନ ଏସୀୟ ଅଭିଜ୍ଞତା ନେଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବ୍ୟକ୍ତିଗତ ପ୍ରଚେଷ୍ଟା ବଳରେ ଆଗକୁ ବଢୁଥିବା ଆର୍ଯ୍ୟନ ଦୋହା ପ୍ରତିଯୋଗିତାରୁ ଅନେକ ଅଭିଜ୍ଞତା ହାସଲ କରିଥିବା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଆର୍ଯ୍ୟନ ଗତ ବର୍ଷ ଏସିଆନ ଯୁବ ହ୍ୟାଣ୍ଡବଲ (ବାହରିନ) ଓ ଯୁବ ବିଚ ହ୍ୟାଣ୍ଡବଲ (ଇରାନ) ପ୍ରତିଯୋଗିତାରେ ଓଡ଼ିଶାରୁ ଏକମାତ୍ର ଖେଳାଳିଭାବେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ସରକାରଙ୍କ ସହଯୋଗ ମିଳିଲେ ସେ ଆଗକୁ ବଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଭାରତ ପାଇଁ ପଦକ ଜିତିବାକୁ ଆଶା ରଖିଛନ୍ତି।

# ରୀତିକାଙ୍କୁ ବିଶ୍ୱ ଟାଇଟଲ

**ତିରାନା, ୨୭।୧୦ (ପି.ଟି.)**

ରୀତିକା ହୁଦା ଦ୍ୱିତୀୟ ଭାରତୀୟ ଏବଂ ଦେଶର ପ୍ରଥମ ମହିଳା କୁସ୍ତିଯୋଦ୍ଧା ଭାବେ ୨୩ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ସେ ଏଠାରେ ୭୬କେଜି ଇଭେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ଜ୍ୟୋତି ବରୱାଲ ୭୨କେଜି ଶ୍ରେଣୀ ସ୍ୱର୍ଣ୍ଣ ପଦକ ମୁକାବିଲାକୁ ଉନ୍ନୀତ ହୋଇ ଚାମ୍ପିୟନ୍ସ ତାଲିକାରେ ସ୍ଥାନ ପାଇବା ପାଇଁ ଦୌଡ଼ରେ ରହିଛନ୍ତି। ଜୁନିୟରରୁ ସିନିୟର ସର୍କିଟରେ ପାଦ ଦେଇଥିବା ରୀତିକା ଫାଇନାଲରେ ଆମେରିକାର କେନେଡି ଆଲେକ୍ସିସ ବ୍ଲେଡ୍ସଙ୍କୁ ୯-୨ରେ ହରାଇ ଦେଇଛନ୍ତି। ରୋହତକସ୍ଥିତ ଛୋଟୁରାମ ଆଖଡ଼ାରେ ଟ୍ରେନିଂ ନେଉଥିବା ରୀତିକା ଗତବର୍ଷ ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍ ଜିତିଥିବା ବେଳେ ଚଳିତବର୍ଷ ଏପ୍ରିଲରେ ସିନିୟର ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ପାଇଥିଲେ। ପୁରୁଷ ଫ୍ରି-ଷ୍ଟାଇଲ କୁସ୍ତିଯୋଦ୍ଧା ଅମନ ଶେରାୱତ (୫୭କେଜି) ଗତ ବର୍ଷ ପ୍ରଥମ ଭାରତୀୟ ଭାବେ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ହୋଇଥିଲେ। ମହିଳା ୭୨କେଜି ଇଭେଣ୍ଟରେ ଜ୍ୟୋତି କ୍ୱାର୍ଟରଫାଇନାଲରେ ଇଟିନ୍ୟା ଜାବ୍ଲୋତସ୍କିଙ୍କୁ ୯-୦ରେ ପରାସ୍ତ କରିବା ପରେ ସେ ତୁର୍କୀର ବୁକ୍ରେନାଜ ସେରଟଙ୍କ ବିପକ୍ଷରେ ୭-୦ରେ ବିଜୟ ହାସଲ କରିଥିଲେ। ଫାଇନାଲରେ ସେ ୧୯ ବର୍ଷୀୟା ଆମେରିକାର ଆମିଟ୍ ଏଲୋରଙ୍କୁ ଭେଟିବେ, ଯିଏକି ଚାମ୍ପିୟନଶିପ୍‌ରେ ଗୋଟିଏ ହେଲେ ପଏଣ୍ଟ ବରଣ କରିନାହାନ୍ତି। ଅନ୍ୟ ୩ ଭାରତୀୟ ବ୍ରୋଞ୍ଜ ପଦକ ଦୌଡ଼ରେ ରହିଛନ୍ତି। ରୀନା ବ୍ରୋଞ୍ଜ ପାଇଁ ମିଆ କାଥ୍ରିନ୍ ଫ୍ରିସେନଙ୍କ ସହ ମୁକାବିଲା କରିବେ।


ରୀତିକା ହୁଦା

# ଭାରତ-ପାକିସ୍ତାନ ମ୍ୟାଚ ୩-୩ରେ ଡ୍ର

**ଜୋହର ବାହରୁ (ମାଲେସିଆ), ୨୭।୧୦ (ପି.ଟି.):** ସୁଲତାନ ଜୋହର କପ୍ ଜୁନିୟର ପୁରୁଷ ହକି ଟୁର୍ନାମେଣ୍ଟର ଉଦ୍‌ଘାଟନୀରେ ଗତଥରର ଚାମ୍ପିୟନ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ମ୍ୟାଚ ୩-୩ ଗୋଲ୍‌ରେ ଡ୍ର ରଖିଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ତରଫରୁ ଅମନଦୀପ ଲାକ୍ରା (୩୦ତମ ମିନିଟ), ଆଦିତ୍ୟ ଅର୍ଜୁନ ଲାଲାଗେ (୫୬ତମ) ଓ ଉତ୍ତମ ସିଂ (୫୯ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ପାକିସ୍ତାନ ପକ୍ଷରୁ ଅର୍ବାଜ ଅହମଦ (୩୧ତମ ଓ ୫୮ତମ) ଦୁଇଟି ଏବଂ ଅବଦୁଲ ଶାହିଦ (୪୯ତମ) ଗୋଟିଏ ଗୋଲ ଦେଇଥିଲେ। ଡିସେମ୍ବରରେ ମାଲେସିଆରେ ପୁରୁଷ ଜୁନିୟର ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଦୁଇ ଦଳ ଏହି ମ୍ୟାଚରେ ଉଭୟଙ୍କ ବଳ କଷିବାକୁ ଚେଷ୍ଟା କରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶନିବାର ଆୟୋଜକ ମାଲେସିଆ ବିପକ୍ଷରେ ଖେଳିବ।

# ପୂର୍ବାଞ୍ଚଳ ଶକ୍ତି ଉତ୍ତୋଳନ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୨୭।୧୦ (ବିଜୟ ରଣା)**

ବିହାର ରାଜ୍ୟ ଅନ୍ତର୍ଗତ ନାଳନ୍ଦାଠାରେ ଚଳିତ ମାସ ୨୯ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଦ୍ୱାରା ୭ଜଣିଆ ଖେଳାଳି ଦଳ ଘୋଷଣା କରାଯାଇଛି। ଗତ ରାଜ୍ୟ ପ୍ରତିଯୋଗିତାର ଫଳାଫଳକୁ ଭିତ୍ତିକରି ଖେଳାଳି ମନୋନୟନ କରାଯାଇଛି। ସେମାନେ ହେଲେ ପୁରୁଷ ବିଭାଗରେ ସଙ୍କେତ ମହାପାତ୍ର ଓ ସମରଜିତ କାଣ୍ଡି ଏବଂ ମହିଳା ବିଭାଗରେ ସୁଶ୍ରୀ ମୁସ୍‌କାନ, ଶ୍ରାବଣୀ ଜେନା, ଶ୍ରଦ୍ଧାଞ୍ଜଳି ବେହେରା, ଅନୀତା ବେହେରା ଓ ନଗମା ଆରା ବେଗମ। ପ୍ରତିଯୋଗିତାରେ ଭାଗ ନେବା ଲାଗି ଓଡ଼ିଶା ଶକ୍ତି ଉତ୍ତୋଳନ ଦଳ ନାଳନ୍ଦା ଗସ୍ତ କରିଛି। ଦଳ ସହିତ ପ୍ରବନ୍ଧକ ଦେବାଶିଷ ମହାନ୍ତି ଅଫିସିଆଲ ଭାବେ ଗସ୍ତ କରିଛନ୍ତି। ଓଡ଼ିଶାର ଏହି ସଫଳତା ପାଇଁ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ, ଚିତ୍ତରଞ୍ଜନ ସ୍ୱାଇଁ, ଡ. ଗୌରୀ ମହାନ୍ତି, ପ୍ରଦୀପ ପାତ୍ର ଏବଂ ସମରେନ୍ଦ୍ର ରାଉତରାୟ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ପୂର୍ବାଞ୍ଚଳ ଶକ୍ତିଉତ୍ତୋଳନ ପାଇଁ ମନୋନୀତ ଓଡ଼ିଶା ଦଳ।

# ୨ ସ୍ୱର୍ଣ୍ଣ ଜିତିବାରେ ଶୀତଲ ପ୍ରଥମ ଭାରତୀୟ ମହିଳା

**ହାଙ୍ଗ୍‌ଝୋ ୨୭।୧୦ (ପି.ଟି.):** ଏସିଆନ ପାରା ଗେମ୍ସର ଗୋଟିଏ ସଂସ୍କରଣରେ ଦୁଇ ସ୍ୱର୍ଣ୍ଣ ଜିତିବାରେ ସ୍ୱଳ୍ପ ବୟସ୍କା ତୀରନ୍ଦାଜ ଶିତଲ ଦେବୀ ହେଉଛନ୍ତି ପ୍ରଥମ ଭାରତୀୟ। ଶୁକ୍ରବାର ସେ ମହିଳା ବ୍ୟକ୍ତିଗତ କମ୍ପାଉଣ୍ଡରେରେ ସ୍ୱର୍ଣ୍ଣ ଜିତିଥିବା ବେଳେ ଗୁରୁବାର ସେ କମ୍ପାଉଣ୍ଡ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ଚାମ୍ପିୟନଶିପ୍ ଶେଷ ହେବାକୁ ଆଉ ଗୋଟିଏ ଦିନ ବାକି ରହିଥିବା ବେଳେ ଭାରତର ମୋଟ ପଦକ ସଂଖ୍ୟା ରେକର୍ଡ ୯୯ରେ ପହଞ୍ଚିଛି। କେବଳ ଶୁକ୍ରବାର ଭାରତ ୧୭ ପଦକ ଜିତିଛି। ତନ୍ମଧ୍ୟରେ ୭ ସ୍ୱର୍ଣ୍ଣ ରହିଛି। ସବୁଠାରୁ ଅଧିକ ୮ ପଦକ ବ୍ୟାଡ୍‌ମିଣ୍ଟନରୁ ଆସିଛି। ଭାରତ ୨୫ ସ୍ୱର୍ଣ୍ଣ, ୨୯ ରୌପ୍ୟ ଓ ୪୫ ବ୍ରୋଞ୍ଜ ପଦକ ପାଇଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ